# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨୯/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, October 29/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୩୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 | ISSUE 332 | ମୂଲ୍ୟ ₹୭/-




## ଆଣ୍ଡରସନଙ୍କୁ ନାଇଟହୁଡ୍ ଉପାଧି

ଇଂଲଣ୍ଡର ଅବସରପ୍ରାପ୍ତ ପେସ୍ ବୋଲର ଜେମ୍ସ ଆଣ୍ଡରସନଙ୍କୁ ମଙ୍ଗଳବାର ନାଇଟହୁଡ୍ ଉପାଧିରେ ସମ୍ମାନିତ କରାଯାଇଛି।

୧୪

୦୨

## ପାରୁଲଙ୍କୁ ବଡ଼ ବ୍ରେକ୍

ଟିଭି ଅଭିନେତ୍ରୀ ପାରୁଲ ଗୁଲାଟି 'କିସ୍ କିସ୍ କୋ ପ୍ୟାର୍ କରୁଁ ୨' ଜରିଆରେ ବଡ଼ ପରଦାରେ ପାଦ ଥାପିବାକୁ ଯାଉଛନ୍ତି।






ଗଜପତି ଜିଲା ଆର୍. ଉଦୟଗିରି ବ୍ଲକ ଅନଘା ପଞ୍ଚାୟତ ଦେଇ ଯାଇଥିବା ଜାତୀୟ ରାଜପଥ ପାର୍ଶ୍ୱ ପାହାଡ଼ରେ ମଙ୍ଗଳବାର ଭୂସ୍ଖଳନରେ ପଥର ଖସି ରାସ୍ତା ଅବରୋଧ ହୋଇଛି।

# କାକିନାଡ଼ାରେ ସ୍ଥଳଭାଗ ଛୁଇଁଲା 'ମୋନ୍ଥା'

କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଭୀଷଣ ବାତ୍ୟା 'ମୋନ୍ଥା' ମଙ୍ଗଳବାର ରାତିରେ ଆନ୍ଧ୍ରପ୍ରଦେଶର ମଛଲିପଟନମ ଓ କଳିଙ୍ଗପଟନମ୍ ମଧ୍ୟଦେଇ କାକିନାଡ଼ାଠାରେ ସ୍ଥଳଭାଗ ଛୁଇଁଛି। ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଏହାର ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୯୦ରୁ ୧୧୦ କି.ମି. ରହିଥିଲା। ପ୍ରବଳ ବର୍ଷା ସହ ବହୁ ଗଛ, ଘର ଭାଙ୍ଗିଯାଇଥିବା ପ୍ରାଥମିକ ସୂତ୍ରରୁ ଜଣାପଡ଼ିଛି। ବିଶେଷକରି ଉପକୂଳ ଅଞ୍ଚଳଗୁଡ଼ିକରେ ଏହାର ପ୍ରଭାବ ଅଧିକ ରହିଥିଲା। ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଥିବାବେଳେ ଦକ୍ଷିଣ ଓଡ଼ିଶାରେ ବାତ୍ୟାର ପ୍ରଭାବ ବିଶେଷମାତ୍ରାରେ ଦେଖିବାକୁ ମିଳିଥିଲା। ରେଡ ୱାର୍ନିଂରେ ଥିବା ଓଡ଼ିଶାର ୮ଜିଲା ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ଗଜପତି, ଗଞ୍ଜାମ, କନ୍ଧମାଳ ଏବଂ କଳାହାଣ୍ଡିରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ମଧ୍ୟ ବୋହିଥିବା ଦେଖିବାକୁ ମିଳିଛି। ବୁଧବାର ଓଡ଼ିଶାର ୫ ଜିଲାରେ ପ୍ରବଳ ବର୍ଷା ହେବାର ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

- ୯୦ ରୁ ୧୧୦ କି.ମି. ବେଗରେ ପବନ ସହ ପ୍ରବଳ ବର୍ଷା
- ୪ଘଣ୍ଟା ଧରି ହେଲା ଲ୍ୟାଣ୍ଡଫଲ୍ ପ୍ରକ୍ରିୟା
- ଆଜି ୫ ଜିଲାରେ ପ୍ରବଳ ବର୍ଷିବ



ଭୁବନେଶ୍ୱର,୨୮।୧୦(ବନ୍ଦନା ସେଠୀ)

ଭୀଷଣ ବାତ୍ୟାର ରୂପ ନେଇଛି 'ମୋନ୍ଥା'। ମଙ୍ଗଳବାର ବାତ୍ୟା ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ରହିବା ସହ ଘଣ୍ଟା ପ୍ରତି ୧୫ କିମି ବେଗରେ ଉତ୍ତର-ଉତ୍ତରପଶ୍ଚିମକୁ ଗତି କରିଥିଲା। ସନ୍ଧ୍ୟା ୭.୩୦ ବେଳକୁ କାକିନାଡ଼ା ପାଖାପାଖି ଅଞ୍ଚଳରେ ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଆରମ୍ଭ ହୋଇଥିଲା ଏବଂ ୩ରୁ ୪ଘଣ୍ଟା ଧରି ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଜାରି ରହିଥିଲା। ଏହି ସମୟରେ ପବନର ବେଗ ୯୦ରୁ ୧୧୦ କି.ମି. ପର୍ଯ୍ୟନ୍ତ ରହିଥିଲା। ଏହା ଧୀରେଧୀରେ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରି ମଧ୍ୟରାତ୍ର ବେଳକୁ ଆନ୍ଧ୍ରପ୍ରଦେଶର ମଛଲିପଟନମ ଓ କଳିଙ୍ଗପଟନମ୍ ମଧ୍ୟରେ ଥିବା କାକିନାଡା ପାଖାପାଖି ସ୍ଥଳଭାଗ ଛୁଇଁଥିଲା। ଓଡ଼ିଶା ଉପରେ ଏହାର ସିଧାସଳଖ ପ୍ରଭାବ ନଥିବାବେଳେ ☞ପୃଷ୍ଠା-୪

## 'ମୋନ୍ଥା' ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୧୦ (ରବିନାରାୟଣ ଜେନା)

**ସ୍ଥାନାନ୍ତର ହେଲେଣି ୧୧,୩୯୬**

ପ୍ରତ୍ୟେକ ବିପର୍ଯ୍ୟୟରେ ଶୂନ ମୃତ୍ୟୁ (ଜିରୋ କାଜୁଆଲିଟି) ଏକମାତ୍ର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଲୋକସେବା ଭବନରେ ବାତ୍ୟା ମୋନ୍ଥାର ମୁକାବିଲା ସମ୍ପର୍କରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବାତ୍ୟା ଆନ୍ଧ୍ରପ୍ରଦେଶ ଦେଇ ଅତିକ୍ରମ କରୁଥିଲେ ମଧ୍ୟ ଓଡ଼ିଶାର ବିଭିନ୍ନ ଜିଲା ବିଶେଷକରି ଦକ୍ଷିଣ ଓଡ଼ିଶାର ଜିଲାଗୁଡ଼ିକରେ ବ୍ୟାପକ ବର୍ଷା ସହ ପବନ ହେବାର ସମ୍ଭାବନା ରହିଛି। ତେଣୁ କୌଣସି ବିପଦସଙ୍କୁଳ ଅଞ୍ଚଳରେ ଯେପରି ଜଣେ ବି କେହି ନ ରହିବେ, ସେଥିପ୍ରତି ସମସ୍ତଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବା ଆବଶ୍ୟକ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ବାତ୍ୟା ପରେ ବିଭିନ୍ନ ଜରୁରୀ ବ୍ୟବସ୍ଥାକୁ ଯେପରି ତୁରନ୍ତ ପୁନଃକ୍ଷମ କରାଯାଇପାରିବ ସେଥିପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ☞ପୃଷ୍ଠା-୪

# ରୁଷୀୟ ତୈଳ: ଟ୍ରମ୍ପ ଚାପରେ ପଛଘୁଞ୍ଚା

ୟୁକ୍ରେନ୍ ଯୁଦ୍ଧ ପାଇଁ ମସ୍କୋକୁ ଇନ୍ଧନ ଯୋଗାଉଥିବା ରୁଷୀୟ ତୈଳ ଉପରେ ଅକ୍ଟୋବର ୨୩ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଟକଣା ଜାରି କରିଛନ୍ତି। ନଭେମ୍ବର ଶେଷ ସୁଦ୍ଧା ଭାରତ ରୁଷୀୟ ତୈଳ ଆମଦାନୀକୁ ଏକପ୍ରକାର ବନ୍ଦ କରିଦେବ ଏବଂ ଚାଇନା ମଧ୍ୟ ଏହି ବାଟରେ ଆସିବା ଉଚିତ ବୋଲି ଟ୍ରମ୍ପ ଏକପ୍ରକାର ଚେତାବନୀ ଦେଇଛନ୍ତି। ରୁଷିଆର ୨ ବୃହତ୍ ତୈଳ ରପ୍ତାନିକାରୀ କମ୍ପାନୀ ରୋସ୍‌ନେଫ୍ଟ ଓ ଲୁକୋଇଲ୍ ଉପରେ ଆମେରିକୀୟ କଟକଣା ପରେ ବ୍ରିଟେନ୍ ସମେତ ୟୁରୋପୀୟ ସଂଘ (ଇୟୁ) ମଧ୍ୟ ଅନୁରୂପ ପଦକ୍ଷେପ ନେଇଛନ୍ତି। ଫଳରେ ରୁଷୀୟ ତୈଳର ୨ ବଡ଼ କ୍ରେତା ଚାଇନା ଓ ଭାରତର ତୈଳ ରିଫାଇନର୍ସ ଏବେ ମସ୍କୋଠାରୁ କ୍ରୁଡ୍ କିଣିବା ବନ୍ଦ କରିବାରେ ଲାଗିଛନ୍ତି। ରଏଟର୍ସରେ ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତ ସରକାର ଏହା ଉପରେ କୌଣସି ପ୍ରତିକ୍ରିୟା ଦେଇ ନ ଥିବାବେଳେ ଭାରତୀୟ ରିଫାଇନର୍ସ ଏନେଇ କେନ୍ଦ୍ର ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶକୁ ଅପେକ୍ଷା କରିଛନ୍ତି। ଭାରତ ଓ ଚାଇନାର ଆମଦାନୀକାରୀ କମ୍ପାନୀଗୁଡ଼ିକ ରୁଷିଆଠାରୁ ଅଶୋଧିତ ତୈଳ କିଣିବା ସମ୍ପୂର୍ଣ୍ଣ ବନ୍ଦ କରିଦେଲେ ମସ୍କୋ ଉପରେ ଆର୍ଥିକ ଚାପ ବଢ଼ିବ। ୧୩୪୨ ଦିନ ଧରି ଚାଲିଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧର ପରିସମାପ୍ତି ଘଟିବା ଦିଗରେ ଏହା ବିଶେଷ ସହାୟକ ହୋଇପାରେ ବୋଲି କୁହାଯାଉଛି।

ୱାଶିଂଟନ୍/ନୂଆଦିଲ୍ଲୀ,୨୮।୧୦ (ରଏଟର୍ସ/ସିଏନ୍ଏନ୍)

ରିପବ୍ଲିକାନ୍ ନେତା ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ହେଲେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିବେ ବୋଲି ୨୦୨୪ ନଭେମ୍ବର ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିଲେ। ଏହି କ୍ରମେ ଗତ ଜାନୁଆରୀ ୨୦ରେ ପୁନର୍ବାର ବିଜୟୀ ହେବା ପରଠାରୁ ଟ୍ରମ୍ପ ୨ ପଡ଼ୋଶୀଙ୍କ ମଧ୍ୟରେ ଯୁଦ୍ଧ ବନ୍ଦ ଦିଗରେ ଏକାଧିକ ପଦକ୍ଷେପ ନେଲେଣି। ଭାରତ ରୁଷୀୟ ତୈଳର ଦ୍ୱିତୀୟ ବଡ଼ ଆମଦାନୀକାରୀ ରାଷ୍ଟ୍ର ହୋଇଥିବାରୁ ଗତ ଅଗଷ୍ଟରେ ଟ୍ରମ୍ପ ଭାରତୀୟ ସାମଗ୍ରୀଗୁଡ଼ିକ




ଉପରେ ୨୫% ଆମଦାନୀ ଶୁଳ୍କ ସହ ଅତିରିକ୍ତ ୨୫% ଜରିମାନା କଷିଥିଲେ, ଯାହାକି ଅଦ୍ୟାବଧି ଜାରି ରହିଛି। ଏହାର ପରିଣାମ ମଧ୍ୟ ଭାରତକୁ ଭୋଗିବାକୁ ପଡ଼ିଛି। ଆମେରିକାକୁ ଭାରତରୁ ରପ୍ତାନି ହ୍ରାସ ପାଇବା ଯୋଗୁ ଦେଶର ବାଣିଜ୍ୟିକ ନିଅଣ୍ଟ ୨୦୨୫ ସେପ୍ଟେମ୍ବରରେ ୮୦ ବିଲିଅନ୍ ଡଲାର ଅତିକ୍ରମ କରିଛି, ଯାହାକି ୧୩ ମାସରେ ସର୍ବାଧିକ। ଇତିମଧ୍ୟରେ ଟ୍ରମ୍ପ ଭାରତ ଓ ଚାଇନା ଉପରେ ରୁଷୀୟ ତୈଳ କ୍ରୟ ବନ୍ଦ କରିବାକୁ ଚାପ ପକାଇଆସୁଛନ୍ତି। ଭାରତ ଆମେରିକା ସହ ଟ୍ରେଡ୍ ଡିଲ୍ ପାଇଁ ଆଲୋଚନା ☞ପୃଷ୍ଠା-୪

## ଅଷ୍ଟମ ବେତନ କମିଶନକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ,୨୮।୧୦(ପି.ଟି.)

ଅଷ୍ଟମ ବେତନ କମିଶନ୍‌ର ସନ୍ଦର୍ଭ ସର୍ତ୍ତାବଳୀକୁ କେନ୍ଦ୍ର କ୍ୟାବିନେଟ୍ ମଙ୍ଗଳବାର ମଞ୍ଜୁରୀ ଦେଇଛି। ଅନେକ ଲକ୍ଷ କେନ୍ଦ୍ରୀୟ ସରକାରୀ କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀଙ୍କ ବେତନ, ଭତ୍ତା ଏବଂ ପେନ୍‌ସନ ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୬ ଜାନୁଆରୀ ୧ରୁ ଅଷ୍ଟମ ବେତନ କମିଶନ କାର୍ଯ୍ୟକାରୀ ହୋଇପାରେ। ବେତନ କମିଶନଙ୍କ ସୁପାରିସ ପ୍ରାୟ ୫୦ ଲକ୍ଷ କେନ୍ଦ୍ରୀୟ କର୍ମଚାରୀ ଏବଂ ୬୯ ଲକ୍ଷ ପେନ୍‌ସନଧାରୀଙ୍କୁ ଉପକୃତ କରାଇବ। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ରଞ୍ଜନା ପ୍ରକାଶ ଦେଶାଇଙ୍କ ଅଧ୍ୟକ୍ଷତାରେ ଗଠନ ହେବାକୁ ଥିବା କମିଶନରେ ଆଇଆଇଏମ୍ ବେଙ୍ଗାଲୁରୁ ପ୍ରଫେସର ପୁଲକ ଘୋଷ ପାର୍ଟଟାଇମ୍ ସଦସ୍ୟ ରହିବାକୁ ଥିବାବେଳେ ପେଟ୍ରୋଲିୟମ୍ ସଚିବ ପଙ୍କଜ ଜୈନ ସଦସ୍ୟ ସଚିବ ରହିବେ। କମିଶନ ଗଠନର ୧୮ ମାସ ମଧ୍ୟରେ ସରକାରଙ୍କୁ ସୁପାରିସ କରିବେ। ବେତନ କମିଶନଙ୍କ ସୁପାରିସ କେବେଠାରୁ ଲାଗୁ ହେବ ବୋଲି ପ୍ରଶ୍ନ ହେବାରୁ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଅନ୍ତରୀଣ ରିପୋର୍ଟ ଆସିବା ପରେ ନିଷ୍ପତ୍ତି ନିଆଯିବ। ଏହା ୨୦୨୬ ଜାନୁଆରୀ ୧ ହୋଇପାରେ। ଅଷ୍ଟମ ବେତନ କମିଶନ ଗଠନକୁ ୨୦୨୫ ଜାନୁଆରୀରେ କ୍ୟାବିନେଟ ନୀତିଗତ ଅନୁମୋଦନ କରିଥିଲା।

# କାହା ମତିଗତି କୁଆଡ଼େ

ନୂଆପଡ଼ା,୨୮।୧୦(ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ବର୍ତ୍ତମାନ ଭାଜପା, ବିଜେଡି ଓ କଂଗ୍ରେସ ପାଇଁ 'ଏସିଡ୍ ଟେଷ୍ଟ' ଭଳି ସ୍ଥିତି ଉପୁଜାଇଛି। ରାଜ୍ୟ ରାଜନୀତି ଦୃଶ୍ୟପଟରେ ପରିବର୍ତ୍ତନ ହେବା ସହ ୩ ପ୍ରମୁଖ ଦଳର ନେତାଙ୍କ ମାନସିକତା କିନ୍ତୁ ବଦଳିପାରୁନାହିଁ। ରାଜ୍ୟର ସବୁପ୍ରାନ୍ତର ପ୍ରମୁଖ ଦଳର ନେତାମାନେ ଏଠାରେ ଡେରା ପକାଇ ରହିଛନ୍ତି। ହେଲେ ଉପନିର୍ବାଚନ ଲଢ଼େଇକୁ ସାମ୍ନା କରିବା ନେଇ ବିଜେଡି ସରକାରରେ ଥିବାବେଳେ ଯେଉଁ ଢାଞ୍ଚାରେ ରହୁଥିଲା ସେଭଳି ହ୍ୟାଙ୍ଗ ଓଭରରୁ ବାହାରିପାରି ନାହିଁ। ସରକାରକୁ ଆସିଥିବା ଭାଜପା କ୍ଷମତା ଦେଖି ଅଧିକ ଆତ୍ମବିଶ୍ୱାସୀ



ହୋଇପଡ଼ିବା ଭଳି ବ୍ୟବହାର ଦେଖାଉଛି। ସମାନ ଭାବେ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ 'ଏକଲା ଚାଲୋ' ନୀତି ମଧ୍ୟ ଏବେ ଚର୍ଚ୍ଚାର ଶିରୋନାମା ପାଲଟିଛି। ୩ ଦଳର ଏପରି ମାନସିକତା ସେମାନଙ୍କ ଉପନିର୍ବାଚନ ରଣନୀତି ପାଇଁ କେତେ ସହାୟକ ହେବ ତାକୁ ନେଇ ବର୍ତ୍ତମାନ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ବିଗତ ଦିନରେ ଉପନିର୍ବାଚନଗୁଡ଼ିକରେ ବିଜେଡି ଶାସକ ଦଳରେ ରହି ଲଢେଇ କରିଆସିଛି। ବିଜେଡିପକ୍ଷରୁ ଯେଉଁସବୁ ଉପନିର୍ବାଚନ ଲଢ଼ାଯାଇଛି ସେତେବେଳେ ଲକ୍ଷ୍ୟ କରାଯାଇଛି, ଅନେକ ରାଜ୍ୟସ୍ତରୀୟ ନେତାଙ୍କ ମଧ୍ୟରେ ଜୋନୱାରୀ ଦାୟିତ୍ୱ ବଣ୍ଟନ କରାଯିବା ସହିତ ସେମାନଙ୍କ ଅଧୀନରେ ମାଳମାଳ ବିଧାୟକଙ୍କୁ ସାମିଲ କରି ଟିମ ଗଠନ କରାଯାଇଥାଏ। ସେହିପରି ଯଦି ଜଣେ ବିଧାୟକ ସେତେବେଳେ ଏବଂ ନିଜ ଅଞ୍ଚଳର ପତିଆରା ପାଇଁ ଉପନିର୍ବାଚନ ଦାୟିତ୍ୱରେ ଆସିଛୁ ବୋଲି ବାର୍ତ୍ତା ଦେବାଲାଗି ବିଧାୟକମାନଙ୍କ ସମର୍ଥକମାନେ ଧାଇଁ ଆସୁଥିଲେ। ସରକାରରେ ଥିବା କାରଣରୁ ବିଜେଡି ନେତାଙ୍କ ସମର୍ଥକ ସେତେବେଳେ ହାତରୁ ଖର୍ଚ୍ଚ କରି ଡେରା ପକାଇ ରହୁଥିଲେ। ନୂଆପଡ଼ାରେ ହେବାକୁ ଥିବା ଉପନିର୍ବାଚନ ପାଇଁ ପୂର୍ବଭଳି ବିଜେଡିର ରାଜ୍ୟସ୍ତରୀୟ ନେତା, ବିଧାୟକ ଓ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଟିମ୍ ଗଠନ କରାଯାଇଛି। ହେଲେ ଆଗରୁ କେବେ ବିରୋଧୀ ଦଳରେ ରହି ଉପନିର୍ବାଚନ ଲଢ଼ି ନ ଥିବାରୁ ବିଜେଡି ନେତାଙ୍କୁ ଏବେ କୁଆଡେ ନୂଆପଡ଼ାରେ ଭାରି କଷ୍ଟ ହେଉଛି ☞ପୃଷ୍ଠା-୪

**ବିଷାକ୍ତ ବାୟୁ ଦୂର କରିବ କ୍ଲାଉଡ୍ ସିଡିଂ**

# ଦିଲ୍ଲୀରେ କୃତ୍ରିମ ବର୍ଷା

ନୂଆଦିଲ୍ଲୀ,୨୮।୧୦(ପି.ଟି.)

ପ୍ରଦୂଷଣ ରୋକିବା ପାଇଁ ଦିଲ୍ଲୀ ସରକାର ଏକ ବଡ଼ ପଦକ୍ଷେପ ସ୍ୱରୂପ ରାଜଧାନୀରେ ମଙ୍ଗଳବାର ପ୍ରଥମ କୃତ୍ରିମ ବର୍ଷା କରାଇଛନ୍ତି। ଆଇଆଇଟି କାନପୁର ସହଯୋଗରେ ପରୀକ୍ଷାମୂଳକ ଭାବେ ଏହି କ୍ଲାଉଡ୍ ସିଡିଂ କରାଯାଇଛି। ଆଗାମୀ କିଛିଦିନ ମଧ୍ୟରେ ଏଭଳି ଅଧିକ କ୍ଲାଉଡ୍ ସିଡିଂ କରାଯିବ ବୋଲି ଦିଲ୍ଲୀ ପରିବେଶ ମନ୍ତ୍ରୀ ମନ୍‌ଜିନ୍ଦର ସିଂ ସିର୍ସା କହିଛନ୍ତି। କାନପୁରରୁ ଦିଲ୍ଲୀ ଯାଇଥିବା ସେସ୍‌ନା



ଏୟାରକ୍ରାଫ୍ଟ ମିରଟ ଏୟାରଫିଲ୍ଡରେ ଅବତରଣ କରିବା ପୂର୍ବରୁ ବୁରାରି, ଉତ୍ତର କାରୋଲ ବାଗ୍, ମୟୂରବିହାର ଆଦି ଅଞ୍ଚଳ ଉପରେ ୮ଟି ଫାୟାର ଫ୍ଲେୟାର ଛାଡ଼ିଥିଲା। ଏହି ପରୀକ୍ଷା ଅଧଘଣ୍ଟାଏ ଧରି କରାଯାଇଥିଲା ବୋଲି ସିର୍ସା ଏକ ଭିଡିଓ ବିବୃତିରେ କହିଛନ୍ତି। ଉକ୍ତ ପରୀକ୍ଷାର ୧୫ ମିନିଟ୍‌ରୁ ୪ ଘଣ୍ଟା ମଧ୍ୟରେ ବର୍ଷା ହେବ ବୋଲି ଆଇଆଇଟି କାନପୁର ପକ୍ଷରୁ କୁହାଯାଇଥିଲା। କିଛି ଘଣ୍ଟା ପରେ ଦ୍ୱିତୀୟ ପରୀକ୍ଷା ହେବାକୁ ଥିବାବେଳେ ଆଗାମୀ ୫ ଦିନରେ ୯ରୁ ୧୦ଟି ପରୀକ୍ଷା କରାଯିବ।

**ଆଜିର ସମ୍ପାଦକୀୟ**

ସନାତନ ବିରୋଧୀ ବାଣ






ବାତ୍ୟା 'ମୋନ୍ଥା' ସ୍ଥଳଭାଗ ଛୁଇଁବା ପୂର୍ବରୁ ଚେନ୍ନାଇର ମାରିନା ବେଳାଭୂମିରେ ଜଣେ ବ୍ୟକ୍ତି ସମୁଦ୍ରରେ ଉଠୁଥିବା ଉତ୍ତାଳ ତରଙ୍ଗକୁ ଦେଖୁଛନ୍ତି।

# ମେହଲି ମିସ୍ତ୍ରିଙ୍କ ପୁନଃ ନିଯୁକ୍ତିକୁ ରୋକିଲେ ନୋଏଲ୍ ଟାଟା

## ଟାଟା ଟ୍ରଷ୍ଟରେ କ୍ଷମତା କନ୍ଦଳ ତୀବ୍ର ହେଲା

ନୂଆଦିଲ୍ଲୀ,୨୮।୧୦(ପି.ଟି.)



ମେହଲି ମିସ୍ତ୍ରି



ନୋଏଲ୍ ଟାଟା

ରତନ ଟାଟାଙ୍କ ଘନିଷ୍ଠ ସହଯୋଗୀ ତଥା ବ୍ୟବସାୟୀ ମେହଲି ମିସ୍ତ୍ରିଙ୍କୁ ଟ୍ରଷ୍ଟି ଭାବେ ପୁନଃନିଯୁକ୍ତିକୁ ଟାଟା ଟ୍ରଷ୍ଟର ଅଧ୍ୟକ୍ଷ ନୋଏଲ୍ ଟାଟା ଓ ତାଙ୍କର ଘନିଷ୍ଠ ୨ ପ୍ରଭାବଶାଳୀ ଟ୍ରଷ୍ଟି ରୋକିଛନ୍ତି। ଫଳରେ ଟାଟା ଗ୍ରୁପ୍‌ର ହୋଲ୍ଡିଂ କମ୍ପାନୀକୁ ନିୟନ୍ତ୍ରଣ କରୁଥିବା ଟାଟା ଟ୍ରଷ୍ଟରେ କିଛିଦିନ ହେଲା ଦେଖାଦେଇଥିବା କ୍ଷମତା କନ୍ଦଳ ତୀବ୍ର ହୋଇଛି। ତେବେ ଟ୍ରଷ୍ଟରୁ ବାଦ୍ ପଡ଼ିବା ନିଷ୍ପତ୍ତିକୁ ମିସ୍ତ୍ରି ଅଦାଲତରେ ଚ୍ୟାଲେଞ୍ଜ କରିପାରନ୍ତି ବୋଲି ଜଣାପଡ଼ିଛି।

ଗତବର୍ଷ ରତନ ଟାଟାଙ୍କ ପରଲୋକ ପରେ ନୋଏଲ୍ ଟାଟାଙ୍କୁ ଟାଟା ଟ୍ରଷ୍ଟର ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିଲା। ଟ୍ରଷ୍ଟି ଭାବେ ମିସ୍ତ୍ରିଙ୍କ ପୁନଃ ନିଯୁକ୍ତି ବିରୋଧରେ ଟିଭିଏସ୍ ମୋଟର କମ୍ପାନୀର ସେବାନିବୃତ୍ତ ଅଧ୍ୟକ୍ଷ ବେଣୁ ଶ୍ରୀନିବାସନ ଏବଂ ପୂର୍ବତନ ପ୍ରତିରକ୍ଷା ସଚିବ ବିଜୟ ସିଂ ଭୋଟ ଦେଇଥିଲେ। ମିସ୍ତ୍ରିଙ୍କ ୩ ବର୍ଷୀୟା ଟ୍ରଷ୍ଟି କାର୍ଯ୍ୟକାଳ ମଙ୍ଗଳବାର ଶେଷ ହୋଇଥିଲା। ଅନ୍ୟପକ୍ଷରେ ଅନ୍ୟ ୩ ଟ୍ରଷ୍ଟି ତଥା ମିସ୍ତ୍ରିଙ୍କ ସମର୍ଥକ ସିଟିବ୍ୟାଙ୍କ ଇଣ୍ଡିଆର ପୂର୍ବତନ ସିଇଓ ପ୍ରମିତ ଝାବେରୀ, ମୁମ୍ବାଇ ଆଇନଜୀବୀ ଡାରିଅସ୍ ଖମ୍ବାଟା ଏବଂ ପୁଣେର ପରୋପକାରୀ ଜେହାଙ୍ଗିର ଏଚ୍‌ସି ଜେହାଙ୍ଗିର ମିସ୍ତ୍ରିଙ୍କ ପୁନଃ ନିଯୁକ୍ତି ସପକ୍ଷରେ ଭୋଟ ଦେଇଥିଲେ।

ନୋଏଲ୍ ଟାଟା ଏବଂ ମେହଲି ମିସ୍ତ୍ରି ଟାଟା ଟ୍ରଷ୍ଟରେ ୨ କ୍ଷମତାକେନ୍ଦ୍ର, ଯେଉଁମାନେ ଟାଟା ଗ୍ରୁପ୍‌ର ହୋଲ୍ଡିଂ କମ୍ପାନୀର ବୃହତ୍ ଅଂଶଧନକୁ ନିୟନ୍ତ୍ରଣ କରିଥାନ୍ତି। ୨ ଗୋଷ୍ଠୀ ମଧ୍ୟରେ ମତଭେଦ ଗତ ସେପ୍ଟେମ୍ବରରେ ସାମ୍ନାକୁ ଆସିଥିଲା, ଯେତେବେଳେ ଅନ୍ୟ ୩ ଟ୍ରଷ୍ଟି ଝାଭେରି, ଖମ୍ବାଟା ଏବଂ ଜେହାଙ୍ଗିର ଟାଟା ସନ୍ସ ବୋର୍ଡରେ ଥିବା ଟାଟା ଟ୍ରଷ୍ଟ ପ୍ରତିନିଧି ସିଂଙ୍କୁ ବହିଷ୍କାର କରିବା ଲାଗି ଭୋଟ ଦେଇଥିଲେ। ତେବେ ଗତ ସପ୍ତାହରେ ଏକ ସର୍ବସମ୍ମତ ନିଷ୍ପତ୍ତିକ୍ରମେ ଶ୍ରୀନିବାସନଙ୍କୁ ଜୀବନବ୍ୟାପୀ ଟ୍ରଷ୍ଟି କରାଯାଇଥିଲା।

# ଉଡ଼ନ୍ତା ବିମାନରେ ୨ ନାବାଳକଙ୍କୁ ଭାରତୀୟ ଯାତ୍ରୀଙ୍କ ଆକ୍ରମଣ

ନ୍ୟୁୟର୍କ,୨୮।୧୦(ପି.ଟି.)

ଏକ ଉଡ଼ନ୍ତା ବିମାନରେ ଜଣେ ୨୮ ବର୍ଷୀୟ ଭାରତୀୟ ଯାତ୍ରୀ ୨ ନାବାଳକଙ୍କୁ ଧାତବ ଫର୍କରେ ଆକ୍ରମଣ କରିବା ସହ ଜଣେ ମହିଳା ଯାତ୍ରୀଙ୍କୁ ଚାପୁଡ଼ା ମାରିଛନ୍ତି। ଶନିବାର ଶିକାଗୋରୁ ଜର୍ମାନୀ ଯାଉଥିବା ଲୁଫ୍‌ଥାନ୍ସା ବିମାନରେ ଏଭଳି ଘଟଣା ଘଟିବା ପରେ ଏହାକୁ ବୋଷ୍ଟନ୍ ଲୋଗାନ୍ ବିମାନବନ୍ଦରରେ ଅବତରଣ କରାଯାଇଥିଲା। ଆକ୍ରମଣକାରୀ ପ୍ରନୀଥ୍ କୁମାର ଉସିରିପାଲ୍ଲି ୧୭ ବର୍ଷୀୟ ୨ ଯାତ୍ରୀଙ୍କ କାନ୍ଧ ଏବଂ ମୁଣ୍ଡ ପଛପଟକୁ ଧାତବ କଣ୍ଟାରେ ଭୁସିଥିଲେ। ବିମାନରେ ମାରଣାସ୍ତ୍ର ନେଇ ଆକ୍ରମଣ କରିବା ଅଭିଯୋଗରେ ପ୍ରନୀଥ୍‌ଙ୍କ ବିରୋଧରେ ଆମେରିକା ଜିଲା ଅଦାଲତରେ ମାମଲା ରୁଜୁ ହୋଇଛି। ତାଙ୍କୁ ଗିରଫ କରାଯାଇ ବୋଷ୍ଟନ୍ ଫେଡେରାଲ କୋର୍ଟରେ ହାଜର କରାଯାଇଥିଲା। ଦୋଷୀସାବ୍ୟସ୍ତ ହେଲେ ତାଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ ଏବଂ ୨.୫ ଲକ୍ଷ ଡଲାର ଜରିମାନା ହୋଇପାରେ।

# ରୁଷିଆର ତୈଳ ବିଶୋଧନ କ୍ଷମତା ୨୦% ହ୍ରାସ

## ୟୁକ୍ରେନ୍‌ର ମିଶାଇଲ୍ ଆକ୍ରମଣ

କିଭ୍,୨୮।୧୦



ଭୋଲୋଡିମିର ଜେଲେନ୍‌ସ୍କି

ରୁଷିଆର ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ରିଫାଇନାରିଗୁଡ଼ିକ ଉପରେ ୟୁକ୍ରେନ୍ ଦୀର୍ଘ ଲକ୍ଷ୍ୟଭେଦୀ ମିଶାଇଲ୍‌ରେ ଆକ୍ରମଣ କରିବାରୁ ଏହାର ତୈଳ ବିଶୋଧନ କ୍ଷମତା ୨୦ ପ୍ରତିଶତ ହ୍ରାସ ପାଇଛି। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଗୋଇନ୍ଦା ରିପୋର୍ଟ ଆଧାରରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଏହା କହିଛନ୍ତି। ରୁଷିଆ ଭିତରେ ୯୦ ପ୍ରତିଶତ କ୍ଷେପଣାସ୍ତ୍ର ଆକ୍ରମଣ ୟୁକ୍ରେନ୍ ନିର୍ମିତ ଲଙ୍ଗ୍ ରେଞ୍ଜ୍ ମିଶାଇଲ୍‌ରେ ହୋଇଛି। ଅଧିକ ମିଶାଇଲ୍ ନିର୍ମାଣ ପାଇଁ ୟୁକ୍ରେନ୍ ଅତିରିକ୍ତ ବିଦେଶୀ ଆର୍ଥିକ ସହାୟତା ଆବଶ୍ୟକ କରେ ବୋଲି ଜେଲେନ୍‌ସ୍କି କହିଛନ୍ତି।

ୟୁକ୍ରେନ୍ ଉପରେ ଆକ୍ରମଣ ପାଇଁ ରୁଷିଆକୁ ପାଣ୍ଠି ଯୋଗାଣରେ ତୈଳ ରପ୍ତାନିର ପ୍ରମୁଖ ଭୂମିକା ରହିଛି। ୟୁକ୍ରେନ୍ ଅସ୍ତ୍ର ସେହି ବିଶୋଧନାଗାରଗୁଡ଼ିକୁ ଟାର୍ଗେଟ କରୁଥିବାବେଳେ ଆମେରିକା ଏବଂ ୟୁରୋପୀୟ ସଂଘ ମସ୍କୋର ତୈଳ ଓ ଗ୍ୟାସ୍ ରପ୍ତାନି ହ୍ରାସ କରିବା ଲାଗି ନୂଆ କଟକଣା ଲଗାଇଛନ୍ତି। ପାଖାପାଖି ୪ ବର୍ଷ ହେଲା ଯୁଦ୍ଧ ଲାଗିରହିଥିବାବେଳେ ଆମେରିକା ନେତୃତ୍ୱରେ ନୂଆ ଶାନ୍ତି ଉଦ୍ୟମ ସତ୍ତ୍ୱେ ଏହା ଥମିବାର କୌଣସି ଲକ୍ଷଣ ଦେଖାଯାଉ ନାହିଁ। ମସ୍କୋ ବୁଝାମଣା ପାଇଁ ଆଗ୍ରହୀ ନ ଥିବା ଜଣାପଡ଼ିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତ ସପ୍ତାହରେ ରୁଷିଆର ବୃହତ୍ ତୈଳ କମ୍ପାନୀ ରୋସନେଫ୍ଟ ଏବଂ ଲୁକ୍‌ଅଏଲ୍ ଉପରେ କଟକଣା ଲଗାଇଥିଲେ। ନଭେମ୍ବର ୨୧ରୁ ଏହିସବୁ କଟକଣା ଲାଗୁ ହେବାକୁ ଯାଉଥିବାବେଳେ ଆଲୋଚନା ପାଇଁ ରୁଷିଆ ଉପରେ ଚାପ ପକାଇବା ପାଇଁ ଟ୍ରମ୍ପ୍ ସମ୍ଭବତଃ ଏଭଳି କୌଶଳ ଆପଣାଇଥିବା ଜେଲେନ୍‌ସ୍କି କହିଛନ୍ତି।

ଭାରତ ଏବଂ ଚାଇନା ରୁଷିଆ ତୈଳର ସର୍ବବୃହତ୍ କ୍ରେତା ହୋଇଥିବାବେଳେ ନୂଆଦିଲ୍ଲୀ ମସ୍କୋରୁ ତୈଳ ଆମଦାନୀ କମାଇବ ବୋଲି ସ୍ପଷ୍ଟ ସଙ୍କେତ ଦେଇସାରିଲାଣି। ଗୁରୁବାର ଟ୍ରମ୍ପ୍ ଦକ୍ଷିଣ କୋରିଆରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କୁ ଭେଟିବାକୁ ଥିବାରୁ ରୁଷିଆରୁ ଅଶୋଧିତ ତୈଳ କ୍ରୟ ଆହୁରି ହ୍ରାସ ପାଇବ ବୋଲି ଆଶା କରାଯାଉଥିବା ଜେଲେନ୍‌ସ୍କି କହିଛନ୍ତି।

ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟ କରି ରୁଷିଆ ଆକ୍ରମଣ ପାଇଁ ପଦକ୍ଷେପ ନେଉଛି। ଏହାର ଶାହେଦ ଡ୍ରୋନ୍ ଆକ୍ରମଣକୁ ରୋକିବା ପାଇଁ ଆସନ୍ତା ମାସ ସୁଦ୍ଧା ୟୁକ୍ରେନ୍ ଦିନକୁ ୫୦୦ରୁ ୮୦୦ ଇଣ୍ଟରସେପ୍ଟର ଉତ୍ପାଦନ କରିବ। ତେବେ ସେଗୁଡ଼ିକୁ ବ୍ୟବହାର କରିବା ଲାଗି ଅପରେଟରମାନଙ୍କ ନିମନ୍ତେ ତାଲିମର ଆବଶ୍ୟକତା ରହିଥିବା ଜେଲେନ୍‌ସ୍କି କହିଛନ୍ତି।

# ପ୍ରଶାନ୍ତଙ୍କ ୨ ଭୋଟର ପରିଚୟପତ୍ର

ନୂଆଦିଲ୍ଲୀ,୨୮।୧୦

## ସ୍ପଷ୍ଟୀକରଣ ମାଗିଲେ ଇସି



ପ୍ରଶାନ୍ତ କିଶୋର

ଜନ ସୁରାଜ ପାର୍ଟି ପ୍ରତିଷ୍ଠାତା ପ୍ରଶାନ୍ତ କିଶୋରଙ୍କର ବିହାର ଏବଂ ପଶ୍ଚିମବଙ୍ଗରେ ଭୋଟ ପରିଚୟପତ୍ର ଥିବା ଜଣାପଡ଼ିବା ପରେ ନିର୍ବାଚନ କମିଶନ ମଙ୍ଗଳବାର ତାଙ୍କୁ ନୋଟିସ୍ ଜାରି କରିଛନ୍ତି। ନିର୍ବାଚନ ରଣନୀତିକାରରୁ ରାଜନେତା ହୋଇଥିବା ପ୍ରଶାନ୍ତଙ୍କୁ ୩ ଦିନ ମଧ୍ୟରେ ସ୍ପଷ୍ଟୀକରଣ ଦେବାକୁ କୁହାଯାଇଛି। ସରକାରୀ ଦସ୍ତାବିଜ୍ ଅନୁଯାୟୀ, ପ୍ରଶାନ୍ତ କିଶୋର କୋଲକାତାର ୧୨୧ କାଳୀଘାଟ ରୋଡ୍‌ର ଭୋଟର ଅଛନ୍ତି। ଉକ୍ତ ଅଞ୍ଚଳ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀଙ୍କ ନିର୍ବାଚନ କ୍ଷେତ୍ର ମଧ୍ୟରେ ଯାଉଛି। ତାଙ୍କ ପୋଲିଂ ବୁଥ୍ ଠିକଣା ହେଲା ବି. ରାନିଶଙ୍କରୀ ଲେନ୍‌ର ସେଣ୍ଟ ହେଲେନ୍ ସ୍କୁଲ। ସେହିପରି ବିହାରର କାର୍ଗାହାର ବିଧାନସଭା କ୍ଷେତ୍ରରେ ପ୍ରଶାନ୍ତ ଭୋଟର ଅଛନ୍ତି। ଏହା ରୋହତାସ୍ ଜିଲା ଅନ୍ତର୍ଗତ ସାସାରାମ ଲୋକସଭା ନିର୍ବାଚନ ମଣ୍ଡଳୀରେ ଯାଉଛି। ବିହାରରେ ନିଜସ୍ୱ ରାଜନୈତିକ ଦଳ ଜନସୁରାଜ ପାର୍ଟି ଗଠନ କରିବା ପୂର୍ବରୁ ପ୍ରଶାନ୍ତ ୨୦୨୧ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ବେଳେ ଟିଏମ୍‌ସିର ମୁଖ୍ୟ ରାଜନୈତିକ ପରାମର୍ଶଦାତା ଥିଲେ।

# ଅଣୟୁରିଆ ସାର ସବ୍‌ସିଡି ୩୭,୯୫୨ କୋଟି ଟଙ୍କାକୁ ବୃଦ୍ଧି

ନୂଆଦିଲ୍ଲୀ,୨୮।୧୦(ପି.ଟି.)

କେନ୍ଦ୍ର ସରକାର ୨୦୨୫-୨୬ ରବି ଋତୁ ପାଇଁ ଫସ୍‌ଫରସ୍ ଏବଂ ସଲ୍‌ଫର ଆଦି ଅଣୟୁରିଆ ସାର ସବ୍‌ସିଡି ୩୭,୯୫୨ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ଅନ୍ୟପକ୍ଷରେ ନାଇଟ୍ରୋଜେନ୍ ଏବଂ ପଟାସ୍ ସାର ସବ୍‌ସିଡି ଅପରିବର୍ତ୍ତିତ ରହିଛି। ସଂଶୋଧିତ ଦର ୨୦୨୫ ଅକ୍ଟୋବର ୧ରୁ ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଲାଗୁ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର କେନ୍ଦ୍ର କ୍ୟାବିନେଟ୍ ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ଫସ୍‌ଫେଟ୍ ସାର କେ.ଜି. ପ୍ରତି ସବ୍‌ସିଡି ପୂର୍ବରୁ ୪୩ ଟଙ୍କା ୬୦ ପଇସା ଥିବାବେଳେ ଏହାକୁ ୪୭ ଟଙ୍କା ୯୬ ପଇସାକୁ ବଢ଼ାଇ ଦିଆଯାଇଛି। ସେହିପରି ସଲ୍‌ଫର ସାର ସବ୍‌ସିଡି କିଲୋଗ୍ରାମ ପ୍ରତି ୧ ଟଙ୍କା ୭୭ ପଇସାରୁ ୨ ଟଙ୍କା ୮୭ ପଇସାକୁ ବୃଦ୍ଧି ହୋଇଛି।

# ବିଷ୍ଣୋଇ ଗ୍ୟାଙ୍ଗ୍ ସଦସ୍ୟ ଜଗା ଆମେରିକାରେ ଗିରଫ

ଚଣ୍ଡିଗଡ଼,୨୮।୧୦

## ପ୍ରତ୍ୟର୍ପଣ ପ୍ରକ୍ରିୟା ଆରମ୍ଭ



ଜଗଦୀପ ସିଂ

ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ସକ୍ରିୟ ସଦସ୍ୟ ଗ୍ୟାଙ୍ଗଷ୍ଟର ଜଗଦୀପ ସିଂ ଓରଫ ଜଗାଙ୍କୁ ଆମେରିକା ଇମିଗ୍ରେଶନ ଆଣ୍ଡ କଷ୍ଟମ୍ସ ଏନ୍‌ଫୋର୍ସମେଣ୍ଟ ବିଭାଗ କାନାଡା ସୀମା ନିକଟରୁ ଗିରଫ କରିଛି। ରୋହିତ ଗୋଦରା ଗ୍ୟାଙ୍ଗ୍ ସହ ସେ ସମ୍ପୃକ୍ତ ଥିଲେ। ତାଙ୍କୁ ଧରାଇବାରେ ରାଜସ୍ଥାନର ଗ୍ୟାଙ୍ଗଷ୍ଟର ନିରୋଧୀ ଟାସ୍କଫୋର୍ସ (ଏଜିଟିଏଫ୍)ର ପ୍ରମୁଖ ଭୂମିକା ରହିଛି। ପଞ୍ଜାବର ଧୁରକୋଟ ଅଞ୍ଚଳର ଜଗା ଦୀର୍ଘବର୍ଷ ହେଲା ଫେରାର ଥିଲେ। ରାଜସ୍ଥାନ ଓ ପଞ୍ଜାବରେ ହତ୍ୟା, ହତ୍ୟା ଉଦ୍ୟମ, ବଟି ଆଦାୟ ଆଦି ବହୁ ଅପରାଧରେ ତାଙ୍କ ବିରୋଧରେ ମାମଲା ରହିଛି। ସେ ଦୁବାଇ ଏବଂ ଆମେରିକାରୁ ବିଷ୍ଣୋଇ-ଗୋଦରା ନେଟ୍‌ୱର୍କ ପାଇଁ ଅର୍ଥ ଓ ଲଜିଷ୍ଟିକ୍ ଯୋଗାଡ଼ କରୁଥିଲେ। ଏଜିଟିଏଫ୍ ଟିମ୍ ତାଙ୍କ କାର୍ଯ୍ୟକଳାପକୁ ଟ୍ରାକ୍ କରିଥିଲା। ଆମେରିକା ଜେଲରେ ଥିବା ଜଗାଙ୍କୁ ଭାରତ ଆଣିବା ପାଇଁ ଆଇନଗତ ପ୍ରକ୍ରିୟା ଜାରି ରହିଛି।

# ଅଲ୍-କାଏଦା ସହ ସମ୍ପୃକ୍ତ ଇଞ୍ଜିନିୟର ଗିରଫ

ମୁମ୍ବାଇ,୨୮।୧୦

ପାକିସ୍ତାନସ୍ଥିତ ଅଲ୍-କାଏଦା ସଂଗଠନ ସହ ଜଡ଼ିତ ଜଣେ ୩୩ ବର୍ଷୀୟ ସଫ୍ଟୱେର ଇଞ୍ଜିନିୟରଙ୍କୁ ପୁଣେର କୋଣ୍ଢ଼ୱା ଅଞ୍ଚଳରୁ ମହାରାଷ୍ଟ୍ର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ସୋମବାର ଗିରଫ କରିଛି। ତାଙ୍କ ନାମ ଜୁବିର ହାଙ୍ଗାର୍ଗେକର। ସେ ଯୁବକମାନଙ୍କୁ କଟ୍ଟରପନ୍ଥୀ କରାଇବାରେ ସମ୍ପୃକ୍ତ ଥିଲେ। ତାଙ୍କୁ ସ୍ୱତନ୍ତ୍ର ୟୁଏପିଏ କୋର୍ଟରେ ହାଜର କରିବା ପରେ ନଭେମ୍ବର ୪ ପର୍ଯ୍ୟନ୍ତ ପୋଲିସ ରିମାଣ୍ଡରେ ପଠାଯାଇଛି। ଜୁବିର ଜଣେ ବିଟେକ୍ ସ୍ନାତକ ଏବଂ ଡେଟାବେସ୍ ଡେଭେଲପର ଭାବେ କଲ୍ୟାଣୀନଗରର ଏକ ଆଇଟି କମ୍ପାନୀରେ କାର୍ଯ୍ୟ କରୁଥିଲେ। ଗତ ୯ ତାରିଖରେ ପୁଣେର ବିଭିନ୍ନ ସ୍ଥାନରେ ଚଢ଼ାଉରୁ ଆତଙ୍କବାଦୀ ନେଟ୍‌ୱର୍କ ସହ ଜୁବିର ଜଡ଼ିତ ଥିବା ଜଣାପଡ଼ିଥିଲା।

# ଏୟାର ଇଣ୍ଡିଆ ବିମାନ ନିକଟରେ ବସ୍ ଜଳିଗଲା

ନୂଆଦିଲ୍ଲୀ,୨୮।୧୦



ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟର ଟର୍ମିନାଲ ୩ରେ ଏୟାର ଇଣ୍ଡିଆର ଏକ ବିମାନଠାରୁ ମାତ୍ର କେଇ ମିଟର ଦୂରରେ ଏକ ବସ୍‌ରେ ନିଆଁ ଲାଗିଯାଇଛି। ତୁରନ୍ତ ଉକ୍ତ ବସ୍‌କୁ ବେ' ୩୨ରୁ ହଟାଇ ଦିଆଯାଇଥିଲା। ଏସ୍‌ଏଟିଏସ୍ ଏୟାରପୋର୍ଟ ସର୍ଭିସେସ୍ ପ୍ରା.ଲିଃ ଦ୍ୱାରା ପରିଚାଳିତ ଏହି ବସ୍ ବିଭିନ୍ନ ଏୟାଲାଇନ୍ସକୁ ଗ୍ରାଉଣ୍ଡ ସେବା ଯୋଗାଇଥାଏ। ମଙ୍ଗଳବାର ଅପରାହ୍ଣରେ ହଂକଂରୁ ଆସି ଦିଲ୍ଲୀରେ ଅବତରଣ କରିଥିବା ଏୟାର ଇଣ୍ଡିଆ ବିମାନର ଯାତ୍ରୀମାନଙ୍କୁ ନେବା ପାଇଁ ବସ୍‌ଟି ସେଠାକୁ ଯାଇଥିବାବେଳେ ଅଗ୍ନିକାଣ୍ଡ ଘଟିଥିଲା। ସେଠାରେ ଉପସ୍ଥିତି ଥିବା ଏୟାରପୋର୍ଟ ଏଆର୍‌ଏଫ୍‌ଏଫ୍ ଟିମ୍ ତୁରନ୍ତ ନିଆଁକୁ ଆୟତ୍ତ କରିଥିଲା। ନିଆଁ ଲାଗିବା ସମୟରେ ବସ୍‌ଟି ସମ୍ପୂର୍ଣ୍ଣ ଖାଲି ଥିବାରୁ କେହି ଆହତ ହୋଇନାହାନ୍ତି। ବସ୍‌ଟି ସିଏନ୍‌ଜିରେ ଚାଲୁଥିବାବେଳେ ବୈଷୟିକ ତ୍ରୁଟିରୁ ନିଆଁ ଲାଗିଯାଇଥିବା ସିଆଇଏସ୍‌ଏଫ୍ କହିଛି। ନିଆଁକୁ ଆୟତ୍ତ କରାଯିବା ପରେ ବିମାନ ସେବା ସ୍ୱାଭାବିକ ରହିଛି। ନିଆଁ ଲାଗିବାର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ଜାରି ରହିଛି।

# ଝାଡ଼ଖଣ୍ଡରେ ଆଇଇଡି ବିସ୍ଫୋରଣ: ନାବାଳିକାଙ୍କ ମୃତ୍ୟୁ

ରାଞ୍ଚି,୨୮।୧୦

ଝାଡ଼ଖଣ୍ଡର ପଶ୍ଚିମ ସିଂଭୂମ ଜିଲା ଅନ୍ତର୍ଗତ ସରଣ୍ଡା ଜଙ୍ଗଲରେ ଆଇଇଡି ବିସ୍ଫୋରଣରେ ଜଣେ ୧୦ ବର୍ଷୀୟା ବାଳିକାଙ୍କ ମୃତ୍ୟୁ ଘଟିଛି। ବାଳିକା ଜଣକ ଶାଳପତ୍ର ସଂଗ୍ରହ ପାଇଁ ଜଙ୍ଗଲ ମଧ୍ୟକୁ ଯାଇଥିବାବେଳେ ମାଓବାଦୀ ଖଞ୍ଜିଥିବା ଆଇଇଡି ବିସ୍ଫୋରଣ ହୋଇଥିଲା। ମାଓବାଦୀମାନେ ସୁରକ୍ଷା ବଳକୁ ଟାର୍ଗେଟ କରି ବିସ୍ଫୋରକ ଖଞ୍ଜିଥିବାବେଳେ ଦିଘା ଗ୍ରାମର ଜୟମାସି ହେରେଞ୍ଜଙ୍କ ଝିଅ ସିରିଆ ଏହା ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିବା ଜଣାପଡ଼ିଛି।

## ଫୁରସତ୍

# ରାତାରାତି ୨୪୦ କୋଟି ଟଙ୍କାର ମାଲିକ

## ଲଟେରୀ ବଦଳାଇଦେଲା ଭାଗ୍ୟ

ଦୁବାଇ




ଘରେ ବସି ରାତାରାତି କୋଟିପତି। ଏହା ଏକ ସ୍ୱପ୍ନ ପରି ମନେ ହୋଇପାରେ। କିନ୍ତୁ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ରେ ରହୁଥିବା ଜଣେ ପ୍ରବାସୀ ଭାରତୀୟଙ୍କ ପାଇଁ ଏହି ସ୍ୱପ୍ନ ବାସ୍ତବରେ ପରିଣତ ହୋଇଛି। ଅନିଲ କୁମାର ବୋଲା ଆଖି ପିଛୁଳାକେ ଅରବପତି ହୋଇଗଲେ।

ଆବୁଧାବିର ଦୀର୍ଘଦିନ ଧରି ରହୁଥିବା ୨୯ ବର୍ଷୀୟ ଅନିଲ କୁମାର ୟୁଏଇ ଲକି ଡେ' ଡ୍ର ଲଟେରିରେ ୧୦୦ ମିଲିୟନ ଦିରହମ (ପ୍ରାୟ ୨୪୦ କୋଟି)ର ଏକ ଐତିହାସିକ ଜ୍ୟାକପଟ ଜିତିଥିଲେ। ଏହାକୁ ୟୁଏଇର ସର୍ବବୃହତ ପୁରସ୍କାର ରାଶି କୁହାଯାଏ। ଲକି ଡ୍ର ଅକ୍ଟୋବର ୧୮ରେ ଅନୁଷ୍ଠିତ ହୋଇଥିଲା। ଅନିଲ ପ୍ରାରମ୍ଭରେ ବିଶ୍ୱାସ କରିପାରି ନ ଥିଲେ ଯେ ସେ ଏତେ ବଡ଼ ପୁରସ୍କାର ଜିତିଛନ୍ତି।

ଅନିଲ କୁମାର ମୂଳତଃ ଭାରତର। ବହୁ ବର୍ଷ ଧରି ଆବୁଧାବିରେ ରହୁଛନ୍ତି। ଏହି ଟଙ୍କାକୁ ତାଙ୍କ ପରିବାରର ଭବିଷ୍ୟତ ସୁରକ୍ଷିତ କରିବା ଏବଂ ସମାଜରେ ଅଭାବୀ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ବିନିଯୋଗ କରିବାକୁ ଚାହାଁନ୍ତି। ୟୁଏଇରେ ଲଟେରୀ ବ୍ୟବସ୍ଥା ବହୁତ ଲୋକପ୍ରିୟ, ଯେଉଁଠାରେ ପ୍ରତିବର୍ଷ ହଜାର ହଜାର ପ୍ରବାସୀ ସେମାନଙ୍କ ଭାଗ୍ୟ ପରୀକ୍ଷା କରନ୍ତି, କିନ୍ତୁ ଅନିଲ କୁମାରଙ୍କ ବିଜୟ ପୁଣି ଥରେ ପ୍ରମାଣିତ କରିଛି ଯେ, କେତେବେଳେ ଭାଗ୍ୟ ମୁହୂର୍ତ୍ତକରେ ଜୀବନର ଗତିପଥ ବଦଳାଇ ଦିଏ।

# ପାରୁଲଙ୍କୁ ବଡ଼ ବ୍ରେକ୍

ମୁମ୍ବାଇ



ପାରୁଲ ଗୁଲାଟି

ଟିଭି ଅଭିନେତ୍ରୀ ପାରୁଲ ଗୁଲାଟିଙ୍କୁ ମିଳିଛି ବଡ଼ ବ୍ରେକ୍। ପ୍ରାୟ ୧୫ ବର୍ଷ ମନୋରଞ୍ଜନ ଶିଳ୍ପରେ କାମ କରିବା ପରେ ସେ ବଡ଼ ପରଦାରେ ନଜର ଆସିବାକୁ ଯାଉଛନ୍ତି। 'କିସ୍ କିସ୍ କୋ ପ୍ୟାର୍ କରୁଁ ୨' ଜରିଆରେ ସେ ବଲିଉଡରେ ପାଦ ଥାପିବେ। ଏହି ଫିଲ୍ମରେ ସେ କମେଡି କିଙ୍ଗ୍ କପିଲ ଶର୍ମାଙ୍କ ସହ ସ୍କ୍ରିନ୍ ଶେୟାର କରିବେ।

ଏ ସମ୍ପର୍କରେ ପାରୁଲ କୁହନ୍ତି, କଠିନ ପରିଶ୍ରମର ପ୍ରତିଟି ଛୋଟ ପଦକ୍ଷେପ ଏବେ ଏକ ସୁନ୍ଦର ପୁରସ୍କାରରେ ପରିଣତ ହୋଇଛି। ମୋର ସ୍ୱପ୍ନ ସାକାର ହେବାକୁ ଯାଉଛି। ପ୍ରଥମ ଥର ପାଇଁ କମେଡି ଜଗତରେ ପ୍ରବେଶ କରୁଥିବାରୁ ବେଶ୍ ଉତ୍ସାହିତ। ଏହି ଫିଲ୍ମ ମାଧ୍ୟମରେ ମୁଁ ଦର୍ଶକଙ୍କୁ ଶିଖିବା ଏବଂ ବଞ୍ଚିବାର ନୂଆ ଉପାୟ ବତାଇବି। ଏହା କେବଳ ଏକ ଫିଲ୍ମ ନୁହେଁ ବରଂ ଏକ ନୂତନ ଅଧ୍ୟାୟ, ଯାହା ମୋର କ୍ୟାରିୟରକୁ ଦୃଢ଼ କରିବ। 'କିସ୍ କିସ୍ କୋ ପ୍ୟାର୍ କରୁଁ ୨'ରେ ପାରୁଲ-କପିଲଙ୍କ ସହିତ ହୀରା ୱାରିନା, ତ୍ରିଧା ଚୌଧୁରୀ ଏବଂ ଆୟେଶା ଖାନ୍ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି। ଅକ୍ଟୋବର ୨୩ରେ ଫିଲ୍ମର ମୋଶନ ପୋଷ୍ଟର ରିଲିଜ୍ ହୋଇଥିଲା। ଅନୁକଲ୍ପ ଗୋସ୍ୱାମୀଙ୍କ ଦ୍ୱାରା ନିର୍ଦ୍ଦେଶିତ ତଥା ରତନ ଜୈନ, ଗଣେଶ ଜୈନ ଏବଂ ଆବାସ-ମସ୍ତାନଙ୍କ ପ୍ରଯୋଜିତ ଏହି ଫିଲ୍ମଟି ଡିସେମ୍ବର ୧୨ରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବ।ସିନେମା ହଲରେ ମୁକ୍ତିଲାଭ କରିବ। ଏହି ଫିଲ୍ମଟି କପିଲ ଶର୍ମାଙ୍କ ୨୦୧୫ରେ ଆସିଥିବା ପ୍ରଥମ ଫିଲ୍ମ 'କିସ କିସ କୋ ପ୍ୟାର୍ କରୁଁର ସିକ୍ୱେଲ।

SAGARMALA
GOVERNMENT OF INDIA
MINISTRY OF PORTS, SHIPPING AND WATERWAYS

# ଭାରତ ସାମୁଦ୍ରିକ ସପ୍ତାହ ୨୦୨୫

ସଂଯୁକ୍ତ ମହାସାଗର, ଏକ ସାମୁଦ୍ରିକ ଦୂରଦର୍ଶିତା!



## ଅମୃତ କାଳର ଦୂରଦର୍ଶିତାକୁ ହାସଲ କରିବା ପାଇଁ ₹୨.୨୦ ଲକ୍ଷ କୋଟି ମୂଲ୍ୟର ରୂପାନ୍ତରଣକାରୀ ପଦକ୍ଷେପଗୁଡ଼ିକର ଶୁଭାରମ୍ଭ

- ଭାରତୀୟ ଶିପିଂ କର୍ପୋରେଶନର ଫ୍ଲିଟ୍ ବିସ୍ତାରଣ: ୨୧୬ ଜାହାଜ, ୧୦ ମିଲିୟନ ସର୍ବମୋଟ ଟନେଜ୍, ₹୧ ଲକ୍ଷ କୋଟି ନିବେଶ
- ଘରୋଇ ଜାହାଜ ବରାଦ: ₹୪୮,୦୦୦ କୋଟି (ଯାହା ମଧ୍ୟରେ ତୈଳ ଓ ବାଷ୍ପ ପିଏସୟୁରୁ ୫୯ ଜାହାଜ ସମେତ), ୨.୮୫ ଏମ୍ଏମ୍ଏଲ୍‌ଜିଟି
- ଭାରତ କଣ୍ଟେନର ଶିପିଂ ଲାଇନ୍: ୫୧ଟି ଜାହାଜର ଲକ୍ଷ୍ୟ
- ଗ୍ରୀନ୍ ଟଗ୍ କାର୍ଯ୍ୟକ୍ରମ: ୧୦୦ଟି ପରିବେଶ ଅନୁକୂଳ ଟଗ୍, ₹୧୨,୦୦୦ କୋଟିର ନିବେଶ
- ଡ୍ରେଜିଂ କର୍ପୋରେଶନ୍ ଅଫ୍ ଇଣ୍ଡିଆର ଆଧୁନିକୀକରଣ: ୧୧ଟି ନୂଆ ଡ୍ରେଜର୍ସ, ₹୪,୦୦୦ କୋଟିର ନିବେଶ

## ଶ୍ରୀ ନରେନ୍ଦ୍ର ମୋଦୀ

ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ

କରକମଳରେ

୨୯ ଅକ୍ଟୋବର, ୨୦୨୫ । ବମ୍ବେ ଏକ୍ଜିବିଶନ୍ ସେଣ୍ଟର, ମୁମ୍ବାଇ

## ଆଇଏମ୍‌ଡବ୍ଲ୍ୟୁ ୨୦୨୫ ସକ୍ଷମ କରୁଛି ଜାଗତିକ ନିବେଶ ସହଭାଗିତା

### ₹୧୦ ଲକ୍ଷ କୋଟି ମୂଲ୍ୟର ୬୦୦+ ଏମ୍ଓୟୁ ସ୍ୱାକ୍ଷରିତ

- ₹୨.୦ ଲକ୍ଷ କୋଟି – ବନ୍ଦର ନେତୃତ୍ୱାଧୀନ ଉଦ୍ୟୋଗୀକରଣ
- ₹୧.୭ ଲକ୍ଷ କୋଟି – ସବୁଜ ଇନ୍ଧନ ଓ ପୋଷଣୀୟତା
- ₹୧.୮ ଲକ୍ଷ କୋଟି – ବନ୍ଦର ଉନ୍ନୟନ
- ₹୧.୪ ଲକ୍ଷ କୋଟି – ଜାହାଜ ନିର୍ମାଣ

### ଜାହାଜ ନିର୍ମାଣରେ ସହଭାଗିତା

- **ସିଏମ୍ଏ ସିଜିଏମ୍:** କୋଚିନ୍ ଶିପ୍‌ୟାର୍ଡ ଲିମିଟେଡ୍‌ରେ ଭାରତୀୟ ପତାକା ଅଧୀନରେ ୬ ଏଲଏନ୍‌ଜି ଦ୍ୱୈତ ଇନ୍ଧନ ଜାହାଜ
- **ଏଚ୍‌ଡି କେଏସ୍ଓଇ ଓ କୋଚିନ୍ ଶିପ୍‌ୟାର୍ଡ ଜେଭି:** ଶିପ୍‌ବିଲ୍ଡିଂ ବ୍ଲକ୍ ଫାବ୍ରିକେଶନ୍, ₹୩,୭୦୦ କୋଟି, ୧୨,୦୦୦ ଚାକିରି
- **ଡିପି ୱାର୍ଲ୍ଡ ଓ କୋଚିନ୍ ଶିପ୍‌ୟାର୍ଡ:** ଜାହାଜ ନିର୍ମାଣ / ଜାହାଜ ମରାମତି ଉଦ୍ୟୋଗର ସ୍ଥାପନା
- **ସ୍ୱାନ୍ ଡିଏଚ୍ଆଇ ଏବଂ ସାମ୍‌ସଙ୍ଗ ହେଭି ଇଣ୍ଡଷ୍ଟ୍ରିଜ୍:** ସବୁଜ ଏବଂ ଡିଜିଟାଲ ଜାହାଜ ନିର୍ମାଣ ସହବନ୍ଧନ
- **ମାଜାଗନ ଡକ୍:** କଲୋମ୍ବୋ ଡକ୍‌ୟାର୍ଡ ଅଧିଗ୍ରହଣ

ଗ୍ଲୋବାଲ ମାରିଟାଇମ୍ ଲିଡର୍ସ କନ୍‌କ୍ଲେଭ୍‌ରେ ନୀତି ନିର୍ମାତା ଏବଂ ଉଦ୍ୟୋଗ ନେତୃବର୍ଗ ଅଂଶଗ୍ରହଣ କରିବେ

**୫୦୦+** ପ୍ରଦର୍ଶନକାରୀ | **୮୫+** ଦେଶ | **୩୫୦+** ବିଶ୍ୱସ୍ତରୀୟ ବକ୍ତା

ଶୀର୍ଷ ବିଶ୍ୱସ୍ତରୀୟ ଶିପିଂ ଓ ଲଜିଷ୍ଟିକ୍ସ ପ୍ରତିଷ୍ଠାନର ସିଇଓଙ୍କ ଦ୍ୱାରା ଗ୍ଲୋବାଲ ସିଇଓ ରାଉଣ୍ଡଟେବୁଲ ଷ୍ଟ୍ରାଟେଜିକ୍ ଡାଇଲଗ୍

### ପ୍ରମୁଖ ଲାଭ

- ନୂତନ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି
  - ଭାରତୀୟ ପତାକା ଅଧୀନରେ ଜାହାଜଗୁଡ଼ିକର ସଂଖ୍ୟା ବୃଦ୍ଧି
  - ଜାହାଜ ନିର୍ମାଣ ଏବଂ ଜାହାଜ ମରାମତି କ୍ଲଷ୍ଟରର ବିକାଶ
- ବନ୍ଦର ସଂଯୋଗୀକରଣ ଏବଂ ଦକ୍ଷତା ଉନ୍ନତୀକରଣ
- ସବୁଜ ଶକ୍ତି ଏବଂ ପୋଷଣୀୟ ବିକାଶକୁ ପ୍ରୋତ୍ସାହନ
- ସ୍ୱଦେଶୀ ଜାହାଜ ନିର୍ମାଣ କ୍ଷମତାକୁ ପ୍ରୋତ୍ସାହନ
- ଉପକୂଳବର୍ତ୍ତୀ ଜନସମୁଦାୟଙ୍କ ଜୀବନର ଗୁଣମାନରେ ଉନ୍ନତି

### ଭାଗୀଦାର ରାଷ୍ଟ୍ରସମୂହ

ଡେନ୍‌ମାର୍କ, ନେଦରଲାଣ୍ଡସ, ନର୍‌ୱେ, ସିଙ୍ଗାପୁର, ଦକ୍ଷିଣ କୋରିଆ

### ଭାଗୀଦାର ରାଜ୍ୟସମୂହ

• ଗୁଜରାଟ • ମହାରାଷ୍ଟ୍ର • ଗୋଆ • କର୍ଣ୍ଣାଟକ • କେରଳ • ତାମିଲନାଡୁ • ଆନ୍ଧ୍ରପ୍ରଦେଶ • ଓଡ଼ିଶା • ଉତ୍ତରପ୍ରଦେଶ • ଆସାମ



### ଗରିମାମୟ ଉପସ୍ଥିତି

- **ଶ୍ରୀ ଆଚାର୍ଯ୍ୟ ଦେବବ୍ରତ** – ରାଜ୍ୟପାଳ, ମହାରାଷ୍ଟ୍ର
- **ଶ୍ରୀ ଦେବେନ୍ଦ୍ର ଫଡନବିସ** – ମୁଖ୍ୟମନ୍ତ୍ରୀ, ମହାରାଷ୍ଟ୍ର
- **ଶ୍ରୀ ସର୍ବାନନ୍ଦ ସୋନୋୱାଲ** – କେନ୍ଦ୍ରମନ୍ତ୍ରୀ, ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ
- **ଶ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ** – ମୁଖ୍ୟମନ୍ତ୍ରୀ, ଆନ୍ଧ୍ରପ୍ରଦେଶ
- **ଶ୍ରୀ ଶାନ୍ତନୁ ଠାକୁର** – କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ, ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ
- **ଶ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ** – କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ
- **ଶ୍ରୀ ଏକନାଥ ସିନ୍ଦେ** – ଉପ ମୁଖ୍ୟମନ୍ତ୍ରୀ, ମହାରାଷ୍ଟ୍ର
- **ଶ୍ରୀ ଅଜିତ ପାୱାର** – ଉପ ମୁଖ୍ୟମନ୍ତ୍ରୀ, ମହାରାଷ୍ଟ୍ର

ShipminIndia | Shipmin_India | Sagarmala Project | Sagarmala.gov.in / shipmin.gov.in | For more info visit www.imw.org.in | LIVE STREAM Watch live telecast on DD News

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସାହିତ୍ୟ ଏକାଡେମୀ ଏବଂ ରାଜଧାନୀ ମହାବିଦ୍ୟାଳୟ ପକ୍ଷରୁ ବେଣୁଧର ରାଉତଙ୍କ ଜନ୍ମ ଶତାବାର୍ଷିକୀ ଆଲୋଚନାଚକ୍ର, ସ୍ଥାନ: ରାଜଧାନୀ ମହାବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆଳାପ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୫ଟା ୩୦।
- ୯ମ ହିନ୍ଦୁସ୍ଥାନୀ ସଙ୍ଗୀତ ଏବଂ ଭାବ ସଙ୍ଗୀତ ସମାରୋହ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ଗ୍ରାମସଭା,ସ୍ଥାନ:ତହସିଲ କାର୍ଯ୍ୟାଳୟ, ନୀଳଗିରି,ସମୟ:ପୂର୍ବାହ୍ନ ୧୧ଟା।
- ବାର୍ଷିକ ଭାଗବତ କଥାମୃତ, ପ୍ରବଚନ ସଭା ଉଦ୍‌ଘାଟନୀ ସନ୍ଧ୍ୟା,ସ୍ଥାନ:ନୀଳବାଡ଼ି ଶୀତଳା ମଣ୍ଡପ, ଗୂପ୍‌ସା,ସମୟ:ସନ୍ଧ୍ୟା ୬ଟା।
- ୨୬ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଓ କଳାକାରର ୩୫ତମ ବାର୍ଷିକ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟା,ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର,ସମୟ:ସନ୍ଧ୍ୟା ୬ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ଦଶମ ଦିବସ,ସ୍ଥାନ:ପୋଡ଼ାଶୂଳ ବଜାର, ନୀଳଗିରି,ସମୟ:ସନ୍ଧ୍ୟା ୬ଟା।

**ଭଦ୍ରକ**
- ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଇଚ୍ଛାପୁର ବ୍ରହ୍ମପୁର ହାଇସ୍କୁଲ, ଭଦ୍ରକ, ସମୟ: ସକାଳ ୮ଟା।
- କାଳୀପୂଜା ଭସାଣି, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ନବରାତ୍ର ନାମ ମହାଯଜ୍ଞ, ସ୍ଥାନ: ପାଟଣାମିଶ୍ରପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ପାଟଣା କଲେଜ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ନବମ ଅଧିବେଶନ, ସ୍ଥାନ: ପାଟଣା ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାର୍ବଜନୀନ ବନେଇ କଳା କାଳୀ ମା'ଙ୍କ ବିସର୍ଜନ, ସ୍ଥାନ: ଯୋଡ଼ା, ସମୟ: ସନ୍ଧ୍ୟା ୬ ଟା।

**ମୟୂରଭଞ୍ଜ**
- ଜଗତ ଜନନୀ ଜଗଦ୍ଧାତ୍ରୀ ଦେବୀଦୁର୍ଗାଙ୍କ ମହାଷ୍ଟମୀ ପୂଜା,ସ୍ଥାନ:ଉଦଳା ବସ୍‌ଷ୍ଟାଣ୍ଡ ଜଗଦ୍ଧାତ୍ରୀ ମନ୍ଦିର,ସମୟ: ସକାଳ ୯ଟା ୩୦।
- ବାରିପଦା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଜଗଦ୍ଧାତ୍ରୀ ମେଳା କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କୁମାର୍ସ କ୍ଲବ ଭପୁର, ବାରିପଦା, ସମୟ: ମଧ୍ୟାହ୍ନ ୧୨ଟା।

**ଢେଙ୍କାନାଳ**
- ଟାଟାଷ୍ଟିଲ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ନିରୁପମା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- ମା'ଅମ୍ବିକାଇ ଗଣପରିଷଦ ପକ୍ଷରୁ ମହାବାତ୍ୟା ଉପରେ ସ୍ମୃତିଚାରଣ ସଭା, ସ୍ଥାନ: ଆମ୍ବେଡକର ଭବନ, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା।

**କେନ୍ଦ୍ରାପଡ଼ା**
- ଶ୍ରୀସିଦ୍ଧ ବଳଦେବଜୀଉ ଗୋତୀର୍ଥ ଗୋ ନବରାତ୍ର ମହୋତ୍ସବ, ସ୍ଥାନ: ବସନ୍ତ ବଗିଚା, ଗୁଣ୍ଡିଚା ମନ୍ଦିର ନିକଟ, ନାଗପାଟଣା, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- ରାଜ୍ୟ ଭାଗବତ ତୁଙ୍ଗି ପ୍ରଚାର ସମିତି ପକ୍ଷରୁ ଭାଗବତ ମହୋତ୍ସବ ଓ ଭକ୍ତ ସମ୍ମିଳନୀ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶି, ସମୟ: ପୂର୍ବାହ୍ନ ୧୦ଟା।

**ଯାଜପୁର**
- ନହକା କାଳୀପୂଜା କମିଟି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ : ଯାଜପୁର ରୋଡ ରୟାଲ କଳିଙ୍ଗ ହୋଟେଲ, ସମୟ: ସକାଳ ୯ଟା।

**ନୟାଗଡ଼**
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣର ସପ୍ତମ ଦିବସରେ ପୂର୍ଣ୍ଣାହୁତି ଓ ନଗର କୀର୍ତ୍ତନ, ସ୍ଥାନ:ଖାଙ୍କି ମଠ ନୟାଗଡ଼, ସମୟ: ପ୍ରାତଃ ୫ଟା।
- ସପ୍ତାହ କାର୍ଯ୍ୟକ୍ରମ, ସ୍ଥାନ ; ଖଣ୍ଡପଡା ବ୍ଲକ ମୁଣ୍ଡିଆ ହନୁମାନ ପାଠ, ମର୍ଦ୍ଦରାଜପୁର, ସମୟ: ସକାଳ ୮ଟା।
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣରେ କଥା ଯଜ୍ଞର ସପ୍ତମ ଦିବସରେ ପ୍ରବଚନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ସନ୍ଧ୍ୟା ୬ଟା।

**ସମ୍ବଲପୁର**
- ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଡଫଟିଣ୍ଟ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ଶ୍ରୀରାମ କଥା ଭକ୍ତ ମଣ୍ଡଳ ଆୟୋଜିତ ଶ୍ରୀରାମ କଥା ପ୍ରବଚନ, ସ୍ଥାନ : କ୍ଷେତ୍ରପାଳପୁର ଦୁର୍ଗା ମଣ୍ଡପ, ସମୟ : ଅପରାହ୍ନ ୩ଟାରୁ ରାତି ୭ଟା।
- ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱିତୀୟ ସମ୍ବଲପୁର ଅର୍ନ୍ତଜାତୀୟ ଟ୍ରେଡ ଫେୟାର, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୨ଟା ୩୦ରୁ ରାତି ୧୦ଟା।
- ସମ୍ବଲପୁର ରେଳ ମଣ୍ଡଳ ଆୟୋଜନରେ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ରେଳବାଇ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

**ବଲାଙ୍ଗୀର**
- ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ବିସ୍ଥାପିତଙ୍କ ପକ୍ଷରୁ ବଲାଙ୍ଗୀର ପାଟଣାଗଡ ରାଜ୍ୟ ରାଜପଥରେ ରାସ୍ତାରୋକୋ, ସ୍ଥାନ: ଖାଇରପାଲି ବିସ୍ଥାପିତ କଲୋନୀ ସମ୍ମୁଖ, ବଲାଙ୍ଗୀର, ସମୟ: ସକାଳ ୬ଟାରୁ।

**ରାଉରକେଲା**
- କନ୍ଦରପୁ ଆଶ୍ରମରେ ହରିନାମ ସଂକୀର୍ତ୍ତନ, ସ୍ଥାନ: ବାସନ୍ତୀ କଲୋନୀ, ଦୁର୍ଗାପୁର ପାହାଡ଼, ସମୟ: ସକାଳ ୬ଟା।
- ରାଉରକେଲା ବିମାନ ବନ୍ଦର କ୍ରିୟାନ୍ୱୟନ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ରାଉରକେଲା ବିମାନ ବନ୍ଦର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ମହାବିଦ୍ୟାଳୟ ପକ୍ଷରୁ ସଚେତନତା ଶୋଭାଯାତ୍ରା, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୧ଟା।
- ବାସନ୍ତୀ ପାଠାଗାରରେ ସାହିତ୍ୟ ସଭା, ସ୍ଥାନ: ବାସନ୍ତୀ ପାଠାଗାର, ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୬ଟା ୩୦।

**ସୁନ୍ଦରଗଡ଼**
- ଜିଲ୍ଲାସ୍ତରୀୟ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ ସମାରୋହ,ସ୍ଥାନ:ବିକାଶ ଭବନ,ସମୟ:ପୂର୍ବାହ୍ନ୧୦ଟା।

**ବରଗଡ଼**
- ଶ୍ରୀ ଶ୍ରୀ ସୁରଭି ଯଜ୍ଞ ଓ ଗୋପାଷ୍ଟମୀ ମହୋତ୍ସବ,ସ୍ଥାନ: ଆନନ୍ଦକୁଞ୍ଜ ଆଶ୍ରମ, ଗୁରୁବାହାଲ, ଖାଇରସିଲେଟ, ସମୟ:ସକାଳ ୯ଟା।
- ବ୍ଲକସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ ସୁରଭି,ସ୍ଥାନ:ବିଜେପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ବିଜେପୁର, ସମୟ:ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ହରଭଙ୍ଗା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ,ସ୍ଥାନ: ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ହରଭଙ୍ଗା,ସମୟ:ପୂର୍ବାହ୍ନ ୧୧ଟା।

**ଦେବଗଡ଼**
- ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସ, ସ୍ଥାନ: ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାର୍ବଜନୀନ କାଳୀପୂଜା ମହୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ବାରକୋଟ ବ୍ଲକ, ଆଲ୍ଲାୟୀ ପୁଜା ପେଣ୍ଡାଲ, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ଦେବଗଡ ମଠ ସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଛେଳି ପାଳନ ସମ୍ପର୍କିତ ପାଞ୍ଚଦିନିଆ ଦକ୍ଷତା ବିକାଶ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ:ପୂର୍ବାହ୍ନ ୧୧ ଟା।

**ସୁବର୍ଣ୍ଣପୁର**
- ମହିମା ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: ବିନିକା ସହରର ମହିମା ପଡା, ସମୟ: ସକାଳ ୯ଟା।
- ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଉତ୍ସବ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ପ୍ରଥମ ପୃଷ୍ଠାରୁ...**

## ରୁଷୀୟ ତୈଳ...

ଜାରି ରଖିଥିବାରୁ କେନ୍ଦ୍ର ସରକାର ଟ୍ରମ୍ପଙ୍କ ଏଭଳି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିପାରୁନାହାନ୍ତି। କିନ୍ତୁ ରୁଷିଆର ୨ ବୃହତ୍ ତୈଳ କମ୍ପାନୀ ରୋସ୍‌ନେଫ୍ଟ ଏବଂ ଲୁକ୍‌ଅଏଲ୍ ଉପରେ କଟକଣା ଲାଗିବା ପରେ ଭାରତୀୟ ତୈଳ ବିଶୋଧନ କମ୍ପାନୀଗୁଡ଼ିକ ରୁଷିଆରୁ ତୈଳ ନ କିଣିବା ଲାଗି ନୂଆ ଡିଲ୍ ବନ୍ଦ କରିଛନ୍ତି। ୱାଶିଂଟନ୍ କଟକଣା ଯୋଗୁ ଅର୍ଥ ପୈଠକୁ ନେଇ ଚିନ୍ତା ବଢ଼ିଥିବାବେଳେ ସରକାର ଏବଂ ଯୋଗାଣକାରୀଙ୍କଠାରୁ ସ୍ୱଷ୍ଟତା ପାଇଁ କ୍ରେତାମାନେ ଅପେକ୍ଷାରେ ରହିଛନ୍ତି। ଅନିଶ୍ଚିତତା କାରଣରୁ କେତେକ ରିଫାଇନର ସ୍ୱଳ୍ପମିଆଦୀ ଅଶୋଧିତ ତୈଳ ଆବଶ୍ୟକତା ମେଣ୍ଟାଇବା ପାଇଁ ସ୍ପଟ୍ ମାର୍କେଟ ଆଡ଼କୁ ମୁହାଁଉଛନ୍ତି। ରାଷ୍ଟ୍ରାୟତ୍ତ କମ୍ପାନୀ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ତୈଳ କିଣିବା ପାଇଁ ସାନି ଟେଣ୍ଡର ଜାରି କରିଥିବାବେଳେ ଭାରତର ସର୍ବବୃହତ୍ ଘରୋଇ ରିଫାଇନର ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ରୁଷିଆରୁ ତୈଳ କିଣା ବନ୍ଦ କରିବା ଦିଗରେ ପଦକ୍ଷେପ ନେଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ତୈଳ କିଣା ସହ ଜଡ଼ିତ କେତେକ କାର୍ଗୋକୁ ପ୍ରତ୍ୟାହାର କରିନିଆଯାଇଛି। କଳା ତାଲିକାଭୁକ୍ତ କମ୍ପାନୀଗୁଡ଼ିକ ସହ ବ୍ୟାଙ୍କ ଆର୍ଥିକ କାରବାର ପ୍ରକ୍ରିୟା କରିବେ ନାହିଁ। ତେଣୁ କୌଣସି ସଂସ୍ଥା ଅର୍ଥ ପୈଠଜନିତ ଅନିଶ୍ଚିତତା ମଧ୍ୟକୁ ଯିବାକୁ ଚାହୁଁନାହାନ୍ତି।

୨୦୨୨ ଫେବୃଆରୀ ୨୪ରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରେ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଏହା ଉପରେ କଟକଣା ଜାରି କରିଥିଲେ। ସେବେଠୁ ଭାରତ ରୁଷିଆଠାରୁ ରିହାତି ଦରରେ ତୈଳ କଣିଆସିଛି। ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା ଅନୁଯାୟୀ ୨୦୨୫ର ପ୍ରଥମ ୯ ମାସ ଭାରତ ଦୈନିକ ୧.୯ ନିୟୁତ ବ୍ୟାରେଲ ରୁଷୀୟ ତୈଳ କିଣିଛି, ଯାହାକି ରୁଷିଆର ମୋଟ ତୈଳ ରପ୍ତାନିର ୪୦%। ବର୍ତ୍ତମାନ ନୂଆ କଟକଣା ଲାଗିବା ପରେ ଭାରତ ଓ ଚାଇନାର ତୈଳ କମ୍ପାନୀଗୁଡ଼ିକ ରୁଷିଆଠାରୁ ତୈଳ କିଣି ରିସ୍କ ନେବାକୁ ଚାହୁଁନାହାନ୍ତି। ବ୍ଲୁମ୍‌ବର୍ଗରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ୨୦୨୫ରେ ରୁଷିଆଠାରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍) ସର୍ବାଧିକ ତୈଳ କ୍ରୟ କରିଥିଲା। ତେବେ ଟ୍ରମ୍ପ୍ ୨ ରୁଷୀୟ କମ୍ପାନୀ ଉପରେ କଟକଣା ଲଗାଇବାର ଦିନକ ପରେ ଆର୍‌ଆଇଏଲ୍ ଆମେରିକା ଓ ମଧ୍ୟପ୍ରାଚ୍ୟରୁ ଅନେକ ନିୟୁତ ବ୍ୟାରେଲ କ୍ରୁଡ୍ କିଣିଛି। ମୁକେଶ ଅମ୍ବାନୀଙ୍କ କମ୍ପାନୀ ସାଉଦି ଆରବର ଖଫ୍‌ଜି, ଇରାକ୍‌ର ବସ୍‌ରାହ ମଡିୟମ, କାତାରର ଶାହିନ୍ ଓ ଆମେରିକୀୟ ଅଏଲ୍ ସପ୍ଲାୟର ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ୍‌ଠାରୁ ଏହି ତୈଳ ଆମଦାନୀ କରିଛି। କଣ୍ଟ୍ରାକ୍ଟ ଶେଷ ହୋଇଥିବା ଏହି ତୈଳ ଆସନ୍ତା ଡିସେମ୍ବର କିମ୍ବା ଜାନୁଆରୀରେ ଭାରତ ଆସିପାରେ ବୋଲି ଅନୁମାନ କରାଯାଉଛି। ଏହା ସତ୍ତ୍ୱେ କେତେକ ଭାରତୀୟ କମ୍ପାନୀ ଗଳାବାଟରେ ରୁଷୀୟ ତୈଳ କିଣିପାରନ୍ତି ବୋଲି ସନ୍ଦେହ କରାଯାଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଏସା କରେଙ୍ଗେ, ତେସା କରେଙ୍ଗେ,**
**ଚୋର ଦେଖିଲେ ଭାଗ୍ ଯାଏଙ୍ଗେ ।**

କିଛି ବ୍ୟକ୍ତି ବଡ଼ ବଡ଼ କରି କଥା କହିଥାନ୍ତି। କିନ୍ତୁ ଅସଲ ଟାଣୁଆ ଲୋକ ହାବୁଡ଼ରେ ପଡ଼ିଗଲେ ମୁହଁ ଫିଟାଇବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଉପରେ ଉପରେ ବାହାଦୁରି ଦେଖାଉଥିବା ଭୀରୁ ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଐରାବତ**
**ଯେତେ ଯାହା ହେଲେ**
**ସେ ଇନ୍ଦ୍ରଙ୍କ ଅନୁଗତ ।**

ଐରାବତ ହସ୍ତୀ ଇନ୍ଦ୍ରଙ୍କ ବାହନ ହୋଇଥିବାବେଳେ ସେଥିଲାଗି ତା'ର କ୍ଷମତା କାହିଁ କେତେ ଅଧିକ ହୋଇଥାଏ। ଠିକ୍ ସେହିପରି ମାନବ ସମାଜରେ ବଡ଼ ବଡ଼ିଆମାନଙ୍କର ବହୁ ଅନୁଗତ ରହିଥିବାବେଳେ ସେମାନଙ୍କଠାରେ ଆତ୍ମବଡ଼ିମା ଦେଖିବାକୁ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## କାକିନାଡ଼ାରେ ସ୍ଥଳଭାଗ...

ବାତ୍ୟା ପ୍ରଭାବରେ ମଙ୍ଗଳବାର ଦିନତମାମ ରାଜ୍ୟର ବିଭିନ୍ନ ସ୍ଥାନରେ ଡୁହାକୁ ଡୁହା ବର୍ଷା, ପବନ ଲାଗି ରହିଥିଲା। ଗଜପତି ଜିଲା ଆର. ଉଦୟଗିରି ବ୍ଲକ ଅନଗା ପଞ୍ଚାୟତର ରାସ୍ତାକଡ଼ ପାହାଡରୁ ବିରାଟକାୟ ପଥର ଖସି ୩୨୬ ନଂ. ଜାତୀୟ ରାଜପଥରେ ଯାତାୟାତ ଠପ୍ ହୋଇଯାଇଥିଲା। କାଶୀନଗର ବ୍ଲକ୍ ପାଡ଼ତଡ଼ା ପଞ୍ଚାୟତର ଲିଙ୍ଗାଠାରୁ ବାରଭା ଗ୍ରାମକୁ ଯାଉଥିବା କଚ୍ଚା ରାସ୍ତାରେ ମଧ୍ୟ ବଡ଼ବଡ଼ ପଥର ଖସିଥିଲା। ଏହାବାଦ୍ ଜିଲାର ବିଭିନ୍ନ ସ୍ଥାନରେ ଘର ଭାଙ୍ଗିଯାଇଥିବା ଦେଖିବାକୁ ମିଳିଥିଲା। ସେହିପରି କୋରାପୁଟ ଜିଲା ନାରାୟଣପାଟଣାରେ ତଳଗୁମାଣ୍ଡି ରାସ୍ତାରେ ପାହାଡ଼ରୁ ପଥର ଧସି କିଛି ସମୟ ପାଇଁ ରାସ୍ତା ଅବରୋଧ ହୋଇଥଲା। ନନ୍ଦପୁର ବ୍ଲକ୍ ପାଡୁଆ ବଡଦେବତା ମନ୍ଦିରଠାରୁ ଶୋଭାପୁଟ ସଂଯୋଗ କରୁଥିବା ଆରଡି ରାସ୍ତାର ଗେମେଲପୁଟ ନିକଟରେ ପାତାଳୀ ନଦୀ ଓ ଜଳଭଣ୍ଡାର ପାର୍ଶ୍ୱକୁ ଲାଗି ଥିବା ରାସ୍ତାକଡ଼ର ପ୍ରାୟ ୨୦୦ ମିଟର ଜମିରୁ ମାଟି ଅତଡା ଖସୁଥିବାରୁ ୪ଟି ପଞ୍ଚାୟତବାସୀ ଆତଙ୍କିତ ଅବସ୍ଥାରେ ରହିଥିଲେ।

ବାତ୍ୟା ପ୍ରଭାବରେ ବୁଧବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ରାୟଗଡ଼ା ଆଦି ୫ ଜିଲାକୁ ଭୀଷଣ ବର୍ଷା ନେଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ସେହିପରି ନୂଆପଡ଼ା, ବଲାଙ୍ଗୀର, କନ୍ଧମାଳ, ଗଞ୍ଜାମ ଓ ଗଜପତି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି ଏବଂ ଅନ୍ୟ ଜିଲାଗୁଡ଼ିକରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ନଭେମ୍ବର ୧ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳଗୁଡ଼ିକରେ ଘଣ୍ଟା ପ୍ରତି ୩୦ରୁ ୪୦ କି.ମିରୁ ୫୦ କି.ମି ବେଗରେ ପବନ ବହିଥିଲା। ବୁଧବାର ସକାଳ ପର୍ଯ୍ୟନ୍ତ ସେହି ଅଞ୍ଚଳରେ ପବନର ବେଗ ଘଣ୍ଟା ପ୍ରତି ୬୦ ରୁ ୭୦ କି.ମି. କିମ୍ବା ୮୦ କି.ମି. ବେଗରେ ବହିବାର ସମ୍ଭାବନା ରହିଛି। ଏହା ଧୀରେଧୀରେ ହ୍ରାସ ପାଇ ୩୦ ଅକ୍ଟୋବର ସକାଳେ ଘଣ୍ଟା ପ୍ରତି ୩୫ରୁ ୪୫ କି.ମି. ଏବଂ ୫୫କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ସେହିପରି ବୁଧବାର ମଧ୍ୟ ଦକ୍ଷିଣ ଓଡ଼ିଶା ଉପକୂଳରେ ଏବଂ ଏହାର ଆଖପାଖରେ ଘଣ୍ଟା ପ୍ରତି ପବନର ବେଗ ୪୫ରୁ ୫୫ କି.ମି. ଏବଂ ଅତିବେଶୀରେ ୬୫ କି.ମି. ପର୍ଯ୍ୟନ୍ତ ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ଘଣ୍ଟାରେ ଚାନ୍ଦବାଲିଠାରେ ସର୍ବାଧିକ ୫୧.୭ ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ, ଦାରିଙ୍ଗବାଡ଼ିରେ ୫୧ ମି.ମି., ଯାଜପୁରରେ ୪୨.୪ମି.ମି., ଭଦ୍ରକରେ ୩୭ମି.ମି., କୋରାପୁଟରେ ୩୬ମି.ମି., ପାରଳାଖେମୁଣ୍ଡିରେ ୩୪.୪ମି.ମି., ନୟାଗଡ଼ରେ ୨୧.୪ମି.ମି., ସମ୍ବଲପୁରରେ ୨୦.୨ମି.ମି., ଭୁବନେଶ୍ୱରରେ ୧୭.୧ମି.ମି., କଟକରେ ୧୩.୬ମି.ମି. ବର୍ଷା ରେକର୍ଡ କରାଯାଇଛି। ବାତ୍ୟା ପାଇଁ ଗୋପାଳପୁର ବନ୍ଦରରେ ୩ନଂ. ସତର୍କତା ସଙ୍କେତ ଜାରି କରାଯାଇଛି। ସେହିପରି ପାରାଦୀପ, ଧାମରା, ପୁରୀ, ଛତ୍ରପୁର ଏବଂ ଚାନ୍ଦବାଲି ବନ୍ଦରରେ ୨ନଂ. ସତର୍କତା ସଙ୍କେତ ଜାରି କରାଯାଇଛି। ପବନର ବେଗ ବଢ଼ିବା ସହିତ ଏହି ସମୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ୩୦ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି।

## 'ମୋନ୍ଥା' ମୁକାବିଲା...



ରହିବାକୁ ହେବ। ଏଥିପ୍ରତି ଇଞ୍ଜିନିୟରିଂ ବିଭାଗଗୁଡ଼ିକ ଗୁରୁତ୍ୱ ଦେବେ। ବାତ୍ୟା ପରେ ଯେମିତି ଭାଙ୍ଗିଯାଇଥିବା ଗଛଗୁଡ଼ିକ ଯୋଗୁ ରାସ୍ତା ଅବରୋଧ ନ ହୁଏ, ସେଥିପ୍ରତି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଥିଲେ, ବର୍ତ୍ତମାନ ସମୟ ହେଉଛି ଫସଲ ଅମଳର ବେଳ। ତେଣୁ ବାତ୍ୟା ପରେ ପରେ ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀଭାଇମାନଙ୍କୁ ଆବଶ୍ୟକ ସହାୟତା ରାଶି ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକର ଆଲୋଚନାରୁ ଜଣାପଡ଼ିଛି ଯେ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ଆଦି ୮ଟି ଜିଲାରେ ବାତ୍ୟାର ସର୍ବାଧିକ ପ୍ରଭାବ ରହିବ। ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ୨୦୪୮ଟି ବାତ୍ୟା-ବନ୍ୟା ଆଶ୍ରୟସ୍ଥଳକୁ ପ୍ରସ୍ତୁତକରି ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ୮ଟି ଜିଲାର ୧୧,୩୯୬ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି। ଆବଶ୍ୟକ ହେଲେ ଆହୁରି ୩୦,୫୫୪ ଜଣଙ୍କୁ ସ୍ଥାନାନ୍ତର କରାଯିବ। ୧୮୭୧ ଜଣ ଗର୍ଭବତୀଙ୍କୁ ମଧ୍ୟ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି ଏବଂ ଆହୁରି ୮୨୨ ଜଣଙ୍କୁ ସ୍ଥାନାନ୍ତର କରାଯିବ। ସମୁଦାୟ ୨୬୯୩ ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ସ୍ଥାନାନ୍ତର କରାଯିବ। ବାତ୍ୟାର ମୁକାବିଲା ପାଇଁ ୩୦ଟି ଓଡ୍ରାଫ୍, ୫ଟି ଏନ୍‌ଡିଆର୍‌ଏଫ୍ ଏବଂ ୧୨୩ଟି ଅଗ୍ନିଶମ ଦଳକୁ ମୁତୟନ କରାଯାଇଛି। ଆହୁରି ଅଧିକ ଟିମ୍ ସଜାଗ ଅଛନ୍ତି। ଆବଶ୍ୟକ ପଡ଼ିଲେ ଅଧିକ ନିୟୋଜିତ କରାଯିବ। ପ୍ରଭାବିତ ହେବାକୁଥିବା ଜିଲାର ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ୩୦ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଆବଶ୍ୟକ ହେଲେ ଛୁଟିର ସମୟସୀମା ବଢ଼ାଯିବ। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଓ ପାହାଡ଼ିଆ ଅଞ୍ଚଳରେ ଭ୍ରମଣ ପାଇଁ ପର୍ଯ୍ୟଟକମାନଙ୍କୁ ବାରଣ କରାଯାଇଛି। ମତ୍ସ୍ୟଜୀବୀମାନଙ୍କୁ ମଧ୍ୟ ସମୁଦ୍ର ଭିତରକୁ ନ ଯିବା ପାଇଁ ସତର୍କ କରାଯାଇଛି। ନୀରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ଓ ପାନୀୟଜଳ ଯୋଗାଣ ପାଇଁ ଇଞ୍ଜିନିୟରିଂ ବିଭାଗଗୁଡ଼ିକ ପ୍ରସ୍ତୁତ ହୋଇ ଅଛନ୍ତି। ବିକଳ୍ପ ଭାବେ ସମସ୍ତ ଜରୁରୀ ସେବା ସଂସ୍ଥାରେ ଡିଜି ସେଟ୍ ମହଜୁଦ ରଖାଯାଇଛି। ସମସ୍ତ ପ୍ରଭାବିତ ଅଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ସାପକାମୁଡ଼ା ଇଞ୍ଜେକ୍ସନ, ଔଷଧ ଓ ଚିକିତ୍ସା କିଟ୍ ମହଜୁଦ ଥିବା ବୈଠକରୁ ଜଣାଯାଇଛି। ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏବଂ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ପ୍ରମୁଖ ଉପସ୍ଥିତ ଥିଲେ।

## କାହା ମତିଗତି...

ବୋଲି ତାଙ୍କ ଦଳ ଭିତରେ ଚର୍ଚ୍ଚା ହେଉଛି। କେତେଜଣ ନେତାଙ୍କଠାରୁ ଜାଣିବାକୁ ମିଳୁଛି, ଆଗରୁ ଯେପରି କର୍ମୀମାନେ ଉପନିର୍ବାଚନ ହେଲେ ଆସିବାକୁ ଆଗ୍ରହ କରନ୍ତି ସେତକ ବି ଦେଖିବାକୁ ମିଳୁ ନାହିଁ। ନୂଆପଡ଼ା ଏନ୍‌ଏସିରେ ଦଳ ପକ୍ଷରୁ କରାଯାଇଥିବା କାର୍ଯ୍ୟାଳୟରେ କାଉ କୋଇଲି ଉଡୁ ନାହାନ୍ତି। କେବଳ କେତେଜଣ ନେତା ପରସ୍ପର ରୁମ୍‌କୁ ବଡ଼ ବଡ଼ ଗାଡ଼ିରେ ବସି ବାରମ୍ବାର ଯା'ଆସ କରୁଛନ୍ତି। ଆଗଭଳି ରୋଜଗାର ନ ଥିବା କାରଣରୁ ପଞ୍ଚାୟତକୁ ଦାୟିତ୍ୱ ପାଇଥିବା ନେତାମାନେ ନିଜ ପକେଟରୁ ଖର୍ଚ୍ଚ କଲାବେଳେ କୁଆଡ଼େ କୁନ୍ଥକୁନ୍ଥ ହେଉଥିବା ଶୁଣିବାକୁ ମିଳୁଛି। ବଡ଼ ନେତାମାନେ ଦଳର ସ୍ଥିତି ଏବେ କିପରି ଅଛି ବୋଲି ଜାଣିବାକୁ ଚେଷ୍ଟା କରୁଛନ୍ତି। ଯାହା ମୁହଁରୁ ଦଳୀୟ ପ୍ରାର୍ଥୀ ଦୁଇ ନମ୍ବର ସ୍ଥିତିକୁ ଆସିଗଲାଣି ବୋଲି ଶୁଣୁଛନ୍ତି ସେତିକିରେ ଆଶ୍ୱସ୍ତ ହେଲାଭଳି ପ୍ରତିକ୍ରିୟା ଦେଖାଉଛନ୍ତି। ଯେମିତିକି ସେମାନେ କଳେବଳେ କୌଶଳେ ଦୁଇ ନମ୍ବର ହେବାପାଇଁ ଏଠାକୁ ଆସିଛନ୍ତି। ଏହାରି ଭିତରେ ଦଳର ସଭାପତି ନବୀନ ପଟ୍ଟନାୟକ କୁଆଡେ କେତେଜଣ ନେତାଙ୍କୁ ଦଳୀୟ ପ୍ରାର୍ଥୀଙ୍କ ନାମାଙ୍କନ ପରେ ତିନି ଥର ଲେଖା ଟେଲିଫୋନ କଲେଣି ବୋଲି ଶୁଣିବାକୁ ମିଳୁଛି। ପଞ୍ଚାୟତ ଦାୟିତ୍ୱରେ ଥିବା ନେତାମାନେ ତୃଣମୂଳ ସ୍ଥିତି ଭଲ ନାହିଁ ବୋଲି କହୁଥିଲେ ମଧ୍ୟ ତାହା କିପରି ସମାଧାନ ହେବ ତାହାର ବାଟ ନ କରି ବଡ଼ ନେତାମାନେ ଜାଣି ଅଜଣା ରୋଲ କରି ସମୟ ଗଡ଼ାଇ ଚାଲିଛନ୍ତି ବୋଲି କେତେଜଣଙ୍କ ମୁହଁରୁ ଶୁଣିବାକୁ ମିଳୁଛି।

ଦେଖିବାକୁ ଗଲେ ପୂର୍ବରୁ ରାଜ୍ୟରେ ହୋଇଥିବା କେତେଗୁଡ଼ିଏ ଉପନିର୍ବାଚନରେ ଭାଜପା ବିରୋଧୀ ଦଳରେ ରହିଲଢ଼ି ୨ ନମ୍ବର ସ୍ଥାନ ଅଧିକାର କରିଥିଲା। କେବଳ ଧାମନଗର ଉପନିର୍ବାଚନକୁ ବିରୋଧୀ ଦଳରେ ଥିବାବେଳେ ଭାଜପା ହାତେଇବାରେ ସଫଳ ହୋଇଥିଲା। ହେଲେ ୨୦୨୪ ନିର୍ବାଚନରେ ସରକାରକୁ ଆସିବା ପରେ ଶାସକ ଦଳ ଭାବେ ନୂଆପଡ଼ାରେ ଭାଜପା ପ୍ରଥମ ଉପନିର୍ବାଚନ ଲଢ଼ୁଛି। ଦଳର ଏକାଧିକ ନେତା ନିଜ ନିଜର କର୍ମୀମାନଙ୍କୁ ଧରି ନୂଆପଡାରେ ଡେରା ପକାଇଛନ୍ତି। ବହୁ ସ୍ଥାନରୁ ଭାଜପା ସପକ୍ଷରେ ଭୋଟରଙ୍କ ମତ ରହୁଥିବା ଲକ୍ଷ୍ୟ କରାଯାଉଛି। ତଥାପି ମଧ୍ୟ ବିଜେଡିରୁ ଯାଇ ପ୍ରାର୍ଥୀ ହୋଇଥିବା ଜୟ ଢୋଲକିଆ ଦଳ ପରିବର୍ତ୍ତନ କରୁଛନ୍ତି ବୋଲି ତୃଣମୂଳ ସ୍ତରରେ ତାଙ୍କ ବିରୋଧରେ କେତେକାଂଶରେ ପ୍ରତିକ୍ରିୟା ରହିଛି। ସେହିପରି ଭାଜପାର ଦୀର୍ଘ ଦିନର ନେତା ତଥା ସ୍ଥାନୀୟ ସଂଗଠକ ଭାବେ ପରିଚିତ ବସନ୍ତ ପଣ୍ଡା, ପ୍ରସନ୍ନ ପାଢ଼ୀ ଏବଂ ଯଦୁମଣି ପାଣିଗ୍ରାହୀ ଯେଉଁମାନେ ଟିକେଟ ଆଶାରେ ରହିଥିଲେ ସେମାନଙ୍କ କର୍ମୀମାନେ ଏଯାଏ ଶାସକ ଦଳ ସପକ୍ଷରେ ସମ୍ପୂର୍ଣ୍ଣ ମନ ବଦଳାଇପାରି ନାହାନ୍ତି। ଗତ ସାଧାରଣ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରେ ଏକ ତ୍ରିମୁଖୀ ଲଢ଼େଇର ଦୃଶ୍ୟପଟ ଦେଖିବାକୁ ମିଳିଥିଲା। ଯାହାର ପରିଣାମ ସ୍ୱରୂପ ଫାଇଦା ଏକପ୍ରକାର ବିଜେଡି ନେବାରେ ସଫଳ ହୋଇଥିଲା। ଚଳିତ ଉପନିର୍ବାଚନରେ ମଧ୍ୟ ତ୍ରିମୁଖୀ ଲଢେଇ ଦେଖିବାକୁ ମିଳିବାର ସମ୍ଭାବନା ଅଧିକ ବୋଲି ଯାହା ସ୍ଥାନୀୟ ଅଞ୍ଚଳରେ ବୁଲିବା ପରେ ଲକ୍ଷ୍ୟ କରାଯାଉଛି। ଏତେ ସବୁ ସମସ୍ୟା ଭିତରେ ସବୁଠୁ ବଡ଼ କଥା ହେଉଛି, ଗତ କିଛିଦିନ ପର୍ଯ୍ୟନ୍ତ ତୃତୀୟ ସ୍ଥାନ ପାଇଁ ବିଜେଡି ଏଠାରେ ଲଢିବ ବୋଲି କୁହାଯାଉଥିଲା। ସେହି ଚର୍ଚ୍ଚାକୁ ମାତ୍ ଦେଇ ଶଙ୍ଖ ଦଳ ନିଜ ସ୍ଥିତିରେ ସୁଧାର ଆଣିପାରିଛି ବୋଲି ପାରିପାର୍ଶ୍ୱିକ ସ୍ଥିତିରୁ ଅନୁମାନ କରାଯାଉଛି। ହେଲେ ଜଣେ ନୁହେଁ ଅନେକ ଭାଜପା ନେତାଙ୍କ ସୂତ୍ରରୁ ଶୁଣିବାକୁ ମିଳୁଛି ଅତି ଆତ୍ମବିଶ୍ୱାସ ବଢାଇ ତାଙ୍କ ଦଳର ରାଜ୍ୟସ୍ତରୀୟ ଶୀର୍ଷ ନେତୃତ୍ୱ ଏବେଠାରୁ ଯେପରି ଜିତିଗଲେଣି ସେହିଭଳି ବ୍ୟବହାର କରୁଛନ୍ତି। କେବଳ ଜିତିବାର ବ୍ୟବଧାନ ବଢ଼ାଇବା ଭାଜପାର ମୂଳ ଲକ୍ଷ୍ୟ ବୋଲି ତାଙ୍କ ଦଳର ନେତାମାନେ କହି ବୁଲୁଛନ୍ତି ବୋଲି ମଧ୍ୟ ଲକ୍ଷ୍ୟ କରାଯାଉଛି। ବିରୋଧୀ ଦଳରେ ଥିବାବେଳେ ଶାସନ କ୍ଷମତାକୁ ଆସିବା ପାଇଁ ଭାଜପା ନେତାମାନେ ଯେଉଁ ବିପରୀତ ପରିସ୍ଥିତିରେ ମୁକାବିଲା କରୁଥିଲେ ଏବେ ସେମାନେ ସରକାରକୁ ଆସିବାକ୍ଷଣି ଯେପରି ବଡ଼ ଗାଡ଼ି ଓ ବ୍ୟାପକ ଆରେବା ଚଳାଇଛନ୍ତି ତାକୁ ନେଇ କୁଆଡେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଲାଣି ବୋଲି ଶୁଣିବାକୁ ମିଳୁଛି।

ବିଜେଡି ଓ ଭାଜପା ଅପେକ୍ଷା ଏହି ଉପନିର୍ବାଚନରେ ନିଜର ସାଂଗଠନିକ କ୍ଷମତା ବୃଦ୍ଧି କରିବା ପାଇଁ କଂଗ୍ରେସ ପାଖରେ ଏକ ବଡ଼ ସୁଯୋଗ ରହିଥିଲା। ପ୍ରାର୍ଥୀ ନ ପାଇ କଳବଳ ସ୍ଥିତିର ସମ୍ମୁଖୀନ ହେଉଥିବା ବିଜେଡିକୁ ପଛରେ ପକାଇବା ପାଇଁ କଂଗ୍ରେସ ନିକଟରେ ଏକ ବଡ଼ ସୁଯୋଗ ମଧ୍ୟ ଥିଲା। କିଛିଦିନ ତଳେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ସବୁଠୁ ଆଗରେ ରହିଥିବାର ଚର୍ଚ୍ଚା ମଧ୍ୟ ହେଲା। ହେଲେ ସମାୟାନୁକ୍ରମେ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରତି ପୂର୍ବ ତୁଳନାରେ ଜନ ସମର୍ଥନ କମୁଥିବାର ଖବର ନିର୍ବାଚନମଣ୍ଡଳୀ ଭିତରୁ ଏବଂ ତାଙ୍କ ଦଳୀୟ ନେତାଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ନୂଆପଡ଼ାରେ ଡେରା ପକାଇ ରହିଥିବା ଜଣେ କଂଗ୍ରେସ ଛାତ୍ର ନେତା କହିଛନ୍ତି, ଆମେ କୋମନା ବ୍ଲକରେ ବହୁତ ଭଲ ସ୍ଥିତିରେ ଥିଲୁ। ଏହି ବ୍ଲକରୁ ଏକତରଫା ଭୋଟ ତାଙ୍କ ପ୍ରାର୍ଥୀ ପାଇବ ବୋଲି ଆଶା କରିଥିଲୁ। ହେଲେ ଦୁଇଦିନ ହେଲା ପୂର୍ବଭଳି ସେଠାରେ ଆଉ ତାଙ୍କ ଦଳର ପ୍ରାର୍ଥୀଙ୍କ ପାଇଁ ଏକତରଫା ଭୋଟ ନ ଥିବା ଶୁଣୁଛନ୍ତି। ସବୁଆଡେ ମଧ୍ୟ ଭୋଟ ଖବର କମୁଛି। ହେଲେ ଏମିତି କାହିଁକି ହେଉଛି ସିଏ ବୁଝିପାରୁ ନ ଥିବା ଶୁଣିବାକୁ ପାଉଛନ୍ତି। ଗୋଟିଏ ପଟେ କଂଗ୍ରେସ ନେତାଙ୍କୁ ଏଠାକୁ ଆସିବାକୁ ମନା କରାଯିବା ଏବଂ ପ୍ରାର୍ଥୀଙ୍କ ଭୋଟ ଖସିବା ସହିତ ଏକ ସାମୂହିକ ନେତୃତ୍ୱକୁ ସାଙ୍ଗରେ ନ ନେଇ ଭକ୍ତଙ୍କ ଅକେଲାଚଲୋ ନୀତି ସେମାନଙ୍କ ଦଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ରାଜ୍ୟ ସ୍ତରରେ ଦଳର ସ୍ଥିତି ସୁଧାରିବାର ଏଭଳି ଏକ ସୁଯୋଗକୁ ଜାଣିଶୁଣି ବିଫଳ କରିବା କାହା ସ୍ୱାର୍ଥ ସାଧନର ଚିନ୍ତା ବୋଲି ଦଳର ସବୁ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**
ଆଜି ଦୀର୍ଘଦିନରୁ ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଅଶ୍ୱିନୀ ନକ୍ଷତ୍ରର ସକାଳୁ ସକାଳୁ ମାତ୍ରାଧିକ ଭ୍ରମଣ ମନକୁ ବିଭ୍ରାନ୍ତି କରାଇବାର ଆଶଙ୍କା ରହିଛି। ଆପୋସ ଆଲୋଚନା ଦ୍ୱାରା ପାରିବାରିକ ସମସ୍ୟାର ସମାଧାନ କରିପାରିବେ।

**ବୃଷ**
ଅଭାବ ପୂରଣ ଦିଗରେ ସହକର୍ମୀଙ୍କ ଆନ୍ତରିକ ସାହାଯ୍ୟ ଓ ସହୃଦୟତା କାମକୁ ଆସିବ। ଉପରିସ୍ଥଙ୍କ ଅନୁକମ୍ପାରୁ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ହେତୁ ମନ ହାଲୁକା ହୋଇଯାଇପାରେ। ରୋହିଣୀ ନକ୍ଷତ୍ର ସକାଶେ ସଭାସମିତିରେ ବିତର୍କଜନିତ ସାମୟିକ ଅସ୍ଥିରତାର ସୂଚନା ମଧ୍ୟ ରହିଛି।

**ମିଥୁନ**
ଆଜିର ପ୍ରତ୍ୟୁଷ ଯାତ୍ରା ଦୀର୍ଘଦିନର ଆଶା ଓ ଅଭିଳାଷକୁ ପୂରଣ କରି ନ ପାରେ। ସ୍ୱାସ୍ଥ୍ୟରେ ଉନ୍ନତି ଓ ପାରିବାରିକ ସ୍ଥିତି ଭଲ ରହିବ। ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଗବେଷଣା, ପ୍ରେସ୍ ପବ୍ଲିକେଶନ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ମୃଗଶିରା ନକ୍ଷତ୍ର ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି।

**କର୍କଟ**
ଏକ ନୂତନ ପରିବେଶରେ ଭିନ୍ନ ସ୍ୱାଦର ଅନୁଭୂତି ଲାଭ କରିବେ। ପୁଷ୍ୟା ନକ୍ଷତ୍ରର ପରିଚିତ ବନ୍ଧୁଙ୍କ ସାହାଯ୍ୟରୁ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଭ୍ରମଣ ସୁଯୋଗ, ଦୂରଯାତ୍ରାରେ ସଫଳତା ମିଳିବ। ପାରିବାରିକ ଅସ୍ଥିରତା, କାର୍ଯ୍ୟସିଦ୍ଧିରେ ବିଳମ୍ବ ଯୋଗୁ ମାନସିକ ଦ୍ୱନ୍ଦ୍ୱ ଲାଗିରହିବ। ସହକର୍ମୀଙ୍କ କଥାକୁ ଠିକ୍ ଭାବେ ବୁଝିପାରିବେନି।

**ସିଂହ**
ସନ୍ଦେହ ଏବଂ ଭୁଲ୍ ବୁଝାମଣା ହେତୁ ପାରିବାରିକ ସମସ୍ୟା ନେଇ ଅନ୍ତଦ୍ୱନ୍ଦ୍ୱ ଲାଗି ରହିବ। ସଦାବେଳେ ହାତଖାଲି ରହିବାରୁ ମନରେ ସରସତା ରହିବ ନାହିଁ। ମଘା ନକ୍ଷତ୍ର ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିୟୋଜିତ ହେବେ। ଅଧୁରା କାମକୁ ସମ୍ପନ୍ନ କରିବା ପାଇଁ ଯୁକ୍ତିତର୍କଜନିତ ମନୋମାଳିନ୍ୟର ଆଶଙ୍କା ରହିଛି।

**କନ୍ୟା**
ବିଭିନ୍ନ ସମସ୍ୟା ଆପଣଙ୍କୁ ବ୍ୟତିବ୍ୟସ୍ତ କରାଇବା ସହ ଚିନ୍ତାଧାରାକୁ ବିକ୍ଷିପ୍ତ କରିପାରେ। କର୍ମନିଷ୍ଠା ରହିଥିଲେ ମଧ୍ୟ ପାରିବେଶିକ ବ୍ୟତିକ୍ରମ ଯୋଜନାକୁ ବଦଳାଇ ଦେବ। ଉତ୍ତରାଫାଲଗୁନୀ ନକ୍ଷତ୍ରର ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। ଋଣ ସୂତ୍ରରେ ଅର୍ଥଲାଭ ପାଇଁ ପ୍ରଯତ୍ନ କରିବେ ତଥାପି ମନରେ ଶାନ୍ତି ଆସିବ ନାହିଁ।

**ତୁଳା**
ନୂଆ କାମଟିଏ ଆରମ୍ଭ କରିବା ପାଇଁ ମନସ୍ଥ କରି ବନ୍ଧୁଙ୍କ ସହ ଯୋଗାଯୋଗ କରିପାରନ୍ତି। ନିଜ ଲୋକ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। ସ୍ୱାତୀ ନକ୍ଷତ୍ର ବନ୍ଧୁଙ୍କ କଥାରେ ଦର୍ଶନୀୟ ସ୍ଥାନ ଭ୍ରମଣ ପାଇଁ ମନ ବଳାଇବେ। ପ୍ରଶାସନିକ, ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ନିଷ୍ପତ୍ତି ବଦଳାଇ ପାରନ୍ତି।

**ବିଛା**
କର୍ମକ୍ଷେତ୍ରରେ ସାଧାରଣ ସମସ୍ୟା ମଧ୍ୟ ଦେଇ ଲକ୍ଷ୍ୟ ପୂରଣ ଦିଗରେ ଅଗ୍ରସର ହେବେ। ସାଧାରଣ କଥାରେ କଥାଭାଷାର କଠୋରତା ସମ୍ପର୍କକୁ ହ୍ରାସ କରାଇବ। ଅନୁରାଧା ନକ୍ଷତ୍ର ଅପ୍ରିୟସତ୍ୟ ଭାଷଣ ଯୋଗୁ ବନ୍ଧୁଙ୍କ ସହ ମତାନ୍ତର ଘଟିପାରେ। ଶିଳ୍ପ, ବାଣିଜ୍ୟ, ପରିବହନାଦିରେ ବିବାଦୀୟ ପରିସ୍ଥିତିର ଆଶଙ୍କା ରହିଛି ।

**ଧନୁ**
ଭୁଲ୍ ବୁଝାମଣାରୁ ସମ୍ପର୍କ ହାନି ଆଶଙ୍କା ରହିଛି। ଅର୍ଥନୈତିକ କାରବାର, ବ୍ୟବସାୟ, ଆଲୋଚନା, ଯାତ୍ରା କ୍ଷେତ୍ରରେ ଠିକ୍ ବିଚାର କରିପାରନ୍ତି। ପାରିବାରିକ କ୍ଷେତ୍ରରେ ହଠାତ୍ ପ୍ରତିକ୍ରିୟାଶୀଳ ହୋଇ ସମସ୍ୟାକୁ ନିମନ୍ତ୍ରଣ କରିବେ। ଉତ୍ତରାଷାଢ଼ା ନକ୍ଷତ୍ର ରାଜନୈତିକ ପୃଷ୍ଠପୋଷକତା ଲାଭକରିବା ଯୋଗୁ କାର୍ଯ୍ୟ ହାସଲ କରିବେ।

**ମକର**
ଆଜି ସତର୍କତା ଅଭାବରୁ ଧନହାନି, କଳହ କିମ୍ବା ଆକସ୍ମିକ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଧନିଷ୍ଠା ନକ୍ଷତ୍ର ବାଣିଜ୍ୟ, ନିର୍ମାଣ ଓ ପରିବହନରେ ସମସ୍ୟା ସମାଧାନ ହେବାର ସୂଚନା ରହିଛି। ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହୋଇପାରନ୍ତି ।

**କୁମ୍ଭ**
ଶତଭିଷା ନକ୍ଷତ୍ରର ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟମ ପ୍ରକାରର ରହିବ। ସତ୍‌ସଙ୍ଗ, ତୀର୍ଥାଟନ ପ୍ରତି ମନରେ ନୂଆ ଭାବନା ଜାଗ୍ରତ ହେବ। ନୂତନ ଗୃହ, ଯାନବାହନ, ଯାନ୍ତ୍ରିକଜିନିଷ କିମ୍ବା ଧାତୁ ଅଳଙ୍କାର ପ୍ରଭୃତି ପାଇଁ ପରିବାରରୁ ବରାଦ ପାଇବେ। ଆରକ୍ଷୀ ମାମଲା, ଜମିଜମା, ପିଲାଙ୍କ ବିବାହ ସମ୍ପର୍କୀୟ ଚିନ୍ତା ବୃଦ୍ଧି ପାଇପାରେ।

**ମୀନ**
ଆଜି ଆଶାଜନକ ଅର୍ଥ, ସମ୍ମାନ, ଉପଢୌକନ, ବସ୍ତ୍ର ଭୂଷଣାଦି ପ୍ରାପ୍ତି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ। ଉତ୍ତରଭାଦ୍ର ନକ୍ଷତ୍ର ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇ ପାରନ୍ତି। ପରିବାରରେ ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

ଆଜି ଅକ୍ଟୋବର ୨୯ ତାରିଖ, ଜାତୀୟ ବିପର୍ଯ୍ୟୟ ପରିଚାଳନା ଦିବସ। ଜୟୀ ରାଜଗୁରୁଙ୍କ ଜୟନ୍ତୀ, ମୁକ୍ତି ମଣ୍ଡପର ଷୋଳଶାସନ ଭୋଗ। କାର୍ତ୍ତିକ ଶୁକ୍ଳ ସପ୍ତମୀଯୁକ୍ତ ଅଷ୍ଟମୀ ବୁଧବାର। ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ମକର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୫୦ମି. ଗତେ ଘ.୦୮.୦୬ମି. ମଧ୍ୟେ, ଘ.୧୦.୨୨ମି. ଗତେ ଘ.୧୧.୩୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୦ମି. ଗତେ ଘ.୧୨.୫୫ମି. ମଧ୍ୟେ ରାହୁକାଳ।

# ନାଲ୍‌କୋ ଚକ୍ଷୁ ଚିକିତ୍ସାଳୟ: ଶହେ କହି ଶୂନ



ଉଦ୍‌ଘାଟନ ବେଳର ନାଲ୍‌କୋ-ଏଲ୍.ଭି. ପ୍ରସାଦ ଚକ୍ଷୁ ଚିକିତ୍ସାଳୟ।



ବର୍ତ୍ତମାନ ଚିକିତ୍ସାଳୟ ଗେଟ୍‌ରେ ତାଲା ଝୁଲାଯାଇଛି।

- ୨୦୧୯ରେ ଉଦ୍‌ଘାଟନ ପରଠାରୁ ତାଲା
- ପାରିପାର୍ଶ୍ୱିକ ଅଞ୍ଚଳର ଚକ୍ଷୁ ରୋଗୀ ହତାଶ
- ଚିକିତ୍ସାଳୟ ନିର୍ମାଣ ବାବଦରେ ୨୫ କୋଟି ଖର୍ଚ୍ଚ

**ଅନୁଗୋଳ,୨୮।୧୦ (ମାନସ ବିଶ୍ୱାଳ)**

ନାଲ୍‌କୋ କ୍ଷତିଗ୍ରସ୍ତ, ପ୍ରଭାବିତ ପାଇବେ ଚକ୍ଷୁ ଚିକିତ୍ସା ସୁବିଧା। ଦୂର ହେବ ପ୍ଲାଣ୍ଟ ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କଠାରେ ଥିବା ଦୃଷ୍ଟିହୀନତା। ବାହାର ରୋଗୀ ମଧ୍ୟ ଏହାର ସୁଯୋଗ ନେଇପାରିବେ କହି ଅନୁଗୋଳ ଜିଲାଠାରେ ଥିବା ନବରତ୍ନ କମ୍ପାନୀ ନାଲ୍‌କୋ ପକ୍ଷରୁ ପ୍ଲାଣ୍ଟ ନିକଟ ୪ ଏକର ଜାଗାରେ ଠିଆ କରାଯାଇଥିଲା ୨୫ କୋଟିର ଅତ୍ୟାଧୁନିକ ନାଲ୍‌କୋ-ଏଲ.ଭି. ପ୍ରସାଦ ଚକ୍ଷୁ ଚିକିତ୍ସାଳୟ। ପ୍ରାଥମିକ ପର୍ଯ୍ୟାୟରେ ୩୦ ଶଯ୍ୟା ଓ ପରେ ଦୈନିକ ଶହେ ଚକ୍ଷୁ ରୋଗୀଙ୍କ ଚିକିତ୍ସା ଏଠାରେ କରାଯିବ ବୋଲି କୁହାଯାଇ ୨୦୧୯ ଫେବୃଆରୀ ୧୮ରେ ଅତି ଆଡ଼ମ୍ବରରେ ଏହାର ଉଦ୍‌ଘାଟନ କରାଯାଇଥିଲା। ଫଳରେ ପ୍ଲାଣ୍ଟ କ୍ଷତିଗ୍ରସ୍ତ ଅଞ୍ଚଳର ଚକ୍ଷୁ ରୋଗୀଙ୍କ ମନରେ ନୂଆ ଆଶା ସଞ୍ଚାର ହୋଇଥିଲା। ହେଲେ ଉଦ୍‌ଘାଟନ ପରଠାରୁ ଏହି ଅତ୍ୟାଧୁନିକ ଚକ୍ଷୁ ଚିକିତ୍ସାଳୟରେ ତାଲା ଝୁଲାଯାଇଛି। ଦୈନିକ ଶତାଧିକ ରୋଗୀଙ୍କ ଚିକିତ୍ସା ତ ଦୂରର କଥା ୬ ବର୍ଷ ଭିତରେ ଚିକିତ୍ସା ପାଇଥିବା ରୋଗୀଙ୍କ ସଂଖ୍ୟା ଶୂନ ବୋଲି କ୍ଷତିଗ୍ରସ୍ତ ଅଞ୍ଚଳବାସୀ କହିଛନ୍ତି।

କମ୍ପାନୀ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ପାଣ୍ଠିରୁ ନିର୍ମାଣ ହୋଇଥିବା ଅତ୍ୟାଧୁନିକ ନାଲ୍‌କୋ-ଏଲ୍.ଭି.ପ୍ରସାଦ ଚକ୍ଷୁ ଚିକିତ୍ସାଳୟକୁ ତତ୍କାଳୀନ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ନାଲ୍‌କୋର ତତ୍କାଳୀନ ସିଏମ୍‌ଡି ଡ. ତପନ କୁମାର ଚାନ୍ଦ, ନାଲ୍‌କୋ ଇଡି ଆର.କେ. ମିଶ୍ର, ଭାଜପାର ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ଭାଇସ୍ ଚେୟାରମ୍ୟାନ ଏଲ.ଭି.ପି.ଇ.ଆଇ. ତାରା ପ୍ରସାଦ ଦାସ ଉପସ୍ଥିତ ଥିଲେ। ପାରିପାର୍ଶ୍ୱିକ ଅଞ୍ଚଳର କ୍ଷତିଗ୍ରସ୍ତ ତଥା ଗରିବ ରୋଗୀମାନଙ୍କୁ ଏଠାରେ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା। ପ୍ରତ୍ୟେକ ଦିନ ପ୍ରାୟ ୧୦୦ ବ୍ୟକ୍ତିଙ୍କ ଚକ୍ଷୁ ଅପରେଶନ କରାଯିବାର ବ୍ୟବସ୍ଥା କରାଯାଇଥିବା ନେଇ ସୂଚନା ଦିଆଯାଇଥିଲା। ହେଲେ ଉଦ୍‌ଘାଟନ ହେଲା ସିନା, ଏହା କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। କୋଭିଡ୍ ସମୟରେ ଜିଲା ପ୍ରଶାସନ ପକ୍ଷରୁ ସେଠାରେ କିଛିଦିନ କ୍ୱାରାଣ୍ଟାଇନ ସେଣ୍ଟର କରାଯାଇଥିଲା। ଏହାପରେ ହସ୍ପିଟାଲ ଗେଟ୍‌ରେ ତାଲା ପକାଯାଇଥିବା ବେଳେ ରକ୍ଷଣାବେକ୍ଷଣ ମଧ୍ୟ କରାଯାଉନାହିଁ। ଚତୁଃପାର୍ଶ୍ୱରେ ବଡ଼ ବଡ଼ ଗଛ ଉଠି ଏହା ପରିତ୍ୟକ୍ତ ଅବସ୍ଥାକୁ ଚାଲିଯିବା ସ୍ଥିତିରେ ରହିଛି। ବୁଲା ଗୋରୁ ମେଡିକାଲ ବାରଣ୍ଡାରେ ଆଶ୍ରୟ ନେଉଛନ୍ତି।

କୁଲାଡ଼ର ପୂର୍ବତନ ସରପଞ୍ଚ ଶେଷଦେବ ଦେହୁରୀ କହିଛନ୍ତି, ନାଲ୍‌କୋ ପକ୍ଷରୁ ଚକ୍ଷୁ ଚିକିତ୍ସାଳୟ ଉଦ୍‌ଘାଟନ ହେବା କ୍ଷତିଗ୍ରସ୍ତ ଅଞ୍ଚଳବାସୀଙ୍କୁ ଖୁସି କରିଦେଇଥିଲା। ଏଠାକାର ଧୂଆଁ, ଧୂଳିର ବଳୟରେ ରହୁଥିବା ବହୁ ଲୋକ ଚକ୍ଷୁଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଚିକିତ୍ସା ପାଇଁ କଟକ, ଭୁବନେଶ୍ୱର ଯିବା ସେମାନଙ୍କ ପକ୍ଷେ ସମ୍ଭବ ହୋଇପାରୁନି। ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଥିଲେ ସେମାନେ ଉପକୃତ ହୋଇଥାନ୍ତେ। କିନ୍ତୁ ଦୁର୍ଭାଗ୍ୟ, ଚିକିତ୍ସାଳୟ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ନାଲ୍‌କୋ ଠିକା ଶ୍ରମିକ ସମନ୍ୱୟ କମିଟି ସାଧାରଣ ସମ୍ପାଦକ ଟିକନ ଚନ୍ଦ୍ର ଦାସ କହିଛନ୍ତି, ନାଲ୍‌କୋ ଅଞ୍ଚଳର ବହୁ ଲୋକ ଚକ୍ଷୁ ରୋଗରେ ପୀଡ଼ିତ। ତେଣୁ ଲୋକମାନଙ୍କ ଦାବି ଅନୁସାରେ ଏହି ହସ୍ପିଟାଲ ପ୍ରତିଷ୍ଠା ହୋଇଥିଲା, କିନ୍ତୁ କାର୍ଯ୍ୟକ୍ଷମ ହୋଇପାରିନି। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବା ଦରକାର। ବରିଷ୍ଠ ନାଗରିକ ବାବୁଲା ସେଠୀ କହିଛନ୍ତି, ୨୫ କୋଟି ଟଙ୍କା ଖର୍ଚ୍ଚ କରି କେବଳ କୋଠା ନିର୍ମାଣ କରିଦେଲେ ଚିକିତ୍ସା ମିଳେ ନାହିଁ। ସେଥିପାଇଁ ଆବଶ୍ୟକ ଭିତ୍ତିଭୂମି ରହିବା ଦରକାର। ଡାକ୍ତର, ନର୍ସ, କର୍ମଚାରୀଙ୍କୁ ନିଯୁକ୍ତି ନ ଦେଇ ଏକ ଘରୋଇ ସଂସ୍ଥାକୁ ହସ୍ପିଟାଲ ହସ୍ତାନ୍ତର କରିଦେଇ ଚୁପ୍‌ଚାପ ବସିଛି ନାଲ୍‌କୋ। ଉକ୍ତ ଘରୋଇ ସଂସ୍ଥାକୁ ଦୋଷ ଦେଇ ୬ ବର୍ଷ ବିତିଗଲାଣି। ଡାକ୍ତରଖାନା କାର୍ଯ୍ୟକ୍ଷମ ପାଇଁ ସ୍ଥାନୀୟ ନେତା ଓ ପ୍ରଶାସନର ହସ୍ତକ୍ଷେପ ଆବଶ୍ୟକ।

ଏ ସମ୍ପର୍କରେ ନାଲ୍‌କୋ ପ୍ରଶାସନିକ ଅଧିକାରୀ ରାଜାରାମ ମିଶ୍ର କହିଛନ୍ତି, ଉକ୍ତ ପ୍ରକଳ୍ପ ସମ୍ପର୍କରେ ଠିକ୍ ଭାବରେ ଜାଣିନାହିଁ। କିନ୍ତୁ ଏଲ.ଭି.ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ସହ ବୁଝାମଣା କରାଯାଇଥିଲା। ପରବର୍ତ୍ତୀ ସମୟର ସ୍ଥିତି କ'ଣ ବୁଝିବାକୁ ପଡ଼ିବ।

# ଦୁର୍ନୀତିଗ୍ରସ୍ତଙ୍କୁ କ୍ଷମା ନାହିଁ: ମୁଖ୍ୟମନ୍ତ୍ରୀ



ଲୋକସେବା ଭବନରେ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ବରିଷ୍ଠ ଅଧିକାରୀ।

- ସଚ୍ଚୋଟତା ଓ ସାଧୁତାର ଶପଥ ପାଠ କରାଇଲେ ମୁଖ୍ୟମନ୍ତ୍ରୀ
- ଦୁର୍ନୀତି ବିରୋଧରେ ଲଢ଼ିବା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ

**ଭୁବନେଶ୍ୱର,୨୮।୧୦ (ରବିନାରାୟଣ ଜେନା)**

ଦୁର୍ନୀତି ନିବାରଣ ପାଇଁ ଶପଥପାଠ କେବଳ ଏକ ପ୍ରତୀକାତ୍ମକ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଦୁର୍ନୀତିଖୋର ଅଧିକାରୀଙ୍କୁ ଏବଂ ଦୁର୍ନୀତିରେ ଲିପ୍ତ ସିଷ୍ଟମକୁ ଦୁର୍ନୀତି ପ୍ରତି ଆମ ସରକାର ଶୂନ୍ୟ ସହନଶୀଳ କଠୋର ବାର୍ତ୍ତା ଦେବା ପାଇଁ ଉଦ୍ଦିଷ୍ଟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମଙ୍ଗଳବାର ଲୋକସେବା ଭବନର କନ୍‌ଭେନ୍‌ଶନ ସେଣ୍ଟରରେ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଦୁର୍ନୀତି ନିବାରଣ ବିଭାଗ ଆଜିର ଦିନରେ କାହାକୁ କ୍ଷମା ଦେବ ନାହିଁ କି କାହାକୁ ଛାଡ଼ିବ ନାହିଁ। ଯେତେବେଳେ ଦୁର୍ନୀତି ଆମ ବ୍ୟବସ୍ଥାରେ ପ୍ରବେଶ କରେ, ସେତେବେଳେ ସାଧାରଣ ଲୋକଙ୍କ ବିଶ୍ୱାସ ଭାଙ୍ଗିଯାଇଥାଏ। ଦୁର୍ନୀତି ଆମ ଶାସନର ମୂଳଦୁଆକୁ ଦୁର୍ବଳ କରିଥାଏ। ତେଣୁ ଦୁର୍ନୀତି ବିରୋଧରେ ଲଢ଼ିବା କେବଳ ଏକ କର୍ତ୍ତବ୍ୟ ନୁହେଁ, ଏହା ଆମ ସମସ୍ତଙ୍କର ଏକ ନୈତିକ ଦାୟିତ୍ୱ। ସେ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଦୁର୍ନୀତି ରୋକିବା ପାଇଁ ଅନେକ ଆଧୁନିକ ଟେକ୍ନୋଲୋଜିର ଉପଯୋଗ କରାଯାଇଛି। ହ୍ୟୁମ୍ୟାନ୍ ଇଣ୍ଟରଫରେନ୍ସକୁ ଦୂରକରି ଜନଧନ, ଆଧାର ଏବଂ ମୋବାଇଲର ଏକତ୍ରୀକରଣରେ 'ଜେଏଏମ୍' ବ୍ୟବସ୍ଥା ହିତାଧିକାରୀଙ୍କ ପାଇଁ କାର୍ଯ୍ୟକାରୀ କରାଯାଇଛି। ଏହି ବ୍ୟବସ୍ଥାରେ ବାଟମାରଣାର ପ୍ରଶ୍ନ ହିଁ ନାହିଁ।

ସେ ପୁଣି କହିଥିଲେ, ଦୁର୍ନୀତି ଆମ ସମାଜର ପ୍ରଗତି ଓ ଉନ୍ନତିରେ ବାଧା ସୃଷ୍ଟି କରିଥାଏ। ତେଣୁ ଆମ ସରକାର ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିଛନ୍ତି। ଏହା ଫଳରେ ବିଭିନ୍ନ ଯୋଜନାର ସୁଫଳ ନ୍ୟାୟପୂର୍ଣ୍ଣ ଓ ସ୍ୱଚ୍ଛତାର ସହିତ ଉପଯୁକ୍ତ ଲାଭାର୍ଥୀଙ୍କ ପାଖରେ ପହଞ୍ଚାଯାଇପାରୁଛି। ଦୁର୍ନୀତିକୁ ରୋକିବା ପାଇଁ ଏକ ସ୍ୱଚ୍ଛ, ପାରଦର୍ଶୀ, ଗତିଶୀଳ ଏବଂ ଅତ୍ୟନ୍ତ ସଚ୍ଚୋଟ ବ୍ୟବସ୍ଥା ଓ ଅଧିକାରୀ ଏକାନ୍ତ ଆବଶ୍ୟକ। ସେ କହିଥିଲେ, ପୂର୍ବ ବ୍ୟବସ୍ଥାକୁ ପରିବର୍ତ୍ତନ କରି ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଛୋଟରୁ ବଡ଼ ସମସ୍ତ ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ଦେଶର ଅଗ୍ରଣୀ ଦୁର୍ନୀତି ନିରୋଧୀ ସଂସ୍ଥା ଭାବେ ସୁନାମ ଅର୍ଜନ କରିଛି। ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କଠାରୁ ଆରମ୍ଭକରି ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପର୍ଯ୍ୟନ୍ତ କାହାରିକୁ ଛଡ଼ାଯାଇନାହିଁ। ଏସବୁ ଭିଜିଲାନ୍ସ ଅଧିକାରୀମାନଙ୍କୁ ସ୍ୱାଧୀନ ଭାବେ କାର୍ଯ୍ୟ କରିବାର ଅଧିକାର ଯୋଗୁ ସମ୍ଭବ ହୋଇପାରିଛି। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ଦଣ୍ଡବିଧାନ ହାର ମଧ୍ୟ ୫୦ ପ୍ରତିଶତରୁ ଅଧିକ ରହିଛି।

ସେ ଆହୁରି କହିଥିଲେ, ଶୂନ୍ୟ ସହନଶୀଳ ନୀତିରେ ଅଂଶ ଭାବରେ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୩୦ ଜଣ ସରକାରୀ କର୍ମଚାରୀଙ୍କୁ ବହିଷ୍କାର କରାଯାଇଛି ଓ ୬୮ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ୍ ବନ୍ଦ କରାଯାଇଛି। ଏକ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ପ୍ରଶାସନ ଆମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ। ଏହି ଲକ୍ଷ୍ୟକୁ ଆଖିଆଗରେ ରଖି ଆମ ସମସ୍ତଙ୍କୁ କାମ କରିବାକୁ ପଡ଼ିବ। ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱ। ଏଥିପାଇଁ ଆମେ ସମସ୍ତେ ଦୁର୍ନୀତି ବିରୋଧରେ ଲଢ଼େଇ କରିବା ଆବଶ୍ୟକ। ଦୁର୍ନୀତି ନିବାରଣ ବିଭାଗକୁ ଅଧିକ ଦକ୍ଷ କରିବା ପାଇଁ ଯାହା ଯାହା ଆବଶ୍ୟକ ସବୁ ଯୋଗାଇ ଦିଆଯିବ। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଲୋଭ ଓ ଦୁର୍ନୀତିରୁ ଦୂରେଇ ରହିବା ପାଇଁ ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସଚ୍ଚୋଟତା ଓ ସାଧୁତାର ଶପଥ ପାଠ କରାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରେଷ୍ଠ ଦୁର୍ନୀତି ନିବାରଣ ଡିଭିଜନ ଭାବେ କଟକ ଡିଭିଜନ, ଶ୍ରେଷ୍ଠ ୟୁନିଟ୍ ଭାବେ ସୁବର୍ଣ୍ଣପୁର ୟୁନିଟ୍, ଶ୍ରେଷ୍ଠ ତଦନ୍ତକାରୀ ପୁରୁଷ ଅଧିକାରୀ ଭାବେ ମନୋରଞ୍ଜନ ପାଇକରାୟ, ଶ୍ରେଷ୍ଠ ତଦନ୍ତକାରୀ ମହିଳା ଅଧିକାରୀ ଭାବେ ପ୍ରଣିତା ରାୟ ଏବଂ ଶ୍ରେଷ୍ଠ ପବ୍ଲିକ୍ ପ୍ରସିକ୍ୟୁଟର ଭାବେ ବ୍ରହ୍ମପୁରର ସୁରେନ୍ଦ୍ର ପଣ୍ଡାଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଦୁର୍ନୀତି ନିବାରଣ ବିଭାଗର ମହାନିର୍ଦ୍ଦେଶକ ଯଶୱନ୍ତ କୁମାର ଜେଠ୍ୱା ଓ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

## "ଏହି ୱାର୍ଲ୍ଡ଼ ଷ୍ଟ୍ରୋକ ଡ଼େରେ ଇଣ୍ଟରଭେନସନାଲ ନ୍ୟୁରୋସର୍ଜନ ମେକାନିକାଲ ଥ୍ରମ୍‌ବେକ୍‌ଟୋମିର ଜୀବନରକ୍ଷା ଭୂମିକାକୁ ଆଲୋକିତ କରିଛନ୍ତି"



**ଡ. ସୋମନାଥ ପ୍ରସାଦ ଜେନା**
ଆସୋସିଏଟ୍ ପ୍ରଫେସର ଓ ପରାମର୍ଶଦାତା
ଏଣ୍ଡୋଭାସ୍କୁଲାର ନ୍ୟୁରୋସର୍ଜନ,
ନ୍ୟୁରୋସର୍ଜରୀ ବିଭାଗ
ଏସ୍‌ୟୁଏମ୍ ଅଲ୍ଟିମେଟ୍ ମେଡ଼ିକେୟାର ହସ୍ପିଟାଲ,
ଭୁବନେଶ୍ୱର

- **ବିଶ୍ୱ ଷ୍ଟ୍ରୋକ ଦିବସ – ଅକ୍ଟୋବର ୨୯**

ବିଶ୍ୱ ଷ୍ଟ୍ରୋକ ଦିବସ ଅବସରରେ (ଅକ୍ଟୋବର ୨୯), ସାରା ବିଶ୍ୱର ଇଣ୍ଟରଭେନସନାଲ୍ ନ୍ୟୁରୋ ରେଡ଼ିଓଲୋଜିଷ୍ଟମାନେ ଏକ ଜୀବନ ପରିବର୍ତ୍ତନକାରୀ କିନ୍ତୁ ଅଳ୍ପ ପରିଚିତ ଷ୍ଟ୍ରୋକ ଚିକିତ୍ସା – **ମେକାନିକାଲ୍ ଥ୍ରମ୍ବେକ୍ଟୋମି (Mechanical Thrombectomy)** – ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବଢ଼ାଇବାରେ ଲାଗିଛନ୍ତି।

ଷ୍ଟ୍ରୋକ ଆଜି ମଧ୍ୟ ବିଶ୍ୱବ୍ୟାପୀ ଦ୍ୱିତୀୟ ସର୍ବାଧିକ ମୃତ୍ୟୁର କାରଣ ଏବଂ ଦୀର୍ଘକାଳୀନ ଅସମର୍ଥତାର ପ୍ରମୁଖ କାରଣ ରହିଛି। ବିଶେଷଜ୍ଞମାନେ ସତର୍କ କରୁଛନ୍ତି – ଜନସାଧାରଣ ମଧ୍ୟରେ ଷ୍ଟ୍ରୋକ ଲକ୍ଷଣ ଓ ଆଧୁନିକ ଚିକିତ୍ସା ବିଷୟରେ ସଚେତନତା ଆଜିଯାଏ ଅତ୍ୟନ୍ତ କମ୍।

"ଅତ୍ୟନ୍ତ ଗୁରୁତର **ଇସ୍କିମିକ୍ ଷ୍ଟ୍ରୋକ (Ischemic Stroke)** ବର୍ତ୍ତମାନ ମେକାନିକାଲ ଥ୍ରମ୍ବେକ୍ଟୋମି ଦ୍ୱାରା ଚିକିତ୍ସା ହୋଇପାରେ – କିନ୍ତୁ ସମୟ ହିଁ ସବୁଠୁ ମୁଖ୍ୟ", ଭୁବନେଶ୍ୱରର ସମ୍ ଅଲ୍ଟିମେଟ୍ ହସ୍ପିଟାଲର ଇଣ୍ଟରଭେନସନାଲ୍ ନ୍ୟୁରୋଲଜିଷ୍ଟ ଡା. ସୋମନାଥ ପ୍ରସାଦ ଜେନା କହିଛନ୍ତି, "ଏହି ସର୍ଜରୀ ଜୀବନକୁ ସମ୍ପୂର୍ଣ୍ଣ ଭାବେ ପୁନର୍ଜୀବିତ କରିପାରେ କିମ୍ବା ସ୍ଥାୟୀ ଅସମର୍ଥତା ଦେଇପାରେ। ଦୁର୍ଭାଗ୍ୟବଶତଃ ଅନେକ ଲୋକ ଏହା ବିଷୟରେ ଜାଣି ନାହାନ୍ତି କିମ୍ବା ବହୁତ ବିଳମ୍ବରେ ପହଞ୍ଚନ୍ତି।"

- **ସମୟ ସହିତ ଦୌଡ଼**

ଷ୍ଟ୍ରୋକ ହେଉଛି ଯେତେବେଳେ ମଗଜର କୌଣସି ଅଂଶକୁ ରକ୍ତସ୍ରାବ ବନ୍ଦ ହୋଇଯାଏ, ଅଧିକାଂଶ ସମୟରେ ଏକ ରକ୍ତ ଜମା (କ୍ଲଟ) ହେତୁ – ଯାହାକୁ **ଇସ୍କିମିକ୍ ଷ୍ଟ୍ରୋକ** କୁହାଯାଏ। ବଡ଼ ରକ୍ତନାଳୀ ଅବରୋଧ (Large Vessel Occlusion - LVO) ମାମଲାରେ, **ମେକାନିକାଲ ଥ୍ରମ୍ବେକ୍ଟୋମି** ବର୍ତ୍ତମାନ ସ୍ୱର୍ଣ୍ଣ ମାନଦଣ୍ଡ ଚିକିତ୍ସା।


ଏହି ପ୍ରକ୍ରିୟାରେ ଏକ ବିଶେଷଜ୍ଞ ନ୍ୟୁରୋରେଡ଼ିଓଲୋଜିଷ୍ଟ ରକ୍ତନାଳୀ (ସାଧାରଣତଃ ଜଙ୍ଘ କିମ୍ବା ହାତ) ମାଧ୍ୟମରେ ଏକ କ୍ୟାଥେଟର ପ୍ରବେଶ କରି ଏକ୍ସ-ରେ ଦେଖି ମଗଜ ପର୍ଯ୍ୟନ୍ତ ନେଇ ଯାଆନ୍ତି ଏବଂ ଷ୍ଟେଣ୍ଟ କିମ୍ବା ସକ୍ସନ ଯନ୍ତ୍ର ଦ୍ୱାରା ରକ୍ତ ଜମାଟଟିକୁ ହଟାଇ ଦିଅନ୍ତି।

ଏହା ଏକ ଅତ୍ୟନ୍ତ ସ୍ୱଳ୍ପ ଆକ୍ରାମକ ପ୍ରକ୍ରିୟା ଏବଂ ମିନିଟ୍ ମଧ୍ୟରେ ରକ୍ତସ୍ରାବ ପୁନଃସ୍ଥାପିତ କରିପାରେ – କିନ୍ତୁ ଏହାକୁ **ଲକ୍ଷଣ ଆରମ୍ଭ ହେବା ପରେ ୬ରୁ ୨୪ଘଣ୍ଟା ମଧ୍ୟରେ** କରିବା ଆବଶ୍ୟକ।

"ସମୟ ହିଁ ମଗଜ ଜୀବନ", ଡା. ଜେନା କହିଛନ୍ତି "ପ୍ରତି ମିନିଟ୍ ବିଳମ୍ବରେ ମଗଜ କୋଷ ମରିଯାଏ। ରୋଗୀଙ୍କୁ ଯଥାଶୀଘ୍ର ଷ୍ଟ୍ରୋକ ସେଣ୍ଟରକୁ ପଠାଇବା ଆବଶ୍ୟକ।"

- **ସଚେତନତାର ଅଭାବ ଆଜିଯାଏ ରହିଛି**

ଚିକିତ୍ସାରେ ବହୁତ ଉନ୍ନତି ହେଲେ ମଧ୍ୟ, **ସାଧାରଣ ଲୋକମାନଙ୍କ ମଧ୍ୟରେ ସଚେତନତାର ଅଭାବ** ଅଛୁରି ରହିଛି। ଅନେକ ରୋଗୀ ଓ କେତେକ ସ୍ୱାସ୍ଥ୍ୟକର୍ମୀ ମଧ୍ୟ ଥ୍ରମ୍ବେକ୍ଟୋମି ବିଷୟରେ ଅବଗତ ନୁହନ୍ତି କିମ୍ବା ଲକ୍ଷଣ ଦେଖିଲେ ମଧ୍ୟ ବିଳମ୍ବ କରନ୍ତି।




ଷ୍ଟ୍ରୋକ ଚିହ୍ନିବା ପାଇଁ **FAST** ଶବ୍ଦଟି ମନେ ରଖନ୍ତୁ –

- F - Face Drooping (ମୁହଁ ଏକପାଖେ ଝୋଲିଯାଏ)
- A - Arm Weakness (ହାତରେ ଦୁର୍ବଳତା)
- S - Speech Difficulty (କଥା କହିବାରେ ଅସୁବିଧା)
- T - Time to Call Emergency Services (ତୁରନ୍ତ ଆପତ୍କାଳୀନ ସେବାକୁ ଡାକନ୍ତୁ)

"ଏହି ଲକ୍ଷଣ ଦେଖିଲେ ଅପେକ୍ଷା କରନ୍ତୁ ନାହିଁ", ଡା. ଜେନା ସର୍ତକ କରୁଛନ୍ତି। "ବିଳମ୍ବ ହେଲେ ଜୀବନ ବା ନିଜ ସ୍ୱାଧୀନତା ହରାଇ ପାରିବେ।"

- **ବିଶ୍ୱ ଷ୍ଟ୍ରୋକ ଦିବସରେ କାର୍ଯ୍ୟକ୍ରମ ପାଇଁ ଆହ୍ୱାନ**

ଏହି ଦିନରେ ଡାକ୍ତରମାନେ ମାତ୍ର ରୋଗୀ ସଚେତନତା ନୁହେଁ, ସରକାର ଓ ହସ୍ପିଟାଲ ସିଷ୍ଟମମାନଙ୍କୁ ମଧ୍ୟ ଷ୍ଟ୍ରୋକ ଚିକିତ୍ସା ପାଇଁ ଭଲ ପାଟିଭିତି ସୃଷ୍ଟି କରିବାକୁ ଆହ୍ୱାନ କରୁଛନ୍ତି।

- ଅଧିକ ହସ୍ପିଟାଲକୁ **ମେକାନିକାଲ ଥ୍ରମ୍ବେକ୍ଟୋମି** ପାଇଁ ପ୍ରସ୍ତୁତ କରିବା ଆବଶ୍ୟକ।
- ଆପାତକାଳୀନ ସେବା (EMS) ଦଳମାନଙ୍କୁ ଯଥାଯଥ ଷ୍ଟ୍ରୋକ ସେଣ୍ଟରକ ରୋଗୀ ନେବା ପାଇଁ ପ୍ରଶିକ୍ଷଣ ଦେବା ଆବଶ୍ୟକ।
- ସର୍ବସାଧାରଣ ସଚେତନତା ଅଭିଯାନ ଅଧିକ ଜୋରଦାର ହେବା ଆବଶ୍ୟକ।

"ଷ୍ଟ୍ରୋକ ଚିକିତ୍ସା ଆଜି କେବଳ ଜୀବନ ରକ୍ଷା ନୁହେଁ – ଏହା ଜୀବନର ଗୁଣତା ରକ୍ଷା ସମ୍ପର୍କିତ", ଡା. ଜେନା କହିଛନ୍ତି "ଆମେ ଏବେ ଯନ୍ତ୍ର ରଖିଛୁ, କିନ୍ତୁ ସେଗୁଡ଼ିକୁ ଦ୍ରୁତ ଓ ସଠିକ୍ ଭାବରେ ବ୍ୟବହାର କରିବା ଆବଶ୍ୟକ"।

- **ଆଗକୁ ଦୃଷ୍ଟି**

ମେକାନିକାଲ ଥ୍ରମ୍ବେକ୍ଟୋମି ଷ୍ଟ୍ରୋକ ଚିକିତ୍ସାରେ ଗତ କେତେକ ଦଶକରେ ହୋଇଥିବା ସର୍ବାଧିକ ଅଭିନବ ଉନ୍ନତିଗୁଡ଼ିକ ମଧ୍ୟରୁ ଗୋଟିଏ – କିନ୍ତୁ ଏହା କେବଳ ସେତେବେଳେ ଫଳଦାୟକ ଯେତେବେଳେ ରୋଗୀ ସମୟରେ ଚିକିତ୍ସା ପାଉଛନ୍ତି।

ବିଶ୍ୱ ଷ୍ଟ୍ରୋକ ଦିବସ ଭଳି ଉଦ୍ୟମ ମାଧ୍ୟମରେ ସଚେତନତା ବଢ଼ିଲେ, ଆଶା ରହିଛି ଅଧିକ ଜୀବନ ମାତ୍ର ରକ୍ଷା ନୁହେଁ, ପୁନର୍ଜୀବିତ ହେବ।

- **ଲକ୍ଷଣ ଜାଣନ୍ତୁ, ଶୀଘ୍ର କାର୍ଯ୍ୟ କରନ୍ତୁ, ସନ୍ଦେଶ ପ୍ରସାର କରନ୍ତୁ**

ଅଧିକ ସୂଚନା ପାଇଁ **www.world.stroke.org** ଏବଂ **strokeodisha.com** ଯାଆନ୍ତୁ କିମ୍ବା ନିଜ ନିକଟସ୍ଥ ହସ୍ପିଟାଲର ଷ୍ଟ୍ରୋକ ଟିମ୍ ସହ ଯୋଗାଯୋଗ କରନ୍ତୁ।

**ବିଶ୍ୱ ଷ୍ଟ୍ରୋକ ଦିବସ ୨୦୨୫ର ଥିମ୍**
**ଯେମିତି ଆମେ ରକ୍ଷା କରିପାରିବୁ**
**#Everyminutecounts**
**#Precious Time**

Let's together put #STROKE PE ROK

ପ୍ରତ୍ୟାଖ୍ୟାନ:
ମେଡଟ୍ରନିକ୍ ଦ୍ୱାରା ଜନ ସ୍ୱାର୍ଥରେ ଜାରି କରାଯାଇଛି। ପ୍ରକାଶିତ ମତାମତ **ଡାକ୍ତର ସୋମନାଥ ପ୍ରସାଦ ଜେନାଙ୍କ** ସ୍ୱାଧୀନ ମତ କେବଳ ସାଧାରଣ ସୂଚନା ଏବଂ ଶିକ୍ଷାଗତ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ଏବଂ ଡାକ୍ତରୀ ପରାମର୍ଶ ନୁହେଁ।
advt



# ସନାତନ ବିରୋଧୀ ବାଣ

ଭାରତରେ ପ୍ରଦୂଷଣ ବଢ଼ି ଚାଲିଥିବାରୁ ତାହାକୁ ହ୍ରାସ କରିବା ଲାଗି ସଘନ ପ୍ରୟାସ ଚାଲିଥିବା ସରକାରୀ ସ୍ତରରୁ ବେସରକାରୀ ସଂସ୍ଥା ଯାଏ କହୁଛନ୍ତି। କେତେକ ସ୍ଥାନରେ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ତାହାର ଫଳାଫଳ ସନ୍ତୋଷଜନକ ହେଉନାହିଁ। କାରଣ କାହିଁକି ପ୍ରଦୂଷଣ ହେଉଛି ତାହାର ମୂଳକୁ ନ ଯାଇ ଅସ୍ୱାଭାବିକ ସ୍ଥିତି ଉପୁଜିବା ପରେ ତାହାକୁ କିଭଳି କମାଇ ହେବ ସେଥିଲାଗି ତତ୍‌କ୍ଷଣାତ୍ ଅର୍ଥ ଓ ଶ୍ରମ ବ୍ୟୟ କରାଯାଉଛି। ସଦ୍ୟ ଘଟଣା ଭାବେ ୨୮ ଅକ୍ଟୋବରରେ ଦିଲ୍ଲୀ ସରକାର ବାୟୁ ପ୍ରଦୂଷଣକୁ ପ୍ରତିହତ କରିବା ଲାଗି ପ୍ରଥମ କ୍ଲାଉଡ୍-ସିଡିଂ ପରୀକ୍ଷଣ କରିଥିବା ଦେଖାଯାଇଛି। କ୍ଲାଉଡ୍-ସିଡିଂ ବା କୃତ୍ରିମ ବର୍ଷା ମାଧ୍ୟମରେ ପ୍ରଦୂଷଣକୁ ହ୍ରାସ କରିବା ଲାଗି ପଦକ୍ଷେପ ନିଆଯାଇଛି। କ୍ଲାଉଡ୍ ସିଡିଂ ହେଉଛି ଏକ ପାଗ ପରିବର୍ତ୍ତନ ପ୍ରକ୍ରିୟା, ଯାହା ମେଘ ଭିତରେ ନିର୍ଦ୍ଦିଷ୍ଟ ରାସାୟନିକ ପଦାର୍ଥ ବିଛାଇ ବୃଷ୍ଟିପାତକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖେ।

ଦିଲ୍ଲୀ ସରକାର ଆଶା କରୁଥାଇପାରନ୍ତି ଯେ, ବର୍ଷା କରାଇପାରିଲେ ବାୟୁରେ ଉଡୁଥିବା କଣିକା (ପାର୍ଟିକିଲ୍) ତଳକୁ ବସିଯିବ ଓ ପ୍ରଦୂଷଣ କମିବ। ପିପଲ୍ ବାବା ଭାବେ ପରିଚିତ ଜଣେ ବିଖ୍ୟାତ ପରିବେଶବିତ୍ ନିକଟରେ ଫେସ୍‌ବୁକ୍‌ରେ ତାଙ୍କର ଏକ ପରିହାସପୂର୍ଣ୍ଣ ଭିଡିଓ ଛାଡ଼ିଛନ୍ତି। ସେଥିରେ କହିଛନ୍ତି ଯେ, ସରକାର ବିରାଟକାୟ ତ୍ରୁଟି କରି ବାୟୁ ପ୍ରଦୂଷଣ ମାପ କରିବାର ବିଦେଶୀ ଯନ୍ତ୍ରପାତି କିଣୁଛନ୍ତି। ଯେହେତୁ ଆମ ଦେଶରେ ଅନେକ ଗବେଷଣାକାରୀ ସଂସ୍ଥା ଏବଂ କମ୍ପାନୀ ଅଛନ୍ତି, ସେମାନଙ୍କଠାରୁ ପ୍ରଦୂଷଣ ମାପିବାର ଯନ୍ତ୍ର କିଣିଲେ ଦିଲ୍ଲୀରେ ୧୦ରୁ ୧୫ ଭିତରେ ପାର୍ଟିକୁଲେଟ ମେଟର (ପିଏମ୍) ଦେଖାଇବ। ଏହାଦ୍ୱାରା ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) କମ୍ ବୋଲି ଜଣାପଡ଼ିବ। ତାଙ୍କର ଏହି ସୋସିଆଲ୍ ମିଡିଆ ପୋଷ୍ଟ ଦେଖିଲେ ବୁଝାପଡୁଛି ଯେ ଆଜିର ଭାରତରେ ସବୁ ସମସ୍ୟାର ସମାଧାନ କରିବାକୁ ଗଲେ କେବଳ ତଥ୍ୟ ବଦଳାଇ ଦିଆଯାଇପାରିଲେ ଲକ୍ଷ୍ୟ ହାସଲ ହୋଇପାରିବ। ସୋସିଆଲ ମିଡିଆରେ ଦିଲ୍ଲୀ ସରକାରଙ୍କ କାର୍ଯ୍ୟକୁ ଜନସାଧାରଣ ପଦାରେ ପକାଉଥିବାର ଆଉ ଏକ ଘଟଣା ଦେଖିବାକୁ ମିଳିଛି। ନିକଟରେ କିଛି ଲୋକ ତିନୋଟି ପାଣି ଟ୍ୟାଙ୍କର ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବୁଲୁଥିବା ଲକ୍ଷ୍ୟ କରିଥିଲେ। ପ୍ରତ୍ୟେକଟି ଟ୍ୟାଙ୍କର ଉପରେ ମୋଟର ଖଞ୍ଜାଯାଇ ପାଣି ଛିଞ୍ଚା ଯାଉଥିଲା। ନିର୍ଦ୍ଦିଷ୍ଟ ଅଞ୍ଚଳରେ କାହିଁକି ଏହି ତିନୋଟି ଟ୍ୟାଙ୍କର ବୁଲୁଛନ୍ତି ବୋଲି ଅନୁସନ୍ଧାନରୁ ଜଣାପଡ଼ିଲା ଯେ, ସେହିଠାରେ ଏକ୍ୟୁଆଇର ମାପଯନ୍ତ୍ର ଲଗାଯାଇଛି। ଦେଶର ନାଗରିକ ମଧ୍ୟ ଏବେ ଏହିଭଳି ସ୍ଥିତି ଓ ତଥ୍ୟ ବଦଳାଉଥିବା ପରିସଂଖ୍ୟାନକୁ ବିଶ୍ୱାସକୁ ନେଇଯାଉଛନ୍ତି। ଉଦାହରଣ ସ୍ୱରୂପ ଯେତେବେଳେ ସମସ୍ତେ ହୃଦ୍‌ବୋଧ କରୁଛନ୍ତି ଯେ, ଦରଦାମ ବୃଦ୍ଧି ପାଇବାରେ ଲାଗିଛି ସେତେବେଳେ ସରକାରୀ ସୂତ୍ରରୁ ବାରମ୍ବାର କୁହାଯାଉଛି ଯେ ଇନ୍‌ଫ୍ଲେଶନ ବା ମୁଦ୍ରାସ୍ଫୀତି ହ୍ରାସ ପାଇବାରେ ଲାଗିଛି। ବାସ୍ତବତାକୁ ଭୁଲିଯାଇ ପ୍ରଚାରରେ ମାତିରହିଥିବା ନାଗରିକଙ୍କୁ ଅତି ସହଜରେ ବାଉଳା କରିଦିଆଯାଇପାରେ।

ଆମେ ଜାଣିଛେ ପୃଥିବୀପୃଷ୍ଠରୁ ସୂର୍ଯ୍ୟ ଜଳକଣାଗୁଡ଼ିକୁ ଶୋଷିନେଇ ତାହାକୁ ଆକାଶରେ ଜଳୀୟ ବାଷ୍ପରେ ପରିଣତ କରେ ଓ ତାହା ପରବର୍ତ୍ତୀ ସମୟରେ ମେଘର ଆକାର ନିଏ। ତାହା ପ୍ରାକୃତିକ ଭାବେ ଗଠିତ ହୋଇଥାଏ। ସେହି ବୁନ୍ଦା ଯଥେଷ୍ଟ ବଡ଼ ହୋଇ ଭାରି ହୋଇଗଲେ ପୃଥିବୀ ଉପରେ ବର୍ଷା ହୋଇପଡ଼ିଥାଆନ୍ତି। ଜଳବାୟୁ ପରିବର୍ତ୍ତନଜନିତ କାରଣରୁ ବର୍ଷାରେ ଅସ୍ୱାଭାବିକତା ଦେଖାଦେଉଛି। ପ୍ରକୃତିର ନିୟମ ନ ମାନି ମଣିଷ କରୁଥିବା ଅବିଚାରିତ କାର୍ଯ୍ୟ ଯୋଗୁ ପ୍ରଦୂଷଣ ବଢୁଛି ବୋଲି ସବୁ ଜାଣୁଥିଲେ ମଧ୍ୟ ସେହି ଦିଗରେ ଉଚିତ ପଦକ୍ଷେପ ନିଆଯାଉନାହିଁ। ଫଳରେ କୃତ୍ରିମ ବର୍ଷାର ଆବଶ୍ୟକତା ପଡ଼ିଛି। ଏଠି ମନେରଖିବା ଉଚିତ ଯେ, ସାମୟିକ ସମୟ ପାଇଁ ଆମେ ବୈଷୟିକ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବ୍ୟବହାର କରି ସୁଫଳ ପାଇପାରିବା। କିନ୍ତୁ ଦେଖିବାକୁ ଗଲେ କ୍ଲାଉଡ୍-ସିଡିଂ ଯୋଗୁ ରାସାୟନିକ ପଦାର୍ଥର ବ୍ୟବହାର ପରିବେଶଗତ ବିପଦକୁ ନିମନ୍ତ୍ରଣ କରିଥାଏ। ଫଳରେ ମାଟି ଓ ଜଳଭାଗକୁ ଏହା ଦୂଷିତ କରିବା ସହ ଜୈବ ବିବିଧତାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। କୃତ୍ରିମ ବର୍ଷା ଅନାବୃଷ୍ଟି ହ୍ରାସ କରିବା କିମ୍ବା ବାୟୁ ପ୍ରଦୂଷଣ କମାଇବା ଭଳି ଉଦ୍ଦେଶ୍ୟରେ ବ୍ୟବହାର କରାଗଲେ ମଧ୍ୟ ତାହା ଏକ ନିଶ୍ଚିତ ସମାଧାନ ଆଣିପାରିବ ନାହିଁ।

ଏଭଳି ସ୍ଥଳେ ଭାରତୀୟଙ୍କୁ ସେମାନଙ୍କ ସ୍ୱଭାବରେ ପରିବର୍ତ୍ତନ ଆଣିବାକୁ ହେବ। ୨୦୨୫ ଦୀପାବଳିରେ ଦିଲୀରେ ଅତିମାତ୍ରାରେ ବାଣ ଫୁଟାଯାଇ ପରିବେଶକୁ ପ୍ରଦୂଷିତ କରିଦିଆଯାଇଛି। ସୁପ୍ରିମକୋର୍ଟ ଏ ସଂକ୍ରାନ୍ତରେ ବହୁବାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସଚେତନ କରାଇ ପଦକ୍ଷେପ ନେବାକୁ କହିଥିଲେ। ଏପରିକି ବାଣ ବିକ୍ରି ଓ ଫୁଟାଇବା ଉପରେ କଟକଣା ଲଗାଇଥିଲେ। ଯେତେବେଳେ ଜନସାଧାରଣ ଧର୍ମ ନାମରେ ଅମାନ୍ୟ ହେଲେ ସେତେବେଳେ କୌଣସି କଟକଣା କାର୍ଯ୍ୟ କଲା ନାହିଁ। ଅଦାଲତ ଉପରେ ରାଜନୈତିକ ଚାପ ପଡ଼ିଥିବା ମଧ୍ୟ ଆଲୋଚନା ହେଉଛି। କୁହାଯାଉଛି ହିନ୍ଦୁ ଧର୍ମ ସହିତ ସମ୍ପୃକ୍ତ ଦୀପାବଳି ଉପରେ ଏଭଳି କଟକଣା ସନାତନ ଧର୍ମ ବିରୋଧୀ। ଏଠାରେ କୁହାଯାଇପାରେ ଯେ, ଦୀପାବଳି ଦୀପ ଜାଳିବାର ପର୍ବ ଭାବେ ପୂର୍ବରୁ ବର୍ଣ୍ଣିତ ହୋଇଆସିଛି। ରାମଚନ୍ଦ୍ର ଚଉଦ ବର୍ଷ ବନବାସ ସାରି ଅଯୋଧ୍ୟାକୁ ଫେରିବାରୁ ତାଙ୍କୁ ସ୍ୱାଗତ ଜଣାଇ ଜଡ଼ାତେଲ ଭଳି ତେଲ ବ୍ୟବହାର କରାଯାଇ ଦୀପ ଜଳାଯାଇଥିଲା। ହେଲେ ଆଧୁନିକ ମଣିଷ ସେଥିରେ ବେପାର ବୁଦ୍ଧି ଯୋଡ଼ି ବାଣକୁ ସଂଲଗ୍ନ କରିଦେଲା ଓ ତାହା ଗଡ଼ି ଚାଲିଛି। ମନେରଖିବାକୁ ହେବ ଯେ ପୂର୍ବରୁ ବାରୁଦର ଆବିଷ୍କାର ହୋଇ ନ ଥିଲା। ସେଥିପାଇଁ ବାଣ ଫୁଟାଇବାର ଚିନ୍ତା ଉପୁଜି ନ ଥିଲା। ଭାରତୀୟ ଉପମହାଦେଶକୁ ବାଣ ଆଣିବା ପାଇଁ ମୁସଲମାନ ରାଜା ବାବର ମୁଖ୍ୟତଃ ଦାୟୀ। ସେଥିପାଇଁ ସଚ୍ଚୋଟ ସନାତନୀମାନେ ଏହାକୁ ପରିହାର କରିବା ଦରକାର।

# ମାନବୀୟ ସଂସ୍କୃତିର ପରିଭାଷା



ଛାୟାକାନ୍ତ ଷଡ଼ଙ୍ଗୀ

ପ୍ରକୃତିପ୍ରଦତ୍ତ ସ୍ୱଭାବ ଅନୁସାରେ ପଶୁପକ୍ଷୀମାନେ ଆଚରଣ କରିଥାନ୍ତି। ଆଦର୍ଶ-ଅନାଦର୍ଶ, ମଙ୍ଗଳ-ଅମଙ୍ଗଳ, କର୍ତ୍ତବ୍ୟ-ଅକର୍ତ୍ତବ୍ୟ- ଏସବୁ ବୋଧ ବିଚାର ସେମାନଙ୍କର ନଥାଏ। ବାଘ ଯେତେବେଳେ ଅନ୍ୟ ଏକ ଜୀବକୁ ଖାଏ, ସେତେବେଳେ ସେ ପ୍ରକୃତିର କ୍ଷୁଧା ଦ୍ୱାରା ପରିଚାଳିତ ହୁଏ। ମାତ୍ର ମଣିଷ କ୍ଷୁଧା ଦ୍ୱାରା ପରିଚାଳିତ ହେଲେମଧ୍ୟ ଭଲ ମନ୍ଦ ବିଚାର ନ କରି ହଠାତ୍ କୌଣସି ଖାଦ୍ୟ ଖାଏନାହିଁ। ସେ କିଛି ଖାଇବା ପୂର୍ବରୁ ତାହା ଭକ୍ଷ ନା ଅଭକ୍ଷ ବିଚାର କରେ। ଏହି ବିଚାରଶକ୍ତି ଅଛି ବୋଲି ସେ ପଶୁଠାରୁ ଭିନ୍ନ। ଅବଶ୍ୟ ତା'ର ବିଚାରଶକ୍ତି ଉଭୟ ଭଲ ଓ ମନ୍ଦ ଦିଗରେ ଗତି କରିପାରେ। ଭଲ ଦିଗରେ ଗତିକଲେ ମଣିଷ ଶାନ୍ତ, ଦୟାର୍ଦ୍ର, ନିଃସ୍ୱାର୍ଥ ହୁଏ। ମାତ୍ର ମନ୍ଦ ଦିଗରେ ଗତିକଲେ ହିଂସ୍ର, କ୍ରୁର, ବର୍ବର, ସ୍ୱାର୍ଥପର ହୁଏ। ଏହି ପ୍ରଥମୋକ୍ତ ସ୍ୱଭାବର ମଣିଷକୁ ଦେବତା କୁହାଗଲେ ଦ୍ୱିତୀୟୋକ୍ତ ସ୍ୱଭାବର ମଣିଷକୁ ଅସୁର କୁହାଯାଏ। ଅସୁର ଓ ଦେବତା ମଣିଷଠାରୁ ଭିନ୍ନ ସତ୍ତା ନୁହନ୍ତି। ଏହି ମଣିଷ ହିଁ ଅସୁର ଓ ଏହି ମଣିଷ ହିଁ ଦେବତା।

ଏ ସମ୍ପର୍କରେ ବୃହଦାରଣ୍ୟକ ଉପନିଷଦ୍‌ରେ ଏକ ସୁନ୍ଦର ଉପାଖ୍ୟାନ ଅଛି। ପିତା ପ୍ରଜାପତିଙ୍କ ତିନି ପ୍ରକାର ସନ୍ତାନ ଦେବ, ମନୁଷ୍ୟ ଓ ଅସୁର, ତାଙ୍କ ସହ ବ୍ରହ୍ମଚର୍ଯ୍ୟପାଳକ ପୂର୍ବକ ବାସକଲେ। ବ୍ରହ୍ମଚର୍ଯ୍ୟବ୍ରତ ପାଳନ ସମାପ୍ତ ହେଲାପରେ ସେମାନେ ପିତା ପ୍ରଜାପତିଙ୍କୁ କିଛି ଉପଦେଶ ଦେବା ପାଇଁ ଅନୁରୋଧ କଲେ। ପ୍ରଜାପତି ତିନି ସନ୍ତାନଙ୍କୁ ଏକ ଅକ୍ଷର ବିଶିଷ୍ଟ ଗୋଟିଏ ମାତ୍ର ଉପଦେଶ ଦେଲେ। ତାହା ହେଲା 'ଦ'। ଦେବ, ଅସୁର ଓ ମନୁଷ୍ୟ ପ୍ରତ୍ୟେକ ଏହି 'ଦ' ଅକ୍ଷରର ତାତ୍ପର୍ଯ୍ୟ ବୁଝିବାପାଇଁ ନିଜ ନିଜ ସ୍ୱଭାବକୁ ଅନୁଶୀଳନ କଲେ ଓ 'ଦ' ଅକ୍ଷରର ଅର୍ଥଟି ବୁଝିଲେ। ଦେବତାମାନେ ବୁଝିଲେ ପ୍ରଜାପତି ସେମାନଙ୍କୁ 'ଦ' କହି ଇନ୍ଦ୍ରିୟ ଦମନ କରିବା ପାଇଁ ଉପଦେଶ ଦେଇଛନ୍ତି, କାରଣ ସେମାନେ ସର୍ବଦା ଇନ୍ଦ୍ରିୟଭୋଗରତ ଥାନ୍ତି। ଅସୁରମାନେ ବୁଝିଲେ ସେମାନେ ଅନ୍ୟମାନଙ୍କ ପ୍ରତି କ୍ରୁର ଓ ହିଂସ୍ର ଆଚରଣ କରୁଥିବାରୁ ପ୍ରଜାପତି 'ଦ' ଉଚ୍ଚାରଣ କରି ସେମାନଙ୍କୁ ଅନ୍ୟମାନଙ୍କ ପ୍ରତି ଦୟା କରିବାପାଇଁ ପରାମର୍ଶ ଦେଇଛନ୍ତି। ମଣିଷମାନେ ବୁଝିଲେ ସେମାନେ ସର୍ବଦା କେବଳ ନିଜେ ସୁଖରେ ରହିବା ପାଇଁ ଅଜସ୍ର ଧନସଂଗ୍ରହରେ ମାତିଛନ୍ତି। ତେଣୁ ପ୍ରଜାପତି ସେମାନଙ୍କୁ ଦାନ କରିବା ପାଇଁ ପରାମର୍ଶ ଦେଇଛନ୍ତି। (ଦାମ୍ୟତ, ଦତ୍ତ, ଦୟଧ୍ୱମ୍)

ଉପନିଷଦ୍‌ର ଏହି ପ୍ରଜାପତି ଦେବତା, ଅସୁର ଓ ମଣିଷକୁ ଉପଦେଶ ଦେବା କଥାଟି ପ୍ରତୀକାତ୍ମକ। ଏଣୁ ପରବର୍ତ୍ତୀ ଅଧ୍ୟାୟରେ ସ୍ପଷ୍ଟ କରାଯାଇଛି ''ଏଷ ପ୍ରଜାପତିର୍ଯ୍ୟଦ୍‌ହୃଦୟମେତଦ୍'' ଅର୍ଥାତ୍ ହୃଦୟ ହିଁ ପ୍ରଜାପତି। ନିଜ ହୃଦୟରେ ଦେବ-ମନୁଷ୍ୟ-ଅସୁର ତିନି ସନ୍ତାନ ଅଛନ୍ତି। ଅର୍ଥାତ୍ ହୃଦୟରୁ ପ୍ରକାଶ ପାଉଥିବା ଭାବ ପରିଚୟ ଦିଏ କିଏ ଦେବତା, କିଏ ଅସୁର ଓ କିଏ ମଣିଷ। ଶ୍ରୀଅରବିନ୍ଦଙ୍କ ଭାଷାରେ



ମଣିଷ ଊର୍ଦ୍ଧ୍ୱସ୍ଥ ସ୍ୱର୍ଗ ଓ ନିମ୍ନ ପ୍ରକୃତିର ମଝିରେ ଦଣ୍ଡାୟମାନ ସେ ଉଭୟ ଆସୁରିକ ଓ ଦୈବ ଗୁଣର ଏକ ଅପୂର୍ବ ସମନ୍ୱୟ। ଭଗବତ ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି, ''ଅହିଂସା, ସତ୍ୟ, ଅକ୍ରୋଧ, ତ୍ୟାଗ, ଶାନ୍ତି, ତେଜ, କ୍ଷମା, ଧୈର୍ଯ୍ୟ, ଶୁଚି, ଅଦ୍ରୋସ ଆଦି ଦୈବଗୁଣ ଓ ଦମ୍ଭ, କ୍ରୋଧ, ଅଜ୍ଞାନ, କ୍ରୁରଭାବ, ହିଂସା, ମିଥ୍ୟାଶ୍ରୟ ଆଦି ହେଉଛି ଆସୁରିକ ଗୁଣ।'' ଯଦି ମଣିଷ ଦେବତା ହୋଇ ନ ପାରୁଛି ଅନ୍ତତଃ ଅସୁର ନ ହେଉ। ସେ ଉଭୟ ଦୈବ ଓ ଆସୁରିକ ଗୁଣର ମଝିରେ ରହୁ ଓ ଏକ ମାନବୀୟ ସଂସ୍କୃତି ସ୍ଥାପନ କରୁ। ଏଣୁ ସ୍ୱାମୀ ବିବେକାନନ୍ଦ କହୁଥିଲେ, ମଣିଷ ନିଜର ହିତ ସାଧନ କରିବା ସଙ୍ଗେ ସଙ୍ଗେ ଜଗତର ହିତ ବି ସାଧନ କରୁ। ଏହି ସ୍ୱାର୍ଥ ସହ ପରାର୍ଥ ହିଁ ସଂସ୍କୃତି।

ବିଶିଷ୍ଟ ଲେଖକ ଉମେଶ ପତ୍ରୀ ତାଙ୍କ ବିଦେଶ ଭ୍ରମଣ ସମୟରେ କାଲିଫର୍ଣ୍ଣିଆର ଏକ ସ୍କୁଲରେ 'ସଂସ୍କୃତି' ଶବ୍ଦର ଅର୍ଥ ବୁଝାଇବାକୁ ଯାଇ କହିଥିଲେ ଏକ କାହାଣୀ। ଥରେ ଦେବଦୂତ ଓ ଶୈତାନମାନେ ସେମାନଙ୍କ ମଧ୍ୟରେ ପ୍ରକୃତରେ ବଡ଼ କିଏ ଜାଣିବା ପାଇଁ ଈଶ୍ୱରଙ୍କ ନିକଟରେ ପହଞ୍ଚିଲେ। ଈଶ୍ୱର କହିଲେ, 'ଖାଇବା ସମୟ ହେଲାଣି, ପ୍ରଥମେ ଖିଆପିଆ ସରୁ। ତାପରେ ଏହି ପ୍ରଶ୍ନର ଉତ୍ତର ଦିଆଯିବ।' ଦେବଦୂତ ଓ ଶୈତାନମାନେ ଦୁଇଟି ଭିନ୍ନ ଧାଡ଼ିରେ ବସିଲେ। ମଝିରେ ଗୋଟିଏ ପରଦା ଟାଙ୍ଗି ଦିଆଗଲା, ଯେମିତି କେହି କାହାରିକୁ ଦେଖିପାରିବେ ନାହିଁ। ଈଶ୍ୱର ତାଙ୍କର ଅଲୌକିକ ଶକ୍ତି ପ୍ରୟୋଗ କଲେ ଯେମିତି ଉଭୟ ଦେବଦୂତ ଓ ଶୈତାନମାନଙ୍କ ହାତ କହୁଣିରୁ ଉପରକୁ ଉଠିଲା ନାହିଁ। ଫଳରେ ହାତ ପାଟିପାଖରେ ପହଞ୍ଚି ପାରିଲା ନାହିଁ। ବହୁପ୍ରକାର ସ୍ୱାଦିଷ୍ଟ ଅନ୍ନ ପରଷି ଦିଆଗଲା। ଶୈତାନମାନେ ଖାଇବା ଆରମ୍ଭକଲେ। ହାତ ପାଟିରେ ନ ପହଞ୍ଚିବାରୁ ଖାଦ୍ୟ ପାଟିକୁ ଫିଙ୍ଗିବାକୁ ଚେଷ୍ଟା କଲେ। ଫଳରେ ତାହା ପାଟିରେ ନ ପଡି ଅନ୍ୟତ୍ର ବିଛାଡ଼ି ହୋଇପଡ଼ିଲା। ସେମାନେ କିଛି ଖାଇପାରିଲେ ନାହିଁ। ଅପରପକ୍ଷରେ ଦେବତାମାନେ ନିଜ ପାଟିକୁ ଖାଦ୍ୟ ନ ଫିଙ୍ଗି ଜଣେ ଆଉଜଣଙ୍କର ପାଟିରେ ଖାଦ୍ୟ ପୂରାଇ ଆନନ୍ଦରେ ପେଟଭରି ଖାଇଲେ ଓ ତୃପ୍ତହେଲେ। ଈଶ୍ୱର ପରଦାଟିକୁ ଉଠାଇଦେଲେ ଓ ଏହି ଦୃଶ୍ୟ ଦେଖି ଦେବଦୂତ ଓ ଶୈତାନମାନଙ୍କୁ କହିଲେ, ''ବର୍ତ୍ତମାନ ତୁମେ ନିଜେ ବିଚାର କର କିଏ ବଡ଼, କିଏ ଛୋଟ।'' ସେ ବୁଝାଇ କହିଲେ, ଭୋକ ହେବା ପ୍ରତ୍ୟେକଙ୍କ ପ୍ରକୃତି। ଭୋକ ହେଲାବୋଲି ଅନେକଙ୍କ ସହ ଥାଇ ମଧ୍ୟ ଏକା ଖାଇବା ବା ଅନ୍ୟର ଖାଦ୍ୟ ଛଡ଼ାଇ ଖାଇବା ହେଉଛି ବିକୃତି ଏବଂ ନିଜେ ଖାଇବା ଓ ଅନ୍ୟକୁ ଖୁଆଇବା ହେଉଛି ସଂସ୍କୃତି।

ଥରେ ରାସ୍ତା ଉପରେ ପଡ଼ିଥିବା ଏକ ବଡ଼ ପଥରଖଣ୍ଡ ଉପରେ ଜଣେ ଝୁଣ୍ଟିପଡ଼ି କ୍ଷତାକ୍ତ ହେଲେ। ସେ ପଥର ପକାଇଥିବା ଅଜଣାଲୋକଟିକୁ ଗାଳିଦେଇ ଓ ରାଗିଯାଇ ପଥରଟିକୁ ରାସ୍ତାମଝିକୁ ପେଲିଦେଲେ। ମନେ ମନେ କହିଲେ, ଅନ୍ୟମାନେ ମୋ ଭଳି ଝୁଣ୍ଟିପଡ଼ନ୍ତୁ, ତେବେ ଜାଣିବେ ଏହା କିପରି କଷ୍ଟଦାୟକ। କିଛିସମୟ ପରେ ଆଉଜଣେ ବ୍ୟକ୍ତି ସେହି ରାସ୍ତାରେ ପଥରଟିକୁ ଦେଖି ମନେ ମନେ ଚିନ୍ତା କଲେ ସତର୍କତାର ସହ ପଥରଟିକୁ ଅତିକ୍ରମ କରିଗଲେ ହେଲା, ଆଉ କାହାର କ'ଣ ଘଟିପାରେ ଭାବି ଲାଭ କ'ଣ? ସେ ସୁରକ୍ଷିତ ଭାବରେ ପଥରକୁ ଏଡ଼ାଇ ଚାଲିଗଲେ। ପରେ ଆଉଜଣେ ଆସିଲେ ଓ ଭାବିଲେ ପଥରଟି ଏଭଳି ସ୍ଥାନରେ ଅଛି ଯେ ଅଧିକାଂଶ ପଥଚାରୀ ଝୁଣ୍ଟିପଡ଼ି କ୍ଷତାକ୍ତ ହେବେ। ତେଣୁ ସେ ପଥରଟିକୁ ରାସ୍ତା ମଝିରୁ ଉଠାଇନେଇ ରାସ୍ତା ପାର୍ଶ୍ୱକୁ ଫିଙ୍ଗିଦେଲେ ଓ ଚାଲିଗଲେ। ଏହିଭଳି ତିନିପ୍ରକାର ମଣିଷ ଅଛନ୍ତି। କିଛିଲୋକ ଚାହାନ୍ତି ସେମାନେ ଯଦି କଷ୍ଟ ପାଉଛନ୍ତି ଅନ୍ୟମାନେ ମଧ୍ୟ ସେଭଳି କଷ୍ଟ ପାଆନ୍ତୁ। ଆଉ କିଛିଲୋକ ଭାବନ୍ତି ନିଜେ ସୁରକ୍ଷିତ ରହିଲେ ହେଲା। ସେମାନେ ଅନ୍ୟମାନଙ୍କ ସୁରକ୍ଷା କଥା ଚିନ୍ତା କରନ୍ତି ନାହିଁ। ମାତ୍ର ଏଭଳି କିଛି ଲୋକ ଅଛନ୍ତି ଯେଉଁମାନେ କେବଳ ନିଜର ସୁରକ୍ଷା ନୁହେଁ ବରଂ ସମସ୍ତଙ୍କ ବିଷୟରେ ଚିନ୍ତା ପ୍ରକଟ କରନ୍ତି। ଏହା ହେଉଛି ମାନବୀୟ ସଂବେଦନା ଓ ମାନବୀୟ ସଂସ୍କୃତି।

କଟକର ରାଜାବଗିଚାରେ ଅନ୍ଧାର ରାତିରେ ରାସ୍ତାକଡ଼ରେ ବସିଥାନ୍ତି ଜଣେ ବୃଦ୍ଧ। ସେ କମ୍ବଳଟିଏ ଘୋଡ଼େଇ ହୋଇଥାନ୍ତି ଓ ହାତରେ ଗୋଟିଏ ଲଣ୍ଠନ ଧରିଥାନ୍ତି। ସେତେବେଳେ ଛାତ୍ର ଥାନ୍ତି ବିଶିଷ୍ଟ ଲେଖକ ବୈଷ୍ଣବ ଚରଣ ମହାନ୍ତି। ସେ ସେହି ରାସ୍ତାରେ ଆଗେଇ ଯାଆନ୍ତେ ବୃଦ୍ଧଜଣକ କହିଲେ, ''କିଏ? ଦେଖିକରି ଯାଆ ପଡ଼ିଯିବ। ଆଗରେ ମ୍ୟାନହୋଲ ଅଛି।'' ବୈଷ୍ଣବ ବାବୁ ଅଟକିଗଲେ। ଶୀତ ରାତିରେ ବୁଢ଼ାବୟସରେ ରାସ୍ତାକଡ଼ରେ ବସିଥିବାର କାରଣ ପଚାରନ୍ତେ ସେ କହିଲେ, ''ଆଗରେ ଥିବା ମ୍ୟାନ୍‌ହୋଲର ଢାଙ୍କୁଣି ଉଠିଯାଇଛି। କିଛି ସମୟ ପୂର୍ବରୁ ଜଣେ ରିକ୍‌ସାବାଲା ତାହା ଦେଖି ନ ପାରି ସେଠାରେ ପଡ଼ି ଖଣ୍ଡିଆଖାବରା ହୋଇଗଲା। ବିଚରା ରିକ୍‌ସା ଟାଣି କୁଟୁମ୍ବ ପୋଷେ। ଏବେ ସେ ଚଳିବ କିପରି? ଆଉ କେହି ସେଠି ନ ପଡୁ, ସେଥିପାଇଁ ମୁଁ ଏଠି ଜଗିବସିଛି।'' ସେ ଥିଲେ ଓଡ଼ିଆ ସାହିତ୍ୟର ବିଶିଷ୍ଟ ଔପନ୍ୟାସିକ କାହ୍ନୁଚରଣ ମହାନ୍ତି। ସେ ଜଣେ ମଣିଷ ଭାବରେ ଚିନ୍ତା କରୁଥିଲେ ଅନ୍ୟ ମଣିଷମାନଙ୍କ କଥା। ଅନ୍ୟର ଦୁଃଖସୁଖକୁ ନିଜର ଦୁଃଖସୁଖ ମଣିବା ହେଉଛି ମାନବୀୟ ସଂସ୍କୃତିର ଅନ୍ତଃସ୍ୱର।

ପ୍ରାକ୍ତନ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼
ମୋ: ୯୪୩୭୩୨୯୨୬୩

# ବିପର୍ଯ୍ୟୟ ସମୟର ସାଥୀ



ଶୁଭନାରାୟଣ ଶତପଥୀ

ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ୨୦୧୬ରେ ଯୁଗାନ୍ତକାରୀ ପଦକ୍ଷେପ ଆପଦ ମିତ୍ର ଯୋଜନା କାର୍ଯ୍ୟକାରୀ କରିଥିଲେ। ଯିଏ ତାଲିମପ୍ରାପ୍ତ, ମନ ଶରୀରକୁ ବିପର୍ଯ୍ୟୟ ପରିଚାଳନା, ପ୍ରସ୍ତୁତିରେ ପୂର୍ଣ୍ଣ ଯୋଗଦାନ କରିବାକୁ ସଂକଳ୍ପବଦ୍ଧ ସିଏ ହେଉଛନ୍ତି ଆପଦମିତ୍ର ସ୍ୱେଚ୍ଛାସେବୀ। ଆପଦମିତ୍ର ଯୋଜନା ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟଙ୍କ ସମନ୍ୱୟରେ ଅଗ୍ରାଧିକାରଭିତ୍ତିରେ ଆପଦମିତ୍ର ତାଲିମ ଓ ନିୟୋଜନ ପଦକ୍ଷେପ ପ୍ରଶଂସନୀୟ। ତଥ୍ୟରୁ ଜଣାଯାଏ ଭାରତରେ ୨୩ଟି ରାଜ୍ୟରେ ୫୨୮୬ଜଣ ଆପଦମିତ୍ର ପ୍ରାଥମିକ ବା ପାଇଲଟ ପ୍ରକଳ୍ପରେ ଯୋଗଦାନ କରିଥିଲାବେଳ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡ଼ିଶାର ଦୁଇଟି ଜିଲା ଯଥା- ପୁରୀ ଓ ଜଗତ୍‌ସିଂହପୁରରେ ମୋଟ ପ୍ରାୟ ୪୦୦ ଆପଦମିତ୍ର ସ୍ୱେଚ୍ଛାସେବୀ କାର୍ଯ୍ୟ କରିଆସୁଛନ୍ତି। ତେବେ ସାରା ଦେଶରେ ୩୫୦ ବହୁବିଧ ବିପର୍ଯ୍ୟୟ ପ୍ରବଣ ଜିଲାଗୁଡ଼ିକରେ ୧ ଲକ୍ଷ ଆପଦମିତ୍ର ସ୍ୱେଚ୍ଛାସେବୀଙ୍କୁ ତାଲିମ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଅଦ୍ୟାବଧି ଓଡ଼ିଶାର ବନ୍ୟା, ବାତ୍ୟା, ଭୂମିକମ୍ପ, ଭୂସ୍ଖଳନ ପ୍ରବଣ ୧୬ଟି ଜିଲାରେ ୪୪୦୦ ଆପଦମିତ୍ର ସ୍ୱେଚ୍ଛାସେବୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ସ୍ୱେଚ୍ଛାସେବୀମାନେ ଗୋଷ୍ଠୀସ୍ତରୀୟ ହୋଇଥିବାବେଳେ ସେମାନେ ମୁଖ୍ୟତଃ ବନ୍ୟା, ବାତ୍ୟା, ଭୂମିକମ୍ପ, ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମେତ ମନୁଷ୍ୟକୃତ ବିପର୍ଯ୍ୟୟ ସମୟରେ ଉଦ୍ଧାର, ପ୍ରାଥମିକ ଚିକିତ୍ସାରେ ସହାୟତା କରିବା, ବିପଦପୂର୍ଣ୍ଣ ସ୍ଥାନରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ନେବା, ବିପର୍ଯ୍ୟୟ ପାଇଁ ପ୍ରସ୍ତୁତି ନିମନ୍ତେ ଲୋକଙ୍କୁ ସଚେତନ କରାଇବା, ଆଶ୍ରୟସ୍ଥଳୀରେ ଖାଦ୍ୟ ବଣ୍ଟନ, ରିଲିଫ ଯୋଗାଣ ଓ ଆଦେଶ ଅନୁପାଳନ ଆଦି ଅନେକ କାର୍ଯ୍ୟ କରିଆସୁଛନ୍ତି। ଆପଦମିତ୍ର ପାଇଲଟ ପ୍ରକଳ୍ପ ଅଧୀନରେ ଓଡ଼ିଶାର ପୁରୀ ଓ ଜଗତ୍‌ସିଂହପୁର ଜିଲାର ସ୍ୱେଚ୍ଛାସେବୀମାନେ ବାତ୍ୟା ସମୟରେ ସ୍ୱେଚ୍ଛାକୃତ ଦୃଢ଼ ମନୋବଳର ଦୃଷ୍ଟାନ୍ତ ସୃଷ୍ଟି କରି ଅଭିଜ୍ଞତା ହାସଲ କରିଛନ୍ତି।

୨୦୧୯ ବାତ୍ୟା ଫନି ସମୟର କଥା। ପୁରୀର ଆପଦମିତ୍ର ତନ୍ମୟ ଓ ତାଙ୍କ ସାଥୀ ସ୍ୱେଚ୍ଛାସେବୀମାନେ ସେବା ଯୋଗାଉଥାନ୍ତି। ଏହି ସମୟରେ ବାତ୍ୟାପବନରେ ଗୋଟିଏ ବସ ଓଲଟି ଜଣେ ବ୍ୟକ୍ତିଙ୍କ ହାତ କଟି ଯାଇଥିବାର ଖବର ଆସିଲା। ତୁରନ୍ତ ସେହି ବ୍ୟକ୍ତିଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ସହିତ ତାଙ୍କୁ ନେଇଗଲେ ଡାକ୍ତରଖାନାକୁ। ଏହାବ୍ୟତୀତ କୋଭିଡ୍ ସମୟରେ ରୋଗୀଙ୍କ ଘରକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଣ, ଘରକୁ ଘର ବୁଲି ହାତଧୁଆ, ସାମାଜିକ ଦୂରତ୍ୱ, ସ୍ୱଚ୍ଛତାର ମହତ୍ତ୍ୱ ବିଷୟରେ ସଚେତନ କରିବା ସହିତ ଆଶ୍ରୟସ୍ଥଳୀ ପରିଚାଳନାରେ ସହଯୋଗ, ବିପର୍ଯ୍ୟୟ ପରବର୍ତ୍ତୀ



ଆବର୍ଜନା ସଫା, ରାସ୍ତଘାଟ ସଫା କରିବାରେ ଆପଦମିତ୍ର ସ୍ୱେଚ୍ଛାସେବୀଙ୍କ ଭୂମିକା ଅବର୍ଣ୍ଣନୀୟ। ଏମାନେ ବିନା ପାରିଶ୍ରମିକରେ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କୁ ଜରୁରୀ ସେବା ଯୋଗାଇବା ସହିତ ସେମାନଙ୍କ ଜୀବନ ରକ୍ଷା କରିଆସୁଛନ୍ତି।

୨୦୧୯ରେ ପୂର୍ବମହାରାଷ୍ଟ୍ରର ବାଦଲଫଟା ବର୍ଷାରେ ଫସିଥିବା ଜଣେ ମହିଳାଙ୍କୁ ସାପ କାମୁଡିଥିଲା। ଆପଦମିତ୍ର ବନ୍ଧୁମାନେ ତାଙ୍କୁ ଉଦ୍ଧାର କରି ଡାକ୍ତରୀ ଚିକିତ୍ସାର ବ୍ୟବସ୍ଥା କରି ବିପଦମୁକ୍ତ କରାଇପାରିଥିଲେ। ସେହିପରି ୨୦୨୦ରେ ଉତ୍ତରପ୍ରଦେଶର ଗୋରଖପୁର ଜିଲାରେ ଏକ ଡଙ୍ଗାବୁଡ଼ି ଘଟଣାରେ ୧୦ ବ୍ୟକ୍ତିଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ ଆପଦମିତ୍ର ସ୍ୱେଚ୍ଛାସେବୀମାନେ। ସେହି ବର୍ଷ କେରଳର କୋଟାୟମ ବନ୍ୟାରେ ଜଳଘେରରେ ଥିବା ୯୫ ବର୍ଷୀୟ ବୃଦ୍ଧାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ ମଜିସ, ସିନୁ, ମିଧୁନ, ଶ୍ରୀକୁଟନ ପ୍ରମୁଖ ଆପଦମିତ୍ର ସ୍ୱେଚ୍ଛାସେବୀମାନେ। ଏମିତି ଅନେକ ଉଦାହରଣ ଅଛି, ଯାହା ପ୍ରମାଣିତ କରେ ଆପଦମିତ୍ରଙ୍କ ବଳିଷ୍ଠ ସ୍ୱେଚ୍ଛାସେବୀ ମନୋଭାବ, ଦୃଢ଼ ଇଚ୍ଛାଶକ୍ତି, ଅଦମ୍ୟ ସାହସିକତା ଓ ଉତ୍ସର୍ଗୀକୃତ ସେବା ମନୋଭାବକୁ। ଏସବୁ ସତ୍ତ୍ୱେ ବିପଦ ସହିତ ଜରୁରୀ ପରିସ୍ଥିତିରେ ଯୁଝି ହେଉଥିବା ଆପଦମିତ୍ରମାନେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇ ଆସୁଛନ୍ତି। ଯେପରି କି ବିପତ୍ତି ସମୟରେ ଆବଶ୍ୟକୀୟ ସମ୍ବଳର ଉପଲବ୍ଧତା ତଥା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସେମାନଙ୍କୁ ଦିଆଯାଇଥିବା କିଟ୍‌ର ପୁନଃନବୀକରଣ ଇତ୍ୟାଦି। ପରିଚୟ ପତ୍ର ନ ଥିବା କାରଣରୁ ଗାଁଗହଳି, ବିପର୍ଯ୍ୟୟ ସମୟରେ କାର୍ଯ୍ୟ କରିବାର ପ୍ରତିବନ୍ଧକକୁ ସାମ୍ନା କରିବା ସହିତ ଛଦ୍ମବେଶୀ ଆପଦମିତ୍ରଙ୍କ ଉପସ୍ଥିତିକୁ ଅଣଦେଖା କରାଯାଇ ନ ପାରେ। ତେବେ ପାଇଲଟ ପ୍ରକଳ୍ପ ସମୟରୁ କାର୍ଯ୍ୟ କରିଆସୁଥିବା ଆପଦମିତ୍ରମାନଙ୍କୁ ପରବର୍ତ୍ତୀ ସମୟରେ ଅନୁମୋଦିତ ସୁବିଧାସୁଯୋଗଗୁଡ଼ିକ ଉପଲବ୍ଧ କରାଇବା ଆବଶ୍ୟକ। ଏହାଛଡ଼ା ସେମାନଙ୍କୁ ଦୁର୍ଘଟଣାଜନିତ ବୀମା, ଆଶ୍ରୟସ୍ଥଳୀଗୁଡ଼ିକର ପରିଚାଳନା ଦାୟିତ୍ୱରେ ଅନ୍ତର୍ଭୁକ୍ତୀକରଣ, ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି କାର୍ଯ୍ୟରେ ପ୍ରମୁଖ ଭୂମିକା ପ୍ରଦାନ କରାଯିବା ଜରୁରୀ। ସେହିପରି ପ୍ରତିବର୍ଷ ନିୟମିତ ସମୟ ବ୍ୟବଧାନରେ ତାଲିମ, ମକଡ୍ରିଲ କରାଇ ତୃଣମୂଳସ୍ତରୀୟ ନେତୃବୃନ୍ଦ ଓ ବ୍ୟକ୍ତିବିଶେଷଙ୍କ ସହିତ ବାର୍ତ୍ତାଳାପ କରାଇବାର ସୁଯୋଗ ସୃଷ୍ଟି କରିବା ଉଚିତ। ଫଳରେ ସେମାନେ ପରସ୍ପରକୁ ଚିହ୍ନିବେ ଓ ଜରୁରୀ ସୂଚନା ଆଦାନ ପ୍ରଦାନ କରିପାରିବେ। ତା'ଛଡା ବିପର୍ଯ୍ୟୟ ସମୟରେ ଓ ପରେ ଦୁର୍ବଳତାର ସୁଯୋଗ ନେଇ ସମ୍ଭାବ୍ୟ ବା ଘଟୁଥିବା ଅନୈତିକ କାର୍ଯ୍ୟ, ଚାଲାଣ, ଚୋରି ଡକାୟତି, ପ୍ରଲୋଭିତ କରୁଥିବା ଦାଲାଲଙ୍କ ସମ୍ବନ୍ଧରେ ପୋଲିସକୁ ସୂଚନା ପ୍ରଦାନ ଦାୟିତ୍ୱ ସହିତ ମାସିକ ଭତ୍ତା କିମ୍ବା ସହଯୋଗର ପ୍ରୋତ୍ସାହନ ରାଶି ଯୋଗାଇ ଦିଆଗଲେ ବିପର୍ଯ୍ୟୟ ସହ ଜଡ଼ିତ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା। ଏହାସହ ଦୀର୍ଘସ୍ଥାୟୀ ଅଭିଜ୍ଞତାସମ୍ପନ୍ନ ତଥା ସବୁ ବିପର୍ଯ୍ୟୟ ସମୟର ଦ୍ରୁତ ସାଥୀ ଆପଦମିତ୍ର ସ୍ୱେଚ୍ଛାସେବୀ ସୃଷ୍ଟି କରାଯାଇପାରନ୍ତା।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

## ଏଇ ଭାରତରେ

ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବା- ଏହା ଉପଲବ୍ଧି କରିଛନ୍ତି ଉତ୍ତରାଖଣ୍ଡର ମହିଳାମାନେ। ରାଜ୍ୟର ବିଭିନ୍ନ ଗ୍ରାମପଞ୍ଚାୟତରେ ସେମାନେ ବନ ପଞ୍ଚାୟତ ମାଧ୍ୟମରେ ଜଙ୍ଗଲର ସୁରକ୍ଷା କରୁଛନ୍ତି ଏବଂ ସାମଗ୍ରିକ ପ୍ରୟାସ ସଫଳତା ପାଇଁ ବାଟ କଢ଼ାଇନିଏ ବୋଲି ପ୍ରମାଣ କରିପାରିଛନ୍ତି। ଏହି କ୍ରମରେ ପିଥୋରାଗଡ଼ ଜିଲା ମୁନ୍‌ସିଆରି ବ୍ଲକର ଶଙ୍ଖଦୁରା ଗାଁର ଜଙ୍ଗଲକୁ ସ୍ଥାନୀୟ ସରପଞ୍ଚ ବାସନ୍ତି ରାଓ୍ୱତ ସୁରକ୍ଷା କରୁଛନ୍ତି। ତାଙ୍କ ସହ ଅନ୍ୟ ୮ ମହିଳା ବନ ପଞ୍ଚାୟତରେ ରହିଛନ୍ତି। କେବଳ ଶଙ୍ଖଦୁରା ନୁହେଁ, ସର୍ମୋଲି ଜଣ୍ଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ମଲିକା ଭିରଡ଼ି ମଧ୍ୟ ମେସାରିକୁଣ୍ଡର ପୁନରୁଦ୍ଧାର କରିପାରିଛନ୍ତି। ଏବେ ତାଙ୍କ ଅଞ୍ଚଳରେ ପାଣିର ଅଭାବ ରହୁନାହିଁ। ବନ ପଞ୍ଚାୟତ ମାଧ୍ୟମରେ ଜଙ୍ଗଲ ଓ ପ୍ରାକୃତିକ ପରିବେଶ ସୁରକ୍ଷା ହେବା ଦ୍ୱାରା ଉତ୍ତରାଖଣ୍ଡର ପର୍ଯ୍ୟଟନ କ୍ଷେତ୍ରରେ ଯଥେଷ୍ଟ ବିକାଶ ହୋଇପାରିଛି। ଉଲ୍ଲେଖନୀୟ, ୧୯୩୧ରେ ଇଂରେଜମାନେ ବନ ପଞ୍ଚାୟତ ନିୟମାବଳୀ ଆଣିଥିଲେ। ତେବେ ଉତ୍ତରାଖଣ୍ଡରେ ଏବେ ୬,୦୬୯ ବନ ପଞ୍ଚାୟତ ୪,୦୫,୪୨୬ ହେକ୍ଟର ଜଙ୍ଗଲର ସୁରକ୍ଷା ଓ ପରିଚାଳନା କରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୯ ଅକ୍ଟୋବର ୧୯୭୬

- ଗୃହ ନିର୍ମାଣ ପାଇଁ କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ୧୩୬ ନିୟୁତ ଟଙ୍କା ଋଣ ମଞ୍ଜୁର।
- ଶ୍ରୀଲଙ୍କାରେ ସିରିଆ ପ୍ରଥମ ଥର ରାସାନ ଆଲାଉସଙ୍କୁ ରାଷ୍ଟ୍ରଦୂତ ରୂପେ ନିଯୁକ୍ତ କରିଛନ୍ତି।
- ଲେବାନନରେ ଗୃହଯୁଦ୍ଧର ଅବସାନ ପାଇଁ ଆରବ ଶାନ୍ତି ସେନାଙ୍କୁ କେବେ ଅନୁମତି ଦିଆଯିବ ନାହିଁ ବୋଲି ଦକ୍ଷିଣପନ୍ଥୀ ନେତାମାନେ ପ୍ରକାଶ କରିଛନ୍ତି।

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | 1 | | | 3 | | | |
| | 2 | | | | | | 5 | |
| 5 | | 4 | | | | | | 3 |
| | | 3 | | | | | | 7 |
| 2 | 4 | 5 | 3 | | | | 8 | |
| 6 | 1 | | | | | | | |
| | | | | | 9 | | | 6 |
| | | | 4 | 8 | | 7 | | |
| 1 | | | | 2 | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 5 | 3 | 9 | 6 | 4 | 2 | 8 |
| 2 | 8 | 9 | 4 | 5 | 7 | 6 | 3 | 1 |
| 3 | 4 | 6 | 1 | 2 | 8 | 5 | 9 | 7 |
| 1 | 9 | 7 | 8 | 3 | 5 | 2 | 6 | 4 |
| 5 | 6 | 2 | 9 | 4 | 1 | 8 | 7 | 3 |
| 4 | 3 | 8 | 7 | 6 | 2 | 1 | 5 | 9 |
| 8 | 5 | 3 | 2 | 7 | 4 | 9 | 1 | 6 |
| 6 | 7 | 1 | 5 | 8 | 9 | 3 | 4 | 2 |
| 9 | 2 | 4 | 6 | 1 | 3 | 7 | 8 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜନସେବା କେନ୍ଦ୍ରରେ ରେଟ୍‌ଚାର୍ଟ ଲଗାଯାଉ

ମହାଶୟ,

ସରକାର ବିଭିନ୍ନ ସ୍ଥାନରେ ଜନସେବା କେନ୍ଦ୍ର ଖୋଲିବାକୁ ଅନୁମତି ପ୍ରଦାନ କରିଛନ୍ତି। ଏହା ଅତ୍ୟନ୍ତ ସୌଭାଗ୍ୟର କଥା। ସୁଲଭ ମୂଲ୍ୟରେ ସୁଚାରୁ ରୂପେ ଲୋକଙ୍କର ଚାହିଦା ପୂରଣ ହୋଇପାରିବ ବୋଲି ସରକାରଙ୍କର ଉଦ୍ଦେଶ୍ୟ ଥିଲା। କିନ୍ତୁ ଦେଖାଯାଉଛି, ସାମାନ୍ୟ କାମ ପାଇଁ ବିଭିନ୍ନ ଜନସେବା କେନ୍ଦ୍ରରେ ଭିନ୍ନ ଭିନ୍ନ ଭାବରେ ଅର୍ଥ ଆଦାୟ କରାଯାଉଛି। ସେହି ସମାନ କାମକୁ ଗୋଟିଏ ଜାଗାରେ ପଚାଶ ଟଙ୍କା ଦେଲା ବେଳେ ଅନ୍ୟ ଜନସେବା କେନ୍ଦ୍ରରେ ଶହେ ପଚାଶ ଟଙ୍କା ଦେବାକୁ ପଡ଼ୁଛି। କୌଣସି ସେବାକେନ୍ଦ୍ରରେ ରେଟ ଚାର୍ଟ ମଧ୍ୟ ଲଗାଯାଇନାହିଁ। ଏହାଦ୍ୱାରା ନିରୀହ ଓ ଗରିବ ଲୋକମାନେ ଶୋଷଣର ଶିକାର ହେଉଛନ୍ତି। ତେଣୁ ଏହାକୁ ତଦାରଖ କରିବା ପାଇଁ ସଚ୍ଚୋଟ ସରକାରୀ କର୍ମଚାରୀଙ୍କୁ ନିୟୋଜିତ କରାଯାଉ ଏବଂ ବିଭିନ୍ନ କାମ ଲାଗି ସେବାକେନ୍ଦ୍ର ଆଗରେ ରେଟ୍ ଚାର୍ଟ ଲଗାଇବାକୁ ନିର୍ଦ୍ଦେଶନାମା ଜାରି କରାଯାଉ। ୨ୟତଃ ଯେଉଁ ସେବା ଯୋଗାଉଛନ୍ତି, ତା'ର ପାରିଶ୍ରମିକ ଯାହା ନେଉଛନ୍ତି ଲୋକଙ୍କୁ ସେହି କାର୍ଯ୍ୟର ନାମ ଉଲ୍ଲେଖ କରି ରିସିପ୍ଟ ଦିଅନ୍ତୁ। ସରକାର ଏହା ଉପରେ ଗୁରୁତ୍ୱର ସହ ଚିନ୍ତା କରି ପଦକ୍ଷେପ ନେବେ ବୋଲି ଆଶା କରୁଛୁ।


-ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅନାହୂତ ଅନୁଭୂତି କ୍ଷୀଣ ତା'ର ଆୟୁଷ
ଜୀବନର ମରୁ-ପଥେ ଢାଳିଦିଏ ପୀୟୂଷ
ଦିନୁଁ ଦିନୁଁ ଦେହ ମମ ହୁଏ ଯେତେ ପୁରୁଣା
ମୂଳ ତା'ର ଦିନୁଁ ଦିନୁଁ ବଢ଼ି ଉଠେ ବହୁଣ।
-(ପଥର ପ୍ରେମିକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# କୌଣସି ଜାତିର ନୁହେଁ, ବିକାଶର କାର୍ଡ ଖେଳୁଛୁ: କନକବର୍ଦ୍ଧନ



ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

ନୂଆପଡ଼ା,୨୮।୧୦ (ମକାରୁ ବେମାଲ)

୨୦୨୪ ନିର୍ବାଚନୀ ଇସ୍ତାହାରରେ ଯାହା କହିଥିଲୁ ଗୋଟି ଗୋଟି କରି ୫୦ ପ୍ରତିଶତ ପୂରଣ କରିସାରିଲୁଣି। ଆମର ଶାସନ କାଳ ଭିତରେ ବାକି ଯାହା ରହିଛି ତାହା ପୂରଣ କରି ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବୁ। ମୁଖ୍ୟମନ୍ତ୍ରୀ ନୂଆପଡ଼ା ଗସ୍ତ ସମୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୧୪ ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦେଇ ଯାଇଛନ୍ତି ବୋଲି ନୂଆପଡ଼ା ଜିଲା ଖରିଆର ରୋଡ୍ ଗୁଜରାଟୀ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏହା କହିଛନ୍ତି। ସେ ଆହୁରି କହିଥିଲେ, ରାଜ୍ୟରେ ଭାଜପା ସରକାରକୁ ମାତ୍ର ୧୬ ମାସ ହୋଇଛି। ୨୪ ବର୍ଷ ଶାସନ କରିଥିବା ସରକାର ଯାହା କରିପାରି ନ ଥିଲା ୧୬ ମାସରେ ସରକାର ତାହା କରି ଦେଖାଇଛି। ପୂର୍ବରୁ ଧାନ କୁଇଣ୍ଟାଲ ୧୩ ଶହ ଟଙ୍କା ଥିବାବେଳେ ବର୍ତ୍ତମାନ ଏହା ୩୧ ଶହ ଟଙ୍କାରେ ପହଞ୍ଚିଛି। ସେହିପରି ଛାତ୍ରବୃତ୍ତି, ସୁଭଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଜନା, ଅନ୍ତ୍ୟୋଦୟ ଯୋଜନା, ଆୟୁଷ୍ମାନ ଭଳି ଅନେକ ଯୋଜନା କାର୍ଯ୍ୟକାରୀ ହୋଇଛି। ଆମେ ଆଗରୁ କହିଥିଲୁ ଏବେ ମଧ୍ୟ କହୁଛୁ, ନୂଆପଡ଼ାର ବିକାଶ ହେଲେ ରାଜ୍ୟ ବିକାଶ ହେବ। ଆମେ କୌଣସି ଜାତିର ନୁହେଁ, ବିକାଶର କାର୍ଡ ଖେଳୁଛୁ। ନିର୍ବାଚନ ସମସ୍ତ ସମାଜକୁ ନେଇ ଲଢ଼ାଯାଏ, କୌଣସି ଜାତିକୁ ନେଇ ନୁହେଁ। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ବହୁମତରେ ବିଜୟୀ ହେବେ ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଥିଲେ। ସେହିପରି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଥିଲେ, କେନ୍ଦ୍ର ସରକାରଙ୍କ ସୁଶାସନ ଯୋଗୁ ୨୦୨୪ରେ ରାଜ୍ୟରେ ସରକାର ଗଠନ କରିପାରିଛୁ। ରାଜ୍ୟ ମଧ୍ୟ ବିକାଶପଥରେ ଆଗେଇ ଚାଲିଛି। ପୂର୍ବତନ ବିଧାୟକ ସ୍ୱର୍ଗତ ଢୋଲକିଆ ନୂଆପଡା ନିର୍ବାଚନମଣ୍ଡଳୀରେ ୪ଥର ବିଧାୟକ ହୋଇ ବିକାଶ ପଥରେ ଆଗେଇ ନେଉଥିଲେ। ତାଙ୍କ ଅଧୁରା ସ୍ୱପ୍ନ ପୂରଣ କରିବା ପାଇଁ ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ନେଇଛନ୍ତି। ନୂଆପଡାରେ ମେଡିକାଲ କଲେଜ ପାଇଁ କେନ୍ଦ୍ରରୁ ଅନୁମୋଦନ ହୋଇସାରିଛି । ନିର୍ବାଚନ ସରିଲେ ଉଦ୍‌ଘାଟନ ହେବ। ନୂଆପଡା ଜିଲାରେ ଦାଦନ ଏକ ବଡ ସମସ୍ୟା। ଏହାକୁ କିପରି ରୋକାଯାଇପାରିବ ତା'ର ମଧ୍ୟ ବିକଳ୍ପ ବ୍ୟବସ୍ଥା କରିସାରିଛୁ ବୋଲି ମନମୋହନ କହିଥିଲେ। ଜିଲା ସଭାପତି କମଳେଶ ଦୀକ୍ଷିତ, ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ଭାଜପା ମୁଖପାତ୍ର ସୁଦୀପ୍ତ ରାୟ ପ୍ରମୁଖ ଉପସ୍ଥିତ ଥିଲେ।




## ସୁଭଦ୍ରା ନାଁରେ ମହିଳାଙ୍କୁ ଭ୍ରମିତ କରାଯାଉଛି: କଂଗ୍ରେସ

ନୂଆପଡ଼ା,୨୮।୧୦ (ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିଲେ ମଧ୍ୟ ଭାଜପା ଜିଲା କାର୍ଯ୍ୟାଳୟଠାରେ ଆୟୋଜିତ ସୁଭଦ୍ରା ଶକ୍ତି ସମାବେଶରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିର୍ବାଚନ ପ୍ରଚାର କରିଛନ୍ତି। ଏହା ଦ୍ୱାରା ସେ ଖୋଲାଖୋଲି ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି ବୋଲି ମଙ୍ଗଳବାର ନୂଆପଡ଼ା ଖୁଣ୍ଟିଆ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ କଂଗ୍ରେସ ମୁଖପାତ୍ର ସୋନାଲି ସାହୁ କହିଛନ୍ତି। ସେ ଆହୁରି କହିଥିଲେ, ସୁଭଦ୍ରା ଯୋଜନା ନାମରେ ଭୋଟ ହାତେଇବା ପାଇଁ ଭାଜପା ଲୋକଙ୍କୁ ଭ୍ରମିତ କରୁଛି। ୨୦୨୪ ନିର୍ବାଚନ ସମୟରେ ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା ଦେବୁ ବୋଲି କହିଥିଲେ। ସେଇଟା ଏବେ ବର୍ଷକୁ ଦୁଇ କିସ୍ତିରେ ୫ ହଜାର ଲେଖାଏ ୧୦ ହଜାର ଟଙ୍କା ଦେବେ ବୋଲି କହୁଛନ୍ତି। ଅର୍ଥାତ୍ ଜଣ ପିଛା ଦିନକୁ ୨୭ ଟଙ୍କା ପଡିଲା । ୨୭ ଟଙ୍କାରେ କ୍ଷୀର ଗୋଟିଏ ପ୍ୟାକେଟ ମିଳୁନାହିଁ। ମହିଳାମାନେ ସ୍ୱାବଲମ୍ବୀ ହେବେ କୁଆଡୁ। ଡବଲ ଇଞ୍ଜିନ ସରକାରଠାରେ ଟଙ୍କା ନାହିଁ। ୫୦ ହଜାର ଟଙ୍କା ଦେଇ ନ ପାରି କୋଉଠୁ ଋଣ ଆଣି ୧୦ ହଜାର ଟଙ୍କା ଧରାଇ ଦେଉଛନ୍ତି। ୬୦ ବର୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସୁଭଦ୍ରା ଯୋଜନାରୁ ବଞ୍ଚିତ କରୁଛନ୍ତି। ଯେଉଁ ଛାତ୍ରୀ ୧୮ ହଜାର ଟଙ୍କା ଶିକ୍ଷାବୃତ୍ତି ପାଉଛନ୍ତି ସେମାନଙ୍କ ସୁଭଦ୍ରା ଯୋଜନା କାଟି ଦେଇଛନ୍ତି। ଦିଲ୍ଲୀରେ ଭାଜପା ସରକାର ମହିଳାମାନଙ୍କୁ ମାସିକ ୨୫ ଶହ ଟଙ୍କା ଦେଉଥିବା ବେଳେ ମହାରାଷ୍ଟ୍ରରେ ଦୁଇଟି ଯୋଜନାରେ ୧୩ ହଜାର ଟଙ୍କା, ଝାଡ଼ଖଣ୍ଡରେ ୨୫ ଶହ ଟଙ୍କା, ଆନ୍ଧ୍ରପ୍ରଦେଶରେ ୧୨୫୦ ଟଙ୍କା, ତାମିଲନାଡୁରେ ହଜାରେ, ଆସାମରେ ୧୨ ଶହ ୫୦ ଟଙ୍କା ଓ ଛତିଶଗଡ ରାଜ୍ୟରେ ହଜାରେ ଓ ଝିଅ ଜନ୍ମ ହେଲେ ତାଙ୍କ ଆକାଉଣ୍ଟରେ ୫୦ ହଜାର ଟଙ୍କା ଜମା ହୋଇଯାଉଛି।

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**RECRUITMENT NOTICE FOR THE POST OF PROGRAM ASSISTANT FOR MBA HEALTH CARE MANAGEMENT AND LAW COURSE**

The National Law University Odisha (Cuttack) is inviting applications for the post of Program Assistant for MBA Health care Management and Law Course. Last date & time of receipt of filled in application is **06.11.2025 at 05.00 P.M.** for details please visit website- **www.nluo.ac.in**.

Sd/- Registrar

## ନୂଆପଡ଼ାର ଉନ୍ନତି ଏକମାତ୍ର ସଂକଳ୍ପ



ନିର୍ବାଚନୀ ପ୍ରଚାରରେ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ।

ନୂଆପଡ଼ା,୨୮।୧୦ (ମକାରୁ ବେମାଲ)

ନୂଆପଡ଼ାର ଉନ୍ନତି ଏକମାତ୍ର ସଂକଳ୍ପ କହି ଲୋକଙ୍କୁ ଭେଟୁଛନ୍ତି ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ। ମଙ୍ଗଳବାର ସକାଳେ ସେ ଖରିଆର ରୋଡ ଏନ୍‌ଏସିଠାରେ ଆୟୋଜିତ ସଭାରେ ସ୍ଥାନୀୟ ଲୋକଙ୍କ ସହ ବେଶ କିଛିସମୟ ଧରି ଆଲୋଚନା କରିଥିଲେ। ଖରିଆରର ଲୋକମାନେ ତାଙ୍କୁ ସ୍ୱାଗତ କରି ଆଗାମୀ ଉପନିର୍ବାଚନରେ ନବୀନ ବାବୁଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ସମୟରେ ଛୁରିଆ ନବୀନ ପଟ୍ଟନାୟକଙ୍କ ବିକାଶଧାରାକୁ ନୂଆପଡ଼ାବାସୀ ସ୍ୱୀକୃତି ଦେଉଛନ୍ତି। ଲୋକମାନଙ୍କ ଆଶା ଓ ଆକାଂକ୍ଷାକୁ ସେ ଶୁଣିବା ସହ ସବୁ ପରିସ୍ଥିତିରେ ଖରିଆର ରୋଡ୍‌ବାସୀଙ୍କ ସହ ଛିଡାହେବା ପାଇଁ ଆଶ୍ୱାସନା ଦେଇଥିଲେ। ଅଞ୍ଚଳର ଉନ୍ନତି ସହିତ ପ୍ରତ୍ୟେକ ବର୍ଗର ଲୋକଙ୍କ କଲ୍ୟାଣ ପାଇଁ ନିରନ୍ତର ଉଦ୍ୟମ କରିବେ ବୋଲି କଥା ଦେଇଥିଲେ। ବିଶେଷ କରି ଭିତ୍ତିଭୂମିର ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟସେବା, ମହିଳା ସଶକ୍ତୀକରଣ ଓ ଯୁବ ନିଯୁକ୍ତିକୁ ଗୁରୁତ୍ୱ ଦେବାରେ ଅବହେଳା କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇ ଲୋକଙ୍କ ସମର୍ଥନ ଲୋଡିଥିଲେ।

## ପୁଅ ପାଇଁ ଭୋଟ ଭିକ୍ଷା କରୁଛନ୍ତି ମା'

ନୂଆପଡ଼ା,୨୮।୧୦ (ମକାରୁ ବେମାଲ)

ନୂଆପଡ଼ା ବିଧାନସଭା ଉପନିର୍ବାଚନ ବୈତରଣୀ ପାର୍ ହେବା ପାଇଁ ନେତାମାନେ ଭିନ୍ନ ଢଙ୍ଗରେ ଭୋଟ ପ୍ରଚାର ଚଳାଇଛନ୍ତି। ମଙ୍ଗଳବାର ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ତାଙ୍କ ମା' କଳ୍ପନା ଢୋଲକିଆ ଘର ଘର ବୁଲି ଭୋଟ ଭିକ୍ଷା କରିଛନ୍ତି। ତାଙ୍କ ସହ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ଓ ଅନ୍ୟ ନେତାମାନେ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ କୋମନା ବ୍ଲକ ରଜନା ପଞ୍ଚାୟତ ମୁଖ୍ୟାଳୟରେ ଏକ ନିର୍ବାଚନୀ ସଭା ଆୟୋଜନ ହୋଇଥିଲା। ଏଥିରେ କଳାହାଣ୍ଡି ଏମ୍‌ପି ମାଳବିକା ଯୋଗଦେଇ ଡବଲ ଇଞ୍ଜିନ ସରକାରର ଲାଭ କିଭଳି ଓଡ଼ିଶାବାସୀ ପାଉଛନ୍ତି ତାହା କହିଥିଲେ। ଭାଜପା ପ୍ରାର୍ଥୀ ଜୟ ବିଜୟୀ ହେଲେ ଟ୍ରିପଲ ଇଞ୍ଜିନ ସରକାରରେ ନୂଆପଡ଼ାର ବିକାଶ କ୍ଷିପ୍ର ହେବ ବୋଲି କହିଥିଲେ। ପରେ ସେ ଗାଁକୁ ଗାଁ ବୁଲି ଜୟଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ସଭାପତି ସୁବ୍ରତ ଠାକୁର, ଲମ୍ବୋଦର ନିଆଲ, ପ୍ରେମ ଅଗ୍ରୱାଲ ଓ ମଣ୍ଡଳସ୍ତରୀୟ କର୍ମକର୍ତ୍ତା ସାମିଲ ଥିଲେ ।



ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ମା' କଳ୍ପନା ଢୋଲକିଆ ଭୋଟଭିକ୍ଷା କରୁଛନ୍ତି। ନିକଟରେ ଅଛନ୍ତି କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ (ବାମ)।

## ପୁଅ ମୃତ୍ୟୁ ଖବର ଶୁଣି ମା'ଙ୍କ ଜୀବନ ଚାଲିଗଲା

ଧାମନଗର,୨୮।୧୦ (ସନ୍ତୋଷ କୁମାର ମହାପାତ୍ର)

ପୁଅର ଅକାଳ ମୃତ୍ୟୁ ଖବର ଶୁଣି ସହି ପାରିଲେନି ମା'। ଚାଲିଗଲା ମା'ଙ୍କ ଜୀବନ। ମଙ୍ଗଳବାର ଏପରି ହୃଦୟବିଦାରକ ଘଟଣା ଘଟିଛି ଭଦ୍ରକ ଜିଲା ଧାମନଗର ବ୍ଲକ ଖଡ଼ିପଦା ପଞ୍ଚାୟତର କୋରକଦା ଗ୍ରାମରେ। ମୃତା ମହିଳା ହେଲେ ମୀରା ତ୍ରିପାଠୀ। ଗ୍ରାମର ଶ୍ରୀଧର ତ୍ରିପାଠୀ ଓ ମୀରାଙ୍କ ପୁଅ ସତ୍ୟରଞ୍ଜନ(୩୫) ଦୀର୍ଘଦିନ ଧରି କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ମା' ମୀରା ନିଜ କିଡ୍‌ନୀ ଦେଇ ସତ୍ୟରଞ୍ଜନଙ୍କ ଜୀବନ ବଞ୍ଚାଇଥିଲେ। ୨ବର୍ଷ ଧରି ସତ୍ୟରଞ୍ଜନ ଜୀବନ ସହ ସଂଘର୍ଷ କରୁଥିଲେ। ମଙ୍ଗଳବାର ସକାଳେ ସେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଯନ୍ତ୍ରଣା ଅନୁଭବ କରିବାରୁ ଚିକିତ୍ସା ପାଇଁ କଟକ ବଡ଼ଡାକ୍ତରଖାନା ନିଆଯାଉଥିବା ବେଳେ ବାଟରେ ତାଙ୍କ ମୃତ୍ୟୁ ଘଟିଥିଲା। ପୁଅ ମୃତ୍ୟୁ ଖବର ଶୁଣି ମୀରା ଅଚେତ ହୋଇ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଧାମନଗର ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପଡ଼ୋଶୀ ଯାଜପୁର ଜିଲା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ ମା' ପୁଅଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-34, ତା.22.10.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS), ପୋଲଗୁଡ଼ିକର ପୁନର୍ନିର୍ମାଣ ଇତ୍ୟାଦି କାରଣରୁ କେବୁଲ ପରିବର୍ତ୍ତନ ସମ୍ବନ୍ଧିୟ ବିବିଧ କାର୍ଯ୍ୟ ।

**କାର୍ଯ୍ୟର ପରିସର :** ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS):- RV-108, JT-55, JT-74, JT-75, JT-24, JT-29, JT-37, JT-36, JT-39, JT-41, JT-51, JT-56, JT-69, JT-80, ST-38, ST-83, JT-01A, ST-14, ST-24, ST-45, JT-01, JT-07, JT-30, JT-34, JT-43, RV-63, RV-67, RV-137, କି.ମି.ନଂ.111/7-8 [ହଣ୍ଡପା(HNPA)-ବଇଣ୍ଡା(BONA)] ଠାରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାଗ (LHS), ପୋଲ ନଂ.96 [ହାତିବାରୀ(HATB)-ଜୁଜୁମୁରା(JUJA)] ଠାରେ ଜଳମାର୍ଗ, କି.ମି. ନଂ.527/6-7 [ବୃନ୍ଦାମାଳ(BXQ)-ଲପଙ୍ଗା(LPG)] ଠାରେ ପଦଚାରୀ ଉପମାର୍ଗ, କି.ମି. 552/12-14 [ଶାରଳା(SLRA)-ଶାସନ(SSN)] ଠାରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ ।

**ଟେଣ୍ଡର ମୂଲ୍ୟ (₹) :** 3,45,28,366.35, ବିଡ୍ ସିକ୍ୟୁରିଟି (₹) : 2,22,700.00 ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.13.11.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (Tele), ସମ୍ବଲପୁର
PR-730/Q/25-26

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ/ଟିଆରଡି/ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ଲାଗି ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ୧୫.୩୦ ଘଟିକାରେ ଖୋଲାଯିବ । **କ୍ର.ସଂ.; ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଇଏମ୍‌ଡି ଏବଂ ଖୋଲାଯିବାର ତାରିଖ ଯଥାକ୍ରମେ:** ୧) ଟିଆରଡି-କେଜିପି-ଡବ୍ଲ୍ୟୁ-୨୦୨୫-୨୬-୨୭, ତାରିଖ: ୨୪।୧୦।୨୦୨୫; ପାଂସକୁଡା ୟାର୍ଡ: ପିକେୟୁ ପୂର୍ବ ଆଉଟର ୟାର୍ଡ ଏବଂ ପାଂସକୁଡା-ରଘୁନାଥବାରିରୁ ଖଡ଼ଗପୁରଠାରେ ଲେ'ଆଉଟ୍ ସଂଶୋଧନ ସମେତ ଅପ୍ ଲାଇନ୍‌ରେ ୭୫ କେଏମ୍‌ପିଏଚ୍, ଡାଉନ୍ ଲାଇନ୍‌ରେ ୧୧୦ କେଏମ୍‌ପିଏଚ୍, ମିଡ୍ ଲାଇନ୍‌ରେ ୧୧୦ କେଏମ୍‌ପିଏଚ୍ ପିଏସ୍‌ଆର୍‌କୁ ହଟାଇବା ଓ ତା' ସହିତ ଡ୍ରେନେଜ୍ ପ୍ରଣାଳୀକୁ ଉନ୍ନତ କରିବା; ଟ.୨,୮୩,୮୩,୨୧୭.୬୮; ଟ.୨,୯୧,୯୦୦.୦୦; ୨୦।୧୧।୨୦୨୫; (୨) ଟିଆରଡି-କେଜିପି-ଡବ୍ଲ୍ୟୁ-୨୦୨୫-୨୬-୦୪ଆରଟି୨, ତାରିଖ: ୨୪।୧୦।୨୦୨୫; ୧. ବେଲଦା: ଅମୃତ ଭାରତ ଷ୍ଟେସନ ସ୍କିମ୍ ଅଧୀନରେ ୧୨.୦ ମିଟର ଚଉଡ଼ା ଫୁଟ୍ ଓଭରବ୍ରିଜ୍ (ଏଫ୍‌ଓବି)ର ବ୍ୟବସ୍ଥା କରିବା, ୨. ଜଳେଶ୍ୱର: ଅମୃତ ଭାରତ ଷ୍ଟେସନ ସ୍କିମ୍ ଅଧୀନରେ ୧୨.୦ ମିଟର ଚଉଡ଼ା ଫୁଟ୍ ଓଭରବ୍ରିଜ୍ (ଏଫ୍‌ଓବି)ର ବ୍ୟବସ୍ଥା କରିବା, ୩. ଘାଟଶିଳା: ଅମୃତ ଭାରତ ଷ୍ଟେସନ ସ୍କିମ୍ ଅଧୀନରେ ୧୨.୦ ମିଟର ଚଉଡ଼ା ଫୁଟ୍ ଓଭରବ୍ରିଜ୍ (ଏଫ୍‌ଓବି)ର ବ୍ୟବସ୍ଥା କରିବା ଏବଂ ୪. ଝାଡଗ୍ରାମ: ଅମୃତ ଭାରତ ଷ୍ଟେସନ ସ୍କିମ୍ ଅଧୀନରେ ୧୨.୦ ମିଟର ଚଉଡ଼ା ଫୁଟ୍ ଓଭରବ୍ରିଜ୍ (ଏଫ୍‌ଓବି)ର ବ୍ୟବସ୍ଥା କରିବା; ଟ.୧,୪୪,୩୮,୫୧୧.୮୦; ଟ.୨,୨୨,୨୦୦.୦୦; ୨୧।୧୧।୨୦୨୫; (୩) ଟିଆରଡି-କେଜିପି-ଡବ୍ଲ୍ୟୁ-୨୦୨୫-୨୬-୦୨ଆରଟି୩, ତାରିଖ: ୨୪।୧୦।୨୦୨୫; ସାନ୍ତ୍ରାଗାଛି: ଏକ୍ସଟେନ୍‌ସନ୍ ପିଟ୍ ସହିତ ୦୨ ଗୋଟି ଲାଇନ୍‌ର ଦୈର୍ଘ୍ୟ ପରିବର୍ଦ୍ଧନ ଓ ଏସ୍‌ଆରସି କୋଚିଂ ୟାର୍ଡର ରିସେପ୍‌ସନ୍ ୟାର୍ଡଠାରେ ପୂର୍ଣ୍ଣ ଦୈର୍ଘ୍ୟ ଏଲ୍‌ଏଚ୍‌ବି ରେକ୍‌ର ପରୀକ୍ଷା ପାଇଁ ଆବଶ୍ୟକୀୟ ଜରୁରୀ ଭିତ୍ତିଭୂମିର ବ୍ୟବସ୍ଥା କରିବା (୦୪ ଗୋଟି ଷ୍ଟାବଲିଂ ଲାଇନ୍ ଏବଂ ୦୩ ଗୋଟି ପିଟ୍ ଲାଇନ୍ ସହ ରିସେପ୍‌ସନ ୟାର୍ଡ ଏସ୍‌ଆରସିଠାରେ ସିଏଟି କାର୍ଯ୍ୟ); ଟ.୮୭,୨୧,୦୧୮.୦୦; ଟ.୧,୭୪,୪୦୦.୦୦; ୨୫।୧୧।୨୦୨୫; (୪) ଟିଆରଡି-କେଜିପି-ଡବ୍ଲ୍ୟୁ-୨୦୨୫-୨୬-୨୧ଆରଟି, ତାରିଖ: ୨୪।୧୦।୨୦୨୫; ପଦ୍ମପୁକୁର- ଲାଇନ୍ ନଂ.୧୦ ପାର୍ଶ୍ୱରେ ଅତିରିକ୍ତ ଲୁପ୍ ଲାଇନ୍‌ର ବ୍ୟବସ୍ଥା ପାଇଁ ୟାର୍ଡ ମଡିଫିକେସନ୍ ଏବଂ ଉଭୟ ପାର୍ଶ୍ୱ ପ୍ରବେଶ ଓ ପ୍ରସ୍ଥାନ ସୁବିଧା ସହ ଡେଡ୍ ଏଣ୍ଡ ଲାଇନ୍ ନଂ.୧୦କୁ ଲୁପ୍ ଲାଇନ୍‌ରେ ରୂପାନ୍ତରଣ କରିବା ଏବଂ କୋଚିଂ ସାଇଟ୍ ପାଇଁ ଏଲ୍. ନଂ.-୬ର ଉଭୟ ପ୍ରାନ୍ତଠାରେ ୧ ଇନ୍ ୮.୫ କ୍ରସ୍-ଓଭରକୁ ୧ ଇନ୍ ୧୨କୁ ରୂପାନ୍ତରିତ କରିବା (ପଦ୍ମପୁକୁର ୟାର୍ଡର ଲାଇନ୍ ନଂ.୬ର ଉଭୟ ପ୍ରାନ୍ତରେ ୧ ଇନ୍ ୮.୫ କ୍ରସ୍-ଓଭରକୁ ୧ ଇନ୍ ୧୨କୁ ରୂପାନ୍ତରିତ କରିବା, ଲାଇନ୍ ନଂ.୧୦ ପାର୍ଶ୍ୱରେ ଗୋଟିଏ ଅତିରିକ୍ତ ଲୁପ୍ ଲାଇନ୍‌ର ବ୍ୟବସ୍ଥା କରିବା ଏବଂ ପଦ୍ମପୁକୁର ୟାର୍ଡଠାରେ ଉଭୟ ପାର୍ଶ୍ୱ ପ୍ରବେଶ ଓ ପ୍ରସ୍ଥାନ ସୁବିଧା ସହ ଲାଇନ୍ ନଂ.୧୦କୁ ପୂର୍ଣ୍ଣ ଦୈର୍ଘ୍ୟ ଲୁପ୍ ଲାଇନ୍‌ରେ ରୂପାନ୍ତରିତ କରିବା ଏବଂ ଏଟିର ବ୍ୟବସ୍ଥା କରିବା); ଟ.୧,୦୮,୦୫,୯୧୮.୩୦; ଟ.୨,୦୪,୦୦୦.୦୦; ୨୭।୧୧।୨୦୨୫; **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ (କ୍ର.ସଂ. ୧ରୁ ୪ ପାଇଁ); **ସମାପ୍ତି ଅବଧି:** ୧୨ (ବାର) ମାସ (କ୍ର.ସଂ. ୧ରୁ ୪ ପାଇଁ); **ଦାଖଲ ତାରିଖ:** ତା୨୦।୧୧।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ପାଇଁ), ତା୨୧।୧୧।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୨ ପାଇଁ), ତା୨୫।୧୧।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୩ ପାଇଁ) ଏବଂ ତା୨୭।୧୧।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୪ ପାଇଁ) । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି ।
(PR-775)

## ଆଜି ବନ୍ଦ ରହିବ ଶିମିଳିପାଳ

ବାରିପଦା,୨୮।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାତ୍ୟା 'ମୋନ୍ଥା' ଓ ତଜ୍ଜନିତ ବର୍ଷା ପାଇଁ ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ବୁଧବାର ପର୍ଯ୍ୟଟକଙ୍କ ନିମନ୍ତେ ବନ୍ଦ ରହିବ। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନି ମଙ୍ଗଳବାର ସୂଚନା ଦେଇଛନ୍ତି। ବାତ୍ୟାକୁ ନେଇ ମୟୂରଭଞ୍ଜ ଜିଲାକୁ ୟଲୋ ଆଲର୍ଟ ଜାରି କରାଯାଇଛି। ବାତ୍ୟା ସମୟରେ ଏହି ଜିଲାରେ ପ୍ରବଳ ବୃଷ୍ଟିପାତ ସହ ପବନର ବେଗ ବୃଦ୍ଧି ପାଇବା ସମ୍ଭାବନା ରହିଛି। ବର୍ଷା ମାତ୍ରା ଅଧିକ ଯୋଗୁ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗୋଟିଏ ଦିନ ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ନିମନ୍ତେ ବନ୍ଦ କରାଯାଇଛି।

## ୧ରୁ ଖୋଲିବ କୁଲଡ଼ିହା ଅଭୟାରଣ୍ୟ

ନୀଳଗିରି,୨୮।୧୦(ପ୍ରଶାନ୍ତ ବିଶ୍ୱାଳ)

ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କ ପାଇଁ ଆସନ୍ତା ନଭେମ୍ବର ୧ରୁ ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ କୁଲଡ଼ିହା ଅଭୟାରଣ୍ୟ ଖୋଲିବ। ବାଲେଶ୍ୱର ସହରଠାରୁ ପ୍ରାୟ ୪୦ କି.ମି.ଦୂର ନୀଳଗିରି ବ୍ଲକ୍ ଅଧୀନ କେସିପୁର ପଞ୍ଚାୟତର ବାଲିଆନାଳ ଫାଟକ ଦେଇ ପର୍ଯ୍ୟଟକମାନେ ପୂର୍ବାହ୍ଣ ୧୦ଟା ସମୟରେ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିବେ। ଉଲ୍ଲେଖଯୋଗ୍ୟ, ବର୍ଷାଋତୁ ଯୋଗୁ ଗତ ଜୁନ୍ ୧୫ରୁ ପର୍ଯ୍ୟଟକଙ୍କ ପାଇଁ ଅଭୟାରଣ୍ୟ ବନ୍ଦ ରହିଥିଲା। ୨୭୨.୭୫ ବର୍ଗ କି.ମି. ପରିବ୍ୟାପ୍ତ ଏହି ଅଭୟାରଣ୍ୟରେ ହାତୀ, ବାଘ, ଭାଲୁ, ଶମ୍ବର, ହରିଣ, ଠେକୁଆ, ନୀଳଗାଈ, ବଳିଆ କୁକୁର, ବଜ୍ରକାପ୍ଟା, ମୟୂର ଇତ୍ୟାଦି ବନ୍ୟପ୍ରାଣୀ ଓ ବିଭିନ୍ନ ପ୍ରଜାତିର ଦେଶୀ ଏବଂ ବିଦେଶୀ ପକ୍ଷୀ ଦେଖାଯାଆନ୍ତି। କୁଲଡ଼ିହାକୁ ଲାଗି ରହିଥିବା ଡ୍ୟାମ୍ ପାଖ ଅଞ୍ଚଳରେ ୨୦୦ରୁ ଅଧିକ ସଂଖ୍ୟାରେ ଦେଶୀ, ବିଦେଶୀ ପକ୍ଷୀ ଦେଖିବାକୁ ମିଳେ।

## ସମୟ ଫେରିବ ନା ନାହିଁ

ନୂଆପଡ଼ା,୨୮।୧୦(ସୁନିତ ମିଶ୍ର)

ନୂଆପଡ଼ା ଉପନିର୍ବାଚନର ପ୍ରଚାର ମୈଦାନକୁ ଅଧିକ ସତେଜ କରିବା ଲାଗି ସବୁ ଦଳର ବଡ଼ ନେତାମାନଙ୍କୁ ଡାକିବାର ଏକ ବ୍ୟବସ୍ଥା ଆରମ୍ଭ ହୋଇଗଲାଣି। ଭୋଟ ରଖିବା ଲାଗି ବିଜେଡି ପାଖରେ ଏକମାତ୍ର ବିକଳ୍ପ ଭାବେ ତାଙ୍କ ଦଳର ସଭାପତି ନବୀନ ପଟ୍ଟନାୟକ ରହିଥିବା ସେମାନଙ୍କ ବହୁ ତୁଙ୍ଗ ନେତା କହି ବୁଲୁଛନ୍ତି। ସେହିକ୍ରମରେ ନବୀନ କୁଆଡେ ଆସନ୍ତା ୩ ଓ ୭ ତାରିଖରେ ପ୍ରଚାର କରିବା ପାଇଁ ନୂଆପଡା ଆସିପାରନ୍ତି ବୋଲି ଶୁଣାଯାଉଛି। ହେଲେ ଦଳକୁ ଭଲ ପାଉଥିବା କେତେଜଣ ନେତାଙ୍କ କହିବା ଅନୁଯାୟୀ ଦୁଇ ଦୁଇ ଥର ନବୀନ ଆସିବା ପରେ ଯଦି ଦଳର ପ୍ରଦର୍ଶନ ତୃତୀୟ ସ୍ଥାନକୁ ଖସିଯାଏ କିମ୍ବା ଦୁଇ ନମ୍ବର ସ୍ଥାନରେ ରହିବାର ବ୍ୟବଧାନ ବଢିଯାଏ ତେବେ ସବୁଦିନ ଲାଗି ଦଳର ଆଶାବାଡିନିରାଶାର ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ। ଏପରି ମଧ୍ୟ ହୋଇପାରେ ନବୀନଙ୍କ ନାଁ ନେବାକୁ ତଳ ସ୍ତରରୁ ଆରମ୍ଭ କରି ରାଜ୍ୟ ସ୍ତରୀୟ ନେତାମାନେ ସବୁଦିନ ପାଇଁ ତାଙ୍କ ମାନସିକତା ବଦଳାଇ ପାରନ୍ତି। ଏହି ଉପନିର୍ବାଚନରେ ଭାଜପାର ପରିସ୍ଥିତି ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିବା ଲାଗି ଆସନ୍ତା ଗୁରୁବାର ଦଳର କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ନୂଆପଡ଼ାରେ ପହଞ୍ଚିବେ। ହେଲେ ଏଥର ଆଉ ଓଡ଼ିଶାକୁ ଭାଜପାର ଚେହେରା ଭାବେ ପ୍ରଚାର କରିବାକୁ କେନ୍ଦ୍ରର କୌଣସି ବଡ଼ ନେତା ଆସୁ ନ ଥିବା ଶୁଣିବାକୁ ମିଳୁଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହିଁ ତାଙ୍କ ଦଳ ପ୍ରଚାରର ମୁଖ୍ୟ ଆକର୍ଷଣ ହେବେ। ରାଜନୈତିକ ବିଶ୍ଳେଷକଙ୍କ କହିବା ଅନୁଯାୟୀ ୨୦୨୪ ନିର୍ବାଚନ ହାରିବା ପରେ ଏହି ଉପନିର୍ବାଚନରେ ନବୀନ ପ୍ରଚାର ତାଙ୍କ ଦଳକୁ ଜିତାଇବାର ରାସ୍ତା ଦେଖାଇ ନ ପାରେ, ତା'ହେଲେ ଜନସାଧାରଣ ଧରିନେବେ ସମୟ ସରିଗଲା ଆଉ ଫେରିବନି।

**ନାମାଙ୍କିତ କର୍ତ୍ତୃପକ୍ଷ, କୋଇଲା ମନ୍ତ୍ରଣାଳୟ, ଭାରତ ସରକାର**

୧୨୦, ଏଫ୍-ୱିଙ୍ଗ୍, ୧ମ ମହଲା, ଶାସ୍ତ୍ରୀ ଭବନ, ନୂଆଦିଲ୍ଲୀ-୧୧୦୦୦୧, ୦୧୧-୨୩୩୮୪୧୦୬

**"କୋଇଲା ବିକ୍ରୟ ନିମନ୍ତେ କୋଇଲା ଖଣି/ବ୍ଲକ୍‌ଗୁଡ଼ିକର ନିଲାମ ବିଡ୍ ଆହ୍ୱାନ"**

କୋଇଲା ଖଣି (ସ୍ୱତନ୍ତ୍ର ବ୍ୟବସ୍ଥାପନ) ଅଧିନିୟମ, ୨୦୧୫ର ଧାରା ୪(୧) ଏବଂ ୪(୨) ତଥା ଖଣି ଓ ଖଣିଜ ଦ୍ରବ୍ୟ (ବିକାଶ ଓ ନିୟାମକ) ଅଧିନିୟମ, ୧୯୫୭ର ଧାରା ୧୧ଏରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ତଥା ତାହା ଅଧୀନରେ ଗଠିତ ନିୟମାବଳୀ ଅନୁଯାୟୀ, ଭାରତ ସରକାର ସିଏମ୍ (ଏସ୍‌ପି) ଅଧିନିୟମ, ୨୦୧୫ର ୨୪ତମ ପର୍ଯ୍ୟାୟ ତଥା ଏମ୍‌ଏମ୍‌ଡିଆର୍ ୧୯୫୭ର ୧୪ତମ ପର୍ଯ୍ୟାୟ ଅଧୀନରେ କୋଇଲା ଖଣି/ବ୍ଲକ୍‌ର ନିଲାମ ନିମନ୍ତେ ନାମାଙ୍କିତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଟେଣ୍ଡର ପ୍ରକ୍ରିୟା ବୁଧବାର, ୨୯ ଅକ୍ଟୋବର, ୨୦୨୫ଠାରୁ ଆରମ୍ଭ ହେଉଛି । ଟେଣ୍ଡର ଦସ୍ତାବିଜ ଏବଂ ଅନ୍ୟାନ୍ୟ ବିବରଣୀ ନିମ୍ନଲିଖିତ ୱେବ୍‌ସାଇଟରେ ଦେଖାଯାଇପାରିବ https://www.mstcecommerce.com/auctionhome/coalblock/index.jsp ।

CBC 04107/11/0002/2526

## ସନ୍ତୁଳିତ ଜୀବନଶୈଳୀକୁ ଗୁରୁତ୍ୱ

**ଆଜି ବିଶ୍ୱ ଷ୍ଟ୍ରୋକ୍ ଦିବସ**



ଷ୍ଟ୍ରୋକ୍ ଏକ ଇଂଲିଶ ଶବ୍ଦ, ଯାହାର ଅର୍ଥ ସାଂଘାତିକ ଭାବରେ ଆଘାତ କରିବା। ଏ ବିଷୟରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଅକ୍ଟୋବର ୨୯ ରେ ପାଳିତ ହୋଇଥାଏ 'ବିଶ୍ୱ ଷ୍ଟ୍ରୋକ୍ ଦିବସ'। ଉକ୍ତ ଦିବସ ଲାଗି ଚଳିତ ବର୍ଷର ପ୍ରସଙ୍ଗ ରହିଛି– 'ପ୍ରତ୍ୟେକ ମିନିଟ୍‌କୁ ଗଣିବା'। ଏ ସମ୍ପର୍କରେ ଡା. ନିତ୍ୟାନନ୍ଦ ସ୍ୱାଇଁ କୁହନ୍ତି, ଷ୍ଟ୍ରୋକ୍ ହେଉଛି ମସ୍ତିଷ୍କକୁ ସାଂଘାତିକ ଭାବରେ ଆକ୍ରାନ୍ତ କରିବା। ଏହାର ଡାକ୍ତରୀ ନାଁ 'ସେରିବ୍ରୋଭସ୍କୁଲାର ଆକ୍ସିଡେଣ୍ଟ'। 'ସେରିବ୍ରୋ' ବୁଝାଇଥାଏ ମସ୍ତିଷ୍କକୁ, 'ଭସ୍କୁଲାର' ବୁଝାଇଥାଏ ମସ୍ତିଷ୍କର ଧମନୀକୁ ଏବଂ 'ଆକ୍ସିଡେଣ୍ଟ' ବୁଝାଇଥାଏ ଆକସ୍ମିକ ଭାବରେ ସଂଘଟିତ ହେବାକୁ। ଷ୍ଟ୍ରୋକ୍‌ର ଅନ୍ୟନାମ ବ୍ରେନ୍ ଆଟାକ ବା ମସ୍ତିଷ୍କାଘାତ। ଏଠାରେ ଜାଣି ରଖିବା ଉଚିତ ଯେ, ଶରୀରର ସବୁ ଅଙ୍ଗ ତଥା କୋଷ ଭଳି ମସ୍ତିଷ୍କ ମଧ୍ୟ ଦରକାର କରେ ଅକ୍ସିଜେନ ଏବଂ ପୁଷ୍ଟି। ଏହି ଅକ୍ସିଜେନ୍ ଓ ପୁଷ୍ଟି ମସ୍ତିଷ୍କର ସ୍ନାୟୁକୋଷଗୁଡ଼ିକୁ ଯୋଗାଇଦିଏ ରକ୍ତ। ସୁତରାଂ ମସ୍ତିଷ୍କକୁ କାର୍ଯ୍ୟକ୍ଷମ କରିବା ନିମିତ୍ତ ମସ୍ତିଷ୍କକୁ ସର୍ବଦା ରକ୍ତ ସଞ୍ଚାଳନ ଅବ୍ୟାହତ ରହିବା ଅପରିହାର୍ଯ୍ୟ। ମସ୍ତିଷ୍କକୁ ରକ୍ତ ସଂଚାଳନ ବ୍ୟାହତ ହୋଇପଡ଼ିଲେ ମସ୍ତିଷ୍କର ସ୍ନାୟୁଗୁଡ଼ିକ ଅକ୍ସିଜେନ ଏବଂ ପୁଷ୍ଟି ପାଇବାକୁ ବଞ୍ଚିତ ହୋଇ ପଡ଼ିବା ସ୍ୱାଭାବିକ। ଏହି ପ୍ରକାରର ପ୍ରତିକୂଳ ପରିସ୍ଥିତିର ଉଦ୍ଭବ ହୁଏ ମସ୍ତିଷ୍କ ଷ୍ଟ୍ରୋକ୍ ଉପୁଜିଲେ। ତା'ହେଲେ କିପରି ସଂଘଟିତ ହୁଏ ଷ୍ଟ୍ରୋକ୍ ? ମସ୍ତିଷ୍କକୁ ରକ୍ତ ଯୋଗାଉଥିବା ଧମନୀ ଅଭ୍ୟନ୍ତରରେ ରକ୍ତ ଜମାଟ ବାନ୍ଧିଲେ ସ୍ନାୟୁକୋଷ ନିକଟକୁ ରକ୍ତ ସଞ୍ଚାଳନ ହୋଇପାରେ ନାହିଁ। ଏହାଦ୍ୱାରା ସ୍ନାୟୁକୋଷଗୁଡ଼ିକ ଆଶାନୁରୂପ ଅକ୍ସିଜେନ ପାଇପାରନ୍ତି ନାହିଁ କି ଗ୍ଲୁକୋଜ ତଥା ପୁଷ୍ଟି ପାଇପାରନ୍ତି ନାହିଁ। ଅନ୍ୟପକ୍ଷରେ ମସ୍ତିଷ୍କକୁ ରକ୍ତ ଯୋଗାଉଥିବା ରକ୍ତନଳୀ ହଠାତ୍ ଫାଟିଗଲେ ମଧ୍ୟ ସ୍ନାୟୁକୋଷ ନିକଟକୁ ରକ୍ତ ସଞ୍ଚାଳନ ସମ୍ଭବ ହୋଇ ନ ଥାଏ। ଏହାର ପରିଣତିରେ ଆକ୍ରାନ୍ତ ସ୍ନାୟୁକୋଷଗୁଡ଼ିକର ମୃତ୍ୟୁ ଘଟି ସେମାନେ ଅକାମୀ ହୋଇପଡ଼ନ୍ତି। ତେବେ ଷ୍ଟ୍ରୋକ୍ ଲକ୍ଷଣ ପ୍ରକାଶ ପାଇବାର ଚାରି ଘଣ୍ଟାରୁ କମ୍ ସମୟ ଭିତରେ ରୋଗୀକୁ ହସ୍‌ପିଟାଲରେ ପହଞ୍ଚେଇବା ବାଞ୍ଛନୀୟ। ଉଚ୍ଚ ରକ୍ତଚାପ, ଡାଇବେଟିସ୍, ହୃଦ୍‌ରୋଗ, ପୃଥୁଳତାରେ ଆକ୍ରାନ୍ତ, ନିଶାଦ୍ରବ୍ୟ ସେବନ, ଆଳସ୍ୟ ଜୀବନଶୈଳୀ, ରକ୍ତରେ କୋଲେଷ୍ଟରଲ ମାତ୍ରା ବେଶି ରହିଲେ ଷ୍ଟ୍ରୋକ୍‌ରେ ଆକ୍ରାନ୍ତ ହୋଇପଡ଼ିବା ଆଶଙ୍କା ବେଶି ଥାଏ। ଏଥିରୁ ରକ୍ଷା ପାଇବା ପାଇଁ ନିୟମିତ ବ୍ୟାୟାମ କରିବା ସହ ଶରୀରର ଓଜନ ନିୟନ୍ତ୍ରଣ କରନ୍ତୁ। ବେଶି ତେଲ, ଛଣାଛଣି ଖାଦ୍ୟ ଖାଆନ୍ତୁ ନାହିଁ। ନିଶାଦ୍ରବ୍ୟ ସେବନ ବର୍ଜନ କରନ୍ତୁ। ରକ୍ତଚାପ ଏବଂ କୋଲେଷ୍ଟରଲକୁ ନିୟନ୍ତ୍ରଣରେ ରଖନ୍ତୁ।'

**କାନାରା ବ୍ୟାଙ୍କ Canara Bank** — A Government of India Undertaking — ସିଣ୍ଡିକେଟ Syndicate

**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.: ୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ବ୍ୟାଙ୍କର ସମସ୍ତ ବକେୟା ଦେୟ ପରିଶୋଧ ଦ୍ୱାରା ସମ୍ପତ୍ତି ବନ୍ଧକମୁକ୍ତ ପାଇଁ ସର୍ବସାଧାରଣ ନୋଟିସ୍**

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| କ୍ର. ନଂ. | ଓସ୍ତପୁର ଶାଖା (୪୯୬୭) / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ବନ୍ଧକମୁକ୍ତ ତାରିଖ / ବକେୟା ରାଶି |
|---|---|---|---|
| ୧. | ଋଣଗ୍ରହୀତାମାନେ: ୧) ମେସର୍ସ ସାଇ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ମନସ୍ୱିତା ରାଉତରାୟ, ରାହାଣିଆ, ଗୋକଳପୁର, କଟକ, ପିନ୍-୭୫୪୨୦୪, ୨) ଶ୍ରୀମତୀ ମନସ୍ୱିତା ରାଉତରାୟ, ପିତା: ସଦାନନ୍ଦ ରାଉତରାୟ, ସା: କାଳିଅଣ୍ଡି, ପୋ: ଚାୟାଁପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ପିନ୍-୭୫୪୨୦୪ / ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ଅସିତ କୁମାର ମହାନ୍ତି, ପିତା: ଅଜିତ କୁମାର ମହାନ୍ତି, ସା: କାଳିଅଣ୍ଡି, ପୋ: ଚାୟାଁପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ପିନ୍-୭୫୪୨୦୪ | ଅସିତ କୁମାର ମହାନ୍ତିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୯୦୩/୩୫୫, ପ୍ଲଟ୍ ନଂ.: ୧୭୦୫/୩୩୫୮, କ୍ଷେତ୍ର: ଏକର୦.୦୪୦ ଡିସିମିଲି, କିସମ: ଘରବାରି, ଅନୁରୂପ ସାବକ ଖାତା ନଂ.: ୯୦୩/୧୧୩, ଅନୁରୂପ ଚକବନ୍ଦୀ ଖାତା ନଂ.: ୫୬୦, ମୌଜା: କାଳିଅଣ୍ଡି, ତହସିଲ: ମାହାଙ୍ଗା, ଜିଲ୍ଲା: କଟକ, ଏସ୍‌ଆରଓ: ମାହାଙ୍ଗା, ଏହାର ଚରିପାର୍ଶ୍ୱରେ- ଉତ୍ତର: କାଳିଅଣ୍ଡି ୟୁପିଏମ୍‌ଇ ବିଦ୍ୟାଳୟ, ଦକ୍ଷିଣ: ପ୍ଲଟ୍ ନଂ. ୧୭୦୫/୩୩୫୭, ପୂର୍ବ: ଜତିନ୍ଦ୍ର ମହାନ୍ତି, ପଶ୍ଚିମ: କେନାଲ ବନ୍ଧ ରାସ୍ତା | ୦୪.୦୮.୨୦୨୫ / ୨୪.୧୦.୨୦୨୫ / ୨୮.୧୦.୨୦୨୫ / ୨୮.୧୦.୨୦୨୫ ସୁଦ୍ଧା ଟ.୧୩,୪୭,୦୪୯.୭୭ |

ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପରଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୧) ଅନୁସାରେ ଉପରଦର୍ଶିତ ତାରିଖରେ ଜାରି କରାଯାଇଥିବା ଦଖଲ ନୋଟିସ୍ ଅନୁଯାୟୀ କାନାରା ବ୍ୟାଙ୍କ (ବ୍ୟାଙ୍କ) ସୁରକ୍ଷିତ ଋଣଦାତା ଭାବେ ଏହାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଅସେଟ୍ସ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ ୨୦୦୨ ଅନୁସାରେ ଉପରଦର୍ଶିତ ବକେୟା ରାଶି ସହିତ ସୁଧ ଏବଂ ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଆନୁସଙ୍ଗିକ ଖର୍ଚ୍ଚ ଆଦାୟ କରିବାପାଇଁ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ ପ୍ରକ୍ରିୟା ଏବଂ ଏହାର ଇ-ନିଲାମର ଖବର କାଗଜ ପ୍ରକାଶନ ଆରମ୍ଭ କରିବାକୁ ଯାଉଛି । ଏତଦ୍ୱାରା ଆପଣଙ୍କୁ **୩୦ ଦିନିଆ** ନୋଟିସ୍ ଜାରି କରାଗଲା କି ଏହି ସମୟସୀମା ଅତିକ୍ରାନ୍ତ ପରେ, ଯଦି ପୂର୍ବଦର୍ଶିତ ବକେୟା ରାଶି ପୈଠ କରିନଥାନ୍ତି ତେବେ ବ୍ୟାଙ୍କ ସରଫେଶୀ ଆକ୍ଟ ଏବଂ ଏହାର ଅନ୍ତର୍ଗତ ନିୟମାବଳୀ ଅନୁସାରେ ସର୍ବସାଧାରଣ ନିଲାମ ମାଧ୍ୟମରେ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରୟ କରିବାପାଇଁ ପଦକ୍ଷେପମାନ ଗ୍ରହଣ କରିବେ । ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୮) ର ସଂଶୋଧନ ଅନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆପଣଙ୍କୁ ପରାମର୍ଶ ଦିଆଯାଉଛି କି ବ୍ୟାଙ୍କକୁ ଏହି ନୋଟିସ୍ ପ୍ରାପ୍ତିର **୩୦ ଦିନ** (ନିଲାମ ନୋଟିସ୍ ପ୍ରକାଶନ ପୂର୍ବରୁ) ମଧ୍ୟରେ ବକେୟା ରାଶି ପୈଠ କରନ୍ତୁ ଅନ୍ୟଥା ସୁରକ୍ଷିତ ସମ୍ପତ୍ତିର ନିଲାମ ବିକ୍ରୟ ନୋଟିସ୍ ଖବର କାଗଜ ପ୍ରକାଶନ ପରେ ଆପଣଙ୍କ ସମ୍ପତ୍ତିଗୁଡ଼ିକୁ ବନ୍ଧକମୁକ୍ତ କରିବାର ଅଧିକାର ରହିବ ନାହିଁ ।

ସ୍ଥାନ: କଟକ, ତାରିଖ: ୨୮.୧୦.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ବର୍ଷାରେ ଭୁଶୁଡ଼ିଲା କାଉନ୍ସିଲରଙ୍କ ଘର କାନ୍ଥ

ଗଞ୍ଜାମ,୨୮।୧୦
(ଅଖିଳ ତରାଇ/ବିଦ୍ୟାଧର ସାହୁ)

ବାତ୍ୟା ପ୍ରଭାବରେ ଗଞ୍ଜାମ ବ୍ଲକ ଅଞ୍ଚଳରେ ବର୍ଷା ହୋଇଛି। ବର୍ଷାରେ ଭିଜି ଗଞ୍ଜାମ ଏନଏସି ୯ନଂ ୱାର୍ଡର କାଉନସିଲର ବରପଲ୍ଲୀ ଗ୍ରାମର ସ୍ୱାଗତ ଆଶିଷ ନାୟକଙ୍କ ଘରର ଏକ କାନ୍ଥ ମଙ୍ଗଳବାର ଭୋରରେ ଭୁଶୁଡ଼ି ପଡ଼ିଛି। ଉକ୍ତ ଘରେ ଥିବା ପରିବାରର ୧୦ ଜଣ ସଦସ୍ୟ ସୌଭାଗ୍ୟକ୍ରମେ ବର୍ତ୍ତି ଯାଇଛନ୍ତି। ସ୍ୱାଗତଙ୍କ ବାପା ରାଜୁ ନାୟକଙ୍କ ୩ଦିନ ପୂର୍ବେ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଦୁଃଖରେ ଥିବା ବେଳେ ଘର କାନ୍ଥ ଭାଙ୍ଗିଯାଇଥିବାରୁ ସମସ୍ୟା ବଢ଼ିଛି। ଖବରପାଇ ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ, ଏନଏସି ଅଧକ୍ଷା ପ୍ରତିନିଧି ବିନୋଦ କୁମାର ପାଢ଼ୀ, ଇଓ ଅପର୍ଣ୍ଣା ଡାଙ୍ଗୁଆ, ସିଡିପିଓ ସଲିଳା ପ୍ରଧାନ ଓ ଥାନା ଆଇଆଇସି ସୁମିତ୍ରା ପାତ୍ର ପ୍ରମୁଖ ସେଠାରେ ପହଞ୍ଚିଥିଲେ। ଆଶିଷଙ୍କ ପରିବାରକୁ ନିକଟସ୍ଥ ନୂଆ ଅଙ୍ଗନୱାଡ଼ି କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି। ବିଧାୟକ ବ୍ୟକ୍ତିଗତ ଭାବେ ୧୫,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଯଥାଶୀଘ୍ର ଆଶିଷଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଘର ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

**ବିଧାୟକଙ୍କ ସହାୟତା ପ୍ରଦାନ**



କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ କରୁଛନ୍ତି ବିଧାୟକ।

## ସଂକ୍ଷେପରେ

### ବାତ୍ୟା ଆଶ୍ରୟ ସ୍ଥଳକୁ ୧୬ ସ୍ଥାନାନ୍ତର

ଶେରଗଡ଼,୨୮।୧୦(ସୂର୍ଯ୍ୟ ନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକରେ ବାତ୍ୟା ମୋନ୍ଥାକୁ ନେଇ ପ୍ରଶାସନ ବ୍ୟାପକ ପ୍ରସ୍ତୁତି କରିଛି। ବ୍ଲକ କାର୍ଯ୍ୟାଳୟରେ ଏକ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ନୋଡାଲ ଅଧିକାରୀମାନେ ପଞ୍ଚାୟତରେ ରହି ବର୍ଷା ତଦାରଖ କରୁଛନ୍ତି। ବର୍ଷା ଲାଗି ରହିଥିବାରୁ ବ୍ରାହ୍ମଣଛାଇ ପଞ୍ଚାୟତର ଗୁଡ଼ିସର ଗ୍ରାମରୁ ମଙ୍ଗଳବାର ୮ ପରିବାରର ୧୬ଜଣଙ୍କୁ ବ୍ଲକ ପ୍ରଶାସନ ବାତ୍ୟା ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରିଛି। ବିଡ଼ିଓ ତୃପ୍ତିମୟୀ ଜେନା, ଜିପିଓ ରବି କୁମାର ସ୍ଥିତି ଉପରେ ନଜର ରଖିଛନ୍ତି।

### କାର୍ଯ୍ୟରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ

ଚିକିଟି,୨୮।୧୦(ପ୍ରକାଶ ସାହୁ)

ଚିକିଟିରେ ୩୫ ଜଣିଆ ଓଡ୍ରାଫ ଟିମ ମଙ୍ଗଳବାର ସକାଳେ ପହଞ୍ଚିଛନ୍ତି । ଚିକିଟି ତହସିଲଦାର ପ୍ରତ୍ୟେକ ବାତ୍ୟା ଆଶ୍ରୟ ସ୍ଥଳ ତଦାରଖ କରୁଛନ୍ତି। ୬୦ରୁ ଊର୍ଦ୍ଧ୍ୱ ସରକାରୀ କର୍ମଚାରୀ ମୋନ୍ଥା ମୁକାବିଲାରେ ନିୟୋଜିତ ହୋଇଥିବା ବେଳେ ସେମାନଙ୍କୁ ସହଯୋଗ କରିବାକୁ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଏବଂ ଜିଲା ପରିଷଦ ସଦସ୍ୟଙ୍କୁ କୁହାଯାଇଛି। ବାତ୍ୟା ମୋନ୍ଥା ପାଇଁ ଲୋକେ ଆତଙ୍କିତ ହୋଇପଡିଛନ୍ତି। କୌଣସି କର୍ମଚାରୀ କାର୍ଯ୍ୟରେ ଅବହେଳା କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### ଦୁର୍ନୀତି ନିବାରଣ ସଚେତନତା

ପାରଳାଖେମୁଣ୍ଡି,୨୮।୧୦(ଗିରିଧାରୀ ପରିଚ୍ଛା)

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଜିଲା ସିଭିଲ କୋର୍ଟ ପରିସରରେ ସତ୍ୟନିଷ୍ଠା ଶପଥ ଗ୍ରହଣ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଗଜପତି ଜିଲା ଓ ସେସନ ଜଜ୍ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଓ ସେସନ ଜଜ୍ ବିଭୁ ପ୍ରସାଦ ପଣ୍ଡା, ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ ନରୋତ୍ତମ ସେଠୀ, ସିଭିଲ ଜଜ୍ (ସିନିୟର ଡିଭିଜନ) ଜୀବନାନନ୍ଦ ପାଢ଼ୀ, ସିଭିଲ କୋର୍ଟ ରେଜିଷ୍ଟ୍ରାର ପ୍ରସନ୍ନ ବେହେରା, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିମଳ ରାଉଳ, ମହିଳା ଅଦାଲତର ସିଭିଲ ଜଜ (ସିନିୟର ଡିଭିଜନ) ରଶ୍ମିତା ସାହୁ, ପାରଳାଖେମୁଣ୍ଡି ଏସ୍‌ଡ଼ିଜେଏମ୍ ବିଷ୍ଣୁପ୍ରିୟା ସାମନ୍ତରାୟ ଓ ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ ମିଶ୍ର ଉପସ୍ଥିତ ରହି ଶପଥ ଗ୍ରହଣ କରିଥିଲେ। ସେହିପରି ଆର.ଉଦୟଗିରି ସିଭିଲ କୋର୍ଟ ପରିସରରେ ସିଭିଲ ଜଜ (ସିନିୟର ଡିଭିଜନ) ସୌଦାମିନୀ ବିଶ୍ୱାଳ, ମୋହନା ସିଭିଲ କୋର୍ଟ ପ୍ରାଙ୍ଗଣରେ ଜେଏମ୍ଏଫସି ଶୁଭଜିତ ବେହେରା, କାଶୀନଗର ଗ୍ରାମ୍ୟ ନ୍ୟାୟାଳୟ ପରିସରରେ ଗ୍ରାମ ନ୍ୟାୟାଧିକାରୀ ତଥା ଜେଏମଏଫସି ମୋନାଲି ବେହେରାଙ୍କ ତତ୍ତ୍ୱାବଧାନରେ ଶପଥ ଗ୍ରହଣ ଉତ୍ସବ ସମ୍ପନ୍ନ ହୋଇଛି।

### ଗଞ୍ଜାମରେ ନୂତନ ଜିଲା ଜଜ

ବ୍ରହ୍ମପୁର,୨୮।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାର ନୂତନ ଜିଲା ଓ ଦୌରା ଜଜ୍ ଭାବେ ଅସନ୍ତ କୁମାର ଦାସଙ୍କୁ ନିଯୁକ୍ତି ମିଳିଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପକ୍ଷରୁ ମଙ୍ଗଳବାର ପ୍ରକାଶିତ ବିଜ୍ଞପ୍ତିରେ ଏହି ନୂତନ ନିଯୁକ୍ତି ସଂପର୍କରେ ଉଲ୍ଲେଖ ରହିଛି । ଏବେ ଗଞ୍ଜାମର ଜିଲା ଜଜ ଭାବେ ଡ. ଭାଗ୍ୟଲକ୍ଷ୍ମୀ ରଥ କାର୍ଯ୍ୟରତ ଅଛନ୍ତି । ଗଞ୍ଜାମ ସମେତ ଜଗତସିଂହପୁର ଜିଲାରେ ମଧ୍ୟ ଜଣେ ନୂତନ ଜିଲା ଜଜ୍‌ଙ୍କୁ ନିଯୁକ୍ତ ମିଳିଛି।

# ବାତ୍ୟା ପୂର୍ବରୁ ବିଦ୍ୟୁତ୍ ସେବା ବ୍ୟାହତ

ଦାରିଙ୍ଗବାଡ଼ି,୨୮।୧୦ (ଅରୁଣ ସାହୁ):

ବାତ୍ୟା ପୂର୍ବରୁ ଦାରିଙ୍ଗବାଡ଼ି ବ୍ଲକ୍ ଅଞ୍ଚଳରେ ବିଦ୍ୟୁତ୍ ସେବା ବନ୍ଦ ରହିଛି। ସୋମବାର ବିଳମ୍ବିତ ରାତିରୁ ବ୍ଲକ୍‌ର ସିମନବାଡି ଫିଡ଼ରର ଶ୍ରୀନିକେତା ପଞ୍ଚାୟତ ସମେତ କିରିକୁଟି, ତିଲୋରୀ, ବୁଢ଼ାଗୁଡ଼ା, ଗୁମିକିଆ, କୋଟଗଡ଼ ବ୍ଲକ୍ ପକାରୀ, ବାକିଗୁଡ଼ା ବ୍ଲକ ରଡୁଙ୍ଗିଆ ସମେତ ପର୍ତ୍ତମାହା, ଦାରିଙ୍ଗବାଡ଼ି ଜଭରାମ୍ରବାଡି, ଗ୍ରୀନବାଡି, ସିଆଙ୍ଗବାଲି, ଦାସିଙ୍ଗବାଡି, ଦନେକବାଡି, ସୋନପୁର, ସିର୍କାବର୍ଗ ଆଦି ପଞ୍ଚାୟତକୁ ବିଦ୍ୟୁତ୍ ସଂଯୋଗ ବନ୍ଦ ରହିଛି। ଖବର ଲେଖିବା ସୁଦ୍ଧା ପ୍ରାୟ ୨୦ ଘଣ୍ଟା ବିତିଯାଇଥିଲେ ବି ବିଦ୍ୟୁତ୍ ଯୋଗାଣରେ ବିଫଳ ହୋଇଛି। ବିଦ୍ୟୁତ୍ ଅଚଳ ହେବାର କିଛି ସମୟ ପରେ ଉଭୟ ବିଏସ୍ଏନ୍ଏଲ୍ ଏବଂ ଜିଓ ମୋବାଇଲ ସେବା ଅଚଳ ହୋଇଛି। ସିମନବାଡିରେ ବିଏସ୍ଏନ୍ଏଲ୍ କାର୍ଯ୍ୟାଳୟରେ ଲାଗିଥିବା ଜେନେନେଟର ବର୍ଷବର୍ଷ ଧରି ଅଚଳ ହୋଇଥିଲେ ସୁଦ୍ଧା ତାକୁ ମରାମତି କରାଯାଉନାହିଁ। ଫଳରେ ବିଦ୍ୟୁତ ଅଚଳର କିଛି ସମୟ ପରେ ନେଟୱାର୍କ ସେବା ବାଧାପ୍ରାପ୍ତ ହେଉଥିବା ସିମନବାଡି ଗ୍ରାମର ସାଧୁ ନାୟକ, ଅମରେନ୍ଦ୍ର ପ୍ରଧାନ, ମହେଶ ସାହୁ, ସରୋଜ ସାହୁ, ଚିତ୍ତରଞ୍ଜନ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ବାତ୍ୟା ଆସୁଥିବା ବେଳେ ଜିଲାପ୍ରଶାସନ ସମସ୍ତ ପ୍ରକାର ପ୍ରସ୍ତୁତି ଚଳାଇଥିବା ବେଳେ କିଛି ବିଭାଗର ଦାୟିତ୍ୱ ହିନତା ପାଇଁ ଅଞ୍ଚଳବାସୀ ହନ୍ତସନ୍ତ ହେଉଛନ୍ତି। ଜରୁରୀକାଳୀନ ସେବାପାଇଁ ବିଶେଷ କରି ଆମ୍ବୁଲାନ୍ସ ଡକାଇବା ପାଇଁ ମୋବାଇଲ ନେଟୱାର୍କ ଅଚଳ ଯୋଗୁ ବହୁ ହଇରାଣ ହେବାକୁ ପଡୁଛି। ଏନେଇ ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ଶିବପ୍ରସାଦ ନାୟକଙ୍କ ସହ ଯୋଗାଯୋଗ କରାଯିବାରୁ ପ୍ରବଳ ବର୍ଷା ଓ ପବନ ଯୋଗୁ ବିଦ୍ୟୁତ୍ କାଟି ଦିଆଯାଇଥିବା କହିବା ସହ ଅନ୍ୟ କିଛି ଅଞ୍ଚଳ ବିଦ୍ୟୁତ୍ ଅଚଳ ହୋଇଯାଇଥିବା କହିଛନ୍ତି।

ଅନ୍ୟପଟେ ମୋବାଇଲ ନେଟୱାର୍କ ଅଚଳ ନେଇ ସିମନବାଡିର ବିଏସ୍ଏନ୍ଏଲ୍‌ର କନ୍ଧମାଳ ଡିଜିଏମ୍ ବୃନ୍ଦାବନ ମାଝିଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ, ଜେନେନେଟର ଅଚଳ ଅଛି। ତେଣୁ ବିଦ୍ୟୁତ୍ ଯୋଗାଣ ପରେ ହିଁ ଏହି ସେବା ମିଳିପାରିବ। ଏନେଇ କନ୍ଧମାଳ ଜିଲ୍ଲାପାଳ ବେଦଭୂଷାଣଙ୍କ ସହ ଯୋଗାଯୋଗ କରାଯିବାରୁ ଏହି ମୋବାଇଲ ନେଟୱାର୍କ ଏବଂ ବିଦ୍ୟୁତ୍ ପୁନଃ ପ୍ରଚଳନ ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି କହିଛନ୍ତି।

## ବାତ୍ୟା ଆଶ୍ରୟସ୍ଥଳ ଅନୁଧ୍ୟାନ କଲେ ବିଧାୟକ

ଗଞ୍ଜାମ,୨୮।୧୦(ବିଦ୍ୟାଧର ସାହୁ)–

ଗଞ୍ଜାମ ବ୍ଲକ ଅଞ୍ଚଳରେ ବାତ୍ୟା ମୁକାବିଲା ଲାଗି ବ୍ଲକ, ତହସିଲଦାର ଓ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କୁହାଯାଇଛି। ମଙ୍ଗଳବାର ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ପାଲିବନ୍ଧ ପଞ୍ଚାୟତ ପୋଡ଼ମପେଟା ଗ୍ରାମକୁ ଯାଇ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହ ସେଠାକାର ମତ୍ସ୍ୟଜୀବୀମାନଙ୍କ ସହ ଆଲୋଚନା କରିଥିଲେ। ଜରୁରୀ କାଳୀନ ପରିସ୍ଥିତିରେ ଅତ୍ୟାବଶ୍ୟକ ଜିନିଷ ଓ ଖାଦ୍ୟ ପଦାର୍ଥ ମହଜୁଦ ରଖିବାକୁ ପ୍ରଶାସନିକ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ବିଧାୟକଙ୍କ ଅନୁଧ୍ୟାନ ବେଳେ ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ, ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର ଓ ଅନ୍ୟ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

# କାର୍ଯ୍ୟକ୍ଷମ ହେଲା ଏମ୍ଏମ୍‌ସି ମେଡିକାଲ

ଜି.ଉଦୟଗିରି,୨୮।୧୦(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ଗୁଡ଼ିପଡ଼ିଠାରେ ରୋଗୀ ଚିକିତ୍ସା ପାଇଁ ସୁନାମ ଅର୍ଜନ କରିଥିବା ଏମଏମସି ମେଡିକାଲ ବହୁ ବର୍ଷ ବନ୍ଦ ରହିବା ପରେ ପୁଣି ଥରେ ରୋଗୀ ସେବା ଆରମ୍ଭ ହୋଇଛି। ପୁଣି ଥରେ ନୂତନ ଭାବେ ଏମଏମସି ମେଡିକାଲ ଆରମ୍ଭ ହୋଇଥିବା ଖବର ଶୁଣି ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଏମଏମସି ମେଡ଼ିକାଲ ଅଞ୍ଚଳବାସୀଙ୍କ ପାଇଁ ବହୁ ପୁରାତନ ଏବଂ ଖ୍ରୀଷ୍ଟିଆନ ମିଶିନାରି ମାନେ ସ୍ଥାନୀୟ ଲୋକଙ୍କୁ ନିଃସ୍ୱାର୍ଥ ଭାବରେ ସ୍ୱାସ୍ଥ୍ୟ ସେବା ଦେଉଥିଲେ। ପୂର୍ବରୁ ସ୍ଥାନୀୟ ଅଞ୍ଚଳବାସୀ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଉନ୍ନତ ମାନର ଚିକିତ୍ସା ପାଇ ରୋଗରୁ ଭଲ ହୋଇଥିବା ଖ୍ରୀଷ୍ଟିଆନ ଲିଡର ଆମୋଦ ଚନ୍ଦ୍ର ନାୟକ କହିଛନ୍ତି। ଜି.ଉଦୟଗିରି ତଥା ଜିଲ୍ଲା ଏବଂ ଜିଲା ବାହାରୁ ରୋଗୀ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇ ଭଲ ହୋଇଛନ୍ତି। ବହୁ ବର୍ଷ ପରେ ପୁଣି ଥରେ ଏହି ମେଡିକାଲର ନବୀକରଣ ହୋଇଛି। ଏହାର ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖ୍ରୀଷ୍ଟ ସମ୍ପ୍ରଦାୟର ମହା ଆଚାର୍ଯ୍ୟ ବିଜୟ କୁମାର ନାୟକ ଯୋଗଦେଇ ଥିବା ବେଳେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ମଧ ଅତିଥି ଭାବେ ଯୋଗ ଦେଇ ରିବନ କାଟିଥିଲେ। ଏହି ଅବସରରେ ଭେଲୋର ମେଡ଼ିକାଲରୁ ଜଣେ ଡାକ୍ତର ନିୟୋଜିତ ଅଛନ୍ତି। ତେବେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ବର୍ତ୍ତମାନ ଏକ କ୍ଲିନିକ ଭାବେ ଆରମ୍ଭ କରି ଆଗାମୀ ଦିନରେ ସ୍ୱାସ୍ଥ୍ୟ ଗତ ସମସ୍ତ ସୁବିଧା ଉପଲବ୍ଧ ହେବ ବୋଲି ଜଣାପଡ଼ିଛି।

# ୪୧ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୭ ଗିରଫ

ମୋହନା, ୨୮।୧୦ (ମନ୍ମଥ ମିଶ୍ର )

ଗଞ୍ଜେଇ ଚୋରାଚାଲାଣ କରୁଥିବା ବେଳେ ଗଜପତି ଜିଲା ଅଡବା ପୋଲିସ ୭ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୪୧ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରିଛି। ଅଡବା ଥାନା ଅନ୍ତର୍ଗତ ବିରିକୋଟ ରାସ୍ତାରୁ ଗଞ୍ଜେଇ ଏବଂ ଗୋଟିଏ କାର (ଓଡି୦୭ଏଏକ୍ସ ୪୭୧୨) ଓ ଗୋଟିଏ ପିକଅପ ଭ୍ୟାନ (ଓଡ଼ି ୩୩ଏଏଚ–୬୧୬୫ ) ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ବ୍ରହ୍ମପୁର ଓ ଆର. ଉଦୟଗିରି ଥାନା ଅଞ୍ଚଳର ବୋଲି ଅଡବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି । ଅଡବା ରାସ୍ତାରେ ପୋଲିସ ଗାଡିମୋଟର ଯାଞ୍ଚ କରୁଥିବା ବେଳେ ଗଞ୍ଜେଇ ଚୋରା ଚାଲାଣକାରୀ ପୋଲିସକୁ ଦେଖି କାର ଓ ଭ୍ୟାନ ଦ୍ରୁତ ଗତିରେ ଚଳାଇଥିଲେ। ଫଳରେ ପୋଲିସର ସନ୍ଦେହ ହୋଇଥିଲା। ପୋଲିସ ପିଛା କରି ଗାଡି ୨ଟିକୁ ଅଟକାଇ ଯାଞ୍ଚ କରିବାକୁ ସେଥିରୁ ଉପରୋକ୍ତ ପରିମାଣ (୪ କୁଇଣ୍ଟାଲ ୧୫ କିଲୋ)ର ଗଞ୍ଜେଇ ମିଳିଥିଲା। ଏହାର ବଜାର ମୂଲ୍ୟ ୪୧ ଲକ୍ଷ ଟଙ୍କା। ୧୫୮/ ୨୫ ରେ ମାମଲା ରୁଜୁ କରି ତଦନ୍ତ କରାଯାଉଥିବା ଆର. ଉଦୟଗିରି ଏସ୍‌ଡିପିଓ ସୁରେଶ ଚନ୍ଦ୍ର ତ୍ରିପାଠୀ କହିଛନ୍ତି।

# ବାତ୍ୟାରେ ଭାଙ୍ଗିଲା ଘର

ଆର୍. ଉଦୟଗିରି,୨୮।୧୦ (ମନୋଜ କୁମାର ପାଢ଼ୀ)

ଗଜପତି ଜିଲା ଆର. ଉଦୟଗିରି ବ୍ଲକର ମହେନ୍ଦ୍ରଗଡ଼ଠାରେ ମଙ୍ଗଳବାର ବାତ୍ୟା ‘ମୋନ୍ଥା’ର କରାଳ ରୂପ ଦେଖିବାକୁ ମିଳିଛି। ସୋମବାର ରାତି ୨ଟାରୁ ତୁହାକୁ ତୁହା ବର୍ଷା ଲାଗି ରହିବାରୁ ମହେନ୍ଦ୍ରଗଡ଼ ଶଙ୍ଖ ନଦୀଠାରେ ବୁଢାଝର ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ବର୍ଷା ଯୋଗୁ ଧାନବିଲଗୁଡିକରେ ପାଣି ଜମି ରହି ଧାନ ଗଛଗୁଡିକ ଶୋଇପଡିଛି। ମହେନ୍ଦ୍ରଗଡ଼ ପଞ୍ଚାୟତ କାର୍ଯ୍ୟାଳୟଠାରେ ଥିବା ଏକ ବିରାଟ ଗଛ ପଞ୍ଚାୟତ ଅଫିସ କାନ୍ଥ ଓ ଗେଟ୍ ଉପରେ ପଡି କ୍ଷତି ଘଟାଇଛି। ଏଥିଯୋଗୁ ରାସ୍ତା ଜାମ୍ ହୋଇଛି। ଖବରପାଇ ଆର୍. ଉଦୟଗିରି ଅଗ୍ନିଶମ କର୍ମଚାରୀ ପହଞ୍ଚି ଗଛ କାଟି ରାସ୍ତା ସଫା କରିଛନ୍ତି। ବ୍ଲକର ରଣ୍ଡିବା ଗ୍ରାମପଞ୍ଚାୟତର ଲକ୍ଷ୍ମୀପୁର ଗ୍ରାମର ହରିଶ୍ଚନ୍ଦ୍ର ବେହର୍ଦଲାଇଙ୍କ ଘର ବାତ୍ୟାରେ ଭାଙ୍ଗିଯାଇଛି। ତାଙ୍କ ପରିବାରକୁ ତୁରନ୍ତ ସହାୟତା ଯୋଗାଇଦେବାକୁ ଦାବି ହେଉଛି। ଅନ୍ୟପକ୍ଷରେ ଯଦି ଏଭଳି ବର୍ଷା ଲାଗିରହେ ତେବେ ବହୁ କ୍ଷୟକ୍ଷତି ହେବାର ଆଶଙ୍କା ପ୍ରକାଶ ପାଇଛି।



ଲକ୍ଷ୍ମୀପୁର ଗ୍ରାମର ହରିଶ୍ଚନ୍ଦ୍ର ବେହର୍ଦଲାଇଙ୍କ ଘର ବାତ୍ୟାରେ ଭାଙ୍ଗିଯାଇଛି।

## ମୋନ୍ଥା ପାଇଁ ୧୦୭ ସ୍ଥାନାନ୍ତର

ପୋଲସରା, ୨୮।୧୦( ସୁବ୍ରତ ବେହେରା)

ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ପଣ୍ଡିପେଡ଼ା ପଞ୍ଚାୟତରେ ବାତ୍ୟା ମୋନ୍ଥା ପାଇଁ ଆଦିବାସୀ ଅଧୁଷିତ ମହୁଲପଲ୍ଲୀ ଗ୍ରାମର ୭୦ ଜଣ, ରାମ୍ପୁଡ଼ି ଗ୍ରାମର ୧୫ ଜଣ, ପାଣ୍ଡିଆମ୍ବା ଗ୍ରାମର ୨୨ ଜଣଙ୍କୁ ସରପଞ୍ଚ ରଘୁନାଥ ଭୂୟାଁ ସ୍ଥାନୀୟ ସ୍କୁଲ ଓ ଅଙ୍ଗନୱାଡ଼ିକେନ୍ଦ୍ରକୁ ସ୍ଥାନାନ୍ତର କରିଛନ୍ତି। ସେମାନଙ୍କୁ ଶୁଖିଲା ଖାଦ୍ୟ ସହ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଛି।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ କୋର୍ଟ ଚାଲାଣ

ଜି.ଉଦୟଗିରି,୨୮।୧୦(ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି. ଉଦୟଗିରି ବ୍ଲକ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଜି. ଉଦୟଗିରି ଥାନା ଅନ୍ତର୍ଗତ ନିଲୁଙ୍ଗିଆ ଗ୍ରାମର କ୍ଲିଷ୍ଟନ ନାୟକ। ନାବାଳିକାଙ୍କୁ ଅପହରଣ କରିନେଇ ବଳାତ୍କାର କରାଯାଇଥିବା ସମ୍ପର୍କରେ ପରିବାର ତରଫରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ ୨୧୦/୨୫ ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମେଡ଼ିଆ ଗ୍ରାମରୁ ଅଭିଯୁକ୍ତ କ୍ଲିଷ୍ଟନଙ୍କୁ କାବୁ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ଆଇଆଇସି ବିଜୟ କୁମାର ସ୍ୱାଇଁ କହିଛନ୍ତି।

# ବାତ୍ୟା ‘ମୋନ୍ଥା’ ପାଇଁ ମକ୍‌ଡ୍ରିଲ

ତୁମୁଡିବନ୍ଧ,୨୮।୧୦(ଦୀପକ କୁମାର ପରାସେଠ)

ସମ୍ଭାବ୍ୟ ବାତ୍ୟା ମୋନ୍ଥାକୁ ନେଇ କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକରେ ସମସ୍ତ ବିଭାଗ ସଜାଗ ରହିଛି। ଏପରି ବାତ୍ୟା ଅତୀତରେ ଅନେକ କ୍ଷତି କରିଥିବା ନଜୀର ଥିବାରୁ ଏବେ ମୋନ୍ଥାକୁ ନେଇ ଲୋକେ ଭୟଭୀତ ହୋଇପଡିଛନ୍ତି। ଅଗ୍ନିଶମ କର୍ମଚାରୀ ମଙ୍ଗଳବାର ସମସ୍ତ ଯନ୍ତ୍ରାଂଶକୁ ପ୍ରଦର୍ଶନ କରି ମକଡ୍ରିଲ କରିଛନ୍ତି। ବାତ୍ୟାକୁ ନେଇ ଯେକୌଣସି ପରିସ୍ଥିତି ସୃଷ୍ଟି ହେଲେ ମୁକାବିଲା ପାଇଁ ଅଗ୍ନିଶମ ଟିମ୍ ପ୍ରସ୍ତୁତ ଅଛନ୍ତି ବୋଲି ଅଗ୍ନିଶମ ହାବିଲଦାର ସର୍ବେଶ୍ୱର ପାତ୍ର କହିଛନ୍ତି। ବ୍ଲକରେ ବିଡିଓ ବନ ବିହାରୀ ହରପାଲ ୧୫ଟି ସ୍କୁଲ ଓ ୧୧ଟି ପଞ୍ଚାୟତକୁ ଅସ୍ଥାୟୀ ଆଶ୍ରୟ ସ୍ଥଳ ରୂପେ ଚିହ୍ନଟ କରିଛନ୍ତି। ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବାତ୍ୟା ମୋନ୍ଥାକୁ ନେଇ ଗର୍ଭବତୀଙ୍କୁ ମା’ଗୃହକୁ ଆଣି ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛି। ମା’ ଗୃହରେ ୧୪ ଜଣ ଗର୍ଭବତୀ ଥିବା ବେଳେ ସେମାନଙ୍କ ମଧ୍ୟରୁ ୪ଜଣ ସନ୍ତାନ ପ୍ରସବ କରିଛନ୍ତି। ପ୍ରସବ ପରେ ମା’ ଓ ଶିଶୁ ସୁସ୍ଥଥିବା ବେଳେ ଅନ୍ୟ ଜଣେ ଗର୍ଭବତୀଙ୍କୁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେହିଭଳି ବେଲଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଗର୍ଭବତୀ ସନ୍ତାନ ପ୍ରସବ କରିଥିବା ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦିବ୍ୟଜ୍ୟୋତି କର କହିଛନ୍ତି। ତୁମୁଡିବନ୍ଧ ବିଡିଓ ହରପଲ, ତହସିଲଦାର ଦୋଳ ଗୋବିନ୍ଦ ସାହୁ, ଥାନା ଅଧିକାରୀ ଆଶୁତୋଷ ଜେନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ଅଗ୍ନିଶମ ଅଧିକାରୀ ଚିତ୍ତରଞ୍ଜନ ସାହୁ ବାତ୍ୟା ମୋନ୍ଥାକୁ ସାମ୍ନା କରିବାକୁ ପ୍ରସ୍ତୁତ ଥିବା କହିଛନ୍ତି।

# ଗୌରୀଆମ୍ମାଙ୍କ ବାର୍ଷିକ ଉତ୍ସବ, ପରିଭ୍ରମଣ



ପୋଲସରା,୨୮।୧୦ (ସୁବ୍ରତ ବେହେରା)

ପୋଲସରା ସହରରେ ପ୍ରତି ପାଞ୍ଚବର୍ଷରେ ଥରେ ୧ ମାସ ଧରି ମା’ ଗୌରୀଆମ୍ମାଙ୍କ ଯାତ୍ରା ପାଳିତ ହୁଏ। ଯାହାକୁ ପାଥେୟ କରି ଚଳିତ ବର୍ଷ ମଧ୍ୟ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଗୌରୀଆମ୍ମା କମିଟି ସଦସ୍ୟଙ୍କ ସୂଚନା ଅନୁସାରେ ଚଳିତବର୍ଷ ବାର୍ଷିକ ଉତ୍ସବ ୨ ଦିନ ଧରି ଅନୁଷ୍ଠିତ ହେଉଛି। ଯେଉଁଠି ଭକ୍ତ ଗୌରୀଆମ୍ମାଙ୍କ ଦର୍ଶନ କରିବା ନିମନ୍ତେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଛନ୍ତି। ଏନେଇ ରବିବାର ପ୍ରଥମ ପର୍ଯ୍ୟାୟରେ ମାଁ ରତନୀ ମହାମାୟୀ ମନ୍ଦିରରୁ ଗୌରୀଆମ୍ମା ପ୍ରତିମୂର୍ତ୍ତିଙ୍କୁ ଶ୍ରଦ୍ଧା ପୂର୍ବକ ଡେରା ସମ୍ପ୍ରଦାୟର ଲୋକଙ୍କ ଦ୍ୱାରା ପୂଜାର୍ଚ୍ଚନା ହୋଇଥିଲା। ଏପରିକି ପୁରୁଣା ଥାନା ଫାଣ୍ଡି ଛକରେ ଥିବା ନିଜ ବାପ ଘର ସ୍ୱର୍ଗତ ଲିଙ୍ଗୁ ଆଚାରୀଙ୍କ ଘର ସମ୍ମୁଖରେ ପହଞ୍ଚି ସନ୍ଧ୍ୟା ଆଳତୀ ମାଧ୍ୟମରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ପରେ କମିଟି ଦ୍ୱାରା ପୂର୍ବ ପ୍ରସ୍ତୁତି କାର୍ଯ୍ୟସୂଚୀ ଅନୁସାରେ ଘଣ୍ଟ ମୃଦଙ୍ଗ ଶଙ୍ଖ ଓ ଢୋଲବାଜା ସହ ପ୍ରତ୍ୟେକଟି ସାହିକୁ ନଗର ପରିଭ୍ରମଣ କରିଥିଲେ। ସେହି ଭଳି ଦ୍ୱିତୀୟ ଦିନ ଅର୍ଥାତ ସୋମବାର ବସ୍‌ଷ୍ଟାଣ୍ଡ, ନୂଆଁସାହି, ଗୋପବନ୍ଧୁ ସାହି ଭଳି ସହରର ବିଭିନ୍ନ ସାହି ଘଟ ପରିକ୍ରମା କରିଥିଲେ। ଏନେଇ ପୋଲସରା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଶାନ୍ତିପୂର୍ଣ୍ଣ ଭାବେ ଦ୍ୱିତୀୟ ଦିନ ମା’ଙ୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

# ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଉଲ୍ଲାସ

ବୁଗୁଡ଼ା,୨୮।୧୦(କାଳିଚରଣ ଦାଶ)

ଗଞ୍ଜାମ ଜିଲା ବୁଗୁଡା ଏନ୍ଏସି କ୍ଲଷ୍ଟର ପକ୍ଷରୁ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଉଲ୍ଲାସ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ଏକ ଲିଖିତ ପରୀକ୍ଷା ହୋଇଥିଲା। ଏଥିରେ ବିଦ୍ୟାଳୟ ଶିକ୍ଷାଠାରୁ ଦୂରେଇ ରହିଥିବା ୧୫ ବର୍ଷରୁ ଊର୍ଦ୍ଧ୍ୱ ୧୨୦ ଜଣ ପରୀକ୍ଷାର୍ଥୀ ଭାବେ ସାମିଲ ହୋଇଥିଲେ। ଏନ୍ଏସି କ୍ଲଷ୍ଟର ସିଆରସିସି କିରଣବାଳା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ପରୀକ୍ଷାରେ ନିରୀକ୍ଷକ ଭାବେ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ବେହେରା ଓ ସବିତା ରଶ୍ମି ସାହୁ ଦାୟିତ୍ୱ ତୁଲାଇଥିଲେ। ପର୍ଯ୍ୟବେକ୍ଷକ ଭାବେ ବିଇଓ ଚିନ୍ମୟ ମହାପାତ୍ର ଉପସ୍ଥିତ ଥିଲେ। ସେହିପରି ବୁଗୁଡ଼ା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ହୋଇଥିବା ପରୀକ୍ଷା କେନ୍ଦ୍ରଗୁଡିକରେ ୨ ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡ଼ିଛି।

# ବନ୍ୟପ୍ରାଣୀ ଶିକାର ମହଙ୍ଗା ପଡ଼ିଲା, ହୁକିଂ କରି ୨ ଗିରଫ

ଭଞ୍ଜନଗର,୨୮।୧୦(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ମୁଜାଗଡ ରେଞ୍ଜ ବାହାଡ଼ାପଦର ଗ୍ରାମ ଜଙ୍ଗଲ ନିକଟରୁ ବନ ବିଭାଗ କର୍ମଚାରୀ ସୋମବାର ରାତିରେ ୨ ଜଣ ଶିକାରୀଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ସମାପଲ୍ଲୀ ଗ୍ରାମର ଶରତ ନାଇକ ଓ ବାହାଡ଼ାପଦର ଗ୍ରାମର ବନମାଳୀ ଭୂୟାଁ। ସେମାନଙ୍କଠାରୁ ବିପୁଳ ପରିମାଣର ଜିଆଇ ତାର, ସର୍ଭିସ ତାର ଜବତ ହୋଇଛି। ମଙ୍ଗଳବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ପଠାଯାଇଛି। ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡର ବିଭିନ୍ନ ରେଞ୍ଜରେ କାଠ ଚୋରି ଓ ବନ୍ୟପ୍ରାଣୀ ଶିକାର ବଢୁଛି। ଏହା ଚିନ୍ତାଜନକ ହୋଇଥିବା ବେଳେ ବନ୍ୟପ୍ରାଣୀ ଶିକାର ପାଇଁ ସୋମବାର ସନ୍ଧ୍ୟାରେ ବାହାଡ଼ାପଦର ଗ୍ରାମର ବନମାଳୀ ଶିକାର ପାଇଁ ନିଜ ଜମିଠାରୁ ଜଙ୍ଗଲ ପର୍ଯ୍ୟନ୍ତ ହୁକିଂ ତାର ବିଛାଇଥିଲେ। ଏଥିରେ ଶରତ ଏବଂ ଅନ୍ୟମାନେ ତାଙ୍କୁ ସହଯୋଗ କରିଥିଲେ। ଏନେଇ ରେଞ୍ଜର ବିଦ୍ୟାଧର ସାହୁ ଖବର ପାଇ ବନପାଳ ବବୁଲ ସେଠୀଙ୍କୁ କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦେଇଥିଲେ। ବବୁଲ ଅନ୍ୟ କର୍ମଚାରୀଙ୍କୁ ନେଇ ଚଢାଉ କରି ବନମାଳୀ ଓ ଶରତଙ୍କୁ ଧରିଥିଲେ। ଏଥିରେ ସମ୍ପୃକ୍ତ ଥିବା ଅନ୍ୟମାନେ ଫେରାର ହୋଇଯାଇଛନ୍ତି।



ଗିରଫ ୨ ଅଭିଯୁକ୍ତ ।

## ବର୍ଷାରେ ଭାଙ୍ଗିଲା ସ୍କୁଲ ପାଚେରି

ହିଞ୍ଜିଳିକାଟୁ ୨୮ ।୧୦(ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜଲାରେ ବାତ୍ୟା ପ୍ରଭାବରେ ସୋମବାର ଠାରୁ ବର୍ଷା ଆରମ୍ଭ ହୋଇଛି। ମଙ୍ଗଳବାର ତୁହାକୁ ତୁହା ବର୍ଷା ଲାଗି ରହିଛି। ଲଗାଣ ବର୍ଷାରେ ମଙ୍ଗଳବାର ସନ୍ଧ୍ୟାରେ ହିଞ୍ଜିଳିକାଟୁ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଓ ଲକ୍ଷ୍ମୀ ନୃସିଂହ ପ୍ରାଥମିକ ବିଦ୍ୟାଳୟ ଥିବା ରାସ୍ତାର ପାଚେରି ଭୁଶୁଡି ପଡିଛି। ପ୍ରାୟ ୨୦ ମିଟର ପାଚେରି ଭାଙ୍ଗି ଯାଇଥିବା ବେଳେ ବଳକା ଅଂଶ ବିପଦପୂର୍ଣ୍ଣ ଭାବେ ରହିଛି। ତେବେ ଉକ୍ତ ପାଚେରି ରାସ୍ତା ଦେଇ ପାହାଡ଼ ରାସ୍ତା ନୂଆଗଡ଼ ଯିବାକୁ ରାସ୍ତା ଥିବାରୁ ଲୋକଙ୍କ ଚଳପ୍ରଚଳ ରହୁଛି। ଅନ୍ୟ ପକ୍ଷରେ ବିପଦପୂର୍ଣ୍ଣ ସ୍ଥାନ ଗୁଡ଼ିକୁ ଏହି ସମୟରେ ନ ଯିବାକୁ ପ୍ରଶାସନ ବାରଣ କରାଛି।

# ଅଙ୍ଗନୱାଡିକର୍ମୀ ନିଯୁକ୍ତିରେ ଅନିୟମିତତା

ଫୁଲବାଣୀ/ଫିରିଙ୍ଗିଆ,୨୮/୧୦
(ରାକେଶ କୁମାର ରାଉତ/ବିକ୍ରମ ଦିଗାଲ)

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ୍ ବନ୍ଧଗଡ଼ ପଞ୍ଚାୟତ ମଣିପଦର ଗାଁ ଅଙ୍ଗନୱାଡିକର୍ମୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ବିରୋଧକରି ଗ୍ରାମବାସୀ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଛନ୍ତି। ସୂଚନା ଅନୁସାରେ, ମଣିପଦରକର୍ମୀ ଭଗବତୀ ବିନ୍ଧାଣିଙ୍କ ମୃତ୍ୟୁ ପରେ ଜୁଲାଇ ୧୬ରେ ଏହି କର୍ମୀ ଚୟନ ପାଇଁ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୧୫ ଜଣ ଆଶାୟୀ ମହିଳା ଏହି ପଦବୀ ପାଇଁ ଆବେଦନ କରିଥିଲେ। ଯାଞ୍ଚ ପ୍ରକ୍ରିୟା ପରେ ଆବେଦନ କରିଥିବା ୧୪ ଜଣ ମହିଳା ଏବଂ ଜଣେ ଅସହାୟ ମା’ ବାପା ଛେଉଣ୍ଡ ଝିଅ ଅଧିକ ମାର୍କ ଥିବା ସତ୍ତ୍ୱେ ପବିଙ୍ଗିଆ ପଞ୍ଚାୟତର ଜଣେ ଅବିବାହିତା ଯୁବତୀଙ୍କୁ ନିଯୁକ୍ତି ଦିଆ ଯିବାରୁ ମଣିପଦର ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏହାକୁ ନେଇ ଗ୍ରାମବାସୀ ଜିଲାପାଳଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ପାଖରେ ଅଭିଯୋଗ କରିଥିଲେ ହେଁ କିଛି ପଦକ୍ଷେପ ନିଆ ନ ଯିବାରୁ ଗ୍ରାମବାସୀ ବାଧ୍ୟ ହୋଇ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଥିଲେ। ଏହାର ସମାଧାନ ନ ହେବା ପର୍ଯ୍ୟନ୍ତ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପଡ଼ି ରହିବ ବୋଲି ଗ୍ରାମବାସୀ କହିଛନ୍ତି।

ଅନ୍ୟପଟେ ଏହି ଅଙ୍ଗନବାଡି କେନ୍ଦ୍ରରେ ତାଲା ପକାଇବା ପରେ ଏକ ରୋଚକ ତଥ୍ୟ ସାମ୍ନାକୁ ଆସିଛି । ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ନୂତନ ଭାବରେ ନିଯୁକ୍ତି ଦିଆ ଯାଇଥିବା ଯୁବତୀ ଜଣକ କିଛିଦିନ ତଳେ ସେହି ମଣିପଦର ଶାନ୍ତିନଗର ଗାଁର ଜଣେ ଯୁବକଙ୍କୁ ସ୍ଥାନୀୟ ଏକ ମନ୍ଦିରରେ ବିବାହ କରିଥିବା ସୂଚନା ମିଳିଛି। ସେ ମଣିପଦର ଗାଁର ସ୍ଥାନୀୟ ବାସିନ୍ଦା ହୋଇ ନ ଥିବା ବେଳେ କିଭଳି ଭାବରେ ବାସିନ୍ଦା ପ୍ରମାଣପତ୍ର ପାଇଲେ ତାକୁ ନେଇ ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି କର୍ମୀ ଚୟନ ପ୍ରକ୍ରିୟା ନିୟମ ଅନୁସାରେ ଜଣେ ମା’ ବାପ ଛେଉଣ୍ଡ ଝିଅକୁ ଅଗ୍ରାଧିକାର ଦେବା କଥା। ସେହି ଝିଅର ଯୁକ୍ତ ଦୁଇ ମାର୍କ ମଧ ଚାକିରି ପାଇଥିବା ଝିଅ ଠାରୁ ଅଧିକ ରହିଛି। ତଥାପି କେଉଁ ପରିସ୍ଥିତିରେ ଓ କାହା ଚାପରେ ପଡି ମହିଳା ଓ ଶିଶୁ ବିକାଶ ବିଭାଗ ଅନ୍ୟ ପଞ୍ଚାୟତର ଯୁବତୀଙ୍କୁ ଚୟନ କଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



**କେନ୍ଦ୍ରରେ ତାଲା ପକାଇଲେ ଗ୍ରାମବାସୀ**

# ଗଜପତିରେ ଭୂସ୍ଖଳନ, ତୁହାକୁ ତୁହା ବର୍ଷା

ପାରଳାଖେମୁଣ୍ଡି,୨୮।୧୦(ଗିରିଧାରୀ ପାଢ଼ୀ):

ବାତ୍ୟା 'ମୋନ୍ଥା'ର ପ୍ରଭାବରେ ଗଜପତି ଜିଲାରେ ସୋମବାରଠାରୁ ତୁହାକୁ ତୁହା ବର୍ଷା ଲାଗି ରହିଛି। ପବନର ବେଗ କ୍ରମଶଃବୃଦ୍ଧି ପାଉଛି। ଜିଲାର ଅନେକ ସ୍ଥାନରେ ପାହାଡ ଧସି ରାସ୍ତା ଅବରୋଧ ହୋଇଛି। ପୂର୍ବରୁ ଚିହ୍ନଟ ହୋଇଥିବା ୧୪୦ଟି ଭୂସ୍ଖଳନପ୍ରବଣ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା କୌଣସି ସମସ୍ୟା ଦେଖାଯାଇ ନ ଥିବା ବେଳେ ପ୍ରଥମଥର ପାଇଁ ଅନ୍ୟ ଅନେକ ସ୍ଥାନରେ ପାହାଡ ଧସିଥିବାରୁ ଚିନ୍ତା ବଢ଼ିଛି। ରାତିରେ ବର୍ଷାର ପରିମାଣ ବଢ଼ିବା ସମ୍ଭାବନା ରହିଛି। ଜିଲାରେ ରେଡ ଆଲର୍ଟ ଜାରି କରାଯାଇଛି। ବାତ୍ୟା ମୁକାବିଲା ପାଇଁ ପଦକ୍ଷେପ ସ୍ୱରୂପ ଜିଲାରେ ୨୮୭ଟି ଆଶ୍ରୟସ୍ଥଳୀରେ ବର୍ତ୍ତମାନ ସୁଦ୍ଧା ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ଦିଆଯାଉଛି। ସେହିପରି ତଳିଆ ଅଞ୍ଚଳ ଏବଂ ଭୂସ୍ଖଳନ ପ୍ରଭାବିତ ଅଞ୍ଚଳରୁ ମୋଟ ୨୦୩ ଜଣ ଗର୍ଭବତୀଙ୍କ ମଧ୍ୟରୁ ୧୬୦ଜଣଙ୍କୁ ମା' ଗୃହ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ଜିଲାପାଳ ମଧୁମିତା ସୂଚନା ଦେଇଛନ୍ତି। କାଶୀନଗର ବ୍ଲକ ଅଞ୍ଚଳରେ ଭୂସ୍ଖଳନ ହୋଇ ରାସ୍ତାରେ ବଡ ବଡ ପଡିଛି। ସେହିପରି ଆର୍. ଉଦୟଗିରି ବ୍ଲକ ଅନଘା ପଞ୍ଚାୟତର ରାସ୍ତା କଡ଼ ପାହାଡ଼ରୁ ବିରାଟକାୟ ପଥର ଧସି ଜାତୀୟ ରାଜପଥ ନଂ. ୩୨୬ (ଏ)ରେ ଯାତାୟତ ଠପ ହୋଇଯାଇଛି। ବର୍ଷା ଓ ପବନ ଯୋଗୁ ଆର୍. ଉଦୟଗିରି ବ୍ଲକ ଲୁବ୍ରୁସିଂ ନିକଟରେ ଏକ ବିରାଟ ଗଛ ରାସ୍ତା ଉପରେ ପଡିରହିଛି। ଫଳରେ ମୋହନାରୁ ପାରଳାଖେମୁଣ୍ଡିକୁ ଯାତାୟତ ବାଧାପ୍ରାପ୍ତ ହୋଇଛି । ବିଭିନ୍ନ ସ୍ଥାନରେ ଘର ଭାଙ୍ଗିଥିବା ମଧ୍ୟ ସୂଚନା ମିଳିଛି। ବର୍ଷା ବଢ଼ିଲେ ପ୍ରଶାସନ ପକ୍ଷରୁ ମୁକାବିଲା ପାଇଁ ବ୍ୟବସ୍ଥା କରାଯାଇଛି।


ହରଭଙ୍ଗି ଡ୍ୟାମ

## ବଢୁଛି ଘୋଡ଼ାହାଡ଼ ନଦୀରେ ଜଳସ୍ତର

### ନଈକୂଳିଆ ଲୋକେ ଭୟଭୀତ

ଦିଗପହଣ୍ଡି,୨୮।୧୦(ଅଶେଷ ନାଥ ମିଶ୍ର)

ବାତ୍ୟା ମୋନ୍ଥା ପ୍ରଭାବରେ ମଙ୍ଗଳବାର ସକାଳୁ ତୁହାକୁ ତୁହା ବର୍ଷା ଲାଗିରହିଛି। ବର୍ଷା ଯୋଗୁ ଜଳସମ୍ପଦ ବିଭାଗ ଅଧିନ ଦିଗପହଣ୍ଡି ସ୍ଥିତ ଘୋଡାହାଡ ଡ୍ୟାମରୁ ସ୍ପିଲ ୱେ ମୁଖ୍ୟ ଫାଟକର ୨ଟି ଗେଟ୍ ଦେଇ ଘୋଡ଼ାହାଡ଼ ନଦୀ ମଧ୍ୟକୁ ପାଣି ଛଡ଼ାଯାଉଛି। ଡ୍ୟାମ ଅଞ୍ଚଳରେ ସନ୍ଧ୍ୟା ସୁଦ୍ଧା ୪୬ ମି.ମି ବର୍ଷା ହୋଇଥିବା ଜଳସମ୍ପଦ ବିଭାଗ ଉପ ନିର୍ବାହୀ ଯନ୍ତ୍ରୀ ଇଂ.ନିରଞ୍ଜନ ସାହୁ କହିଛନ୍ତି। ଡ୍ୟାମର ଉପରମୁଣ୍ଡରେ ଗତ ୨ ଦିନ ହେଲା ପ୍ରବଳ ବର୍ଷା ଲାଗିରହିଥିବାରୁ ଡ୍ୟାମ୍ ମଧ୍ୟକୁ ବିଭିନ୍ନ ନଦୀ ନାଳରୁ ଘଣ୍ଟା ପ୍ରତି ୧୫୫ କ୍ୟୁମେକ ଜଳ ପ୍ରବେଶ କରୁଛି। ଏହାକୁ ଦୃଷ୍ଟିରେ ରଖି ଡ୍ୟାମରୁ ଘଣ୍ଟା ପ୍ରତି ୧୦୨ କ୍ୟୁମେକ ଉଦ୍ବୃତ୍ତ ଜଳକୁ ନଦୀ ଗର୍ଭକୁ ଛଡାଯାଉଛି। ନଦୀର ଜଳସ୍ତର କ୍ରମଶଃ ବଢ଼ିବାରେ ଲାଗିଛି। ନଈକୂଳିଆ ଗୋଲଣ୍ଡା, ମାଧୁବନ, ସେବକ ଟିକରପଡ଼ା, କଇଥଖଣ୍ଡ, ବୁରିପଦର, ପେଣ୍ଠା, ତଲାସିଙ୍ଗି, ଗୁମା, ପଟାଡ, ଜକମେରି ପଲ୍ଲୀ ଆଦି ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। କୌଣସି ମତେ ନଦୀ ମଧ୍ୟକୁ ନ ଯିବା ସହ କୌଣସି ଗୃହପାଳିତ ପ୍ରାଣୀଙ୍କୁ ନ ଛାଡିବା ପାଇଁ ଜଳସମ୍ପଦ କର୍ମଚାରୀଙ୍କ ପକ୍ଷରୁ ଗାଁକୁ ଗାଁ ବୁଲି ଡାକବାଜି ଯନ୍ତ୍ର ମାଧ୍ୟମରେ ସତର୍କ କରାଯାଇଛି। ଡ୍ୟାମର ଜଳଧାରଣ କ୍ଷମତା ୧୧୭.୮୦ ମିଟର ରହିଥିବା ବେଳେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଜଳଭଣ୍ଡାରରେ ୮୩ ଭାଗ ଅର୍ଥାତ୍ ୧୧୬.୩୦ ମିଟର ପାଣି ଗଚ୍ଛିତ ରହିଥିବା ଉପ ନିର୍ବାହୀ ଯନ୍ତ୍ରୀ କହିଛନ୍ତି।

## ଗୋର୍ବା-ଗୁମ୍ମା ରାସ୍ତା କ୍ଷତିଗ୍ରସ୍ତ, ୩୦ଯାଏ ଯାତାୟାତ ମନା

କାଶୀନଗର,୨୮।୧୦ (ପି.ମୁରଳୀ)

ବାତ୍ୟା 'ମୋନ୍ଥା' ସ୍ଥଳଭାଗ ଛୁଇଁବା ପୂର୍ବରୁ ତାର ପ୍ରଭାବ ଗଜପତି ଜିଲା କାଶୀନଗର ବ୍ଲକ ଓ ଏନଏସିରେ ଅନୁଭୂତ ହୋଇଛି। କାଶୀନଗର ଗସ୍ତରେ ଥିବା ଅତିରିକ୍ତ ଜିଲାପାଳ ଫାଲଗୁନୀ ମାଝୀ ସୂଚନା ଦେଇ କହିଛନ୍ତି, ପାଉଡା ପଞ୍ଚାୟତ ଅନ୍ତର୍ଗତ ଗୋର୍ବା-ଲିଙ୍ଗା ଓ ଗୋର୍ବା-ଗୁମ୍ମା ରାସ୍ତାରେ ଭୂସ୍ଖଳନ ଘଟିଛି। ଖାରଡ଼ା ପଞ୍ଚାୟତର ଖାରଡା ଗ୍ରାମର ଗୋଟିଏ କଚ୍ଚାଘର ଭୁଶୁଡି ପଡିଛି। ସରପଞ୍ଚ ଓ ପଞ୍ଚାୟତ କର୍ମଚାରୀଙ୍କ ସହାୟତାରେ ଭୂସ୍ଖଳନ ଯୋଗୁ ଜମିଥିବା ମାଟି, ପଥର ହଟାଯାଇଛି। କ୍ଷତିଗ୍ରସ୍ତ ହୋଇଥିବା ଗୋର୍ବା -ଗୁମ୍ମା ରାସ୍ତାକୁ ୩୦ ତାରିଖ ଯାଏ ବ୍ୟବହାର ନ କରିବାକୁ ଲୋକଙ୍କୁ ସଚେତନ କରାଯାଇଛି। ଖାରଡାର ଘର ଭଶୁଡିଥିବା ପରିବାର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେମାନଙ୍କୁ ନିକଟସ୍ଥ ଆଶ୍ରୟସ୍ଥଳରେ ରଖାଯାଇ ସେମାନଙ୍କ ଖାଦ୍ୟପେୟ ବ୍ୟବସ୍ଥା କରାଯାଇଛି ବୋଲି ଅତିରିକ୍ତ ଜିଲାପାଳ ମାଝୀ କହିଛନ୍ତି। ମାଝୀ ଆହୁରି ସୂଚନା ଦେଇ କହିଛନ୍ତି, ଜିରୋ କାଜୁଆଲିଟିକୁ ଲକ୍ଷ୍ୟ ରଖାଯାଇ କାର୍ଯ୍ୟ କରାଯାଉଛି। ଯେକୌଣସି ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ବ୍ଲକ ଓ ଏନଏସି ପ୍ରଶାସନ ପ୍ରସ୍ତୁତ ରହିଛି। ୧୫ ଜଣିଆ ଓଡ୍ରାଫ ଟିମ୍ ଓ ୭ ଜଣିଆ ଅଗ୍ନିଶମ ଟିମ୍ ଭୁବନେଶ୍ୱରରୁ ଆସି କାଶୀନଗରରେ ପହଞ୍ଚିଛନ୍ତି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ମଧ୍ୟ ସ୍ଥିତି ସମୀକ୍ଷା କରୁଛନ୍ତି। ବିଡିଓ ଡମ୍ବରୁଧର ମଲ୍ଲିକ ବାତ୍ୟା ମୋନ୍ଥାର ମୁକାବିଲା ନେଇ ହୋଇଥିବା ସମସ୍ତ ପ୍ରସ୍ତୁତି ଚାଲିଛି ।

## ହରଭଙ୍ଗି ଡ୍ୟାମର ୩ ଗେଟ୍ ଖୋଲିଲା

ମୋହନା,୨୮।୧୦(ମନ୍ମଥ ମିଶ୍ର)

ବାତ୍ୟା ମୋନ୍ଥା ପାଇଁ ଗଜପତି ଜିଲା ରେଡ ଆଲର୍ଟରେ ରହିଛି। ତେବେ ମୋନ୍ଥା ପ୍ରବଳ ବେଗରେ ଗତି କରି ଲ୍ୟାଣ୍ଡଫଲ ପାଇଁ ମାଡି ଆସୁଥିବାରୁ ତୁହାକୁ ତୁହା ବର୍ଷା ଲାଗି ରହିଛି। ଏହାକୁ ଗୁରୁତ୍ୱ ଦେଇ ହରଭଙ୍ଗୀ ଜଳଭଣ୍ଡାରର ୩ଟି ଗେଟ୍ ମଙ୍ଗଳବାର ଖୋଲାଯାଇଛି। ହରଭଙ୍ଗି ଡ୍ୟାମ ନିର୍ବାହୀଯନ୍ତ୍ରୀ ବିଜୟ ନାୟକ, ଉମାକାନ୍ତ ପାତ୍ରଙ୍କ ଉପସ୍ଥିତିରେ ଏହି ଗେଟ୍ ଖେଲାଯାଇଥିଲା। ଏହି ୩ ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ କରାଯିବା ବ୍ୟବସ୍ଥା ହୋଇଛି। ତେବେ ଗେଟ୍ ଖୋଲିବା ଯୋଗୁ ତଳିଆ ଅଞ୍ଚଳର ଲୋକେ ଭୟଭୀତ ହୋଇପଡିଛନ୍ତି । ବିରିକୋଟ ପଞ୍ଚାୟତର ରାଜବସା, ପୋଇପାଣି, ଗୁଡ଼ି ସାହି, ଗୁରୁଙ୍ଖୁଳି, ପୁରୁଣାପାଣି, ପଣସଡିଅ, ବାମୁଦିପଦା ଆଦି ଗାଁଗୁଡିକ ନଦୀ ତଳିଆ ଅଞ୍ଚଳ ହୋଇଥିବାରୁ ବିପଦ ଆଶଙ୍କାରେ ଲୋକେ ଭୟଭୀତ ହୋଇପଡିଛନ୍ତି।

## ବାଲିଗୁଡାରେ କୋହଲା ପାଗ ସାଙ୍ଗକୁ ଝିପିଝିପିବର୍ଷା

ବାଲିଗୁଡା,୨୮।୧୦(ସଞ୍ଜୟ ପାଣିଗ୍ରାହୀ)

ବାଲିଗୁଡାରେ କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ଜାରି ରହିଛି। ପିଲାଙ୍କ ପାଇଁ ସ୍କୁଲ ବନ୍ଦ ହୋଇଥିଲେ ମଧ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀ ମାନେ ବିଦ୍ୟାଳୟକୁ ଆସିଥିବା ଦେଖିବାକୁ ମିଳିଛି। ବାତ୍ୟା ପାଇଁ ନଦୀ ନାଳ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ନଦୀ ନାଳକୁ ଯିବା ପାଇଁ ବାରଣ କରାଯାଇଛି। ଏ ସବୁକୁ ନେଇ ଜିଲା, ଉପଖଣ୍ଡ ଓ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ସମ୍ପୂର୍ଣ୍ଣ ସଜାଗ ରହିଥିବା ଉପଜିଲାପାଳ କହିଛନ୍ତି ।

## ବାତ୍ୟାକୁ ନେଇ ଚିନ୍ତାରେ ମତ୍ସ୍ୟଜୀବୀ

### ବିପଦ ସଙ୍କେତ ତଳେ ୪ ଜଳଭଣ୍ଡାର ଜଳସ୍ତର

ଭଞ୍ଜନଗର,୨୮।୧୦(ବାବୁଲା ପ୍ରଧାନ)–

ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳରେ ବାତ୍ୟା 'ମୋନ୍ଥା' ପାଇଁ ମଙ୍ଗଳବାର ଦିନ ତମାମ କୋହଲା ପାଗ ରହିଥିଲା। ବେଳେବେଳେ ଝିପିଝିପି ବର୍ଷା ହେଉଥିଲା। ସନ୍ଧ୍ୟାରୁ ବର୍ଷା ପରିମାଣ ବଢ଼ିଥିଲା। ତେବେ ବାତ୍ୟା ପାଇଁ ମତ୍ସ୍ୟଜୀବୀମାନେ ଚିନ୍ତାରେ ରହିଛନ୍ତି। ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ସବୁପ୍ରକାର ଆଗୁଆ ପଦକ୍ଷେପ ନେଇଥିଲେ ମଧ୍ୟ ବର୍ଷା ଚାଲିଥିବା ସମୟରେ ମତ୍ସ୍ୟଜୀବୀମାନେ ଭଞ୍ଜନଗର ଜଳଭଣ୍ଡାରରେ ମାଛ ଧରୁଥିବା ଲକ୍ଷ୍ୟ କରାଯାଇଥିଲା। ଜିଲାରେ ସମସ୍ତ ଅଧିକାରୀଙ୍କ ବାତ୍ୟା ପାଇଁ ଛୁଟି ବାତିଲ ହୋଇଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଏହି ବିଭାଗରେ କାର୍ଯ୍ୟାଳୟ ନିର୍ଦ୍ଧାରିତ ସମୟରେ ଖୋଲି ନ ଥିଲା । ବିଭାଗର ଜଣେ ଯନ୍ତ୍ରୀଙ୍କୁ ପଚାରିବାରୁ କାର୍ଯ୍ୟାଳୟ ଖୋଲାଥିବା କହିଥିଲେ।

ବିଭିନ୍ନ ସ୍ଥାନରେ ବାତ୍ୟା ପାଇଁ ଓଡ୍ରାଫ ଟିମ ମୁତୟନ ହୋଇଥିଲେ। ତଳୁଆ ଅଞ୍ଚଳରେ ଥିବା ଲୋକଙ୍କୁ ପୂର୍ବରୁ ସୁରକ୍ଷିତ ସ୍ଥାନକୁ ଅଣାଯାଇଥିଲା। ଉପଜିଲାପାଳ ଉମାଶଙ୍କର ବେହେରା ଓ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୟ ପ୍ରଧାନ ଘଣ୍ଟାକୁ ଘଣ୍ଟା ସ୍ଥିତି ପରୀକ୍ଷା କରୁଥିଲେ। ତେବେ ଭଞ୍ଜନଗର, ସୋରଡା, ଡହ ଓ ବାଘୁଆ ଜଳଭଣ୍ଡାର ଜଳସ୍ତର ବିପଦସଙ୍କେତ ତଳେ ଥିଲା। ରାତିରେ ଅଧିକ ବର୍ଷା ହେବା ଆଶଙ୍କାରେ ଜଳଭଣ୍ଡାରରେ ଯାହା ପାଣି ପଶୁଥିଲା ତାକୁ କେନାଲ ଓ ନଦୀରେ ଛଡାଯାଉଥିଲା। ବାତ୍ୟା ସ୍ଥଳଭାଗ ଛୁଇଁବା ବେଳେ କିଛି ଅଘଟଣ ଆଶଙ୍କାରେ ମଧ୍ୟ ପ୍ରଶାସନ ପଦକ୍ଷେପ ନେଇଥିଲା।

## ବାତ୍ୟା ମୁକାବିଲା ପାଇଁ ପ୍ରଶାସନର ତତ୍ପରତା

ଆସିକା ୨୮।୧୦ (ସୁରେନ୍ଦ୍ର ନାଥ ସାହୁ)

ବାତ୍ୟା ପ୍ରଭାବରେ ତୁହାକୁ ତୁହା ବର୍ଷା ଫଳରେ ଆସିକାରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ସୋମବାର ସକାଳ ୮ଟାରୁ ମଙ୍ଗଳବାର ସକାଳ ୮ଟା ସୁଧା ଆସିକା ଅଞ୍ଚଳରେ ୪୫ ମି.ମି. ବର୍ଷା ହୋଇଥିଲା ବେଳେ ମଙ୍ଗଳବାର ସକାଳ ୮ଟାରୁ ସନ୍ଧ୍ୟା ସୁଦ୍ଧା ୩୭ ମି.ମି. ବୃଷ୍ଟିପାତ ହୋଇଛି। ଅପରପକ୍ଷେ ସହରର ଦୁଇ ପାର୍ଶ୍ୱରେ ପ୍ରବାହିତ ଋଷିକୂଲ୍ୟା ଓ ବଡନଦୀରେ ବନ୍ୟାଜଳ ସାମାନ୍ୟ ଆସିଛି। ସମ୍ଭାବ୍ୟ ବାତ୍ୟାର ମୁକାବିଲା ଲାଗି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ସରିଥିଲା ବେଳେ ସୋମବାର ସନ୍ଧ୍ୟାରୁଆସିକା ବ୍ଲକ୍‌ର ବିଭିନ୍ନ ଆଶ୍ରୟସ୍ଥଳିରେ ତଳିଆ ଅଞ୍ଚଳର ଜନସାଧାରଣଙ୍କୁ ଆଣି ରଖାଯାଇଛି। ଜଗଦଳପୁର ଓ ମହାରାଜପୁର ସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳି ସାଙ୍ଗକୁ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଖୋଲାଯାଇଥିବା ୧୭ଟି ଅସ୍ଥାୟୀ ଆଶ୍ରୟସ୍ଥଳିରେ ମଙ୍ଗଳବାର ସନ୍ଧ୍ୟା ସୁଧା ୫୮୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଆଶ୍ରୟସ୍ଥଳିରେ ବିପନ୍ନଙ୍କୁ ଖାଦ୍ୟ ପାନୀୟର ବ୍ୟବସ୍ଥା କରାଯାଇଥିବା ବିଡିଓ ଲିପିନା ଦାଶ କହିଛନ୍ତି। ଆସିକା ବ୍ଲକ୍ ଓ ଏନ୍ଏସିରୁ ମୋଟ ୫୮ଜଣ ଗର୍ଭବତୀ ଚିହ୍ନଟ ହୋଇଥିଲେ। ସେଥି ମଧ୍ୟରୁ ୪୨ଜଣଙ୍କୁ ଆସିକା ଓ ବାଲିସିରା ସରକାରୀ ଡାକ୍ତରଖାନାରେ ପହଞ୍ଚାଇ ଦିଆଗଲାଣି। ଅନ୍ୟ ୧୬ଜଣଙ୍କୁ ସନ୍ଧ୍ୟା ସୁଦ୍ଧା ଆଣି ଡାକ୍ତରଖାନାରେ ପହଞ୍ଚାଇବାର ପଦକ୍ଷେପ ନିଆଯାଇଛି। ଓଡ୍ରାଫର ୩୨ଜଣିଆ ଏକ ଟିମ୍ ମଙ୍ଗଳବାର ସକାଳେ ପହଞ୍ଚିଛନ୍ତି । ଗଞ୍ଜାମ ଅତିରିକ୍ତ ଜିଲାପାଳ ପ୍ରମୋଦ କୁମାର ପୃଷ୍ଟି ଏଠାରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ ସହ ତହସିଲଦାର ସଙ୍ଗୀତା ସେନ୍, ବିଡିଓ ଲିପିନା ଦାସ, ଏନ୍ଏସି ନିର୍ବାହୀ ଅଧିକାରୀ ରାଜେଶ ମହାପାତ୍ରଙ୍କ ସହ ଆଲୋଚନା କରିଛନ୍ତି।

## ସାଇବର ସୁରକ୍ଷା ସଚେତନତା ଅଭିଯାନ



ଧରାକୋଟ,୨୮।୧୦(ବିଷ୍ଣୁ କେଶରୀ ଆଚାର୍ଯ୍ୟ):

ଧରାକୋଟ ସରକାରୀ ସ୍ନାତକ ମହାବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା ଅଭିଯାନ ସମ୍ପର୍କିତ ଏକ ବୈଠକ ଅଧ୍ୟକ୍ଷ ଡ. ସୁଜିତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ, ଇନ୍ସପେକ୍ଟର ବାଲ୍ମୀକି ପ୍ରଧାନ, ସବଇନ୍ସପେକ୍ଟର ସସ୍ମିତା ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ବର୍ତ୍ତମାନ ସମାଜରେ ଘଟୁଥିବା ସାଇବର ଠକେଇ ଓ ଏଥିରୁ କିଭଳି ନିବୃତ ରହିବା ସେ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପବିତ୍ର ସାହୁ, ଶ୍ରୀକାନ୍ତ ଡ଼ାକୁଆ, ଅଧ୍ୟାପିକା ଆରତୀ ପ୍ରଧାନ, ପ୍ରଭାସିନୀ ନାୟକ, ଆରତୀ ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଅଶୋକ ଗୌଡ଼, ରାକେଶ ସ୍ୱାଇଁ ଓ ପ୍ରଭାସିନୀ ନାହକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**GOVT. OF ODISHA** No.A-762
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**DRAINAGE CIRCLE, UNIT-8, BHUBANESWAR-751012**
**E-PROCUREMENT NOTICE NO.ACEDC-BBSR-02/2025-26**
**email id:- sedrainagebbsr12@gmail.com**

| | | | |
|---|---|---|---|
| 1. | Total Number of Works | : | 05 (Five) Numbers |
| 2. | Estimated Cost | : | Rs.143.71 Lakh to Rs.303.21 Lakh |
| 3. | Period of Completion | : | 11(Eleven) Calendar Months |
| 4. | Date and time of availability of Bid document in the portal | : | 29.10.2025, 11.00 Hours to 12.11.2025, 18.00 Hours |
| 5. | Last date and time of receipt of Bids in the portal | : | 12.11.2025, 18.00 Hours |
| 6. | Date of Opening of Technical Bid | : | 13.11.2025 at 11.00 hours in the O/o the Additional Chief Engineer, Drainage Circle, Unit-8, Bhubaneswar |
| 7. | Name and address of the Officer Inviting Bid | : | Additional Chief Engineer, Drainage Circle, Unit-8, Bhubaneswar, 751012 |

Further details can be seen from the Govt. website www.tendersorissa.gov.in. Addendum/Corrigendum/Cancellation if any required will be published only in Govt. website www.tendersorissa.gov.in.
Sd./- Additional Chief Engineer
Drainage Circle, Bhubaneswar
OIPR-32375/11/0003/2526

**GOVERNMENT OF ODISHA** No.O-1155
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**
E.Mail - rw_sundargarh@yahoo.co.in
**E-PROCUREMENT NOTICE**
**BID IDENTIFICATION NO. ONLINE-SESNG-12 of 2025-26**
1. Name of the Work : Road Works, 2. Total No. of works : 24 nos. Road, 3. Estimated cost : Rs.7.37 Lakhs to Rs.45.42 Lakhs, 4. Class of contractor : 'B', 'C' & 'D', 5. Period of completion : 01 calendar month, 6. Type of Tender : Single Cover, 7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Executive Engineer, Rural Works Division, Sundargarh** | **Online-SESNG-12 of 2025-26** | **29.10.2025 11.00 A.M.** | **12.11.2025 05.00 P.M.** |

Further details can be seen from the website www.tendersorissa.gov.in.
Sd./-Executive Engineer
Rural Works Division,
Sundargarh
OIPR-25046/11/0070/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**RURAL WORKS DIVISION, UDALA**
e_mail- rw_udala@yahoo.com
**e_Procurement Tender Call Notice No.Online 01/RWD/UDALA/2025-26**
**No.O-1171**:1.Name of the Work : Road Works, 2. Total No. of Works : 56 Nos., 3. Estimated Cost: Approx. Estimated Cost Rs.5.04 to Rs.44.37 Lakhs. 4. Class of Contractor: 'D', 'C' & 'B', 5. EMD: EMD @ 1% of Estimated Cost Put to tender. 6. Period of Completion: As per Annexure. 7. Other details:

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of tender in the office of the Superintending Engineer, R.W. Division, Udala |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| S.E.R.W. Division, Udala | 01 (Online) /RWD-UDALA of 2025-26 | 28.10.25 at 11.00 A.M. | 03.11.25 upto 5.00 P.M. | 03.11.25 upto 3.00 P.M. | 03.11.25 upto 5.30 P.M. |

Further details can be seen from the website www.tendersorissa.gov.in
OIPR-25199/11/0004/2526
Sd./- Superintending Engineer, R.W.Division, Udala

**GOVERNMENT OF ODISHA, DEPARTMENT OF WATER RESOURCES**
OFFICE OF THE CHIEF CONSTRUCTION ENGINEER,
BRUTANG AND HADUA IRRIGATION PROJECT, DASAPALLA,
AT-TRINATH BAZAR, P.O-DASAPALLA, DIST-NAYAGARH, PIN-752084
e-Mail: ccebhip@gmail.com, Telephone No-06757-220855
Bid Identification No.BHIP-HID-UGPL-01 of 2025-26 (e-Procurement No-CCE-HID-01/2025-26)
No.1190/ Dated:18.10.2025
No.A-790:
**NOTICE INVITING TENDER**

| | | | |
|---|---|---|---|
| 1 | Name of Work | : | **EPC Contract for Construction of Under Ground Pipeline (UGPL) distribution network for 3641 Ha for Hadua Irrigation Project, Narasinghpur, Cuttack** |
| 2 | Estimated Cost put to tender | : | Approximately Rs.167.76 Crores (excluding GST) |
| 3 | Tender Paper Cost | : | Rs.10,000/- (Non Refundable) |
| 4 | Class of Contractor | : | "Super" Class or equivalent Grade/Class |
| 5 | Availability of Bid documents and receipt of bid through online | : | From 10.00 A.M. of 27.10.2025 to 5.00 P.M. of 24.11.2025 in the website (www.tendersodisha.gov.in) |
| 6 | Date and time for opening of online tenders | : | 25.11.2025 at 11.00 A.M. |
| 7 | Name and address of Officer Inviting Tender (OIT) | : | Chief Construction Engineer, Brutang and Hadua Irrigation Project, Dasapalla, Pin-752084, e-mail id- ccebhip@gmail.com |

Further details can be seen from the e-procurement portal of Government Odisha at www.tendersodisha.gov.in. The corrigendum/cancellation of the tender, if any will be uploaded and can be seen from the above website only.
Sd./- Chief Construction Engineer,
Brutang & Hadua Irrigation Project, Dasapalla
OIPR-32535/11/0010/2526

**GOVERNMENT OF ODISHA** No.O-1211
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, BHADRAK**
E-mail : ee_rwbdk@yahoo.com
**"e" Procurement Notice for Building Works**
**Bid Identification No. Online Tender 09 of 2025-26**
1. Name of the Work : Buildings. 2. Total No. of Works : 29 Nos. 3. Estimated Cost : Rs.2.54 Lakh to Rs.8.47 Lakh. 4. Class of Contractor : "C" & "D" Class. 5. Period of Completion : As per Annexure. 6. Type of Tender : Single Cover. 7. Other Details :

| Procurement Officer | Bid Identification No. | Availability of Tender On-line for bidding | | Date of Seeking of Tender | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-I, Bhadrak | Online-09 of 2025-26 | 30.10.2025 At- 11.00 A.M. | 15.11.2025 At- 4.00 P.M. | 15.11.2025 At - 2.00 P.M. | 17.11.2025 At - 11.00 A.M. |

Further details can be seen from the e-procurement portal "https://tendersodisha.gov.in"
Sd./- Er. Ganesh Chandra Hembram
Executive Engineer, R.W. Division, Bhadrak
OIPR-25060/11/0021/2526

**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC000894
Tel. No. : 0674-239539, Fax No. : 0674-2395291, Website : www.oscsc.in
**Tender No. 14719/P-II/25/2025/PDS** **Dt.25.10.2025**
**No.CAD-2111** : Manging Director, Odisha State Civil Supplies Corporation Ltd. invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1 | Name of the work | Selection and appointment of transport contractor for inter-district transportation of Custom Milled Rice (CMR) from source districts to recipient districts in the State of Odisha |
| 2 | Availability of bid document in the portal | From 28.10.2025 |
| 3 | Last Date / Time for receipt of bids in the portal | Dt.08.11.2025 up to 5.00 P.M. |
| 4 | Date/Time of Opening of Technical Bid | Dt.10.11.2025 at 11.00 A.M. |
| 5 | Name and address of the Officer Inviting Tender | Managing Director, OSCSC Ltd. C/2, Nayapalli, Bhubaneswar |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in. Amendments / corrigendum/cancellation/ retenders etc. if any shall be published only in above websites.
By Order of Managing Director
Sd./- General Manager (Distribution)
OIPR-07002/11/0049/2526

**DIRECTORATE OF ANIMAL HUSBANDRY & VETERINARY SERVICES ODISHA**
MANGALABAG, CUTTACK-753001
Phone No.0671-2414629, Email: dahvsorissa@gmail.com
**EOI INVITING NOTICE**
**EOI No:17751, Date:27.10.2025**
**Expression of Interest (EoI) for Expansion and Upgradation of GMP Complied Veterinary Vaccine Production Facility at OBPI, Bhubaneswar as per Revised Schedule-M guidelines & WHO-GMP norms/ Establishment of Dedicate HS Vaccine Line and Operation & Maintenance of the Unit under PPP Mode.**
**No.M-33** : 1.The Directorate of Animal Husbandry & Veterinary Services, Odisha, Cuttack, invites Expression of Interest (EoI) from reputed and capable organisations for the turnkey upgradation, operation and sustainable management of the GMP compliant veterinary vaccine production facility at Odisha Biological Products Institute (OBPI), Bhubaneswar under the PPP model. The partnership aims to strengthen vaccine quality and capacity utilization, establish a dedicated HS vaccine line and ensure long term commercial viability under PPP mode. 2. This comprehensive setup will facilitate the integration of cutting-edge technologies and services across various laboratory practices. The design must prioritize optimized functionality ensuring full compliance with relevant regulations, guidelines, safety standards and accreditation requirements. 3. Interested firms may submit their proposals with all required details electronically in PDF format to the Email id: dahvsorissa@gmail.com by 5.00 PM of 12th November-2025. Clarification if any, may be sought through email-jdobpibbsr@gmail.com by 4th November-2025, 5.00 P.M. Detailed EoI document is available in the Directorate of AH & VS, Odisha website https://dahvs.odisha.gov.in.
Sd./- Director
AH&VS, Odisha, Cuttack
OIPR-06014/11/0068/2526

**GOVERNMENT OF ODISHA** No.O-1188
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BARIPADA**
e_mail : rw_mayurbhanj@yahoo.co.in
**e_Procurement Tender Call Notice No. Online 06/RWD/BPD/2025-26**
1. Name of the work : Building works
2. Total No. of works : 22 Nos.
3. Estimated Cost : Approx Estimated Cost Rs.55.09 lakhs to Rs.73.11 lakhs
4. Class of Contractor : 'B'
5. EMD : EMD@1% of Estimated Cost Put to tender
6. Period of completion : As per Annexure
7. Other details :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender in O/O S.E. Rural Works Division, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| S.E.R.W Division, Baripada | 06 (Online) /RWD-BPD of 2025-26 | 29.10.25 at 11.00 A.M. | 06.11.25 up to 5.00 P.M. | 06.11.25 up to 3.00 P.M. | 06.11.25 at 5.30 P.M. | Intimate later |

**Further details can be seen from the website www.tendersorissa.gov.in**
Sd./- Superintending Engineer,
R.W. Division, Baripada
OIPR-25057/11/0029/2526

**OFFICE OF THE SUPERINTENDING ENGINEER**
**RURAL WORKS DIVISION, KARANJIA (MAYURBHANJ)**
No.O-1152
E-mail ID : eerwkaranjia@yahoo.com
Letter No. // Date :
**"e" Procurement Notice for Periodical Maintenance to Roads for year 2025-26**
**Bid Identification No. - RWDKNJ - 09/2025-26**
1. Name of the work : Road Works (As per Annexure), 2. Estimated Cost : **Rs.5.93 to Rs.42.71 Lakhs Approximately (As per Annexure)**, 3. Class of Contractor : **'D', 'C' & 'B' Class (As per Annexure)**, 4. Period of Completion : **As per Annexure**, 5. Tender Paper Cost : **Paper cost of bid as mentioned in Annexure of Road Works.**
Further details can be seen from the website: www.tendersodisha.gov.in

| Procurement Officer | Bid Identification No. | Availability of tender Online for bidding | | Last date & time of seeking Tender Clarification | Date & Time of Opening of Tender in O/o S.E.R.W. Division, Karanjia Technical & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Karanjia | **Road Online RWDKNJ-09/25-26** | **Dt.29.10.2025 at 11.00 A.M.** | **Dt.07.11.2025 upto 5.00 P.M.** | **Dt.06.11.2025 upto 1.00 P.M.** | **Dt.08.11.2025 at 5.00 P.M.** |

Sd./- Executive Engineer
R.W. Division, Karanjia
OIPR-25086/11/0031/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BANSPAL**
No.O-1181
E-mail : eerwbansapal@gmail.com
**"e" Procurement Notice for Building Works**
**Identification No. Road Online NCB - 07/2025-26**
1. Name of the Work : Road Work in the District of Keonjhar for the Year 2025-26, 2. Total Number of Work: 1 No., 3. Estimated Cost : Rs.69.75 lakhs (Approx.), 4. Class of Contractor : "B" Class, 5. Period of Completion : As per annexure of e-Procurement Notice **No.07 of 2025-26**, 6. Other Details :

| Procurement Officer | Bid Identification No. | Availability of Tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Banspal | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| **Superintending Engineer, Rural Works Division, Banspal** | **Road Online NCB No. 07** | Dt.29.10.2025 at 11.00 A.M. | Dt.11.11.2025 up to 5.00 P.M. | Dt.10.11.2025 up to 5.00 P.M. | Dt.12.11.2025 at 11.00 A.M. | **Will be intimated later** |

Further details can be seen from the website www.tenderorissa.gov.in
Sd./- Superintending Engineer
R.W. Division, Banspal
OIPR-25198/11/0013/2526

## ବାହୁଦାରେ ବନ୍ୟା ସ୍ଥିତି

ପାତ୍ରପୁର/ଟିକିଟି, ୨୮।୧୦(ଉମା ଚରଣ ନେପାକ/ପ୍ରକାଶ ଚନ୍ଦ୍ର ସାହୁ)

ବାତ୍ୟା 'ମୋନ୍ଥା' ପ୍ରଭାବରେ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକରେ ମଙ୍ଗଳବାର ଦିନ ତମାମ ତୁହାକୁ ତୁହା ବର୍ଷା ଲାଗି ରହିଛି। ସୋମବାର ବର୍ଷାର ପରିମାଣ ୧୧୭ ମି.ମି.ରେକର୍ଡ କରାଯାଇଥିବା ବେଳେ ମଙ୍ଗଳବାର ଏହାର ପରିମାଣ ଅଧିକ ହେବ ବୋଲି କୁହାଯାଉଛି। ଟିକିଟି ବ୍ଲକ୍ ଅନ୍ତର୍ଗତ ନୂଆପଡ଼ା,ଚାନ୍ଦପୁର, ଲାଲମେଣ୍ଢା, କ.ନୂଆଗାଁ ଓ କଳବାଡ଼ ପଞ୍ଚାୟତର ବିଭିନ୍ନ ଗ୍ରାମ ନିକଟରେ ଥିବା ବାହୁଦା ନଦୀରେ ଜଳପତ୍ତନ ବଢ଼ିଛି। ସୋମବାର ବାଘଲଟି ଜଳ ଭଣ୍ଡାରରୁ ୩ଟି ଗେଟ୍ ଖୋଲାଯିବା ଫଳରେ ବାହୁଦା ନଦୀର ଜଳପତ୍ତନ ବୃଦ୍ଧିପାଇଛି। ଉପର ମୁଣ୍ଡରେ ବିଶେଷ ବର୍ଷା ହେଉ ନ ଥିଲେ ମଧ ବନ୍ୟା ପରିସ୍ଥିତିକୁ ଏଡାଇବା ପାଇଁ ଆଗୁଆ ବାଘଲଟି ଜଳଭଣ୍ଡାରରୁ ଜଳ ନିଷ୍କାସନ କରାଯାଇଛି। ଏଥିପାଇଁ ବାହୁଦା ନଦୀରେ ବନ୍ୟା ସ୍ଥିତି ଦେଖା ଦେଇଛି । ଆଙ୍କୁଲି, ତୁମ୍ବା ଓ ବୁରାତାଲ ପଞ୍ଚାୟତର ଦୁର୍ଗମ ଅଞ୍ଚଳରେ ଭୂସ୍ଖଳନ ଓ କଚ୍ଚାଘର ଭୁଶୁଡି ପଡିବା ଆଶଙ୍କାରେ ଆଙ୍କୁଲି ପଞ୍ଚାୟତର ବିଭିନ୍ନ ସ୍ଥାନରେ ୩ଶହ ଜଣଙ୍କୁ ସୁରକ୍ଷିତ ଭାବେ ରଖାଯାଇଛି। ବ୍ଲକର ଉପର ବୁରାତାଲରେ ପାହାଡ଼ ପାଣି ରାସ୍ତାରେ ପ୍ରବାହିତ ହୋଇଛି। ମେଡ଼ିକାଲ, ବିଦ୍ୟାଳୟ ପରିସରରେ ମଧ ବର୍ଷାପାଣି ପଶିଛି। ବିଲୁଗାଁ-ବାତରାସାହି ରାସ୍ତା ବନ୍ଦ ରହିଛି। ଉପଜିଲାପାଳ ବିଭିନ୍ନ ଆଶ୍ରୟସ୍ଥଳ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି।

## ଫୁଲବାଣୀ ଜେଲକୁ ସ୍ଥାନାନ୍ତର ହେବେ ପିଣ୍ଟୁ

ବ୍ରହ୍ମପୁର, ୨୮।୧୦ (ସୁବାସ ଚନ୍ଦ୍ର ପାଢ଼ୀ) :

ବ୍ରହ୍ମପୁରର ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁଙ୍କୁ ବୁଧବାର ବ୍ରହ୍ମପୁର ମଣ୍ଡଳ କାରାଗାରରୁ ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରାଯିବ। ଏ ନେଇ ଏସଡିଜେଏମ୍ ନିର୍ଦ୍ଦେଶ ଜାରି କରିଥିବା ଏପିପି ରାଜେନ୍ଦ୍ର ଦାସ ସୂଚନା ଦେଇଛନ୍ତି। ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ହତ୍ୟା ମାମଲାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସହ ଗିରଫ ହୋଇ ପିଣ୍ଟୁ ବର୍ତ୍ତମାନ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହୁଛନ୍ତି। ଏହି କାରାଗାରରେ ଏକ ପୁରୁଣା ହତ୍ୟା ମାମଲାର ଅପରାଧୀମାନେ ଅଛନ୍ତି। ସେହିକ୍ରମରେ ପିଣ୍ଟୁ ଦାଶ ଓ ସେହି ଅପରାଧୀଙ୍କ ମଧ୍ୟରେ କାଳେ ଗଣ୍ଡଗୋଳ ହେବ ତାହାକୁ ଆଶଙ୍କା କରି ଜେଲ କର୍ତ୍ତୃପକ୍ଷ ପିଣ୍ଟୁଙ୍କୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରିବାକୁ ଏସଡିଜେଏମ କୋର୍ଟରେ ଏକ ପିଟିସନ ଫାଇଲ କରିଥିଲେ। ଏହାର ଶୁଣାଣି କରି କୋର୍ଟ ପକ୍ଷରୁ ସ୍ଥାନାନ୍ତର ଅନୁମତି ମିଳିବା ପରେ ୨୭ ତାରିଖରେ ତାଙ୍କୁ ଫୁଲବାଣୀ ଜେଲକୁ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ ପିଣ୍ଟୁଙ୍କୁ ଫୁଲବାଣୀ ଜେଲ ପାଠଗଲେ ସେଠାକୁ ଯିବା ତାଙ୍କ ପରିବାର ପାଇଁ ଅନେକ ସମସ୍ୟା ହେବ ଦର୍ଶାଇ ତାଙ୍କ ସ୍ତ୍ରୀ' କୋର୍ଟରେ ପିଟିସନ ଦାଖଲ କରିଥିଲେ । ପିଣ୍ଟୁଙ୍କୁ ବ୍ରହ୍ମପୁର ନିକଟସ୍ଥ କୌଣସି ଜେଲରେ ରଖିବାକୁ ସେ ଅନୁରୋଧ କରିଥିଲେ। କିନ୍ତୁ ଜିଲ୍ଲାର ଅନ୍ୟ ଜେଲ୍ରେ ପିଣ୍ଟୁଙ୍କୁ ରଖିବା ସୁରକ୍ଷିତ ନୁହେଁ ବୋଲି ରିପୋର୍ଟ ଆସିବା ପର ପିଣ୍ଟୁଙ୍କୁ ଫୁଲବାଣୀ ଜେଲ୍କୁ ସ୍ଥାନାନ୍ତର କରାଯିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।



ମୋନ୍ଥା ପ୍ରଭାବ: ଗୋପାଳପୁର ବେଳାଭୂମି ଜନଶୂନ୍ୟ। (ଫଟୋ: ସୁବାସ)

# ତୁହାକୁ ତୁହା ବର୍ଷା, ସମସ୍ତେ ସତର୍କ

## ଲାଞ୍ଜିପଲୀ ଗୌଡ଼ ବନ୍ଧ ଓ ତେଲୁଗୁ ବସ୍ତି ବାସିନ୍ଦାଙ୍କୁ ସ୍ଥାନାନ୍ତର



ବାତ୍ୟା ଆଶ୍ରୟ ସ୍ଥଳୀରେ ମହିଳାମାନଙ୍କୁ ଖାଦ୍ୟ ପ୍ରଦାନ କରାଯାଉଛି।

ବ୍ରହ୍ମପୁର,୨୮।୧୦(ସ୍ମୃତି ରଞ୍ଜନ ମହାଲିକ)

ସମ୍ଭାବ୍ୟ ବାତ୍ୟା ମୋନ୍ଥାର ପ୍ରଭାବ ବ୍ରହ୍ମପୁରରେ ମଙ୍ଗଳବାର ସକାଳଠାରୁ ଲାଗି ରହିଛି। ସୋମବାର ରାତିରୁ ବର୍ଷା ଆରମ୍ଭ ହୋଇଛି। କିନ୍ତୁ ମଙ୍ଗଳବାର ସକାଳେ ପାଗ ଶୁଖିଲା ଥିବା ବେଳେ ହଠାତ ପାଗରେ ପରିବର୍ତ୍ତନ ଘଟିଥିଲା। ସକାଳ ୧୦ ଟାରେ ସାମାନ୍ୟ ପବନ ବହିବା ସହ ଅସରାଏ ଛେଚିଥିଲା। କିଛି ସମୟ ବର୍ଷା ହୋଇ ପୁଣି ଛାଡି ଯାଇଥିଲା। ଏଭଳି ଭାବେ ଅପରାହ୍ନ ଯାଏଁ ବର୍ଷା ଲାଗି ରହିଥିଲା। ପବନ ବି ୩୦ରୁ ୪୦ କିମି ବେଗରେ ବହିଥିଲା। କିନ୍ତୁ ସନ୍ଧ୍ୟାରେ ବର୍ଷା କମିଯାଇଥିଲା। ଦିନ ତମାମ ବର୍ଷା ହେଉଥିବାରୁ କାଳେ ବଡ ବର୍ଷା ହେବ ବୋଲି ପ୍ରଶାସନଠାରୁ ଲୋକେ ସତର୍କ ହୋଇଯାଇଥିଲେ। ମଙ୍ଗଳବାର ଦିନର ତାପମାତ୍ରା ୩୦ ଡିଗ୍ରୀ ଥିବା ବେଳେ ସନ୍ଧ୍ୟା ତାପମାତ୍ରା ୨୬ ଡିଗ୍ରୀ ଥିଲା। ବର୍ଷାର ପ୍ରକୋପ ଅଧିକ ନ ଥିବା ବେଳେ ସହର ତଳି ଅଂଚଳ ଗୁଡିକରେ ବର୍ଷା ଜଳ ନିଷ୍କାସନ ନିମନ୍ତେ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ତତ୍ପର ହୋଇଛି। ବିଏମସି ପକ୍ଷରୁ ଅତିରିକ୍ତ ସଫେଇ କର୍ମଚାରୀଙ୍କୁ ମୁତୟନ କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ ସଫେଇ କରାଯାଇଛି। ଏହା ଦ୍ୱାରା ଜଳବନ୍ଦୀ ସମସ୍ୟା ଦୂର ହେବ ବୋଲି ଆଶା କରାଯାଉଛି। ଜିଲା ପ୍ରଶାସନର ନିୟମକୁ ଅନୁସରଣ କରି ବିଏମସି ପକ୍ଷରୁ ବସ୍ତି ବାସିନ୍ଦାଙ୍କୁ ବାତ୍ୟା ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ବାତ୍ୟା ଆଶ୍ରୟ ସ୍ଥଳରେ ବିଏମସି ପକ୍ଷରୁ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ବିତରଣ କରାଯାଇଛି। ବିଏମସି ଅଧିକାରୀମାନେ ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ନିରୀକ୍ଷଣ କରୁଛନ୍ତି।

### ୧୧୦ ମଧ୍ୟରୁ ୮୨ ଗର୍ଭବତୀଙ୍କ ସୁରକ୍ଷିତ ପ୍ରସବ

ବ୍ରହ୍ମପୁର,୨୮।୧୦(ସ୍ମୃତି ରଞ୍ଜନ ମହାଲିକ) ବାତ୍ୟା ମୋନ୍ଥାକୁ ନେଇ ମଙ୍ଗଳବାର ବିଏମସି ପକ୍ଷରୁ ସହରର ବିଭିନ୍ନ ଅଂଚଳରେ ଜଳବନ୍ଦୀ ଓ ରାସ୍ତା ଅବରୋଧ ସମସ୍ୟାକୁ ଅନୁଧ୍ୟାନ କରାଯାଇଥିଲା। ସଫେଇ କର୍ମଚାରୀଙ୍କ ଦ୍ୱାରା ହରିଡାଖଣ୍ଡି ତୃପ୍ତି ନଗର, ହରିହର ନଗର, ରଘୁପତି ନଗର, ଆମ୍ବ ମାର୍କେଟ, ଗାନ୍ଧୀ ନଗର, ଡି ପଲ ସ୍କୁଲ, ଗଜପତି ନଗର ଓ ବଡ ମେଡିକାଲ ପଡିଆ ସଂଲଗ୍ନ ଡ୍ରେନ ସଫା କରାଯାଇଥିଲା। ନିଗମ ପକ୍ଷରୁ ୧୨ ଆଶ୍ରୟସ୍ଥଳକୁ ୧୧୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କୁ ରାତି ରହଣୀ ଓ ଆନୁସଙ୍ଗିକ ସୁବିଧା ଦିଆଯାଇଛି। ଲାଞ୍ଜିପଲୀ ଗୌଡ ବନ୍ଧ ଓ ତେଲୁଗୁ ବସ୍ତିରୁ ପ୍ରାୟ ୧୫୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ କହିଛନ୍ତି। ନିଗମ ପକ୍ଷରୁ ସୁରକ୍ଷିତ ପ୍ରସବ ପାଇଁ ସ୍ଥାନାନ୍ତର କରାଯାଇଥିବା ୧୧୦ ଗର୍ଭବତୀଙ୍କ ମଧ୍ୟରୁ ୮୨ ସୁରକ୍ଷିତ ପ୍ରସବ କରିଥିବା ସୂଚନା ମିଳିଛି। ବାତ୍ୟା ଆଶ୍ରୟ ସ୍ଥଳ ଗୁଡିକରେ ବୟସ୍କ, ଭିନ୍ନକ୍ଷମଙ୍କ ସୁବିଧା ପାଇଁ ହ୍ୱିଲ ଚେୟାର ପ୍ରଦାନ କରାଯାଇଛି। ଏଥିସହ ଆଶ୍ରୟ ସ୍ଥଳଗୁଡିକରେ ୨୨୦ ସ୍ୱାସ୍ଥ୍ୟ କର୍ମୀ ନିୟୋଜିତ ରହିଥିବା ଡେପୁଟି କମିଶନର ସୂଚନା ଦେଇଛନ୍ତି। ଗଞ୍ଜାମ ଜିଲାପାଳ ମଙ୍ଗଳବାର ବିଏମସି ଗସ୍ତ କରି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଓ ଅନ୍ୟ ସମସ୍ତ କର୍ମଚାରୀଙ୍କୁ ସତର୍କ ଏବଂ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି।

## ବାତ୍ୟା ମୁକାବିଲା କାର୍ଯ୍ୟରେ ଅବହେଳା
## ୨ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

ଛତ୍ରପୁର,୨୮।୧୦( ଦିଲୀପ ସାମଲ): ବାତ୍ୟା 'ମୋନ୍ଥା'ର ସଫଳ ମୁକାବିଲା ପାଇଁ ଗଞ୍ଜାମ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଥିବା ବେଳେ କାର୍ଯ୍ୟରେ ଅବହେଳା କରିଥିବା ଦୁଇ ଅଧିକାରୀଙ୍କ ଉପରେ ଜିଲାପାଳ ଭି. କୀର୍ତ୍ତିଭାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବାତ୍ୟା ପାଇଁ ବିନା ଅନୁମତିରେ କୌଣସି ଅଧିକାରୀ ହେଡକ୍ୱାର୍ଟର ନ ଛାଡିବାକୁ ଜିଲାପାଳ ନିର୍ଦ୍ଦେଶନାମା ଜାରି କରିଥିଲେ। ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲାର ସମସ୍ତ ବିଭାଗ ସଜାଗ ରହିବା ପାଇଁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପକି ଜିଲାର ବିଭିନ୍ନ ସ୍ଥାନକୁ ଯାଇ ସେଠାକାର ପ୍ରସ୍ତୁତି ଦେଖିଥିଲେ। ଏଭଳି ସ୍ଥିତିରେ କାର୍ଯ୍ୟରେ ଅବହେଳା ପାଇଁ ଜିଲାପାଳ ଶେରଗଡ ବ୍ଲକର ବରିଷ୍ଠ କିରାଣି ସଦାନନ୍ଦ ବେହେରାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିବା ବେଳେ ଆସିକା ବ୍ଲକ ଏବିଡିଓ ସୁଶାନ୍ତ କୁମାର ବେହେରାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଉଭୟ ଅଧିକାରୀ ବାତ୍ୟା ମୁକାବିଲା କାର୍ଯ୍ୟରେ ସହଯୋଗ ନ କରିଥିବା ସୂଚନା ମିଳିଛି ।

## ପୀତବାସ ହତ୍ୟା ମାମଲା
## ବିହାରୀ ଶୁଟରଙ୍କୁ ଆଶ୍ରୟ ଦେଇଥିବା ଘରମାଲିକ ଗିରଫ

ବ୍ରହ୍ମପୁର,୨୮ ।୧୦(ସୁବାସ ଚନ୍ଦ୍ର ପାଢ଼ୀ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୋଡାସିଂର ଶୂନ୍ୟ ଦାସ(୬୧)। ପୀତବାସଙ୍କୁ ହତ୍ୟା ପାଇଁ ଗତ ସେପ୍ଟେମ୍ବର ମାସରେ ବିହାରରୁ ଆସିଥିବା ଦୁଇ ଯୁବକଙ୍କୁ ଶୂନ୍ୟ ତାଙ୍କ ଅଳକାପୁରୀ ଘରେ ଆଶ୍ରୟ ଦେଇଥିଲେ। ବିହାରୀ ଯୁବକ ଦ୍ୱୟ ହତ୍ୟା ନ କରି ପଳାଇଥିଲେ। ଅପରାଧୀଙ୍କୁ ଆଶ୍ରୟ ଦେବା ଅଭିଯୋଗରେ ତାଙ୍କୁ ଗିରଫ ପରେ ମାମଲା ନଂ. ୫୧୮/୨୫ରେ କୋର୍ଟ ଚାଲାଣ କରାଯାଇଛି। ସେହିପରି ଗତ ୨୨ ତାରିଖରେ କୋରାପୁଟ ଜିଲା ଜୟପୁରର ଫାର୍ମ ହାଉସ ମାଲିକ ସୁନୀଲ ହୋତା(୫୨)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ।ଗତ ବୁଧବାର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସମେତ ପୂର୍ବତନ ମେୟର ଶିବଶଙ୍କର ଦାସ, ବିଏମସିର ୪୧ ନଂ. ୱାର୍ଡ କର୍ପୋରେଟର ମଳୟ ବିଷୋୟୀ, ବିଜେଡି ନେତା ମଦନ ଦଳାଇଙ୍କ ସମେତ ମୋଟ ୧୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୀତବାସଙ୍କୁ ଗୁଳି କରିଥିବା କୁରୁପତି ଭୂୟାଁ ଓ ଉମା ବିଷୋୟୀ ଏବେବି ଫେରାର ଅଛନ୍ତି।

## ମହିଳାଙ୍କଠାରୁ ଟଙ୍କା ଲୁଟି ନେଲେ ଦୁର୍ବୃତ୍ତ

ଦିଗପହଣ୍ଡି,୨୮।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ପୁଞ୍ଜିକଂୟା ଛକ ମୁଖ୍ୟରାସ୍ତା କଡ଼ରେ ଥିବା ଷ୍ଟେଟବ୍ୟାଙ୍କ ସମ୍ମୁଖରୁ ୨ ଦୁର୍ବୃତ୍ତ ଜଣେ ମହିଳାଙ୍କ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଦିଗପହଣ୍ଡି ବ୍ଲକ କଇଠଡା ପଞ୍ଚାୟତ ବୀର ଲକ୍ଷ୍ମୀନାରାୟଣପୁର ଗ୍ରାମର ହିନା ନାଇକ ଝିଅ ବାହାଘର ପାଇଁ ସୋମବାର ଇଣ୍ଡିଆନ୍ ବ୍ୟାଙ୍କକୁ ଯାଇ ଜମାଖାତାରୁ ୧ ଲକ୍ଷ ୨୦ ହଜାର ଟଙ୍କା ଉଠାଇଥିଲେ। ମଧ୍ୟାହ୍ନ ପ୍ରାୟ ୧୨ ଟାରେ ସାଙ୍ଗରେ ଥିବା ତାଙ୍କ ପୁତୁରା ନାରାୟଣ ନାଇକଙ୍କ ବାଇକରେ ବସି କିଛି ଘରକରଣା କିଣିବାକୁ ଯାଉଥିବା ବେଳେ ୨ ଦୁର୍ବୃତ୍ତ ଏକ ବାଇକରେ ତାଙ୍କୁ ବ୍ୟାଙ୍କ ନିକଟରୁ ପିଛା କରି ଷ୍ଟେଟବ୍ୟାଙ୍କ ସମ୍ମୁଖ ରାସ୍ତାରେ ମହିଳା ଧରିଥିବା ଟଙ୍କା ବ୍ୟାଗକୁ ଝାମ୍ପି ନେଇ ଚମ୍ପଟ ମାରିଥିଲେ। ଏନେଇ ହୀନା ଥାନାରେ ଏତଲା ଦେଇଛନ୍ତି।

### ଗଞ୍ଜାମ ଜିଲାରେ ୪୪.୬୨ ମି.ମି. ବର୍ଷା ରେକର୍ଡ
## ପାତ୍ରପୁରରେ ସର୍ବାଧିକ ବର୍ଷା

ବ୍ରହ୍ମପୁର/ଛତ୍ରପୁର,୨୮।୧୦(ଅଶୋକ କୁମାର ସାହୁ/ଦିଲୀପ ସାମଲ):

ବାତ୍ୟା 'ମୋନ୍ଥା' ପ୍ରଭାବରେ ଗଞ୍ଜାମ ଜିଲାରେ ବର୍ଷା ହେଉଛି । ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଜିଲାରେ ୪୪.୬୨ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ପାତ୍ରପୁର ବ୍ଲକରେ ସର୍ବାଧିକ ୧୧୭.୬ ମି.ମି. ବର୍ଷା ହୋଇଥିବା ଜଣାପଡିଛି। ଜିଲାରେ ସୋମବାରଠାରୁ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୬,୦୨୮ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ଜିଲାପାଳ ଭି. କୀର୍ତ୍ତି ଭାସନ ସୂଚନା ଦେଇଛନ୍ତି । ସେମାନଙ୍କ ଖାଇବା, ପିଇବା ବ୍ୟବସ୍ଥା କରାଯାଇଛି। ସମୁଦ୍ରରେ ଫସି ରହିଥିବା ଆନ୍ଧ୍ର ପ୍ରଦେଶର ଟ୍ରଲରଗୁଡିକୁ ଗୋପାଳପୁର ପୋର୍ଟ ଭିତରେ ଆଶ୍ରୟ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୫୮ଟି ଟ୍ରଲରକୁ ସୁରକ୍ଷିତ ରଖାଯାଇଛି। ସେଥିରେ ଥିବା ମତ୍ସ୍ୟଜୀବୀ ଓ କର୍ମଚାରୀମାନଙ୍କ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କୁ ବିଭିନ୍ନ ସ୍ଥାନରେ ନିୟୋଜିତ କରାଯାଇଛି। ସୋମବାର ରାତିତମାମ ଜିଲ୍ଲାପାଳ ନିଜେ ଜିଲ୍ଲାର ବିଭିନ୍ନ ସ୍ଥାନ ବୁଲି ସମୀକ୍ଷା କରିଥିଲେ। ଆସନ୍ତା ୨୪ ଘଣ୍ଟା ଜିଲ୍ଲା ପାଇଁ ଗୁରୁତ୍ୱପୂର୍ଣ୍ଣ ରହିବ। ସମସ୍ତଙ୍କ ସହଯୋଗରେ ଏହାକୁ ମୁକାବିଲା କରାଯାଇପାରିବ ବୋଲି ଜିଲାପାଳ କହିଛନ୍ତି। ୧୭୦ ଜଣ ଗର୍ଭବତୀଙ୍କୁ ସ୍ଥାନାନ୍ତର କରାଯାଇଛି । ସେଥି ମଧ୍ୟରୁ କେତେଜଣ ସନ୍ତାନ ଜନ୍ମ କରିସାରିଲେଣି। ବୁଧବାର ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଜିଲ୍ଲାରେ ସବୁ ବିଭାଗ ଏଥିପାଇଁ ସତର୍କ ଅଛନ୍ତି ବୋଲି ଜିଲାପାଳ ଭାସନ ସୂଚନା ଦେଇଛନ୍ତି । ଗୋପାଳପୁର ବନ୍ଦରକୁ ୩ ନଂ. ବିପଦ ସଙ୍କେତ ଜାରି କରାଯାଇଛି। ମଙ୍ଗଳବାର ରାତି ୮ଟା ବେଳକୁ ଘଣ୍ଟାକୁ ୪୦ କିମି ବେଗରେ ପବନ ବହୁଥିବାବେଳେ ଏହା ୭୦ କିମି ପର୍ଯ୍ୟନ୍ତ ଯାଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ସମୁଦ୍ର ଭିତରକୁ ମତ୍ସ୍ୟଜୀବୀଙ୍କୁ ଯିବାକୁ ଆଗରୁ ବାରଣ କରାଯାଇଥିବା ବେଳେ ଗୋପାଳପୁର ବେଳାଭୂମି ଓ ସୋନପୁର ବେଳାଭୂମି ଖାଁ ଖାଁ ରହିଛି।

## ସମୁଦ୍ର ଅଶାନ୍ତ, ଝିପିଝିପି ବର୍ଷା ଜାରି



ଗୋପାଳପୁର,୨୮।୧୦(ନବୀନ ରାଜ ଆଚାରୀ)

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଗଭୀର ଅବପାତ ହୋଇ ମଙ୍ଗଳବାର ଭୟଙ୍କର ବାତ୍ୟା 'ମୋନ୍ଥା'ର ରୂପ ନେଇ ସ୍ଥଳଭାଗ ଅଭିମୁଖେ ମାଡି ଆସୁଛି। ଉତ୍ତର, ଉତ୍ତର-ପଶ୍ଚିମରେ ଗତି କରି ସ୍ଥଳଭାଗ ମୁହାଁ ହୋଇଥିବା ଏହି ବାତ୍ୟା ଆନ୍ଧ୍ରପ୍ରଦେଶର କାକିନାଡ଼ା ଅତିକ୍ରମ କରି ସ୍ଥଳଭାଗ ଛୁଇଁବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ମୋନ୍ଥା ବାତ୍ୟା ପ୍ରଭାବରେ ମଙ୍ଗଳବାର ସକାଳୁ ଓ ଦିନ ତମାମ ଗଞ୍ଜାମ ଜିଲା ସମେତ ଗୋପାଳପୁର ଓ ଆଖପାଖ ଅଞ୍ଚଳରେ ଝିପିଝିପି ବର୍ଷା ଲାଗି ରହିଛି। ସୋମବାର ସକାଳ ୮ଟାରୁ ମଙ୍ଗଳବାର ସକାଳ ୮ଟା ପର୍ଯ୍ୟନ୍ତ ୩୫.୯ ମି.ମି. ବର୍ଷା ହୋଇଛି। ରଙ୍ଗେଇଲୁଣ୍ଡା ବ୍ଲକର ୪ଟି ପଞ୍ଚାୟତର ୬୦ ଜଣଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ବିଡିଓ ବିଶ୍ୱଜିତ ରାୟ କହିଛନ୍ତି। ଶୁଖିଲା ଖାଦ୍ୟ ମହଜୁଦ ଅଛି, ଆବଶ୍ୟକ ପଡ଼ିଲେ ଲୋକଙ୍କ ସ୍ଥାନାନ୍ତର କରାଯିବ ବୋଲି ଗୋପାଳପୁର ଏନଏସି ଭାରପ୍ରାପ୍ତ ଇଓ ପୁରୁଷୋତ୍ତମ ବେଣିଆ କହିଛନ୍ତି। ସମୁଦ୍ର ଅଶାନ୍ତ ରହିଛି। ଗୋପାଳପୁର ଅଞ୍ଚଳରେ ଦୋକାନ ବଜାର ବନ୍ଦ ରହିଛି। ବେଳାଭୂମିରେ ପୋଲିସ ଓ ଏନଏସି ପ୍ରଶାସନିକ ଅଧିକାରୀ ଜଗି ରହିଛନ୍ତି। ଗୋପାଳପୁର ବନ୍ଦରରେ ତିନି ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି। ୩୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବା ବାରଣ କରାଯାଇଛି।

## ରାଜ୍ୟ ଦୁର୍ନୀତି ନିବାରଣ ସପ୍ତାହରେ ବ୍ରହ୍ମପୁର ଭିଜିଲାନ୍ସ ପିପି ସମ୍ମାନିତ



ପିପି ସୁରେନ୍ଦ୍ର ପଣ୍ଡାଙ୍କୁ ମୁଖ୍ୟମନ୍ତ୍ରୀ ଟ୍ରଫି ପ୍ରଦାନ କରି ସମ୍ମାନିତ କରୁଛନ୍ତି।

ବ୍ରହ୍ମପୁର,୨୮।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ରାଜ୍ୟ ଲୋକସଭା ଭବନ ସମ୍ମିଳନୀ କକ୍ଷରେ ରାଜ୍ୟ ଦୁର୍ନୀତି ନିବାରର ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦୁର୍ନୀତିକୁ ରୋକିବା ପାଇଁ ସ୍ୱଚ୍ଛ, ପାରଦର୍ଶୀ, ଗତିଶୀଳ ଏବଂ ଅତ୍ୟନ୍ତ ସଚ୍ଚୋଟ ବ୍ୟବସ୍ଥା ଓ ଅଧିକାରୀ ଆବଶ୍ୟକ। ଏକ ଦୁର୍ନୀତିମୁକ୍ତ ପ୍ରଶାସନ ଆମର ଲକ୍ଷ୍ୟ ବୋଲି ସେ କହିଛନ୍ତି। ଏହି ଅବସରରେ ଦୁର୍ନୀତି ରୋକିବା ପାଇଁ କାମ କରିଥିବା କେତେକ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଛି। ବ୍ରହ୍ମପୁର ଭିଜିଲାନ୍ସ ଜଜ କୋର୍ଟରେ କାର୍ଯ୍ୟରତ ପିପି ସୁରେନ୍ଦ୍ର ପଣ୍ଡାଙ୍କୁ ଶ୍ରେଷ୍ଠ ପିପି ଭାବେ ରାଜ୍ୟସ୍ତରୀୟ ପୁରସ୍କାରରେ ସମ୍ମାନିତ କରାଯାଇଛି। ସେହିପରି ବ୍ରହ୍ମପୁର ଡିଭିଜନର ଶ୍ରେଷ୍ଠ ତଦନ୍ତକାରୀ ଅଧିକାରୀ ଭାବେ ଡେପୁଟି ଏସପି କୁମୁଦିନୀ ସାହୁଙ୍କୁ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କରାଯାଇଛି।

## ନାବାଳିକାଙ୍କ ବିବାହ
## ମା', ସ୍ୱାମୀ ସମେତ ୪ ଗିରଫ

ବ୍ରହ୍ମପୁର, ୨୮।୧୦(ସୁବାସ ଚନ୍ଦ୍ର ପାଢ଼ୀ): ନିଜର ନାବାଳିକା ଝିଅକୁ ବାହାର ରାଜ୍ୟରେ ବେଆଇନ ଭାବେ ବାହାଘର କରାଇବା ତାଙ୍କ ମା'ଙ୍କ ପାଇଁ ମହଙ୍ଗା ପଡିଛି। ବୈଦ୍ୟନାଥପୁର ପୋଲିସ ମଙ୍ଗଳବାର ଉକ୍ତ ନାବାଳିକାଙ୍କ ମା', ସ୍ୱାମୀ ସମେତ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଡ଼ି. ନୁନୁ ରେଡ୍ଡୀ(୩୬), ନାବାଳିକାଙ୍କ ସ୍ୱାମୀ ଆନ୍ଧ୍ରପ୍ରଦେଶ ବିଜୟନଗରମର ବି.ସିଏଚ. ସ୍ୱାମୀ(୩୦), କେ.ଚନ୍ଦ୍ରକଳା (୩୬) ଓ କେ. ଶାନ୍ତି (୪୪)। ମାମଲା ନଂ୫୪୩/୨୫ରେ ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ପୋଲିସ ଅଭିଯୁକ୍ତମାନଙ୍କ ମୋବାଇଲ, ବାହାଘର ବେଳର ଫଟୋ , ନାବାଳିକାଙ୍କ ସ୍କୁଲ ସାର୍ଟିଫିକେଟ ଜବତ କରିଛି। ନୁନୁ ରେଡ୍ଡୀ ଏକ ସରକାରୀ କଲେଜରେ ସୁଇପେର ଭାବେ କାମ କରନ୍ତି। ସେ ତାଙ୍କ ପ୍ରଥମ ସୱାମୀ ଠାରୁ ଛାଡ଼ପତ୍ର ନେଇ ନିଜର ଦୁଇ ଝିଅ ଓ ପୁଅକୁ ଧରି ସିଏଚ . ଚନ୍ଦ୍ର ଶେଖରଙ୍କ ସହ ରହୁଛନ୍ତି। ତାଙ୍କର ଦୁଇଟି ଝିଅ ଅଛନ୍ତି। କିଛିଦିନ ସାନ ଝିଅକୁ ଧରି ନୁନୁ ରେଡ୍ଡୀ ଉକ୍ତ କଲେଜର ଦୁଇ ସହକର୍ମୀଙ୍କ ସହ ଆନ୍ଧ୍ରପ୍ରଦେଶ ଯାଇଥିଲେ। ହେଲେ ସ୍ତ୍ରୀ ଫେରିଥିଲେ ମଧ ତାଙ୍କ ସହ ଝିଅ ଆସିନଥିଲେ। ଏନେଇ ତାଙ୍କ ଦ୍ୱିତୀୟ ସୱାମୀ ଚନ୍ଦ୍ରଶେଖର ପଚାରିଥିଲେ। ସେ ତାଙ୍କୁ କୌଣସି ସନ୍ତୋଷ ଜନକ ଉତ୍ତର ଦେଇନଥିଲେ। ଯାହାପହଲରେ ତାଙ୍କର ସନ୍ଦେହ ହୋଇଥିଲା। ଝିଅକୁ ଆନ୍ଧ୍ରରେ ତାଙ୍କ ସ୍ତ୍ରୀ ବିକ୍ରି କରିଦେଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲା।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଇନୋଭେଶନ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା

ବ୍ରହ୍ମପୁର,୨୮।୧୦(ସୁବାସ ଚନ୍ଦ୍ର ପାଢ଼ୀ)

### ୫ ଷ୍ଟାର୍ଟଅପ ରାଜ୍ୟସ୍ତରକୁ ମନୋନୀତ




କାର୍ଯ୍ୟକ୍ରମରେ ଉପସ୍ଥିତ କୁଳପତିଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ ସ୍ତରୀୟ ଇନୋଭେଶନ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା-୨୦୨୫ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଶ୍ରେଷ୍ଠ ୫ ଟି ଷ୍ଟାର୍ଟ ଅପ ପ୍ରସ୍ତାବକୁ ରାଜ୍ୟସ୍ତରୀୟ ପାଇଁ ମନୋନୀତ କରାଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଭୌତିକ ବିଜ୍ଞାନ ସଂସ୍ଥାନ ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ଯୋଗଦେଇ କହିଲେ ଯେ, ଭାରତରେ ପ୍ରତି ୧୦୦ ଲକ୍ଷ ଲୋକ ପିଛା ଗବେଷକ ସଂଖ୍ୟା ଚୀନଠାରୁ ପାଞ୍ଚ ଗୁଣ ଓ ଆମେରିକାଠାରୁ ପ୍ରାୟ ପନ୍ଦରଗୁଣ କମ ରହିଛି। ତେଣୁ ଭାରତକୁ ଗବେଷଣା କ୍ଷେତ୍ରରେ ଅଧିକ ପ୍ରୋତ୍ସାହନ, ଜିଡିପି ରେ ଅଧିକ ଖର୍ଚ୍ଚ ଓ ଯୁବ ଗୋଷ୍ଠୀ ଙ୍କୁ 'ଜବ ସିକର୍' ନହୋଇ 'ଜବ ପ୍ରୋଭାଇଡର୍' ଭାବେ ଗଢି ତୋଳିବ ପାଇଁ ପ୍ରେରିତ କରିବା ଦରକାର ବୋଲି କହିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟ ଓ ସମସ୍ତ ଅନୁବନ୍ଧିତ କଲେଜରୁ ଆସିଥିବା ଛାତ୍ରୀଛାତ୍ରଙ୍କ ନବୀନ ଚିନ୍ତାଧାରାକୁ ସମସ୍ତ ସହାୟତା ପ୍ରଦାନ ନିମନ୍ତେ ଧ୍ୟାନ ଦେବା ସହ ସ୍ଥାନୀୟ ସମସ୍ୟାଗୁଡ଼ିକୁ ଚିହ୍ନଟ କରାଯାଇ ସେଗୁଡିକର ସ୍ଥାୟୀ ସମାଧାନ ଖୋଜିବାରେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜୀବ ପ୍ରଯୁକ୍ତି ବିଭାଗର ପ୍ରଧ୍ୟାପକ ପ୍ରଫେସର ଯୋଗେଶ୍ୱର ପାଣିଗ୍ରାହୀ ଯୋଗଦେଇ ବିଶ୍ୱବିଦ୍ୟାଳୟର ଗବେଷଣା ଓ ସେଗୁଡିକର ସଫଳତା ବିଷୟରେ ଅବଗତ କରାଇବା ସହ ପ୍ରତିଯୋଗିତାରେ ମୋଟ ୮୨ ପ୍ରସ୍ତାବ ମଧ୍ୟରୁ ବିଚାରକ ମଣ୍ଡଳୀ ପକ୍ଷରୁ ପାଞ୍ଚଟି ପ୍ରସ୍ତାବ ରାଜ୍ୟସ୍ତରୀୟ ପାଇଁ ମନୋନୀତ କରାଯାଇଥିବା ଘୋଷଣା କରିଥିଲେ। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭୌତିକ ବିଭାଗର ଛାତ୍ର ଗଣେଶ ଚନ୍ଦ୍ର ଖଡ଼ଙ୍ଗାଙ୍କ ଏଆଇ ଚାଳିତ ଅଣ ଆକ୍ରମଣାତ୍ମକ ମଧୁମେହ ଏବଂ ହୃଦରୋଗ ସ୍ୱାସ୍ଥ୍ୟ ମନିଟରିଂ ସିଷ୍ଟମ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜୁଲୋଜି ବିଭାଗର ଛାତ୍ରୀ ଅର୍ଚ୍ଚିତା ଲେଙ୍କାଙ୍କ କାସୁଆରିନା ଇକ୍ୱିସେଟିଫୋଲିଆ ଲିଟରରୁ ଏଲାଜିକ ଏସିଡର ଜଳତାପୀୟ ନିଷ୍କାସନ: ଏକ ଅପଚୟ-ସମ୍ପଦ ପଦ୍ଧତି, ଫୁଲବାଣୀ ସରକାରୀ ଶିକ୍ଷକ ତାଲିମ ପ୍ରତିଷ୍ଠାନର ପ୍ରଭାକର ସାହୁଙ୍କ ଶିକ୍ଷା ସୂତ୍ର, ଟିକିଟି ମହାବିଦ୍ୟାଳୟର ଛାତ୍ରୀ ମାମାଲି ପ୍ରଧାନଙ୍କ ବ୍ରହ୍ମପୁରର ସ୍ୱାଦ, ଫୁଲବାଣୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ର ଓ ଦ୍ୱାରିକାନାଥ ପାତ୍ରଙ୍କ ସୌର ଶୀତଳ ଭଣ୍ଡାର ଏବଂ ଆଗ୍ରୀ ସର୍ଭିସ ପ୍ରମୁଖ ମନୋନୀତ କରାଯାଇଛି। ଏହି ମନୋନୀତ ଷ୍ଟାର୍ଟ ଅପକୁ ୧ ଲକ୍ଷ ଟଙ୍କାର ଧନରାଶି ସହ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଆସନ୍ତା ମାସରେ ଆୟୋଜିତ ରାଜ୍ୟସ୍ତରୀୟ ପର୍ଯ୍ୟାୟରେ ବିଜେତା ମାନେ ପ୍ରତିନିଧିତ୍ୱ କରିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ରାଜ୍ୟ ସ୍ତରରେ ଉତ୍ତମ ୧୦ଟି ପ୍ରସ୍ତାବ ପ୍ରତ୍ୟେକକୁ ୫ ଲକ୍ଷ ଟଙ୍କା ସହାୟତା ରାଶି ସହ ପୁରସ୍କୃତ କରାଯିବ।

# ୧୧ ଜିଲାରେ ୧୪୫୮ ଆସନ୍ନ ପ୍ରସବା ସ୍ଥାନାନ୍ତର

## 'ମୋନ୍ଥା' ମୁକାବିଲା ନେଇ ସ୍ୱାସ୍ଥ୍ୟ ବିଭାଗର କ୍ଷେତ୍ରସ୍ତରୀୟ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୮।୧୦(ବନ୍ଦନା ସେଠୀ)

ବାତ୍ୟା 'ମୋନ୍ଥା'ର ପ୍ରବାହ କାଳ ଏବଂ ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ କ୍ଷେତ୍ରସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର, ଆରୋଗ୍ୟ ମନ୍ଦିର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ ଓ ମେଡିକାଲ କଲେଜ ଏବଂ ହସ୍ପିଟାଲଗୁଡ଼ିକରେ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଅଧିକ ପ୍ରଭାବିତ ହେବା ସମ୍ଭାବନା ଥିବା ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, କୋରାପୁଟ, କେନ୍ଦ୍ରାପଡ଼ା, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ବାଲେଶ୍ୱର, ଜଗତ୍‌ସିଂହପୁର ଆଦି ୧୧ଟି ଜିଲାରେ ମଙ୍ଗଳବାର ପୂର୍ବାହ୍ନ ସୁଦ୍ଧା ୬୭୯୫ଜଣ ଆସନ୍ନ ପ୍ରସବା ମହିଳାଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୪୫୮ଜଣଙ୍କୁ ଆବଶ୍ୟକତା ଅନୁଯାୟୀ ମା' ଗୃହ ଏବଂ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଏଏନ୍‌ଏମ୍‌ମାନେ ତଳିଆ ନଦୀନାଳ ଘେରା, ରାସ୍ତାଘାଟ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳରେ ଘରକୁ ଘର ବୁଲି ଆସନ୍ନପ୍ରସବା ମହିଳାଙ୍କ ସହ ଯୋଗାଯୋଗ କରୁଛନ୍ତି। ସ୍ଥାନାନ୍ତର କରାଯାଇଥିବା ମହିଳାଙ୍କ ଖାଦ୍ୟ, ପାନୀୟ, ଓ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖାଯାଇଛି ଏବଂ ଏଥିପାଇଁ ସ୍ୱତନ୍ତ୍ର ଦଳ କାର୍ଯ୍ୟରତ ଅଛନ୍ତି। ମଙ୍ଗଳବାର ପୂର୍ବାହ୍ନ ସୁଦ୍ଧା ୪୫୨ଜଣ ମହିଳା ନିରାପଦ ମାତୃତ୍ୱ ଲାଭ କରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ ସବୁ ସମ୍ବେଦନଶୀଳ ଅଞ୍ଚଳରୁ ଶତ ପ୍ରତିଶତ ଆସନ୍ନପ୍ରସବା ମହିଳାଙ୍କୁ ନିରାପଦ ସ୍ଥାନକୁ ଆଣିବା ପ୍ରୟାସ ଜାରି ରହିଛି। ୧୦୮ ଆମ୍ବୁଲାନ୍ସ, ୧୦୨ ଆମ୍ବୁଲାନ୍ସ, ମୋବାଇଲ ହେଲ୍‌ଥ ୟୁନିଟ୍, ରାଷ୍ଟ୍ରୀୟ ବାଲ୍ ବିକାଶ କାର୍ଯ୍ୟକ୍ରମ ୟୁନିଟ୍, ରାପିଡ୍ ଆକ୍ସନ ଟିମ୍ ଆଦିକୁ ପରସ୍ପର ସମନ୍ୱିତ ଏବଂ କଣ୍ଟ୍ରୋଲ ରୁମ୍ ସହ ସଂଯୋଜିତ ରଖାଯାଇଛି। କ୍ଷେତ୍ରସ୍ତରୀୟ ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ତ୍ତମାନ ସୁଦ୍ଧା ୩.୭୧ କୋଟିରୁ ଅଧିକ ପାରାସିଟାମଲ୍ ବଟିକା, ୧.୮୭ କୋଟିରୁ ଅଧିକ ଓଆର୍‌ଏସ୍ ଦ୍ରବଣ, ୩.୮୨ କୋଟିରୁ ଅଧିକ ଜିଙ୍କ୍ ବଟିକା, ୧.୭୫ କୋଟିରୁ ଅଧିକ ହାଲୋଜେନ ବଟିକା, ୩.୦୨ ଲକ୍ଷରୁ ଅଧିକ ସାପକାମୁଡ଼ା ଇଞ୍ଜେକ୍ସନ, ୬୭.୦୪ ଲକ୍ଷରୁ ଅଧିକ ବ୍ଲିଚିଂ ପାଉଡର ପ୍ୟାକେଟ ମହଜୁଦ ରହିଛି। ଆବଶ୍ୟକୀୟ ଜୀବନ ରକ୍ଷାକାରୀ ଓ ଜରୁରିକାଳୀନ ଔଷଧ, ଅକ୍ସିଜେନ ସିଲିଣ୍ଡର, ରକ୍ତ ସଂରକ୍ଷଣ କେନ୍ଦ୍ରରେ ରକ୍ତ ୟୁନିଟ୍ ଓ ରକ୍ତଜାତ ଉତ୍ପାଦ ଆଦି ମଧ୍ୟ ମହଜୁଦ ରଖାଯାଇଛି। ଆବଶ୍ୟକତା ଅନୁସାରେ ତୁରନ୍ତ ଅଧିକ ଔଷଧ ଓ ମାନବ ସମ୍ବଳ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ଜରୁରିକାଳୀନ ୱାର୍ଡଗୁଡ଼ିକରେ ଅଧିକ ସଂଖ୍ୟକ ଟ୍ରମା କିଟ୍ ରଖାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଗଜପତି ଜିଲା କାଶୀନଗର ବ୍ଲକ ଅଞ୍ଚଳରେ ରାସ୍ତାରେ ଭାଙ୍ଗି ପଡ଼ିଥିବା ଗଛ।



ରାସ୍ତାରେ ଧସିପଡ଼ିଥିବା ପଥରକୁ ଜେସିବି ମାଧ୍ୟମରେ ଉଠାଯାଉଛି।



ଯାଜପୁର ରୋଡ଼ରେ ଭାଙ୍ଗି ପଡ଼ିଥିବା କାଳୀପୂଜା ତୋରଣ।



ପୁରୀ ବେଳାଭୂମିରେ ପର୍ଯ୍ୟଟକଙ୍କୁ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଛି।

# ବାତ୍ୟା ମୁକାବିଲା ପ୍ରସ୍ତୁତିର ସମୀକ୍ଷା କଲେ ରେଳମନ୍ତ୍ରୀ

ଭୁବନେଶ୍ୱର,୨୮।୧୦(ଅନୁରାଧା ମହାରଣା)

ଙ୍ଗୋପସାଗରରେ ସୃଷ୍ଟ ବାତ୍ୟା 'ମୋନ୍ଥା' ଦ୍ୱାରା ପୂର୍ବତଟ ରେଳପଥ କ୍ଷେତ୍ର ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀମାନଙ୍କ ସହିତ ବାତ୍ୟା ମୁକାବିଲା ସ୍ଥିତିର ସମୀକ୍ଷା କରିଛନ୍ତି। ବିଶେଷକରି ଆନ୍ଧ୍ରପ୍ରଦେଶ, ଓଡ଼ିଶା ଏବଂ ତେଲଙ୍ଗାନାରେ ପ୍ରଭାବିତ ହେବାକୁ ଥିବା ରେଳ ଭିତ୍ତିଭୂମିର ସୁରକ୍ଷା ଓ ଯାତ୍ରୀଙ୍କ ନିରାପତ୍ତା ସୁନିଶ୍ଚିତ କରିବା ଉପରେ ରେଳମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ବାତ୍ୟା ପୂର୍ବରୁ ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଲାଗି ବୈଷ୍ଣବ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରେଳମନ୍ତ୍ରୀ ଡିଭିଜନସ୍ତରୀୟ ଜରୁରିକାଳୀନ କକ୍ଷକୁ କାର୍ଯ୍ୟକ୍ଷମ କରିବା ସହ ସ୍ଥିତି ଉପରେ ୨୪ ଘଣ୍ଟିଆ ନିରୀକ୍ଷଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା, ବିଶାଖାପାଟଣା ଓ ଗୁଣ୍ଟୁର ଡିଭିଜନରେ ଜରୁରୀ ଉପକରଣ, ଯନ୍ତ୍ରାଂଶ ଏବଂ ଯଥେଷ୍ଟ ସଂଖ୍ୟକ ରେଳ କର୍ମଚାରୀଙ୍କୁ ପୁନରୁଦ୍ଧାର ଲାଗି ପ୍ରସ୍ତୁତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରୀଙ୍କ ଅସୁବିଧାକୁ ହ୍ରାସ କରିବା ପାଇଁ ରେଳ ଚଳାଚଳ ଉପରେ ନଜର ରଖିବା ଓ ଏହାକୁ ସୁବ୍ୟବସ୍ଥିତ କରିବା ସକାଶେ ପରାମର୍ଶ ଦିଆଯାଇଛି। ଜରୁରିକାଳୀନ ପରିସ୍ଥିତି ଓ ସତର୍କତାମୂଳକ ପଦକ୍ଷେପ ନେବା ଲାଗି ରେଳ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯେକୌଣସି ପ୍ରକାର ସହାୟତା ଲାଗି ପୂର୍ବତଟ ରେଳପଥ ପକ୍ଷରୁ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। ଭୁବନେଶ୍ୱର ପାଇଁ ୮୧୧୪୩୮୨୩୭୧, ଖୋର୍ଦ୍ଧା ରୋଡ୍ ସକାଶେ ୯୬୬୮୯୭୮୭୨୭, ବ୍ରହ୍ମପୁର ଲାଗି ୯୬୬୮୯୭୮୭୨୫ ଏବଂ ପଲାସା ନିମନ୍ତେ ୯୬୬୮୯୭୮୭୨୪ ନମ୍ବରରେ ଯୋଗାଯୋଗ କରାଯାଇପାରିବ।




ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ଦକ୍ଷିଣ ପୂର୍ବ ଓ ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀମାନଙ୍କ ସହିତ ବାତ୍ୟା ମୁକାବିଲା ସ୍ଥିତିର ସମୀକ୍ଷା କରିଛନ୍ତି।



ରାୟଗଡ଼ ବ୍ଲକରେ ଅଗ୍ନିଶମ କର୍ମଚାରୀମାନେ ରାସ୍ତା ଉପରେ ପଡ଼ିଥିବା ଏକ ଗଛକୁ କାଟି ସଫା କରୁଛନ୍ତି।



ଅଶାନ୍ତ ଚିଲିକା।



ଗଜପତି ମହେନ୍ଦ୍ରଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ପାଚେରି ଉପରେ ଗଛ ପଡ଼ିଯାଇଛି।

# ବାତ୍ୟା ମୁକାବିଲାରେ ନିୟୋଜିତ ଯୋଗାଣ ସହାୟକଙ୍କ ମୃତ୍ୟୁ


ପାରଳାଖେମୁଣ୍ଡି,୨୮।୧୦(ଗିରିଧାରୀ ପରିଚ୍ଛା)

ବାତ୍ୟା 'ମୋନ୍ଥା'ର ମୁକାବିଲାରେ ନିୟୋଜିତ ଗଜପତି ଜିଲା ରାୟଗଡ଼ ବ୍ଲକ ପୋତାର ପଞ୍ଚାୟତର ଯୋଗାଣ ସହାୟକ ସୁରେନ୍ଦ୍ର ଗମାଙ୍ଗଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ଯୋଗାଣ ସହାୟକ ସୁରେନ୍ଦ୍ର ୨୬ ତାରିଖରୁ ବାତ୍ୟା ମୁକାବିଲା କାର୍ଯ୍ୟରେ ନିୟୋଜିତ ଥିଲେ। ସୁରେନ୍ଦ୍ରଙ୍କ ମୃତ୍ୟୁରେ ଜିଲାପାଳ ମଧୁମିତା ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ତାଙ୍କ ପାଇଁ ଯାହା ସହାୟତା ଘୋଷଣା କରିବେ ତୁରନ୍ତ ସୁରେନ୍ଦ୍ରଙ୍କ ପରିବାରକୁ ଯୋଗାଇଦିଆଯିବ ବୋଲି ଜିଲାପାଳ କହିଛନ୍ତି।

## BUSINESS

# ଭାରତର ଇଲେକ୍ଟ୍ରୋନିକ୍ସ ରପ୍ତାନି ପରିମାଣ ବୃଦ୍ଧି

ଭୁବନେଶ୍ୱର,୨୮।୧୦(ଅନୁରାଧା ମହାରଣା)



ଭାରତରୁ ରପ୍ତାନି ହେଉଥିବା ସାମଗ୍ରୀ ମଧ୍ୟରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଏବେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛି। ଭାରତରେ ଆପଲ ଆଇଫୋନ୍‌ର ଉତ୍ପାଦନ ବୃଦ୍ଧି ଏବଂ ଆମେରିକା ରୁଷିଆର ତେଲ କମ୍ପାନୀଗୁଡ଼ିକ ଉପରେ ପ୍ରତିବନ୍ଧକ ଲଗାଇବା ଏହାର ବଡ଼ କାରଣ ରହିଛି। ରିପୋର୍ଟ ଅନୁଯାୟୀ, ରୁଷିଆର ରୋସ୍‌ନେଫ୍ଟ ଓ ଲୁକୋଇଲ ତେଲ କମ୍ପାନୀ ଉପରେ ଟ୍ରମ୍ପ ସରକାର ନୂଆ କଟକଣା ଲଗାଇବା ଯୋଗୁ ଭାରତୀୟ ରିଫାଇନେରିଗୁଡ଼ିକର ରୁଷିଆରୁ ଅଶୋଧିତ ତୈଳ କିଣିବାରେ ପ୍ରଭାବ ପଡ଼ିପାରେ। ଏହାଦ୍ୱାରା ପେଟ୍ରୋଲିୟମ ଉତ୍ପାଦ ରପ୍ତାନି ପଛରେ ପଡ଼ିବ ଏବଂ ଇଲେକ୍ଟ୍ରୋନିକ୍ସ ରପ୍ତାନି ଦ୍ୱିତୀୟ ବୃହତ୍ ରପ୍ତାନି ସେକ୍ଟର ହୋଇଯିବ। ବାଣିଜ୍ୟ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ବର୍ଷର ପ୍ରଥମ ୬ମାସରେ ଇଲେକ୍ଟ୍ରୋନିକ୍ସ ରପ୍ତାନି ୪୨ ପ୍ରତିଶତ ବୃଦ୍ଧି ପାଇ ୨୨.୨ ବିଲିୟନ ଡଲାର ପହଞ୍ଚିଛି, ଯେଉଁଥିରେ ଆପଲ ଆଇଫୋନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗତ ବର୍ଷ ଏହା ୧୫.୬ ବିଲିୟନ ଡଲାର ଥିଲା। ଏହି ବୃଦ୍ଧି ଯୋଗୁ ୨୦୨୬ର ପ୍ରଥମ ୬ ମାସରେ ଇଲେକ୍ଟ୍ରୋନିକ୍ସ ଦେଶର ତୃତୀୟ ବୃହତ୍ ରପ୍ତାନିକାରୀ ସେକ୍ଟର ହୋଇପାରିଥିଲା। ବିଶେଷଜ୍ଞମାନଙ୍କ ମତରେ, ରୁଷିଆ ତେଲର ସୀମିତ କିଣିବା ସହ ୨ ବର୍ଷ ଭିତରେ ଇଲେକ୍ଟ୍ରନିକ୍ସ ଇଞ୍ଜିନିୟରିଂ ପ୍ରଣାଳୀ ସହିତ ରପ୍ତାନି କ୍ଷେତ୍ରରେ ଏହା ଦ୍ୱିତୀୟ ସ୍ଥାନରେ ରହିବ। ୨୦୨୨ରେ ଏହା ୭ମ ସ୍ଥାନରେ ଥିଲା ମାତ୍ର ଏହି କ୍ଷେତ୍ରରେ କ୍ରମାଗତ ଅଭିବୃଦ୍ଧି ଦେଖିବାକୁ ମିଳୁଛି । ବର୍ତ୍ତମାନ ଇଞ୍ଜିନିୟରିଂ ବର୍ଗ ୫୯.୩ ବିଲିୟନ ଡଲାର ପ୍ରଥମ ସ୍ଥାନରେ ରହିଛି, ଯାହା ଗତ ବର୍ଷର ୫୬.୩ ବିଲିୟନ ଡଲାରରୁ ୫.୩୫ ପ୍ରତିଶତ ବୃଦ୍ଧି ଦର୍ଶାଉଛି। ୨୦୨୫ରେ ଜେମସ୍ ଓ ଜୁଏଲେରି ଏବଂ କେମିକାଲକୁ ପଛରେ ପକାଇ ଇଲେକ୍ଟ୍ରୋନିକ୍ସକୁ ପଛରେ ପକାଇ ତୃତୀୟ ସ୍ଥାନରେ ପହଞ୍ଚିଥିଲା। ୨୦୨୨ରେ ଏହା ଫାର୍ମାସ୍ୟୁଟିକାଲ୍ସ ଓ ରେଡିମେଡ୍ ଗାର୍ମେଣ୍ଟସକୁ ମଧ୍ୟ ପଛରେ ଛାଡ଼ିଛି। ଅନ୍ୟପକ୍ଷେ, ଏହି ଅବଧିରେ ପେଟ୍ରୋଲିୟମ ଉତ୍ପାଦ ରପ୍ତାନି ୧୬.୪ ପ୍ରତିଶତ ହ୍ରାସ ପାଇ ୩୬.୬ ବିଲିୟନ ଡଲାରରୁ ୩୦.୬ ବିଲିୟନ ଡଲାର ପହଞ୍ଚିଛି। ଆର୍ଥିକବର୍ଷ ୨୦୨୩ର ୯୭.୪ ବିଲିୟନ ଡଲାରରୁ ୨୦୨୫ରେ ୬୩.୩ ବିଲିୟନ ଡଲାର ପର୍ଯ୍ୟନ୍ତ ପେଟ୍ରୋଲିୟମର ରପ୍ତାନି ଲଗାତର ହ୍ରାସ ପାଉଛି। ଗତ ୩ ବର୍ଷରେ ଇଲେକ୍ଟ୍ରୋନିକ୍ସ ରପ୍ତାନି ୨୦୨୩ର ୨୩.୫ ବିଲିୟନ ଡଲାରରୁ ୨୦୨୫ରେ ୩୮.୫ ବିଲିୟନ ଡଲାର ପହଞ୍ଚିଛି।

# ଓଏମ୍‌ସି ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ଭୁବନେଶ୍ୱର,୨୮।୧୦ (ଅନୁରାଧା ମହାରଣା)

ରାଜ୍ୟ ସରକାରଙ୍କ ଖଣି ଓ ଇସ୍ପାତ ବିଭାଗ ଅଧୀନରେ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓଡ଼ିଶା ଖଣି ନିଗମ ପକ୍ଷରୁ 'ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୫ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ନଭେମ୍ବର ୨ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହେବା ଅବସରରେ ଭୁବନେଶ୍ୱରସ୍ଥିତ ଓଏମ୍‌ସି ମୁଖ୍ୟ କାର୍ଯ୍ୟାଳୟ ପରିସରରେ ନିଗମର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ଯୋଗଦେଇ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ କର୍ମକ୍ଷେତ୍ରରେ ସାଧୁତା ଅବଲମ୍ବନ ନେଇ ଶପଥ ପାଠ କରାଇଛନ୍ତି। ଏହି ପରିପ୍ରେକ୍ଷୀରେ ନିର୍ଦ୍ଦେଶକ(ଅପରେଶନ) ସବ୍ୟସାଚୀ ମହାନ୍ତି, ନିର୍ଦ୍ଦେଶକ(ମାନବ ସମ୍ବଳ) ଆଲୋକ କୁମାର ପାଲ, ନିର୍ଦ୍ଦେଶକ (ବିତ୍ତ) ବନବିହାରୀ ପାଣି ଏବଂ ନିଗମର ମୁଖ୍ୟ ଦୁର୍ନୀତି ନିବାରଣ ଅଧିକାରୀ, ଦେବେନ୍ଦ୍ର ନନ୍ଦ ପ୍ରମୁଖ ସାମିଲ ହୋଇଥିଲେ। ମୁଖ୍ୟ କାର୍ଯ୍ୟାଳୟ ବ୍ୟତୀତ, ଓଏମ୍‌ସିର ସମସ୍ତ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ଖଣି ଅଞ୍ଚଳରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ କରାଯାଇଛି।




# କାନାରା ବ୍ୟାଙ୍କର ନୂଆ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୨୮।୧୦(ଅନୁରାଧା ମହାରଣା)

ରାଷ୍ଟ୍ରାୟତ୍ତ କାନାରା ବ୍ୟାଙ୍କ ପକ୍ଷରୁ ଖୋର୍ଦ୍ଧା ଜିଲାର ଯାଆଁଳାଠାରେ ଏକ ନୂଆ ଶାଖା ଉଦ୍‌ଘାଟିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର ମଣ୍ଡଳର ମହାପ୍ରବନ୍ଧକ (ଡି) ସୁମନ ଚକ୍ରବର୍ତ୍ତୀ ଏହି ଶାଖାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉପ-ମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ଶରତ ଚନ୍ଦ୍ର ଭୋଇ, ମୁଖ୍ୟ ଅତିଥି ଯାଆଁଳା ସରପଞ୍ଚ ଶ୍ରଦ୍ଧାଞ୍ଜଳୀ ବେହେରା ଏବଂ ଶରତ କୁମାର ସାହୁ ଓ ଯାଆଁଳା କାଉନ୍‌ସିଲର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅନେକ ବ୍ୟବସାୟୀ, ବେତନଭୋଗୀ ଏବଂ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଯୋଗ ଦେଇଥିଲେ।

# ଭୁବନେଶ୍ୱରରୁ ରାଉରକେଲା ହାଇୱେରେ ଭଲ ନେଟ୍‌ୱର୍କ

## ଟ୍ରାଇର ଓଡ଼ିଶା ମୋବାଇଲ ନେଟ୍‌ୱର୍କ ଗୁଣବତ୍ତା ରିପୋର୍ଟ

ଭୁବନେଶ୍ୱର,୨୮।୧୦(ଅନୁରାଧା ମହାରଣା)

ଟେଲିକମ୍ ରେଗୁଲେଟରି ଅଥରିଟି ଅଫ୍ ଇଣ୍ଡିଆ (ଟ୍ରାଇ) ଓଡ଼ିଶା ଲାଇସେନ୍ସଡ୍ ସର୍ଭିସ୍ ଏରିଆ (ଓଡିଏଲ୍‌ଏସ୍‌ଏ) ଅନ୍ତର୍ଗତ ଭୁବନେଶ୍ୱରରୁ ରାଉରକେଲା ହାଇୱେ ଏବଂ ରାଉରକେଲା ସହର ଓ ଆଖପାଖ ଅଞ୍ଚଳର ମୋବାଇଲ ନେଟ୍‌ୱର୍କ ଗୁଣବତ୍ତାର ସ୍ୱାଧୀନ ଡ୍ରାଇଭ ଟେଷ୍ଟ (ଆଇଡିଟି) ରିପୋର୍ଟ ପ୍ରକାଶ କରିଛି। ଅଗଷ୍ଟ ୨୦୨୫ରେ ହାଇଦ୍ରାବାଦସ୍ଥିତ ଟ୍ରାଇ ଆଞ୍ଚଳିକ କାର୍ଯ୍ୟାଳୟର ନିରୀକ୍ଷଣରେ ଅଗଷ୍ଟ ୧୯ରୁ ୨୨ ମଧ୍ୟରେ ଏହି ପରୀକ୍ଷା କରାଯାଇଥିଲା। ସହର, ଗ୍ରାମାଞ୍ଚଳ ଓ ସଂସ୍ଥାନିକ ହଟ୍‌ସ୍ପଟ୍ ଆଦି ବିଭିନ୍ନ ପରିବେଶରେ ବାସ୍ତବ ଅଭିଜ୍ଞତା ଆଧାରରେ ଏହି ପରୀକ୍ଷା କରାଯାଇଛି। ଏଥିରେ ଭୁବନେଶ୍ୱର-ରାଉରକେଲା ହାଇୱେରେ ୩୩୧.୪ କି.ମି., ରାଉରକେଲା ସହରରେ ୩୫୫ କି.ମି. ଡ୍ରାଇଭ ଟେଷ୍ଟ, ୩.୬ କି.ମି. ୱାକ୍ ଟେଷ୍ଟ ଓ ୮ଟି ହଟ୍‌ସ୍ପଟ୍ ସ୍ଥାନ ଅନ୍ତର୍ଭୁକ୍ତ ଥିଲା। ୨ଜି, ୩ଜି, ୪ଜି ଓ ୫ଜି ପ୍ରଯୁକ୍ତିକୁ ପରୀକ୍ଷାକରି ବିଭିନ୍ନ ହ୍ୟାଣ୍ଡସେଟ୍ ବ୍ୟବହାରକାରୀଙ୍କ ଅଭିଜ୍ଞତା ସଂଗ୍ରହ କରାଯାଇଛି। ଏ ସମ୍ପର୍କିତ ରିପୋର୍ଟ ସମସ୍ତ ଟେଲିକମ୍ ସର୍ଭିସ୍ ପ୍ରୋଭାଇଡର (ଟିଏସ୍‌ପି)କୁ ଜଣାଇ ଦିଆଯାଇଛି। ପରୀକ୍ଷାରେ କଲ୍ ସେବା ଓ ଡାଟା ସେବାକୁ ମୁଖ୍ୟ ମାନକ ଭାବେ ନିଆଯାଇଛି। ଏଥିରେ କଲ୍ ସେବା ପାଇଁ କଲ୍ ସେଟ୍‌ଅପ୍ ସଫଳତା ହାର (ସିଏସ୍‌ଏସ୍‌ଆର୍), କଲ୍ ଡ୍ରପ୍ ହାର (ଡିସିଆର୍), ସେଟ୍‌ଅପ୍ ସମୟ, ସାଇଲେନ୍ସ ହାର, କଥା ଗୁଣବତ୍ତା (ଏମ୍‌ଓଏସ୍) ଓ କଭରେଜ ଏବଂ ଡାଟା ସେବା ପାଇଁ ଡାଉନ୍‌ଲୋଡ୍/ଅପ୍‌ଲୋଡ୍ ଥ୍ରୁପୁଟ୍, ଲେଟେନ୍ସି, ଜିଟର, ପ୍ୟାକେଟ ଡ୍ରପ୍ ହାର ଓ ଭିଡିଓ ଷ୍ଟ୍ରିମିଂ ବିଳମ୍ବ ଆଦି ମାନଦଣ୍ଡ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ରହିଛି। ଅଟୋ-ସିଲେକ୍ସନ ମୋଡ୍‌ରେ କଲ୍ ସେଟ୍‌ଅପ୍ ସଫଳତା ହାରରେ ଏୟାରଟେଲ ୧୦୦.୦୦%, ବିଏସ୍‌ଏନ୍‌ଏଲ୍ ୮୭.୮୫%, ରିଲାଏନ୍ସ ଜିଓ ୯୯.୮୦% ଓ ଭୋଡାଫୋନ ଆଇଡିଆ ୯୯.୬୦% ରହିଛି। ଅନ୍ୟପକ୍ଷେ କଲ୍ ଡ୍ରପ୍ ହାରରେ ଏୟାରଟେଲ ଓ ଭୋଡାଫୋନ ଆଇଡିଆ ୦.୦୦%, ରିଲାଏନ୍ସ ଜିଓ ୦.୪୦% ଏବଂ ବିଏସ୍‌ଏନ୍‌ଏଲ୍ ୫.୩୨% ରହିଛି। ରିପୋର୍ଟ ଅନୁଯାୟୀ ଅଧିକାଂଶ କମ୍ପାନୀର ସେବା ଭଲ ରହିଛି, ମାତ୍ର ବିଏସ୍‌ଏନ୍‌ଏଲ୍‌ର ଉନ୍ନତିର ଆବଶ୍ୟକତା ଥିବାର ସମସ୍ତ କମ୍ପାନୀକୁ ସେବା ସୁଧାର କରିବାକୁ ଟ୍ରାଇ ନିର୍ଦ୍ଦେଶ ଦେଇଛି।

# ବର୍ଷେ ପାଇଁ ନିଃଶୁଳ୍କ ସେବା ଦେବ ଓପନ ଏଆଇ

ଭୁବନେଶ୍ୱର,୨୮।୧୦




ଓପନଏଆଇ ମଙ୍ଗଳବାର ଘୋଷଣା କରିଛି, ଭାରତୀୟ ବ୍ୟବହାରକାରୀଙ୍କ ପାଇଁ ଚାଟ୍‌ଜିପିଟି ଗୋ ବର୍ଷକ ପାଇଁ ନିଃଶୁଳ୍କ ସେବା ଦେବ। ଏହା ୪ ନଭେମ୍ବରରୁ ଆରମ୍ଭ ହେବ। ସାଧାରଣତଃ ଏହାର ମାସିକ ସବ୍‌ସ୍କ୍ରିପ୍‌ସନ ପ୍ରତି ମାସରେ ୩୯୯ ଟଙ୍କା ରହିଥାଏ। ଚାଟ୍‌ଜିପିଟି ଗୋ ହେଉଛି ଓପନଏଆଇର ନୂତନ ସବ୍‌ସ୍କ୍ରିପସନ୍ ଟିୟର। ଏହା ବାଛୁଥିବା ବ୍ୟବହାରକାରୀମାନେ ପ୍ଲାଟ୍‌ଫର୍ମର ସବୁଠାରୁ ଲୋକପ୍ରିୟ ଫିଚରଗୁଡ଼ିକୁ ପାଇବେ ଜିପିଟି-୫ ମଡେଲ ସହିତ ଅଧିକ ମେସେଜ ସୀମା, ଦୈନିକ ଅଧିକ ଇମେଜ ତିଆରି, ଦିନକୁ ଅଧିକ ଫାଇଲ କିମ୍ବା ଇମେଜ ଅପ୍‌ଲୋଡ୍ ଏବଂ ଅଧିକ ବ୍ୟକ୍ତିଗତ ରିପ୍ଲାଏ ପାଇଁ ଅଧିକ ମେମୋରି ଉପଲବ୍ଧ ହେବ। ଚାଟ୍‌ଜିପିଟିର ଭାଇସ୍ ପ୍ରେସିଡେଣ୍ଟ ଓ ହେଡ୍ ନିକ୍ ଟର୍ଲୀ କହିଛନ୍ତି, ଭାରତରେ ଆମର ପ୍ରଥମ ଡେଭଟେ ଇଭେଣ୍ଟ ପୂର୍ବରୁ, ଆଧୁନିକ ଏଆଇରୁ ଅଧିକ ଲୋକେ ସହଜରେ ଲାଭ ପାଇବା ପାଇଁ ଏହି ସୁବିଧା ଦିଆଯାଉଛି। ଅଗଷ୍ଟରେ ଲଞ୍ଚ ପରେ ପ୍ରଥମ ମାସରେ ଭାରତରେ ଚାଟ୍‌ଜିପିଟିର ପେଡ୍ ସବ୍‌ସ୍କ୍ରାଇବରଙ୍କ ସଂଖ୍ୟା ୨ ଗୁଣରୁ ଅଧିକ ବୃଦ୍ଧି ପାଇଛି। ଏହି ଚାହିଦା ଯୋଗୁ ଓପନଏଆଇ ଚାଟ୍‌ଜିପିଟି ଗୋକୁ ବିଶ୍ୱର ପ୍ରାୟ ୯୦ଟି ବଜାରରେ ବିସ୍ତାର କରିଛି। ଭାରତ ଚାଟ୍‌ଜିପିଟିର ଦ୍ୱିତୀୟ ସର୍ବବୃହତ୍ ବଜାର। ଦେଶରେ ବହୁ କୋଟି ଲୋକ ପ୍ରତିଦିନ ଚାଟ୍‌ଜିପିଟି ବ୍ୟବହାର କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାଣିକଗୋଡ଼ାରୁ ୩୧ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ

- ଗୋଟିଏ ପରିବାରର ଦମ୍ପତି, ୨ଭାଇଙ୍କ ସମେତ ୭ ଗିରଫ
- ୪ ଲକ୍ଷ ଟଙ୍କା, ୨ କାର୍, ୩ ବାଇକ୍, ଦେଶୀ ବନ୍ଧୁକ ଜବତ

**ଖୋର୍ଦ୍ଧା,୨୮।୧୦(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ ମାଣିକଗୋଡ଼ା ଗ୍ରାମ ଦଳେଇସାହିରେ ସୋମବାର ପୋଲିସ ଚଢ଼ାଉ କରି ୩୧୪.୯୭୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ଜଣେ ମହିଳାଙ୍କ ସମେତ ୭ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨ଜଣ ଗଞ୍ଜାମ ଜିଲା ଏବଂ ୫ଜଣ ଖୋର୍ଦ୍ଧା ଜିଲାର ରହିଛନ୍ତି। ଏମାନଙ୍କ ମଧ୍ୟରେ ଗୋଟିଏ ପରିବାରର ଦମ୍ପତି, ୨ଭାଇ ସଂଶ୍ଳିଷ୍ଟ ଅଛନ୍ତି। ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ବଡ଼ବଜାର ଥାନା ଅଞ୍ଚଳର ପ୍ରଣୟ ରଥ(୩୬), ସତ୍ୟଲୋଚନ ସାହୁ(୪୩), ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳର ମହେଶ୍ୱର ସ୍ୱାଇଁ ଓରଫ ଧରମା(୩୦), ବୋଲଗଡ଼ ଥାନା ଅଞ୍ଚଳର ବବ୍‌ଲୁ ଓରଫ ମୀର୍ ଅତାଉଲ୍ଲା(୨୬) ଏବଂ ତାଙ୍କ ସ୍ତ୍ରୀ ମଇନା ବେଗମ(୨୭), ବୁନିଆ ଓରଫ ମିର୍ ଅବଦୁଲ୍ଲା(୨୩), ରିଙ୍କୁ ଓରଫ ମୀର୍ ମୁସ୍ତାଫିଜ୍ ଅଲ୍ଲୀ (୨୬)। ବବ୍‌ଲୁ ଓ ବୁନିଆ ଦୁଇ ଭାଇ। ଅଭିଯୁକ୍ତଙ୍କଠାରୁ ୪ଲକ୍ଷ ଟଙ୍କା, ଦୁଇଟି କାର୍ (ନଂ. ଓଡି ୦୭ଏପି ୧୮୩୮, ଓଆର ୦୨ଏବି ୭୪୭୧), ୩ଟି ବାଇକ୍ (ନଂ. ଓଡି ୨୫ଆର ୭୬୨୫, ଓଡି ୦୨ପି ୮୦୩୮, ଓଡି ୩୩ଏଏମ୍ ୭୮୭୯) ଏବଂ ଗୋଟିଏ ଦେଶୀ ବନ୍ଧୁକ ଜବତ କରାଯାଇଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୩୧ଲକ୍ଷ ଟଙ୍କା ହେବ ବୋଲି ମଙ୍ଗଳବାର ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ପ୍ରଣୟ ଏବଂ ସତ୍ୟଲୋଚନ ବ୍ରହ୍ମପୁରରୁ ଦୁଇଟି କାର୍‌ରେ ବ୍ରାଉନ୍‌ସୁଗାର ଧରି ଖୋର୍ଦ୍ଧାରେ ବିକ୍ରି କରିବାକୁ ଆସିଥିଲେ। ଖୋର୍ଦ୍ଧାର ମହେଶ୍ୱରଙ୍କ ସହ ମିଶି ମାଣିକଗୋଡ଼ା ଯାଇଥିଲେ। ସେଠାରେ ବବ୍‌ଲୁଙ୍କ ଘରେ ଡିଲ୍ ହେଉଥିଲା। ତେବେ ମାଣିକଗୋଡ଼ା ଗ୍ରାମ ଦଳେଇସାହିରେ ବ୍ରାଉନ୍‌ସୁଗାର କାରବାର ଚାଲିଥିବା ଖବରପାଇ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ, ବୋଲଗଡ଼ ଥାନାଧିକାରୀ ସ୍ନିଗ୍ଧାମୟୀ ବରାଳଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଗ୍ରାମର ବବ୍‌ଲୁଙ୍କ ଘରେ ଚଢ଼ାଉ କରିଥିଲା। ଅଭିଯୁକ୍ତଙ୍କଠାରୁ ପର୍ଯ୍ୟାୟକ୍ରମେ ବ୍ରାଉନ୍‌ସୁଗାର ଜବତ କରିଥିଲେ। ସମସ୍ତ ଅଭିଯୁକ୍ତଙ୍କ ସମେତ କାର୍ ଭିତରୁ ବ୍ରାଉନ୍‌ସୁଗାର ଜବତ କରିଥିବା ବେଳେ ରିଙ୍କୁଙ୍କଠାରୁ ୧ଲକ୍ଷ ୭୫ହଜାର, ମଇନା ବେଗମଙ୍କଠାରୁ ୨ଲକ୍ଷ ୨୫ହଜାର ଟଙ୍କା ଏବଂ ମୀର ଅବଦୁଲ୍ଲାଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୨୫୬/୨୫) ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ, ବୋଲଗଡ଼ ଥାନାଧିକାରୀ ସ୍ନିଗ୍ଧାମୟୀ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ପି ଶର୍ମା କହିଛନ୍ତି ଯେ, ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଛି। ଅଭିଯୁକ୍ତମାନଙ୍କ ସହ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ବ୍ରାଉନସୁଗାର କେଉଁଠୁ ଆଣିଥିଲେ, ନିଶା କାରବାରରୁ ବେଆଇନ ଭାବେ କେତେ ସମ୍ପତ୍ତି ଅର୍ଜନ କରିଛନ୍ତି, ତାହାର ଖୋଳତାଡ଼ କରାଯିବ।


ଜବତ ହୋଇଥିବା ବ୍ରାଉନ୍‌ସୁଗାର, ୪ ଲକ୍ଷ ଟଙ୍କା ଏବଂ ବନ୍ଧୁକ।




ଖବରଦାତା ସମ୍ମିଳନୀରେ ଏସ୍‌ପି ବିବେକାନନ୍ଦ ଶର୍ମା ସୂଚନା ଦେଉଛନ୍ତି (ଉପର)। ଜବତ ୩ ବାଇକ୍ ଏବଂ ୨ କାର୍।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

**ବାଲେଶ୍ୱର,୨୮।୧୦(ବାଞ୍ଛାନିଧି ଦେ)**

ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ମଙ୍ଗଳବାର ଏକ ନାବାଳିକା ବଳାତ୍କାର ଓ ଭିଡିଓ ଭାଇରାଲ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଇନ୍ଦିରା ପ୍ରିୟଦର୍ଶିନୀ ଏହାର ଶୁଣାଣିକରି ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏଥିସହ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ପ୍ରଦାନ ଲାଗି ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୁକ୍ତ ଜଣକ ହେଲେ ଜ୍ୟୋତିରଞ୍ଜନ ବେହେରା। ମାମଲାର ବିବରଣୀ ଅନୁଯାୟୀ, ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ସେହି ଥାନା ଅଞ୍ଚଳର ଯୁବକ ଜ୍ୟୋତିରଞ୍ଜନ ବିବାହର ପ୍ରତିଶ୍ରୁତି ଦେଇ ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ବଳାତ୍କାର ସମୟର ଭିଡିଓ ଉତ୍ତୋଳନକରି ଟଙ୍କା ଦେବା ନିମନ୍ତେ ବ୍ଲାକ୍‌ମେଲିଂ କରିଥିଲେ। ଏକଥା କାହାକୁ କହିଲେ ପରିବାର ଲୋକଙ୍କୁ ଜୀବନରୁ ମାରିଦେବା ସହ ଭିଡିଓ ଭାଇରାଲ କରିଦେବାର ଧମକ ଦେଇଥିଲେ। ନାବାଳିକାଙ୍କ ଅଶ୍ଳୀଳ ଫଟୋଗୁଡ଼ିକୁ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟକରି ଭାଇରାଲ କରିଥିଲେ। ୨୦୨୩ ମେ ୪ ରେ ନାବାଳିକା ଜଣକ ତାଙ୍କ ସାଙ୍ଗ ଘରକୁ ଯାଉଥିଲେ। ଫକୀରମୋହନ ଗୋଲେଇ ନିକଟରେ ଅଭିଯୁକ୍ତ ଆସି ତାଙ୍କ ମୋବାଇଲ ଛଡ଼ାଇ ନେଇଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ପକ୍ଷରୁ ୨୦୨୩ ଜୁନ୍ ୫ ରେ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ. ୨୪୦/୨୩) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାରେ ପୀଡ଼ିତାଙ୍କ ବୟାନ ସହ ୨୪ଜଣ ସାକ୍ଷୀ ଓ ୨୯ ଦଲିଲ ଦସ୍ତାବିଜକୁ ଆଧାରକରି ଜଜ୍ ଦୋଷୀଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାରେ ଡେପୁଟି ଡାଇରେକ୍ଟର ପ୍ରସିକ୍ୟୁସନ ବାଲେଶ୍ୱର ଦୀପ୍ତିରଞ୍ଜନ ସେଣ୍ଠଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

**ପାଟଣା,୨୮।୧୦(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ଡୁରୁମୁଙ୍ଗା ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରାଯାଇଛି। ଏ ନେଇ ଅଭିଯୋଗ ପରେ ମଙ୍ଗଳବାର ଡୁରୁମୁଙ୍ଗା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ଘଟଗାଁ ଥାନା ନୂଆପଡା ଗ୍ରାମର ଅଶୋକ ବେହେରା(୨୨)।

ସୂଚନା ଅନୁଯାୟୀ, ଅକ୍ଟୋବର ୨୨ ରାତିରେ ନାବାଳିକାଙ୍କୁ କେହି ଅପହରଣ କରି ନେଇଥିଲେ। ଏ ନେଇ ପରିବାର ଲୋକେ ଡୁରୁମୁଙ୍ଗା ଥାନାରେ ଗତ ୨୩ ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ନୂଆପଡ଼ା ଗ୍ରାମରୁ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ପରେ ପୋଲିସ ଉଭୟଙ୍କ ଡାକ୍ତରୀ ମାଇନା ଓ ନାବାଳିକାଙ୍କ ବୟାନ ଆଧାରରେ ଯୁବକଙ୍କୁ ଅପହରଣ ସହ ବଳାତ୍କାର ଅଭିଯୋଗରେ କୋର୍ଟଚାଲାଣ କରିଛି। ନାବାଳିକାଙ୍କୁ କେନ୍ଦୁଝର ସ୍ୱଧାର ଗୃହକୁ ପଠାଇଛି। ଏ ନେଇ ଡୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ.୨୬୨/୨୫) ରୁଜୁ ହୋଇଥିବା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ କହିଛନ୍ତି।

# ସ୍ୱାମୀଙ୍କ ଦାଉଲି ଚୋଟରେ ସ୍ତ୍ରୀ ଗୁରୁତର

## ଝିଅ ଅଭିଯୋଗରେ ବାପା ଗିରଫ

**ବୈଶିଙ୍ଗା,୨୮।୧୦(ରତନ ଦାଶ)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ପଞ୍ଚାୟତର ଲାଖବିନ୍ଧା ଗ୍ରାମରେ ମଙ୍ଗଳବାର ସକାଳେ ସ୍ୱାମୀଙ୍କ ଦାଉଲି ଚୋଟରେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ଗୁରୁତର ମହିଳା ହେଲେ ରୁକ୍ମିଣୀ କିସ୍କୁ(୩୮)। ସେ ଏବେ ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜରେ ଚିକିତ୍ସାଧୀନ ଅଛନ୍ତି। ଏନେଇ ରୁକ୍ମିଣୀଙ୍କ ବିବାହିତ ଝିଅ ଚମ୍ପା ମାଝୀଙ୍କ ଅଭିଯୋଗକ୍ରମେ ତାଙ୍କ ବାପା କଙ୍କା କିସ୍କୁ(ଧୁମା)ଙ୍କୁ ବୈଶିଙ୍ଗା ପୋଲିସ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୫୫୦/୨୫) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ସକାଳେ ରୁକ୍ମିଣୀ କୂଅରୁ ପାଣି ଟାଣୁଥିବା ବେଳେ ହଠାତ୍ ଧୁମା ଏକ ଦାଉଲିରେ ତାଙ୍କ ବେକକୁ ଆକ୍ରମଣ କରିଥିଲେ। ରୁକ୍ମିଣୀ ପଛକୁ ବୁଲିପଡ଼ିବା ଯୋଗୁ ଦାଉଲି ଚୋଟ ବେକରେ ନ ବାଜି ତାଙ୍କ ପାଟିରେ ବାଜି ପ୍ରବଳ ରକ୍ତସ୍ରାବ ହୋଇଥିଲା। ପାଖରେ ଥିବା ଲୋକେ ଦୌଡ଼ି ଆସି ଧୁମାଙ୍କୁ ମାଡ଼ିବସି ବାନ୍ଧି ପକାଇବା ସହ ପୋଲିସକୁ ଖବର ଦେଇଥିଲେ। ଗୁରୁତର ରୁକ୍ମିଣୀଙ୍କୁ ଆମ୍ବୁଲାନ୍ସରେ ଡାକ୍ତରଖାନା ପଠାଇଥିଲେ। ପୂର୍ବରୁ ମଧ ଧୁମା ଦୁଇଥର ରୁକ୍ମିଣୀଙ୍କ ଉପରେ ଆକ୍ରମଣ କରିଥିଲେ। ଗ୍ରାମ ବୈଠକରେ ସମାଧାନ କରାଯାଇଥିଲା ବୋଲି କୁହାଯାଇଛି। ଏସ୍‌ଆଇ ଅଶୋକ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଘଟଣାର ତଦନ୍ତ ଚାଲିଛି। ପ୍ରକାଶଥାଉ କି, ୩ବର୍ଷ ତଳେ ଗ୍ରାମସଭା ମାଧ୍ୟମରେ ସେମାନଙ୍କର ଛାଡ଼ପତ୍ର ହୋଇଥିବା ବେଳେ ରୁକ୍ମିଣୀ ସେହି ଗ୍ରାମରେ ତାଙ୍କ ସମ୍ପର୍କୀୟଙ୍କ ଘରେ ରହିଆସୁଛନ୍ତି।

# ପୁଅ ଟାଙ୍ଗିଆ ଚୋଟରେ ବାପା ମୃତ

## ଚାଷଜମି ଭାଗବଣ୍ଟାକୁ କେନ୍ଦ୍ରକରି ହତ୍ୟାକାଣ୍ଡ

**ଉମରକୋଟ,୨୮।୧୦ (ସନ୍ତୋଷ ଶତପଥୀ)**

ଚାଷଜମି ଭାଗବଣ୍ଟାକୁ କେନ୍ଦ୍ରକରି ଜଣେ ୮୦ ବର୍ଷର ବାପାଙ୍କୁ ତାଙ୍କ ପୁଅ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ବଡ଼ବାସିନୀ ଗ୍ରାମରେ ସୋମବାର ରାତିରେ ଏଭଳି ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ସାଧୁ ରାଜଗଣ୍ଡ। ଉମରକୋଟ ପୋଲିସ ଅଭିଯୁକ୍ତ ପୁଅ ବିଶ୍ୱନାଥଙ୍କୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ଜବତକରି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁସାରେ, ସାଧୁଙ୍କ ୨ଜଣ ସ୍ତ୍ରୀ ଅଛନ୍ତି। ପ୍ରଥମ ସ୍ତ୍ରୀଙ୍କ ଜଣେ ପୁଅ ବିଶ୍ୱନାଥ ଏବଂ ଦ୍ୱିତୀୟ ସ୍ତ୍ରୀଙ୍କ ଜଣେ ମାତ୍ର ଝିଅ ଲକ୍ଷ୍ମୀ ଦୁରୁଆ(୩୦)। ତେବେ ସାଧୁଙ୍କ ୫ ଏକର ଜମିରୁ ପୁଅ ବିଶ୍ୱନାଥଙ୍କୁ ୨.୫୦ ଏକର ଜମିଚାଷ ପାଇଁ ଦେଇଛନ୍ତି। ବଳକା ୨.୫୦ ଏକର ଜମି ସାଧୁ ନିଜେ ଅନ୍ୟ ଲୋକଙ୍କ ଦ୍ୱାରା ଚାଷ କରାଉଥିଲେ। ସମସ୍ତ ୫ ଏକର ଜମି ଦେଇ ଦେବା ପାଇଁ ବିଶ୍ୱନାଥ ବାପାଙ୍କ ସହ ସବୁବେଳେ ଗଣ୍ଡଗୋଳ କରୁଥିଲେ। ସୋମବାର ରାତିରେ ବାପା ସାଧୁ ଶୋଇଥିବାବେଳେ ପୁଅ ବିଶ୍ୱନାଥ ଏକ ଟାଙ୍ଗିଆରେ ତାଙ୍କ ଛାତି, ହାତ ଓ ଜଙ୍ଘରେ ଆକ୍ରମଣ କରିଥିଲେ। ଏହି ସମୟରେ ସାଧୁ ଚିତ୍କାର କରିବାରୁ ଘଟଣାସ୍ଥଳରୁ ବିଶ୍ୱନାଥ ଫେରାର ହୋଇଯାଇଥିଲେ। ଝିଅ ଲକ୍ଷ୍ମୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ବାପାଙ୍କୁ ଉଦ୍ଧାରକରି ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଉମରକୋଟ ପୋଲିସ ୩୪୯/୨୫ରେ ମାମଲା ରୁଜୁକରିଛି। ଉମରକୋଟ ଥାନା ଆଇଆଇସି ରମାକାନ୍ତ ସାଏ ଘଟଣାର ତଦନ୍ତ ଜାରି ରଖିଛନ୍ତି।

# ବ୍ୟାଙ୍କ କର୍ମଚାରୀଙ୍କଠାରୁ ୧ଲକ୍ଷ ୧୮ହଜାର ଲୁଟ୍

**ଡାବୁଗାଁ,୨୮।୧୦(ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ଅଧୀନ ଛେରାଗୁଡ଼ା ଗ୍ରାମ ନିକଟରେ ଜଣେ ବ୍ୟାଙ୍କ କର୍ମଚାରୀଙ୍କଠାରୁ ୩ଟି ଲାପ୍‌ଟପ୍ ସହ ୧ଲକ୍ଷ ୧୮ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ କିଓସ୍କ ବ୍ୟାଙ୍କ କର୍ମଚାରୀ ମଙ୍ଗଳବାର ଅପରାହ୍ନରେ ଡାବୁଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଡାବୁଗାଁ ବ୍ଲକ୍ ଅଧୀନ ବଡ଼ଓଲମା ଗ୍ରାମର ବସନ୍ତ ବିଷୋୟୀ (୩୩) ଜବାଗୁଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା କିଓସ୍କ ବ୍ୟାଙ୍କରେ କାମ କରନ୍ତି। ବସନ୍ତ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ବାଇକ୍ ଯୋଗେ ଯାଉଥିବା ବେଳେ ବଡ଼ଓଲମା ଜବାଗୁଡା ମୁଖ୍ୟ ରାସ୍ତାରେ ଛେରାଗୁଡ଼ା ଗ୍ରାମ ଛକ ନିକଟରେ ୩ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ପରେ ତାଙ୍କ ଆଖିରେ ଲଙ୍କାଗୁଣ୍ଡ ମିଶା ପାଣି ସ୍ପ୍ରେକରି ତାଙ୍କ ପାଖରେ ଥିବା ବ୍ୟାଗ୍‌ରୁ ୩ଟି ଲାପ୍‌ଟପ୍ ଓ ୧ ଲକ୍ଷ ୧୮ ହଜାର ଟଙ୍କା ଲୁଟିନେଇଥିଲେ। ଏହାପରେ ବସନ୍ତ ପାଟି କରିବାରୁ ଆଖପାଖ ଲୋକେ ଜମାହୋଇଥିଲେ। ଗ୍ରାମର ପିଲାମାନେ ମୋଟରସାଇକେଲ ଧରି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କ ପତ୍ତା ମିଳି ନ ଥିଲା। ପରେ ଅପରାହ୍ନରେ ବସନ୍ତ ଡାବୁଗାଁ ଥାନାରେ ଏ ନେଇ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ଥାନାରେ କେସ୍ ନଂ. ୨୨୩/୨୫ରେ ଏକ ମାମଲା ରୁଜୁ କରାଯାଇଛି। ସବ୍‌ଇନ୍‌ସ୍ପେକ୍ଟର ଚନ୍ଦନ ସାହୁ ଘଟଣାର ତଦନ୍ତ କରୁଛନ୍ତି।


# Classified Everyday
**0674-2580101, 9692975378**




## BRIDE WANTED

ଝିଅ ଆବଶ୍ୟକ: ଚାକିରି କରି ଏକାକୀ ରହୁଥିବା, 49-ବୟସ, Divorcee ପୁଅପାଇଁ ଯେକୌଣସି ଜାତିର 30-45yrs ଝିଅ ଆବଶ୍ୟକ। Candidate: 9861141891. D-2376

ଶୁଣ୍ଢୀ ମହାଜନ, ଏକମାତ୍ର ପୁତ୍ର(39), ୫'୮" ଇଂଜିନିୟରିଂ ପାଶ୍, କିନ୍ତୁ ଭୁବନେଶ୍ୱରରେ ନିଜସ୍ୱ ଜାଗାବାଡ଼ି, ଦୁଇଟି ଲଜିଂ, ଘରଭଡ଼ା, ବ୍ୟବସାୟ, ଶାନ୍ତିପୂର୍ଣ୍ଣ ପରିବାର, ଯୌତୁକ ବିହୀନ ଶୀଘ୍ର ବାହାଘର, ଅନ୍ୟାନ୍ୟ କଥାବାର୍ତ୍ତାରେ- 9827385242.(whats). D-2338

## GROOM WANTED

ବୟସ 28, College Lecturer ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 9827160964. D-2374

42ବର୍ଷ Veterinary Dr. ଭାବରେ କାର୍ଯ୍ୟରତ ମହିଳାଙ୍କ ପାଇଁ ଉପଯୁକ୍ତ ବରପାତ୍ର ଆବଶ୍ୟକ। ଘରଜ୍ୱାଇଁଆ ମଧ ଗ୍ରହଣୀୟ। 8455853154. D-2375




## SALE

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/Duplex ଅଛି- 8327785834. D-06

Gharabari bounded plot 10000sq.ft and 2400sq.ft for sale. Adjacent to Meera's Courtyard at Kurunti near Kuranga footballfield, 200mtr. from Niali-Nakhara SH Cuttack sadar. Contact- 9861044442. D-2364

ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ **N.H.-16** ପାଖରେ **Litigation free 30ft. Road,** ଇଲେକ୍ଟ୍ରି, **Possession** ଥାଇ ଉପଲବ୍ଧ। **6372526344.** D-04

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05

Bhubaneswar Gothapatna 100ft ମେନ୍‌ରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952. D-07

**Commercial plot for sale 80X40= 2400 sft. touching to NH. 316, 60,00,000, 10 km from Phulanakhara, GHARABARI, compound wall, 15 km from BBSR 7809525452.** D-204




LIG House (136, 137, 138, 139) for sale At Sector-3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2398

Commercial 2000sqft. second- floor hall with lift behind airport on 100ft. wide Bhimatangi Main road for office or commercial. 9958003695. D- 76944




Newly open Jyoti spa positively health benefits (Expert therapist). 8458067955. D-76942

## AFFIDAVIT

By virtue of an affidavit before the Executive Magistrate, Bhubaneswar, Affidavit No.- 82, on dated 17.10.2025, I, Raj Kishore Panigrahi, S/o.- Late Ramananda Panigrahi, Resident Plot No.- 1510, Road No.- 01, Bhaktamadhu Nagar, Gandamunda, P.O./P.S.- Khandagiri, Bhubaneswar- 751030, Dist.- Khordha, declare that Raj Kishor Panigrahi, Raj Kishore Panigrahi and Rajkishore Panigrahi is same and one person i.e. myself. Henceforth, I shall be known as RAJ KISHORE PANIGRAHI for all future purposes. D-61979

I, **Pradeepta Kumar Biswal**, S/o.- Late Meghananda Biswal, Resident of At- Kulasahi, P.O.- Penthapal, P.S.- Pattamundei, Dist.- Kendrapara, PIN- 754240, Odisha declare by this affidavit No. 77AA 656001, dated- 28.10.2025 that now onwards I shall be known as **Pradipta Kumar Biswal** for all future purposes. D-2404

By virtue of an affidavit sworn before Executive Magistrate, Balasore, dated- 19.07.2025, I, Sushanta Kumar Biswal, At- Navada, P.O.- Jagai, P.S.- Baliapal, Via- Pratappur, Dist.- Balasore, PIN- 756083, Odisha declare that I have changed the name of my son from Bk Jyotiprakash Biswal to Bkjyotiprakash Biswal. Henceforth, he/she shall be known as Bkjyotiprakash Biswal for all purposes. D-2405

By virtue of an affidavit before the Executive Magistrate, Bhubaneswar, Affidavit No.- 83, on dated- 17.10.2025, I, Asmita Panigrahi, W/o.- Raj Kishore Panigrahi, Resident Plot No.- 1510, Road No. 01, Bhaktamadhu Nagar, Gandamunda, P.O./P.S.- Khandagiri, Bhubaneswar- 751030, Dist.- Khordha declare that Asmita Kumari Panigrahi and Asmita Panigrahi is same and one person i.e. myself. Henceforth, I shall be known as ASMITA PANIGRAHI for all future purposes. D-61980

By virtue of an affidavit sworn before the Executive Magistrate, Boudh, No.- 1474, dated- 25.10.25, I, Madhab Sahu, R/o. At- Saligoan, P.O.- Badhigoan, P.S./District- Boudh, Odisha, PIN- 762014 declare that I have changed the name of my son from Sasanka Sahoo to Shoyam Sashanka Sahu. Henceforth, he shall be known as Shoyam Sashanka Sahu for all purposes.
Madhab Sahu
D-2410

By virtue of an affidavit sworn before Executive Magistrate, Banki, dated- 03.10.2025, I, Lagnadeepa Jena, W/o.- Saubhagya Kumar Birendra Singh, At- Nistipur, P.O.- Ghasiput, P.S.- Banki, Dist,.- Cuttack, Odisha declare that I have changed my name from Lagnadeepa Basty to Lagnadeepa Jena. So both Lagnadeepa Basty and Lagnadeepa Jena is one and same person. Henceforth, I shall be known as Lagnadeepa Jena for all future puposes.
Sd./- Lagnadeepa Jena
D-2408

By virtue of an affidavit sworn before the Notary Public, Titilagarh, dated- 24.10.2025, I, Dalima Bhoi, W/o.- Lalasai Majhi, R/o. At- Malpada P.O.- Ganrei, P.S.- Muribahal, Dist.- Bolangir (Odisha), PIN- 767037 declare that I have changed my name from Dalimba Majhi to Dalima Bhoi. Henceforth, I shall be known as Dalima Bhoi for all purposes.
Dalima Bhoi
D-2409

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଫୁଲ ଚାଷ



**ଉ**ନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ, ସେରାକୋଲା ଇତ୍ୟାଦି। ସେବତୀ ସେପ୍ଟେମ୍ବର ମାସରେ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷକରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨–୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗିଦିଅନ୍ତୁ। ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ଗୋଲାପ ଗଛ କାଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ। ତରଳ ଖତ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ ।

## ପନିପରିବା ଚାଷ କରୁଥିଲେ...



**ଲ**ଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପିକୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶଁବାଳୁଆ ଲାଗିଲେ ୪ ମି.ଲି. ନିମତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ। ଅତ୍ୟଧିକ ବର୍ଷା କିମ୍ବା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଢିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା– ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ । ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷକଲେ ଅଧିକ ଲାଭ ମିଳିପାରିବ। ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ୍ ଏଗ୍ରିଫାଉଣ୍ଡ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମ ସଂଗ୍ରହକରି ତଳି ପକାନ୍ତୁ। ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର ହୁଏ । ଓଡ଼ିଶା ଜଳବାୟୁ ପାଇଁ ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨–୩ ଟି ଆଖି ଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ। ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ।

# ସୁଖ ସମୃଦ୍ଧିର ପ୍ରତୀକ ଗୋମାତା



ଡା. ବୀରକିଶୋର ପରିଡ଼ା

**ଚଳିତ ମାସ ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ପାଳନ ହେଉଛି 'ଗୋ ସମ୍ବର୍ଦ୍ଧନା ସପ୍ତାହ'। ସେ ବିଷୟରେ ଉପସ୍ଥାପନା...**

''ଗୋସମ୍ପଦର ବିକାଶ ସହ ଗୋମାତାର ସୁରକ୍ଷା ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ୨ ଗୋଟି ନୂତନ ମୁଖ୍ୟ ଯୋଜନା ୨୦୨୪-୨୫ ଆର୍ଥିକ ବର୍ଷଠାରୁ ପ୍ରଣୟନ କରିଛନ୍ତି । ଯୋଜନାଦ୍ୱୟ ହେଲା- ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା। ଗୋପାଳକମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରାଯାଇଛି । ଫଳରେ ୫ ବର୍ଷରେ ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ଦ୍ୱିଗୁଣିତ ହେବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।''

**ଗୋ**ମାତା ହେଉଛି ଆମର ଚଳନ୍ତି ଦେବତା ଓ ସକଳ ସୁଖ ସମୃଦ୍ଧିର ପ୍ରତୀକ। କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ଗୋସମ୍ପଦ ଉପରେ ହିଁ ପର୍ଯ୍ୟବସିତ। ଗୋ–ବର୍ଦ୍ଧନ ପୂଜା ଓ ଗୋଷ୍ଠାଷ୍ଟମୀକୁ ସଂଶ୍ଳିଷ୍ଟ କରାଯାଇ ୧୯୫୨ ମସିହାଠାରୁ ଗିରି ଗୋବରଦ୍ଧନ ଓ ଗୋମାତାର ପୂଜାବିଧି ପାଳନ ପୂର୍ବକ ଆମ ରାଜ୍ୟ ତଥା ଦେଶରେ ଏହାକୁ 'ଗୋ–ସମ୍ବର୍ଦ୍ଧନା ସପ୍ତାହ' ଭାବରେ ପାଳନ କରାଯାଇ ଆସୁଛି। ବର୍ତ୍ତମାନ ଆମ ରାଜ୍ୟରେ ଗୋସମ୍ପଦର ବିକାଶ ସହ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲାଗି ଅନେକ ଯୋଜନା ପ୍ରଣୟନ କରାଯାଇଛି। ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ସେବା ଗୋପାଳକମାନଙ୍କ ଦ୍ୱାରଦେଶରେ ପହଞ୍ଚାଇ ଦିଆଯାଉଛି। ଆମ ରାଜ୍ୟର ଜାତୀୟ ମାନ୍ୟତାପ୍ରାପ୍ତ ଗାଈ ତଥା ବିଞ୍ଝାରପୁରୀ, ଘୁମୁସରୀ, ଖରିଆଳ, ମୋଟୁ ଏବଂ ମଇଁଷି ପ୍ରଜାତି ଯଥା – ଚିଲିକା ଓ କଳାହାଣ୍ଡି ଆଦିର ସଂରକ୍ଷଣ ଓ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ବିଞ୍ଝାରପୁରୀ ଗୋପ୍ରଜାତିର ସଂରକ୍ଷଣ ଓ ବିକାଶ ନିମନ୍ତେ ଆଞ୍ଚଳିକ ବ୍ରିଡର ଆସୋସିଏସନ ଗଠନ ଓ ପଦକ୍ଷେପ ଗ୍ରହଣ ସହ ଏହି ପ୍ରଜାତିର ଉନ୍ନତ ଷଣ୍ଢ ବାଛୁରୀ ପାଳନ କରାଯିବା ସହିତ ଷଣ୍ଢଙ୍କଠାରୁ ଶୁକ୍ରାଣୁ ସଂଗ୍ରହ କରାଯାଇ କୃତ୍ରିମ ପ୍ରଜନନରେ ବ୍ୟବହାର କରାଯାଉଛି। ବିଭିନ୍ନ ସଂକ୍ରାମକ ରୋଗ ଦାଉରୁ ଗୋସମ୍ପଦକୁ ମୁକ୍ତ ରଖିବା ପାଇଁ ସାହାଣା, ବଜବଜିଆ, ଆନ୍ଥ୍ରାକ୍ସ, ଫାଟୁଆ ଆଦି ରୋଗର ଟିକା ପ୍ରତ୍ୟେକ ପ୍ରାଣୀଚିକିତ୍ସା କେନ୍ଦ୍ରରେ ମହଜୁଦ ସହ ଟିକାକରଣ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇପାରିଛି।

ଗୋସମ୍ପଦର ବିକାଶ ସହ ଗୋମାତାର ସୁରକ୍ଷା ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ୨ ଗୋଟି ନୂତନ ମୁଖ୍ୟ ଯୋଜନା ୨୦୨୪–୨୫ ଆର୍ଥିକ ବର୍ଷଠାରୁ ପ୍ରଣୟନ କରିଛନ୍ତି । ଯୋଜନାଦ୍ୱୟ ହେଲା–ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା। ଗୋପାଳକମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରାଯାଇଛି। ଫଳରେ ୫ ବର୍ଷରେ ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ଦ୍ୱିଗୁଣିତ ହେବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

**ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା :** ଏହି ଯୋଜନାର ପ୍ରମୁଖ ବ୍ୟବସ୍ଥା ବିଷୟରେ ନିମ୍ନରେ ସୂଚନା ଦିଆଯାଉଛି। ଦୁଇଟି ସଙ୍କର ଜାତୀୟ କିମ୍ବା ଉନ୍ନତ ଦେଶୀ ପ୍ରଜାତିର ଗାଈ ପାଳନ ପାଇଁ ଅନୁସୂଚିତ ଜାତି ଓ ଜନଜାତି ତଥା ମହିଳା, ଦିବ୍ୟାଙ୍ଗ ଏବଂ ଟ୍ରାନ୍ସଜେଣ୍ଡରମାନଙ୍କ ପାଇଁ ୭୦ ପ୍ରତିଶତ ଓ ସାଧାରଣବର୍ଗର ହିତାଧିକାରୀଙ୍କ ପାଇଁ ୬୦ ପ୍ରତିଶତ ରିହାତିର ବ୍ୟବସ୍ଥା ହୋଇଛି । ଏଥିପାଇଁ ରାଜ୍ୟ ବାହାରୁ ଗାଈ କ୍ରୟ ଅବଶ୍ୟ କରିବାକୁ ପଡ଼ିବ । ବାରମାସୀ ଘାସ ଚାଷ ପାଇଁ ଏକର ପ୍ରତି ୩୫ହଜାର ଟଙ୍କାର ସହାୟତା (ଘରେ ଘରେ ସବୁଜ ଗୋଖାଦ୍ୟ) ଦିଆଯିବାକୁ ବ୍ୟବସ୍ଥା ହୋଇଛି। ପ୍ରଥମ ବର୍ଷ ୧୫ ହଜାର ଟଙ୍କା, ଦ୍ୱିତୀୟ ବର୍ଷ ୧୨ ହଜାର ଟଙ୍କା ଏବଂ ତୃତୀୟ ବର୍ଷ ୮ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ। ସର୍ବନିମ୍ନ ୦.୨୫ ଏକରରୁ ସର୍ବାଧିକ ୧୦ ଏକର ପର୍ଯ୍ୟନ୍ତ ଜମିରେ ଘାସଚାଷ କରିବା ପାଇଁ ସହାୟତା ଦିଆଯାଉଛି। ସବୁଦିନିଆ ଘାସ ଚାଷ କାର୍ଯ୍ୟକ୍ରମ ମାଧମରେ ବର୍ଷବ୍ୟାପୀ ଘାସଚାଷ ପାଇଁ ବିନା ମୂଲ୍ୟରେ ସବୁଜ ଗୋଖାଦ୍ୟ ବିହନ ପୁଡ଼ିଆ ବଣ୍ଟନ କରାଯିବାର ବ୍ୟବସ୍ଥା ରହିଛି । ଏଥିରେ ଆଗ୍ରହୀ ଚାଷୀ, ଅନୁସୂଚିତ ଜାତି ଓ ଜନଜାତି ତଥା ମହିଳା, ସ୍ୱୟଂ ସହାୟକ/ସହାୟିକା ଗୋଷ୍ଠୀ ଏବଂ ଦୁଗ୍ଧ ଉତ୍ପାଦକ ସଂଘର ସଦସ୍ୟ ଓ ଗୋଶାଳାଗୁଡ଼ିକ ଏହି ଯୋଜନାରେ ସାମିଲ ହୋଇପାରିବେ । ଋତୁକାଳୀନ ଘାସଚାଷ ପାଇଁ ବିହନ ପୁଡ଼ିଆ ବଣ୍ଟନ କାର୍ଯ୍ୟକ୍ରମ ମାଧ୍ୟମରେ ଉଭୟ ଖରିଫ ଓ ରବିଋତୁରେ ଘାସଚାଷ ପାଇଁ ବିନା ମୂଲ୍ୟରେ ସବୁଜ ଗୋଖାଦ୍ୟ ବିହନ ପୁଡ଼ିଆ ବଣ୍ଟନ କରାଯିବାର ବ୍ୟବସ୍ଥା ହୋଇଛି। ଗୋଟିଏ ବିହନ ପୁଡ଼ିଆକୁ ୦.୨୫ ଏକର ଚାଷ ଜମିରେ ବୁଣିଲେ ସେଥିରୁ ପ୍ରାୟ ୨୦ରୁ ୨୫ କୁଇଣ୍ଟାଲ ସବୁଜ ଘାସ ଅମଳ ହୋଇଥାଏ । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ହିତାଧିକାରୀଙ୍କୁ ଅତିରିକ୍ତ ରିହାତି ଯୋଜନାରେ ହିତାଧିକାରୀଙ୍କ ପାଇଁ ଅତି କମ୍‌ରେ ୮ଟି ସଙ୍କର ଗାଈ ପାଳନ ପାଇଁ ୫୦ ପ୍ରତିଶତ ରିହାତି ସହ ବାହାରୁ କିଣୁଥିବା ଗାଈଙ୍କ ଦାମ୍ ଉପରେ ୧୫ ପ୍ରତିଶତ ରିହାତିର ବ୍ୟବସ୍ଥା ରହିଛି । ଓମ୍‌ଫେଡ୍. ଗୋପାଳକଙ୍କ ପାଇଁ ବାଛୁରୀ ପାଳନ ଯୋଜନାରେ ମାଈ ବାଛୁରୀ ପାଳନ ପାଇଁ ୫୦ ପ୍ରତିଶତ ରିହାତି ଦରରେ ବାଛୁରୀ ଦାନା ଯୋଗାଣର ବ୍ୟବସ୍ଥା ରହିଛି। କୃତ୍ରିମ ପ୍ରଜନନ ଦ୍ୱାରା ଜନ୍ମିତ ମାଈ ବାଛୁରୀକୁ ଦୁଗ୍ଧ ସମବାୟ ସମିତି/ବ୍ଲକ୍ ପ୍ରାଣୀ ଚିକିତ୍ସାଳୟ ମାଧ୍ୟମରେ ଦାନା ଯୋଗାଇ ଦିଆଯାଉଛି । ମଇଁଷି ପାଳନ ଉଦ୍ୟୋଗ ପାଇଁ ୬୦–୭୦ ପ୍ରତିଶତ ସହାୟତା ଯୋଗାଇ ଦିଆଯାଉଛି।



**ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା:** ଏହି ଯୋଜନା ଅଧୀନରେ ୫ଟି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ୧. ପଞ୍ଜୀକୃତ ଗୋଶାଳାକୁ ଆର୍ଥିକ ସହାୟତା ବୃଦ୍ଧ, ଅସୁସ୍ଥ ଓ ମାଲିକବିହୀନ ଅସହାୟ ଗୋରୁମାନଙ୍କର ଯତ୍ନ ଓ ପରିଚାଳନାଗତ ଥଇଥାନ ପାଇଁ ପଞ୍ଜୀକୃତ ସରକାରୀ କିମ୍ବା ବେସରକାରୀ ଗୋଶାଳାଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ। ବୟସ୍କ ଗୋରୁ ପ୍ରତି ବର୍ଷକୁ ୨୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ଏହି ବ୍ୟବସ୍ଥାରେ ଗୋଟିଏ ଗୋଶାଳା ସର୍ବାଧିକ ୫୦୦ଟି ବୟସ୍କ ଗୋରୁ ରଖିବା ନିମନ୍ତେ ୧କୋଟି ଟଙ୍କା ପ୍ରଦାନ କରାଯିବ। ୨. ଗୋଶାଳାଗୁଡ଼ିକରେ ଭର୍ମିକମ୍ପୋଷ୍ଟ ଗୋଧନ କେନ୍ଦ୍ର (ଜିଆଖତ ଉତ୍ପାଦନ) ଯୋଜନାରେ ୮ ରୁ ୨୪ଟି ଭର୍ମିକମ୍ପୋଷ୍ଟ ପିଟ୍ ଜିଆଖତ ଉତ୍ପାଦନ ନିମନ୍ତେ ଯୋଗ୍ୟ ହିତାଧିକାରୀଙ୍କୁ ୫୦ ପ୍ରତିଶତ ହାରରେ ସର୍ବାଧିକ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ୩. ନୂତନ ଗୋଶାଳା ପ୍ରତିଷ୍ଠା ପାଇଁ ଆର୍ଥିକ ସହାୟତା ବ୍ୟବସ୍ଥା ରହିଛି। ୪. ଆନିମଲ ହେଲ୍‌ପଲାଇନ (୧୯୬୨) – ବୁଲା ଏବଂ ଅସହାୟ ଗୋରୁ, କୁକୁରମାନଙ୍କୁ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଆନିମଲ ହେଲ୍‌ପଲାଇନ ସେବା (୧୯୬୨) କାର୍ଯ୍ୟକାରୀ ହେଉଛି। ୫. ଟେଲି ଭେଟେରିନାରି ସର୍ଭିସେସ୍ (୧୯୬୨/୧୫୫୩୩୩) ଯୋଜନାରେ ପ୍ରାଣୀ ଚିକିତ୍ସା ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ ସମ୍ବନ୍ଧୀୟ ପରାମର୍ଶ, ପ୍ରାଣୀ ରୋଗର ତୁରନ୍ତ ନିଦାନ ଏବଂ ଆବଶ୍ୟକ ପ୍ରାଥମିକ ଚିକିତ୍ସା ପ୍ରଦାନ ବିଷୟରେ ପରାମର୍ଶ ପ୍ରଦାନ କରାଯାଉଛି । ପ୍ରାଣୀପାଳକମାନେ ୧୯୬୨ ଓ ୧୫୫୩୩୩ କୁ ଫୋନ୍‌କରି ପ୍ରାଣୀ ଚିକିତ୍ସା ବିଶେଷଜ୍ଞଙ୍କ ସହ ସମ୍ପର୍କ ସ୍ଥାପନ କରିପାରିବେ ଏବଂ ଆବଶ୍ୟକ ଚିକିତ୍ସା ସେବା, ପ୍ରାଣୀପାଳନ, ଟିକାକରଣ ଇତ୍ୟାଦି ବିଷୟରେ ପରାମର୍ଶ ପାଇପାରିବେ। ତେଣୁ ଆମର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସହାୟତା କରୁଥିବା ଗୋମାତା ପ୍ରତି ଆମର ସ୍ନେହ, ଶ୍ରଦ୍ଧା, ସମ୍ମାନ ଓ ସମ୍ବେଦନଶୀଳ ମନୋଭାବ ପ୍ରଦର୍ଶନ କରିବା ଦରକାର। ସେମାନଙ୍କର ଖାଦ୍ୟ, ଉପଯୁକ୍ତ ପ୍ରଜନନ ବ୍ୟବସ୍ଥା, ଲାଳନପାଳନରେ ଯତ୍ନ, ରୋଗ ନିୟନ୍ତ୍ରଣ ପ୍ରତି ଯତ୍ନବାନ୍ ହେବା ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ ରହିବା ଆବଶ୍ୟକ।

–ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ
ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର, ମୋ : ୯୪୩୭୬୦୭୩୧୨

## ଅଳ୍ପରେ

### କୁକୁଡ଼ା ପାଳନ



**ବର୍ଷା** ଦ୍ୱାରା କ୍ଷତିଗ୍ରସ୍ତ କୁକୁଡ଼ାଘର ଗୁଡ଼ିକୁ ଶୀଘ୍ର ମରାମତି କରି ପରିଷ୍କାର କରିଦିଅନ୍ତୁ । ଓଦା ବା ନଷ୍ଟ ହୋଇଯାଇଥିବା କୁକୁଡ଼ାଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ । ମୁକ୍ତ ଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ । କୁକୁଡ଼ାଙ୍କୁ ଗୋଳିଆପାଣି ପିଇବାକୁ ଦିଅନ୍ତୁ ନାହିଁ । ବ୍ରଏଲର କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ା ଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ। କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଉଚିତ ।

### ଛେଳି ପାଳନ



**ଛେଳି**ମେଣ୍ଢା ରହୁଥିବା ଗୃହକୁ ପରିଷ୍କାର ପରିଛନ୍ନକରି ଟିଙ୍କ ନିବାରଣ ଔଷଧ ଯଥା ପେଷ୍ଟୋବାନ୍ କିମ୍ବା ପେକ୍ଟୋସାଇଡ୍ କିମ୍ବା ଟିକ୍‌ଆଉଟ୍ ସିଞ୍ଚନ କରନ୍ତୁ । କୃମିରୋଗର ପ୍ରତିକାର ପାଇଁ କୃମି ଔଷଧ ଦିଅନ୍ତୁ। ଏଣ୍ଟାରୋଟକ୍ସେମିଆ, ପିପିଆର୍ ରୋଗର ଟିକା ଦିଅନ୍ତୁ । ଶୀତଦିନ ଆସୁଥିବାରୁ ଗୁହାଳର ଝରକା ବା ଜାଲିରେ ବସ୍ତା ବା ପଲିଥିନ୍ ଲଗାଇ ଛେଳିମେଣ୍ଢାଙ୍କୁ ଥଣ୍ଡାରୁ ରକ୍ଷା କରିବାର ବନ୍ଦୋବସ୍ତ କରନ୍ତୁ।


### ମାଛଚାଷ



**ବର୍ଷା** ତଥା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ପୋଖରୀ ହୁଡ଼ାକୁ ଠିକ୍ ଭାବରେ ପ୍ରସ୍ତୁତ କରନ୍ତୁ ଏବଂ ପୋଖରୀରେ ମୁଣ୍ଡା ଯାଆଁଳ ଛାଡ଼ନ୍ତୁ । ହେକ୍ଟର ପ୍ରତି ଦୈନିକ ୩.୫୦ କି.ଗ୍ରା. କାଣ୍ଡିଆକୁଣ୍ଡା ଓ ୩.୫୦ କି.ଗ୍ରା. ବାଦାମ ପିଡ଼ିଆର ମିଶ୍ରଣ ପୋଖରୀରେ ପ୍ରୟୋଗ କରନ୍ତୁ। ଏହାଛଡ଼ା ମାସିକ ହେକ୍ଟର ପ୍ରତି ୨୫ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ। ଚୂନ ପ୍ରୟୋଗର ୭ ଦିନ ପରେ ୬୨୫ ରୁ ୭୫୦ କି.ଗ୍ରା. କଞ୍ଚା ଗୋବର ପୋଖରୀରେ ପ୍ରୟୋଗ କରନ୍ତୁ ।

# ଡାଲିଜାତୀୟ ବିହନ ବିଶୋଧନ

**ଡା**ଲିଜାତୀୟ ଫସଲ ଚାଷ କରୁଥିଲେ ୧ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । କଲ୍‌ଚର ପ୍ରୟୋଗର ୧ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ । ଜମିକୁ ଭଲଭାବରେ ଚାଷକରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ାଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ। ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗ କଲେ ଅମଳ ବୃଦ୍ଧି ହୋଇଥାଏ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ୧ ମାସର ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍–ପି–କେ (୧୯–୧୯–୧୯) ସାର ସିଞ୍ଚନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବା ସମ୍ଭାବନା ଅଛି। ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍‌ଏଲ୍ କିମ୍ବା ୧୦୦୦ ମିଲି ଡାଇମିଥୋଏଟ୍ ୩୦ ଇସି ମିଶାଇ ସିଞ୍ଚନ କରନ୍ତୁ ।



## ଅଧିକ ଅମଳକ୍ଷମ ସୋରିଷ ଚାଷ

**ଅ**ଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍‌ଜାମ୍ ୨୫ ଏସ୍.ଜି. – ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ। ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମିଲିଲିଟର ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।


# ସଅଳ କିସମ ଧାନ ଅମଳ ସମୟରେ...



**ସ**ଅଳ କିସମ ଧାନ କାଟିବାର ୧ ସପ୍ତାହ ପୂର୍ବରୁ ଜମିରୁ ପାଣି ନିଷ୍କାସନ କରିଦିଅନ୍ତୁ । ଶତକଡ଼ା ୮୫ ଭାଗ କେଣ୍ଡା ପାଚିଗଲେ ଅମଳକରି ୨/୩ ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ବିଳମ୍ବରେ ରୁଆଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଗନ୍ଧିପୋକ ଦମନ ପାଇଁ କିଆରିରେ ନିମ୍ବମଞ୍ଜି ପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋର୍‌ପାଇରିଫସ୍ ଗୁଣ୍ଡ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳବଦଳକରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି / ପାହି ତିଆରି କରିଦିଅନ୍ତୁ। ଏହାଦ୍ୱାରା ବୁଦାମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗକରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦା ମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ। ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନକରି ସିଞ୍ଚନ କରନ୍ତୁ। କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ।

# ଧରିତ୍ରୀ
DHARITRI
ଧରିତ୍ରୀ 51 Years





# ଭୁବନେଶ୍ୱରରେ ହୋଇପାରେ ୨୦୨୮ ଏସିଆନ୍ ଇନ୍‌ଡୋର ଆଥ୍‌ଲେଟିକ୍ସ

ନୂଆଦିଲ୍ଲୀ,୨୮।୧୦(ପି.ଟି.)

୨୦୨୮ ଏସିଆନ୍ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଭୁବନେଶ୍ୱରରେ ହୋଇପାରେ। ଏହି ଇଭେଣ୍ଟ ଲାଗି ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ପକ୍ଷରୁ ବିଡ୍ ଦାଖଲ କରାଯାଇଛି। ପୂର୍ବରୁ କଦାପି ଦେଶରେ ଆୟୋଜିତ ହୋଇ ନ ଥିବା ଏସିଆନ୍ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଏଏଫ୍‌ଆଇ ପକ୍ଷରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମସ୍ଥିତ ଇନ୍‌ଡୋର ଫାସିଲିଟିକୁ ଭେନ୍ୟୁ ଭାବେ ପ୍ରସ୍ତାବ ଦିଆଯାଇଛି।

'ଭୁବନେଶ୍ୱରରେ ୨୦୨୮ ଏସିଆନ୍ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ସ ଆୟୋଜନ କରିବା ଲାଗି ଆମେ ବିଡ୍ ଦାଖଲ କରିଛୁ। ଏହି ପ୍ରତିଯୋଗିତା ଆୟୋଜନ କରିବା ପାଇଁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ କମ୍ପ୍ଲେକ୍ସରେ ଥିବା ଇନ୍‌ଡୋର ବ୍ୟବସ୍ଥା ଭଳି ଦେଶରେ ଅନ୍ୟ କୌଣସି ଭେନ୍ୟୁ ନାହିଁ ବୋଲି ଏଏଫ୍‌ଆଇର ଜଣେ ସିନିୟର ଅଧିକାରୀ କହିଛନ୍ତି। ସେ ଆହୁରି ପ୍ରକାଶ କରିଛନ୍ତି, ୨୦୨୬ ଏସିଆନ୍ ରିଲେ ଲାଗି ମଧ୍ୟ ବିଡ୍ ଦାଖଲ କରାଯାଇଛି। ହେଲେ ଏଥିପାଇଁ କୌଣସି ଭେନ୍ୟୁ ନିର୍ଦ୍ଧାରଣ ହୋଇନାହିଁ। ଆସନ୍ତା ଏପ୍ରିଲରେ ହେବାକୁଥିବା ଏହି ପ୍ରତିଯୋଗିତା ଲାଗି ଉତ୍ତର ଭାରତର କୌଣସି ସହରକୁ ଚୟନ କରାଯାଇପାରେ। ଉଲ୍ଲେଖଯୋଗ୍ୟ, କଳିଙ୍ଗ ଷ୍ଟାଡିୟମରେ ଥିବା ଷ୍ଟେଟ୍-ଅଫ୍-ଦି-ଆର୍ଟ ଇନ୍‌ଡୋର ଫାସିଲିଟିକୁ ୨୦୨୪ରେ ଉଦ୍‌ଘାଟନ କରାଯାଇଥିଲା। ଏଥିରେ ଏକ ୨୦୦ ମି. ରନିଂ ଟ୍ରାକ୍, ଏକ ୧୦୦ ମି. ପ୍ରାକ୍ଟିସ୍ ଟ୍ରାକ୍, ଲଙ୍ଗଜମ୍ପ ଲାଗି ନିର୍ଦ୍ଧାରିତ ସ୍ଥାନ, ଟ୍ରିପଲ ଜମ୍ପ, ପୋଲ୍ ଭଲ୍ଟ, ଶଟ୍‌ପୁଟ୍, ଆଥ୍‌ଲେଟ୍ସଙ୍କ ଲାଗି ପ୍ରାକ୍ଟିସ୍ କରିବାକୁ ସ୍ଥାନ ଓ ଜିମ୍ ମଧ୍ୟ ରହିଛି। ଏଥିସହିତ ୨୦୦୦ ଦର୍ଶକଙ୍କ ଲାଗି ଗ୍ୟାଲେରି, ୬୦ଟି ଦୁଇଜଣିଆ ରୁମ୍ସ ଓ ଏକ ଡାଇନିଂ ହଲ୍ ମଧ୍ୟ ରହିଛି।

ଏସିଆନ୍ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଦୁଇବର୍ଷରେ ଥରେ ଆୟୋଜିତ ହୋଇଥାଏ। ଏହା ପ୍ରଥମେ ୨୦୦୪ରେ ଇରାନର ରାଜଧାନୀ ତେହେରାନରେ ଆୟୋଜିତ ହୋଇଥିଲା। ଅନ୍ତିମ ସଂସ୍କରଣ ୨୦୨୪ରେ ମଧ୍ୟ ଇରାନର ରାଜଧାନୀରେ ହୋଇଥିଲା ଏବଂ ଏଥିରେ ଭାରତ ୩ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ଜିତିଥିଲା। ୨୦୨୬ ସଂସ୍କରଣ ଚାଇନାର ତିଆନଜିନ୍‌ଠାରେ ଫେବୃଆରୀ ୬ରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ଆଜି ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଟି୨୦

କାନବେରା,୨୮।୧୦(ପି.ଟି.)

ସ୍ଥାନୀୟ ମାନୁକା ଓଭାଲ ଷ୍ଟାଡିୟମରେ ବୁଧବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଟି୨୦ କ୍ରିକେଟ୍ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ବ୍ୟାଟିଂ ପ୍ରଦର୍ଶନ ଓ ଦଳୀୟ ଫିଲ୍ଡିଂ ପ୍ରଦର୍ଶନ ଉପରେ ନଜର ରହିବ। ବର୍ତ୍ତମାନ ଖୁବ୍ ଭଲ ଫର୍ମରେ ଥିବା ଏହି ଦୁଇ ଦଳ ଗତ ୧୦ ଟି୨୦ ମ୍ୟାଚ୍‌ରୁ ୮ଟି ଲେଖାଏ ଜିତିଥିବା ବେଳେ ଗୋଟିଏ ଲେଖାଏ ମ୍ୟାଚ୍‌ରେ ପରାଜିତ ହୋଇଛନ୍ତି। ଏଣୁ ଦୁଇ ଦଳ ମଧ୍ୟରେ ଏକ ରୋମାଞ୍ଚକ ମ୍ୟାଚ୍ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

ନିକଟରେ ଏସିଆ କପ୍‌ରେ ଭାରତୀୟ ଖେଳାଳିମାନେ ଫିଲ୍ଡରେ ସର୍ବାଧିକ ୧୨ କ୍ୟାଚ୍ ହାତଛଡ଼ା କରିଥିଲେ। ୨୦୨୫ ଆରମ୍ଭ ହେବା ପରଠାରୁ ଭାରତର କ୍ୟାଚିଂ ଦକ୍ଷତା ୮୨.୭ %କୁ ହ୍ରାସ ପାଇଛି, ଯାହାକି ପୂର୍ଣ୍ଣ ସଦସ୍ୟ ଦେଶମାନଙ୍କ ମଧ୍ୟରେ ପଞ୍ଚମ ସ୍ଥାନରେ ରହିଛି। ଆସନ୍ତା ବର୍ଷ ଭାରତରେ ହେବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ଦଳ ଟାଇଟଲ ଡିଫେଣ୍ଡ କରିବାକୁ ଯାଉଥିବାରୁ କ୍ୟାଚିଂରେ ସୁଧାର ଆଣିବାକୁ ପଡ଼ିବ। ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ


ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ।

କ୍ୟାଚ୍ ହାତଛଡ଼ା କରିବା ମହାଙ୍ଗା ସାବ୍ୟସ୍ତ ହୋଇପାରେ। ସୂର୍ଯ୍ୟକୁମାର ଅଧିନାୟକ ହେବା ପରଠାରୁ ଭାରତ ୨୯ରୁ ୨୩ ମ୍ୟାଚ୍ ଜିତିଛି। ତାଙ୍କ ନେତୃତ୍ୱରେ ଭାରତୀୟ ଦଳ ଭୟମୁକ୍ତ ଖେଳ ଖେଳୁଛି। ଏହି ଆଟାକିଂ ଷ୍ଟାଇଲ ଯୋଗୁ ସୂର୍ଯ୍ୟଙ୍କ ନେତୃତ୍ୱରେ ଭାରତ ସମସ୍ତ ଦ୍ୱିପାକ୍ଷିକ ସିରିଜ୍ ଓ ଏସିଆ କପ୍ ଭଳି ଟୁର୍ନାମେଣ୍ଟ ଜିତିଛି। ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳକୁ ୧୫ ଟି୨୦ ମ୍ୟାଚ୍ ଖେଳିବାର ଅଛି। ଅଷ୍ଟ୍ରେଲିଆ ବିପକ୍ଷରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ପରେ ଭାରତ ଘରୋଇ କଣ୍ଡିଶନରେ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ସମାନସଂଖ୍ୟକ ମ୍ୟାଚ୍ ଖେଳିବ। ତେବେ ସୂର୍ଯ୍ୟଙ୍କ ଫର୍ମ ଦଳ ପାଇଁ ଚିନ୍ତାର ବିଷୟ ରହିଛି। ସେ ୨୦୨୩ରେ ୧୮ ଇନିଂସ୍‌ରେ ୨ ଶତକ ଓ ୫ ଅର୍ଦ୍ଧଶତକ ସହିତ ୧୫୬ ଷ୍ଟ୍ରାଇକ୍ ରେଟ୍‌ରେ ୭୩୩ ରନ୍ କରିଥିଲେ। ୨୦୨୪ରେ ସେ ୧୫୧ ଷ୍ଟ୍ରାଇକ୍ ରେଟ୍‌ରେ ପାଖାପାଖି ୪୫୦ ରନ୍ କରିଥିଲେ। କିନ୍ତୁ ୨୦୨୫ରେ ସୂର୍ଯ୍ୟ ୧୦ ମ୍ୟାଚ୍‌ରେ ୧୦୫ ଷ୍ଟ୍ରାଇକ୍ ରେଟ୍‌ରେ ୧୧୦ ରନ୍ କରିଛନ୍ତି। ଭଲ ଫର୍ମରେ ଥିବା ଷ୍ଟାର ଓପନର ଅଭିଷେକ ଶର୍ମା ପ୍ରଥମଥର ପାଇଁ ଅଷ୍ଟ୍ରେଲିଆରେ ଖେଳିବାକୁ ଯାଉଛନ୍ତି। ତାଙ୍କ ଲାଗି ଏଠାକାର ଅତିରିକ୍ତ ବାଉନ୍ସ ଚ୍ୟାଲେଞ୍ଜ ହେବ। ବୋଲିଂ ବିଭାଗରେ ଯଶପ୍ରୀତ ବୁମ୍‌ରାଙ୍କ ଉପସ୍ଥିତି ଯୋଗୁ ଭାରତୀୟ ଦଳ ପ୍ରତିପକ୍ଷ ଅଷ୍ଟ୍ରେଲିଆ ଦଳର ସ୍କୋରକୁ ଯଥାସମ୍ଭବ କମ୍ ରଖିବାକୁ ଚେଷ୍ଟା କରିବ।

ଭାରତୀୟ ଦଳ: ଅଭିଷେକ ଶର୍ମା, ଶୁବମନ ଗିଲ୍(ଉପଅଧିନାୟକ), ତିଳକ ବର୍ମା, ସୂର୍ଯ୍ୟକୁମାର ଯାଦବ(ଅଧିନାୟକ), ନୀତୀଶ କୁମାର ରେଡ୍ଡୀ, ଶିବମ୍ ଦୁବେ, ସଞ୍ଜୁ ସାମ୍‌ସନ, ଜିତେଶ ଶର୍ମା(ଉଇକେଟ୍‌କିପର), ଅକ୍ଷର ପଟେଲ, ଅର୍ଶଦୀପ ସିଂ, ଯଶପ୍ରୀତ ବୁମ୍‌ରା, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ହର୍ଷିତ୍ ରାଣା, ରିଙ୍କୁ ସିଂ, ୱାଶିଂଟନ ସୁନ୍ଦର।

ଅଷ୍ଟ୍ରେଲିଆ ଦଳ: ମିଚେଲ ମାର୍ଶ(ଅଧିନାୟକ), ସିନ୍ ଆବଟ(୧ରୁ ୩ ମ୍ୟାଚ୍), ଜାଭିଅର ବାର୍ଟଲେଟ, ମାହଲି ବିଅର୍ଡମାନ(୩ରୁ ୫), ଟିମ୍ ଡେଭିଡ୍, ବେନ ଡ୍ୱାରଶୁଇସ (୪ ଓ ୫), ନାଥନ ଏଲିସ, ଜୋଶ୍ ହାଜେଲଉଡ୍ (୧ ଓ ୨), ଗ୍ଲେନ୍ ମ୍ୟାକ୍ସୱେଲ (୩ରୁ ୫), ଟ୍ରାଭିସ୍ ହେଡ୍, ଜୋଶ୍ ଇଙ୍ଗ୍‌ଲିସ, ମାଥ୍ୟୁ କୁହ୍ନେମାନ, ମିଚେଲ ଓୱେନ, ଜୋଶ୍ ଫିଲିପ, ତାନବୀର ସାଙ୍ଘା, ମାଥ୍ୟୁ ଶର୍ଟ, ମାର୍କସ ଷ୍ଟୋଇନିସ୍।

**ସମୟ: ଅପରାହ୍ନ ୧ଟା ୪୫**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ଇଂଲଣ୍ଡକୁ ଭେଟିବ ଦକ୍ଷିଣ ଆଫ୍ରିକା

**ମହିଳା କ୍ରିକେଟ୍ ବିଶ୍ୱକପ୍ ପ୍ରଥମ ସେମିଫାଇନାଲ**

ଗୁଆହାଟୀ, ୨୮।୧୦(ପି.ଟି.)

ଚଳିତ ମହିଳା କ୍ରିକେଟ୍ ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲ ବୁଧବାର ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ହେବ। ୪ଥର ଚାମ୍ପିୟନ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ସ୍ପିନ୍‌ରଙ୍କୁ ମୁକାବିଲା କରିବା ଦକ୍ଷିଣ ଆଫ୍ରିକା ପାଇଁ ଚିନ୍ତାର କାରଣ ହୋଇଛି। ପୂରା ଟୁର୍ନାମେଣ୍ଟରେ ଇଂଲଣ୍ଡ ଅଲ୍‌ରାଉଣ୍ଡ ପ୍ରଦର୍ଶନରେ ସଫଳ ହୋଇଛି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ନକ୍‌ଆଉଟ ପର୍ଯ୍ୟାୟରେ ପହଞ୍ଚିଥିଲେ ହେଁ ୨ଟି ମ୍ୟାଚ୍‌ରେ ବୃହତ୍ ପରାଜୟ ବରଣ କରିଛି। ଉଭୟଥର ଦଳର ବ୍ୟାଟରମାନେ ପ୍ରତିପକ୍ଷ ସ୍ପିନରଙ୍କୁ ମୁକାବିଲା କରିବାରେ ବିଫଳ ହୋଇଛନ୍ତି। ଇଂଲଣ୍ଡ ବିପକ୍ଷରେ ନିଜର ପ୍ରଥମ ମ୍ୟାଚରେ ଦକ୍ଷିଣ ଆଫ୍ରିକା ମାତ୍ର ୬୯ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଏହାପରେ ନ୍ୟୁଜିଲାଣ୍ଡ, ଭାରତ, ବାଂଲାଦେଶ, ଶ୍ରୀଲଙ୍କା ଓ ପାକିସ୍ତାନକୁ ହରାଇବାରେ ସକ୍ଷମ ହୋଇଥିଲେ ହେଁ ଅଷ୍ଟ୍ରେଲିଆ ବିପକ୍ଷ ଶେଷ ଲିଗ୍ ମ୍ୟାଚ୍‌ରେ ମାତ୍ର ୯୭ ରନ୍‌ରେ ଅଲ୍‌ଆଉଟ ହେବା ଚିନ୍ତାର କାରଣ ହୋଇଛି। ଅଷ୍ଟ୍ରେଲିଆର ଲେଗ୍ ସ୍ପିନର ଆଲାନା କିଙ୍ଗ୍ ମାତ୍ର ୧୮ ରନ୍ ଦେଇ ୭ ଉଇକେଟ ନେବା ସହ ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ।

ଦକ୍ଷିଣ ଆଫ୍ରିକା ଦଳର ଏହି ଦୁର୍ବଳତାରୁ ନାଟ୍ ସ୍କିଭର-ବ୍ରଣ୍ଟଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ନିଶ୍ଚିତ ଫାଇଦା ଉଠାଇବାକୁ ଚାହିଁବ।

# ଆଣ୍ଡରସନଙ୍କୁ ନାଇଟ୍‌ହୁଡ୍ ସମ୍ମାନ


ନାଇଟ୍‌ହୁଡ ସମ୍ମାନ ସହ ସାର୍ ଜେମ୍ସ ଆଣ୍ଡରସନ।

ଲଣ୍ଡନ,୨୮।୧୦

ଇଂଲଣ୍ଡର ଅବସରପ୍ରାପ୍ତ ପେସର ଜେମ୍ସ ଆଣ୍ଡରସନଙ୍କୁ ମଙ୍ଗଳବାର ନାଇଟ୍‌ହୁଡ ସମ୍ମାନରେ ସମ୍ମାନିତ କରାଯାଇଛି। ୱିଣ୍ଡସର କାସେଲଠାରେ ଆୟୋଜିତ ସମାରୋହରେ ପ୍ରିନ୍ସେସ ରୟାଲ ଆନୁଷ୍ଠାନିକ ଭାବେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଛନ୍ତି। କ୍ରିକେଟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ଉପାଧି ଦିଆଯାଇଛି। ସାର ଜେମ୍ସ ୨୦୦୨ରେ ଲଙ୍କାଶାୟାର ପାଇଁ ଫାଷ୍ଟ କ୍ଲାସ କ୍ରିକେଟ୍ ଓ ଇଂଲଣ୍ଡ ପାଇଁ ଇଣ୍ଟରନ୍ୟାଶନାଲ ପଦାର୍ପଣ କରିଥିଲେ। ଏହାର ପରବର୍ଷ ସେ ୨୦୦୩ ମେ'ରେ ପ୍ରଥମ ଟେଷ୍ଟ ଖେଳିଥିଲେ। ତାଙ୍କ ନାମରେ ଇଂଲଣ୍ଡ ପାଇଁ ଟେଷ୍ଟ କ୍ରିକେଟରେ ସର୍ବାଧିକ ଓ ଅନ୍ତର୍ଜାତୀୟ କ୍ରିକେଟରେ ପେସର ଭାବେ ସର୍ବାଧିକ ସଂଖ୍ୟକ ଉଇକେଟ ନେବାର ରେକର୍ଡ ରହିଛି। ୪୩ ବର୍ଷୀୟ ପେସର ତାଙ୍କର ୨୨ ବର୍ଷ ଲମ୍ବା ଇଣ୍ଟରନ୍ୟାଶନାଲ କ୍ୟାରିୟରରେ ୧୮୮ ଟେଷ୍ଟରେ ୭୦୪ ଉଇକେଟ ନେଇଥିଲେ। ଟେଷ୍ଟ କ୍ରିକେଟରେ ତାଙ୍କ ଠାରୁ କେବଳ ଶ୍ରୀଲଙ୍କାର ସ୍ପିନର ମୁଥିଆ ମୁରଲିଧରଣ(୮୦୦) ଓ ଅଷ୍ଟ୍ରେଲିଆର ସ୍ୱର୍ଗତ ଶେନ ୱର୍ନ (୭୦୮) ଅଧିକ ଉଇକେଟ ନେଇଛନ୍ତି। ୨୦୨୪ରେ ଇଣ୍ଟରନ୍ୟାଶନାଲ କ୍ରିକେଟରୁ ଅବସର ନେବା ପରେ ମଧ୍ୟ ଆଣ୍ଡରସନ ତାଙ୍କ ପିଲା ଦିନର କ୍ଲବ ଲଙ୍କାଶାୟାର ପାଇଁ ଖେଳିବା ଜାରି ରଖିଛନ୍ତି।

# ରାଜ୍ୟ ଭାରୋତ୍ତୋଳନ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ରାଜ୍ୟ ସଂଘ ସଭାପତି ଓ ପ୍ରତିଯୋଗୀ ଭାରୋତ୍ତୋଳିକାମାନେ।

ଭୁବନେଶ୍ୱର, ୨୮।୧୦(ବିଜୟ ରଣା)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ କକ୍ଷରେ ୭୨ତମ ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ରାଜ୍ୟର ୨୦ଟି ଜିଲାରୁ ଉଭୟ ପୁରୁଷ ଓ ମହିଳା ବର୍ଗରେ ୨୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ୪୪କେଜି ବାଳିକା ୟୁଥ୍ ବିଭାଗରେ ଅଭିପ୍ସା ଆଚାର୍ଯ୍ୟ ସ୍ୱର୍ଣ୍ଣ, ନମିତା ବିରୁଆ ରୌପ୍ୟ ଏବଂ ରିଆ ଗୌଡ଼ା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ା ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ଭାରତୀୟ ଭାରୋତ୍ତୋଳନ ମହାସଂଘ କୋଷାଧ୍ୟକ୍ଷ ପ୍ରଦୀପ ଶର୍ମା, କ୍ରୀଡ଼ା ବିଭାଗ ଉପ-ସଚିବ ପଦ୍ମଚରଣ ସାହୁ ଓ ଅମିତ କୁମାର ନାୟକ, ସୌମ୍ୟସାର୍ଥକ ମିଶ୍ର ଏବଂ ଓଏସ୍‌ଡି ସୋନାଲି ଶୁଭଦର୍ଶିନୀ ପ୍ରମୁଖ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରୀତିସ୍ମିତାଙ୍କ ବିଶ୍ୱରେକର୍ଡକୁ ନେଇ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ସଭାପତି ଇଂ. ଚିତ୍ତରଞ୍ଜନ ସ୍ୱାଇଁ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

## ସର୍ଜରି ପରେ ଶ୍ରେୟସଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର

ନୂଆଦିଲ୍ଲୀ,୨୮।୧୦(ପି.ଟି.): ଭାରତର ଦିନିକିଆ ଉପଅଧିନାୟକ ଶ୍ରେୟସ ଆୟରଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି। ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ମ୍ୟାଚ୍‌ରେ ଫିଲ୍ଡିଂ କଲାବେଳେ ତାଙ୍କ ସ୍ପ୍ଲିନ୍‌ରେ କ୍ଷତ ସୃଷ୍ଟି ହେବା ସହ ପଞ୍ଜରା ହାଡ଼ରେ ଆଘାତ ଲାଗିଥିଲା। ଏଥିଯୋଗୁ ତାଙ୍କୁ ସିଡ୍‌ନୀର ଏକ ହସ୍ପିଟାଲରେ ଦୁଇଦିନ ଧରି ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍(ଆଇସିୟୁ)ରେ ରଖାଯାଇଥିଲା। ସର୍ଜରି ପରେ ତାଙ୍କୁ ଆଇସିୟୁ ବାହାରକୁ ସିଫ୍ଟ କରାଯାଇଛି। ଯଦିଓ ସର୍ଜରି ଖୁବ୍ ଛୋଟ ପ୍ରକ୍ରିୟା ଥିଲା, କିନ୍ତୁ ତାଙ୍କୁ ଅତିକମ୍‌ରେ ୫ ଦିନର ବିଶ୍ରାମ ଦରକାର। ସମ୍ଭବତଃ ତାଙ୍କୁ ୭ ଦିନ ପରେ ଡିସ୍‌ଚାର୍ଜ ମିଳିପାରେ ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି।

ଶ୍ରେୟସଙ୍କ ସମ୍ପର୍କରେ ଭାରତୀୟ ଟି୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଖବରଦାତା ସମ୍ମିଳନୀରେ କହିଛନ୍ତି, ଆମେ ତାଙ୍କ ସହ କଥା ହୋଇଛୁ। ବର୍ତ୍ତମାନ ସେ ରିକଭର କରୁଛନ୍ତି।

# ସିଦ୍ଧେଶ୍ୱର ମୁଦୁଲିଙ୍କୁ ଜୁଡୋ ଜୁଏଲ୍ ପୁରସ୍କାର

ଭୁବନେଶ୍ୱର, ୨୮।୧୦(ତପନ ସ୍ୱାଇଁ)

ପାରା ଜୁଡୋ ଓଡ଼ିଶା ଆନୁକୂଲ୍ୟରେ ଶିଶୁପାଳଗଡ଼ସ୍ଥିତ ଗଙ୍ଗାଧର କମ୍ପ୍ଲେକ୍ସରେ ବିଶ୍ୱ ଜୁଡୋ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ପାରା ଜୁଡୋ ଓଡ଼ିଶାର ଉପଦେଷ୍ଟା ଅମିୟ କୁମାର ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସିଦ୍ଧେଶ୍ୱର ମୁଦୁଲିଙ୍କୁ ଚଳିତବର୍ଷର ଜୁଡୋ ଜୁଏଲ୍ ପୁରସ୍କାରରେ ସମ୍ମାନିତ କରାଯାଇଛି। ପ୍ରତିଷ୍ଠିତ କ୍ରୀଡ଼ାବିତ୍ ପ୍ରଣତି ମିଶ୍ର ମୁଖ୍ୟ ଅତିଥି ଏବଂ ପୂର୍ବତନ ଜୁଡୋ ଖେଳାଳି ଶ୍ରୀକାନ୍ତ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଆକାରରେ ସିଦ୍ଧେଶ୍ୱରଙ୍କୁ ମାନପତ୍ର ସହ ୨୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଉକ୍ତ ଉତ୍ସବରେ ବିଶିଷ୍ଟ ଜୁଡୋ ପ୍ରଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା, ପୂର୍ବତନ ଜୁଡୋକା ରଶ୍ମିରଞ୍ଜନ ପଟ୍ଟନାୟକ ଓ ମନମୋହନ ପଣ୍ଡା ପ୍ରମୁଖ ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ। ପୁରୀର ସିଦ୍ଧେଶ୍ୱର ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଅର୍ଜନକରି ରାଜ୍ୟକୁ ଗର୍ବିତ କରିଥିଲେ। ବ୍ରଜକିଶୋର ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ସନ୍ତୋଷ ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ୱାର୍ଟର ଫାଇନାଲରେ ଓଡ଼ିଶା

**ଜାତୀୟ ସବ୍‌ଜୁନିୟର ରୋଲ୍ ବଲ୍**

ଭୁବନେଶ୍ୱର, ୨୮।୧୦(ତପନ ସ୍ୱାଇଁ)

ଉତ୍ତର ପ୍ରଦେଶର ଆଗ୍ରାଠାରେ ଚାଲିଥିବା ୧୮ଶ ଜାତୀୟ ସବ୍‌ଜୁନିୟର (୧୪ ବର୍ଷରୁ କମ୍) ରୋଲ୍ ବଲ୍ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ଓଡ଼ିଶା ବାଳିକା ଓ ବାଳକ ଦଳ ପ୍ରବେଶ କରିଛି। ଓଡ଼ିଶା ବାଳକ ଦଳ ମଧ୍ୟପ୍ରଦେଶକୁ ୭-୫, ଆନ୍ଧ୍ରପ୍ରଦେଶକୁ ୭-୪ ଓ ମଣିପୁରକୁ ୧୧-୧ ଗୋଲରେ ହରାଇବାପରେ କେବଳ ଝାଡ଼ଖଣ୍ଡ ନିକଟରୁ ୧-୪ ଗୋଲରେ ପରାଜିତ ହୋଇଛି। ସେହିପରି ବାଳିକା ଦଳ ଆନ୍ଧ୍ର ପ୍ରଦେଶକୁ ୧୧-୧, ପଣ୍ଡିଚେରୀକୁ ୮-୧, ଗୁଜରାଟକୁ ୪-୧ ଗୋଲରେ ପରାସ୍ତ କରିଥିବାବେଳେ କର୍ଣ୍ଣାଟକ ବିପକ୍ଷ ମ୍ୟାଚ୍‌କୁ ୧-୧ରେ ଡ୍ର ରଖିଛି। ପ୍ରତିଯୋଗିତାରେ ମୋଟ ୨୭ଟି ଦଳ ଅଂଶଗ୍ରହଣ କରିଛନ୍ତି।



ଓଡ଼ିଶା ଓ ମଣିପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଓଡ଼ିଶା ବାଳକ ଦଳ: ସତଭିକ୍ ରାୟସାମନ୍ତ(ଅଧିନାୟକ), ଅଶ୍ଳେଷ ନାୟକ(ଉପ-ଅଧିନାୟକ), ସୌମ୍ୟ ନିଲୋଟ ପଲା, ଆର୍ଯ୍ୟନ ଓଝା, ଅଧିବ ଚନ୍ଦୁକା, ସେୟାସ ଅଧିକାରୀ, ଶ୍ରୀୟାଂଶ ପାତ୍ର, ଶିବେଶ ଶୋଭନ ଗରିୟା, ଶୁଭମ୍ ବିଶ୍ୱାଳ, ସାହିଲ କୁମାର ମୁଦୁଲି, ଆର୍.ଏନ୍. ଆୟାନ, ଏସ୍.ପି. ଅର୍ନଭ।

ଓଡ଼ିଶା ବାଳିକା ଦଳ: ଅଶ୍ଳେଷା ପଣ୍ଡା(ଅଧିନାୟକା), ଭବ୍ୟ ଈଶାନା ରାଉତ(ଉପ-ଅଧିନାୟିକା), ଓଜସ୍ୱିନୀ ପାତ୍ର, ମଧୁସ୍ମିତା ମିଶ୍ର, ସିମନ ଶ୍ରେୟା, ଇଚିନି ଦିବ୍ୟାଞ୍ଜଳି, ୟୁଏମ୍ ଦିବ୍ୟାଂଶୀ ବେହେରା, ରକ୍ଷିତା ଭରତିଆ, ବଂଶିକା ଗୁରୁ, ଦୃଷ୍ଟି ପୁହାଣ, ଅଭିପ୍ସା ବାସୁ, ୟୁ.ଏମ୍. ଦିବ୍ୟାଶ୍ରୀ ବେହେରା।

# ଓଡ଼ିଶା-ଉତ୍ତର ପ୍ରଦେଶ ମ୍ୟାଚ୍ ଡ୍ର

**ରଣଜୀ ଟ୍ରଫି**

**ପଏଣ୍ଟ ଖାତା ଖୋଲିଲା ଶୁଭ୍ରାଂଶୁ ସେନାପତିଙ୍କ ଦଳ**

ଭୁବନେଶ୍ୱର, ୨୮।୧୦(ତପନ ସ୍ୱାଇଁ)

କାନ୍‌ପୁରର ଗ୍ରୀନ୍‌ପାର୍କରେ ଅନୁଷ୍ଠିତ ଓଡ଼ିଶା-ଉତ୍ତର ପ୍ରଦେଶ ଟ୍ରଫି କ୍ରିକେଟ୍ ମ୍ୟାଚ୍ ଡ୍ର ରହିଛି। ପ୍ରଥମ ଇନିଂସ୍‌ରେ ଓଡ଼ିଶା ୨୪୩ ରନ୍ କରିଥିବାବେଳେ ଉତ୍ତର ପ୍ରଦେଶ ୪୦୯/୬ରେ ଇନିଂସ୍ ଘୋଷଣା କରିଥିଲା। ୧୬୬ ରନ୍ ପଛରେ ରହି ଦ୍ୱିତୀୟ ଇନିଂସ୍ ଆରମ୍ଭ କରିଥିବା ଓଡ଼ିଶା ମଙ୍ଗଳବାର ୪ର୍ଥ ତଥା ଅନ୍ତିମ ଦିବସ ଖେଳ ଶେଷବେଳକୁ ୩ ଉଇକେଟ ହରାଇ ୧୫୧ ରନ୍ ସଂଗ୍ରହ କରିଥିଲା। ମ୍ୟାଚ୍‌ରୁ ଫଳାଫଳ ମିଳି ନ ଥିବାରୁ ପ୍ରଥମ ଇନିଂସ୍ ଅଗ୍ରଣୀ ଭିତ୍ତିରେ ଉତ୍ତର ପ୍ରଦେଶକୁ ୩ ପଏଣ୍ଟ ମିଳିଛି। ଅନ୍ୟପକ୍ଷରେ ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ପଏଣ୍ଟ (୧) ଖାତା ଖୋଲିଛି। ବରୋଦା ବିପକ୍ଷ ପ୍ରଥମ ମ୍ୟାଚ୍ ଡ୍ର ରଖିବା ସମ୍ଭାବନା ସୃଷ୍ଟି ହୋଇଥିଲେ ହେଁ ଓଡ଼ିଶା ଦଳ ଅପ୍ରତ୍ୟାଶିତଭାବେ ଖରାପ ବ୍ୟାଟିଂ କରି ପରାଜିତ ହୋଇଥିବାରୁ


ସ୍ୱସ୍ତିକ ସାମଲ

ଖାଲିହାତରେ ରହିଥିଲା।

ତୃତୀୟ ଦିବସର ଅସମାପ୍ତ ସ୍କୋର ୩୮୦/୬ରୁ ଖେଳ ଆରମ୍ଭ କରିଥିବା ଉତ୍ତର ପ୍ରଦେଶ ଅନ୍ତିମ ଦିବସରେ ଆଉ ମାତ୍ର ୨ ଓଭର ଖେଳି ୨୯ ରନ୍ ସଂଗ୍ରହ କରିବା ସହ ଇନିଂସ୍ ଘୋଷଣା କରିଦେଇଥିଲା। ଭିପ୍ରଜ ନିଗମ ଦ୍ରୁତ ୩୧(୨୮ ବଲ୍, ୪ ଚୌକା, ୧ ଛକା) ଓ ଶିବମ ମାଭି ୧୨(୬ ବଲ୍, ୧ ଛକା) ରନ୍‌ରେ ଅପରାଜିତ ରହିଥିଲେ।

ସ୍ୱସ୍ତିକ୍ ସାମଲ ଓ ଆଶୀର୍ବାଦ ସ୍ୱାଇଁ ଦ୍ରୁତହାରରେ ରନ୍ ସଂଗ୍ରହ ସହ ଓଡ଼ିଶା ଦ୍ୱିତୀୟ ଇନିଂସ୍ ଆରମ୍ଭ କରିଥିଲେ। ଦୁହେଁ ୪୭ ବଲ୍‌ରୁ ୪୩ ରନ୍‌ର ଭାଗୀଦାରି ଗଢ଼ିବାପରେ ଆଶୀର୍ବାଦ ୨୩ ରନ୍‌କରି ଆଉଟ୍ ହେବାରୁ ଯୋଡ଼ି ଭାଙ୍ଗିଥିଲା। ସନ୍ଦୀପ ପଟ୍ଟନାୟକ ୫ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୧ ରନ୍‌ରେ ଆଉଟ୍ ହୋଇଯିବାରୁ ୨୩.୧ ଓଭର ବେଳକୁ ଓଡ଼ିଶା ସ୍କୋର ୭୯/୩ ହୋଇଯାଇଥିଲା। ମାତ୍ର ଯୁବ ଓପ୍‌ନର ସ୍ୱସ୍ତିକ୍ ଓ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର ଅସମାପ୍ତ ୪ର୍ଥ ଉଇକେଟରେ ୧୨୫ ବଲ୍‌ରୁ ୭୫ ରନ୍‌ର ପାର୍ଟନରଶିପ୍ ଗଢ଼ିବାପରେ ଅମ୍ପାୟର ଷ୍ଟମ୍ପ ପ୍ରତ୍ୟାହୃତ କରିବାକୁ ନିଷ୍ପତ୍ତି ନେଇଥିଲେ। ସ୍ୱସ୍ତିକ୍ ୧୧୩ ବଲ୍‌ରୁ ୭୧ (୮ ଚୌକା, ୧ ଛକା) ଏବଂ ପୋଦ୍ଦାର ୭୨ ବଲ୍‌ରୁ ୩୮ ରନ୍ କରି ଅପରାଜିତ ରହିଥିଲେ। ଉତ୍ତର ପ୍ରଦେଶ ବୋଲରଙ୍କ ମଧ୍ୟରେ ଶିବମ ମାଭି ୨ଟି ଓ କୁନାଲ ତ୍ୟାଗୀ ଗୋଟିଏ ଉଇକେଟ ନେଇଥିଲେ। ଶତକ ହାସଲ କରିଥିବା ଉତ୍ତର ପ୍ରଦେଶ ଅଧିନାୟକ କରନ ଶର୍ମା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ୍ ନଭେମ୍ବର ୧ରୁ ୪ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡିୟମରେ ଆନ୍ଧ୍ରପ୍ରଦେଶ ବିପକ୍ଷରେ ଖେଳିବ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୪୩। ଉତ୍ତର ପ୍ରଦେଶ ପ୍ରଥମ ଇନିଂସ:୪୦୯/୬ (ଘୋଷଣା)। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୫୧/୩ (ସ୍ୱସ୍ତିକ୍ ସାମଲ-୭୧*, ଗୋବିନ୍ଦ ପୋଦ୍ଦାର-୩୮*, ଆଶୀର୍ବାଦ ସ୍ୱାଇଁ-୨୩, ଶିବମ ମାଭି-୨/୩୨, କୁନାଲ ତ୍ୟାଗୀ-୧/୪୫)।


1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ